# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୮/୨୦୨୪ (୧୮ ପୃଷ୍ଠା) | Bhubaneswar, Wednesday, August 28/2024 | Page 18 | ₹ 7.00

୫୦ଶ ଭାଗ ୨୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 274 | ମୂଲ୍ୟ₹୭/-



DSPL-87

ସୁଭଦ୍ରା

## ମହିଳା ସଶକ୍ତିକରଣ ପାଇଁ ଯୁଗାନ୍ତକାରୀ ପଦକ୍ଷେପ



ମାନ୍ୟବର ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ

# ସୁଭଦ୍ରା

ଏହି ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ମହିଳାମାନଙ୍କୁ ପ୍ରତି ବର୍ଷ ୧୦ ହଜାର ଟଙ୍କାର ସହାୟତା ରାଶି

**୫ ବର୍ଷରେ ପାଇବେ ମୋଟ ୫୦ ହଜାର ଟଙ୍କା**

**ଧନ୍ୟବାଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ**



ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ

- ଉପକୃତ ହେବେ ୧ କୋଟିରୁ ଉର୍ଦ୍ଧ୍ୱ ମହିଳା
- ପାଞ୍ଚ ବର୍ଷରେ ବ୍ୟୟ ହେବ ୫୫ ହଜାର ୮୨୫ କୋଟି ଟଙ୍କା

### ପ୍ରମୁଖ ବିଶେଷତା

୨୧ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ବୟସର ସମସ୍ତ ଯୋଗ୍ୟ ମହିଳା ହେବେ ଉପକୃତ

ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରୁଥିବା ୧୦୦ ଜଣ ହିତାଧିକାରୀଙ୍କୁ ଅତିରିକ୍ତ ୫୦୦ ଟଙ୍କା ପ୍ରୋତ୍ସାହନ ରାଶି

ବାର୍ଷିକ ଦୁଇଟି କିସ୍ତିରେ ୧୦,୦୦୦ ଟଙ୍କା ଅର୍ଥରାଶି ପ୍ରଦାନ

ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ (ମାର୍ଚ୍ଚ ୮ ତାରିଖ)ରେ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ

ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ୍ (APBS) ମାଧ୍ୟମରେ ହିତାଧିକାରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ୍ ଖାତାକୁ ସିଧାସଳଖ ଅର୍ଥରାଶି ପ୍ରଦାନ



OIPR-46005/13/0004/2425

**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

# ନବାନ୍ନ ଅଭିଯାନ ବେଳେ ସଂଘର୍ଷ

## ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସର ପାଣି ଓ ଲାଠିମାଡ଼



ମୃତ ମହିଳା ଡାକ୍ତରଙ୍କୁ ନ୍ୟାୟ ଦାବିରେ ଛାତ୍ରୀଛାତ୍ର ପଶ୍ଚିମବଙ୍ଗ ସଚିବାଳୟ ଅଭିଯାନବେଳେ ହାଓଡ଼ାଠାରେ ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ପାଣିମାଡ଼ କରୁଛି।

କୋଲକାତା,୨୭।୮ (ପି.ଟି.)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବିକରି ମଙ୍ଗଳବାର ଅପରାହ୍ନରେ ବିକ୍ଷୋଭକାରୀମାନେ ରାଜ୍ୟ ସଚିବାଳୟ 'ନବାନ୍ନ' ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ଛାତ୍ର ସଂଗଠନ 'ପଶ୍ଚିମବଙ୍ଗ ଛାତ୍ର ସମାଜ' ଏବଂ ଅସନ୍ତୁଷ୍ଟ ରାଜ୍ୟ ସରକାରୀ କର୍ମଚାରୀ ସଂଗଠନ 'ସଂଗ୍ରାମୀ ଯୌଥ ମଞ୍ଚ' ପକ୍ଷରୁ ନବାନ୍ନ ଅଭିଯାନ ବିଭିନ୍ନ ସ୍ଥାନରୁ ବାହାରିଥିଲାବେଳେ ଏହା ହିଂସାତ୍ମକ ସଂଘର୍ଷର ରୂପ ନେଇଛି। ହାଓଡ଼ା ମଇଦାନ ଅଞ୍ଚଳର ଜି.ଟି. ରୋଡ୍‌ଠାରେ ପୋଲିସ ବିକ୍ଷୋଭକାରୀଙ୍କୁ

### ଆଜି ୧୨ ଘଣ୍ଟିଆ ପଶ୍ଚିମବଙ୍ଗ ବନ୍ଦ

ଅଟକାଇବାରୁ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। ବିକ୍ଷୋଭକାରୀ ବାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କଲାବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ପାଣିମାଡ଼ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। ବିକ୍ଷୋଭକାରୀମାନେ ମଧ୍ୟ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଫଳରେ ଜି.ଟି. ରୋଡ୍ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ସଂଘର୍ଷରେ ହାଓଡ଼ା କମିଶନରେଟ୍ ପୋଲିସର ଚଣ୍ଡିତାଲା ଥାନା ଭାରପ୍ରାପ୍ତ ଅଧିକାରୀ ଆହତ ହୋଇଛନ୍ତି। ପୋଲିସ ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରିଛି।

ହାଷ୍ଟିଙ୍ଗ୍‌ସ ଏବଂ ଏମ୍.ଜି. ରୋଡ୍ ଅଞ୍ଚଳରେ ମଧ୍ୟ ବିକ୍ଷୋଭକାରୀ ପୋଲିସ ଉପରକୁ ଟେକାମାଡ଼ କରିବାରୁ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଗୋଡ଼ାଇ ପିଟିଥିଲେ। ଆମେ ଆଇନ ଭାଙ୍ଗିନାହୁଁ। ମୃତା ଡାକ୍ତରଙ୍କ ପାଇଁ ନ୍ୟାୟ ଦାବିରେ ଶାନ୍ତିପୂର୍ଣ୍ଣ ରାଲି କରୁଥିବାବେଳେ ପୋଲିସ ଆମକୁ ମାଡ଼ ମାରିଛି। ମମତା ବାନାର୍ଜୀ ଏଥିପାଇଁ ନିଜକୁ ଦାୟୀ କରିବା ସହ ଇସ୍ତଫା ଦିଅନ୍ତୁ ବୋଲି ଜଣେ ମହିଳା ବିକ୍ଷୋଭକାରୀ କହିଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନକାରୀ କେତେକ ସ୍ଥାନରେ ବାରିକେଡ୍ ଭାଙ୍ଗି ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିବାରୁ ଲାଠିଚାଳନା ଓ ଲୁହବୁହା ବାଷ୍ପ ପ୍ରୟୋଗ କରାଗଲା ବୋଲି ପୋଲିସ ସଫେଇ ଦେଇଛି। ଛାତ୍ରୀଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଭାଜପା ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ପଶ୍ଚିମବଙ୍ଗ ବନ୍ଦ ଡାକରା ଦିଆଯାଇଛି। ଅପରାଧୀଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁରକ୍ଷା ଦେଉଥିବା ଅଭିଯୋଗକରି ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ପାଇଁ ଭାଜପା ତାଙ୍କ ଇସ୍ତଫା ଦାବି କରିଛି। ମମତାଙ୍କ ସମେତ ଅପରାଧରେ ଜଡ଼ିତ ଥିବା କୋଲକାତା ପୋଲିସ କମିଶନର ବିନୀତ ଗୋଏଲଙ୍କ ପଲିଗ୍ରାଫ ପରୀକ୍ଷା କରାଯାଉ ବୋଲି ଭାଜପା କହିଛି।

ପ୍ରଥମେ ହାଓଡ଼ା ବ୍ରିଜ୍‌ର କୋଲକାତା ପାର୍ଶ୍ୱ ଏବଂ କୋନା ଏକ୍ସପ୍ରେସ୍‌ୱେର ସାନ୍ତ୍ରାଗାଛି ରେଳଷ୍ଟେଶନ ନିକଟରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାଳନା ସହ ପାଣିମାଡ଼ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ସାନ୍ତ୍ରାଗାଛିରେ ଆନ୍ଦୋଳନକାରୀଙ୍କ ଟେକାମାଡ଼ରେ ବହୁ ପୋଲିସ ଆହତ ହୋଇଥିବାବେଳେ ସେମାନଙ୍କ କାର୍ଯ୍ୟାନୁଷ୍ଠାନରେ ମଧ୍ୟ ଅନେକ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ନବାନ୍ନ ଅଭିଯାନ ପୂର୍ବରୁ ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ଗିରଫ ବ୍ୟକ୍ତିମାନେ ହତ୍ୟା ଷଡ଼ଯନ୍ତ୍ର ଓ ହତ୍ୟା ଉଦ୍ୟମରେ ସମ୍ପୃକ୍ତ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ଉକ୍ତ ୪ ଜଣ ଛାତ୍ର କର୍ମୀ ମଧ୍ୟରାତ୍ରରୁ ନିଖୋଜ ହୋଇଯାଇଥିବା ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଅଭିଯୋଗ କରିଥିଲେ।

ରାଜ୍ୟ ସଚିବାଳୟକୁ ଯାଇଥିବା ରାସ୍ତାର ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପୋଲିସ ଲୁହା ଓ ଆଲୁମିନିୟମ ବାରିକେଡ୍ ଲଗାଇଥିଲା। ବିକ୍ଷୋଭକାରୀ ଏହା ଉପରେ ଯେପରି ଚଢ଼ି ନ ପାରିବେ, ସେଥିପାଇଁ ସେଥିରେ ତେଲ ଲଗାଯାଇଥିଲା। ସଚିବାଳୟ ରାସ୍ତାରେ ୬,୦୦୦ ପୋଲିସ ମୁତୟନ ହୋଇଥିଲେ। ବିଭିନ୍ନ ରାଜ୍ୟରୁ ଅତିରିକ୍ତ ପୋଲିସ ଫୋର୍ସ ମଗାଯିବା ସହ ରାପିଡ୍ ଆକ୍ସନ ଫୋର୍ସ, କୁଇକ୍ ଆକ୍ସନ ଟିମ୍ ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ମୁତୟନ ହୋଇଥିଲେ। ଆନ୍ଦୋଳନକାରୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଡ୍ରୋନ ଏବଂ ରୋବୋକପ୍ ନିୟୋଜିତ ହେବା ସହ ବିକ୍ଷୋଭ ସ୍ଥଳରେ ଦଙ୍ଗା ନିରୋଧୀ ବଜ୍ରଯାନ ରଖାଯାଇଥିଲା। ଆନ୍ଦୋଳନକାରୀ ନବାନ୍ନ ଅଭିଯାନ ପାଇଁ ଅନୁମତି ଲୋଡ଼ି ନ ଥିବାରୁ ଏହି ବିକ୍ଷୋଭ ଶୋଭାଯାତ୍ରା ବେଆଇନ ଥିଲା ବୋଲି ପୋଲିସ କହିଛି।

ଆର୍.ଜି. କର ହସ୍ପିଟାଲର ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ, ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଏବଂ ମମତା ବାନାର୍ଜୀଙ୍କ ଇସ୍ତଫା ଦାବିରେ ପଶ୍ଚିମବଙ୍ଗ ଛାତ୍ର ସମାଜ ନବାନ୍ନ ଅଭିଯାନର ଡାକରା ଦେଇଥିଲା। ରବୀନ୍ଦ୍ର ଭାରତୀ ୟୁନିଭର୍ସିଟିର ଛାତ୍ରନେତା ପ୍ରବୀର ଦାସ, କଲ୍ୟାଣୀ ୟୁନିଭର୍ସିଟିର ଶୁଭଙ୍କର ହାଲ୍‌ଦାର ଏବଂ ରବୀନ୍ଦ୍ର ମୁକ୍ତ ବିଶ୍ୱବିଦ୍ୟାଳୟର ସାୟନ ଲାହିରି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ ଆନ୍ଦୋଳନ ପଛରେ ଭାଜପା ରହିଥିବା ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଭିଯୋଗ କରିଛି। ଟିଏମ୍‌ସିର ଅଭିଯୋଗକୁ ଭାଜପା ଖଣ୍ଡନ କରିବା ସହ ଆନ୍ଦୋଳନକୁ ସମର୍ଥନ ଜଣାଇବ ବୋଲି କହିଛି।

## ଆର୍.ଜି. କର ହସ୍ପିଟାଲରେ ପଶିଲା ଇଡି

ଟ୍ରେନି ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଚର୍ଚ୍ଚାରେ ଥିବା କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟାପକ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଥିଲା। କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହାର ତଦନ୍ତ ଚଳାଇଥିବାବେଳେ ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିଷ୍ପତ୍ତି ନେଇଛି। ସିବିଆଇ ଏତଲା ଆଧାରରେ ସଂଘୀୟ ତଦନ୍ତକାରୀ ସଂସ୍ଥା ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବିଭିନ୍ନ ଧାରାରେ ଏନ୍‌ଫୋର୍ସମେଣ୍ଟ କେସ୍ ଇନ୍‌ଫର୍ମେଶନ ରିପୋର୍ଟ (ଇସିଆଇଆର୍) ଦାଖଲ କରିଛି। ଇଡି ମେଡିକାଲ କଲେଜ ଓ ହସ୍ପିଟାଲର ବ୍ୟାଙ୍କ୍ କାରବାର ସମ୍ପର୍କିତ କାଗଜପତ୍ର, ହସ୍ପିଟାଲ ଓ ମେଡିକାଲ କଲେଜ ପାଇଁ କିଣାଯାଇଥିବା ବିଭିନ୍ନ ସାମଗ୍ରୀର ଦସ୍ତାବିଜ୍ ଆଦି ବିଭିନ୍ନ ସୂତ୍ରରୁ ସଂଗ୍ରହ କରିଛି। ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କ ସମୟରେ ଏହି ଅନିୟମିତତା ହୋଇଥିବାରୁ ଖୁବ୍ ଶୀଘ୍ର ତାଙ୍କ ସମେତ ଅନ୍ୟମାନଙ୍କୁ ଜେରା ଓ ବୟାନ ରେକର୍ଡ ପାଇଁ ଇଡି ଡାକିପାରେ। ପୂର୍ବରୁ ସିବିଆଇ ଆର୍ଥିକ ଅନିୟମିତତା ମାମଲାରେ ସନ୍ଦୀପ୍‌ଙ୍କ ସମେତ କୋଲକାତାର ୩ଟି ଘରୋଇ ଯୋଗାଣକାରୀ ସଂସ୍ଥା ନାମରେ ମାମଲା ରୁଜୁ କରିଛି। ଗତ ରବିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଅଧିକାରୀମାନେ ସନ୍ଦୀପ୍‌ଙ୍କ ସମେତ ମେଡିକାଲର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ସଞ୍ଜୟ ବଶିଷ୍ଠ ଓ ଅନ୍ୟ ୧୩ ଜଣଙ୍କ ଘରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଆର୍ଥିକ ଅନିୟମିତତା ସମ୍ପର୍କିତ ଅନେକ ଦସ୍ତାବିଜ୍ ଜବତ ହୋଇଥିବା ସିବିଆଇର ଜଣେ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ୟୁକ୍ରେନ୍‌ରେ ରୁଷିଆର ମିଶାଇଲ ଆକ୍ରମଣ ଜାରି

କିଭ୍,୨୭।୮

ରୁଷିଆ ସେନା ସୋମବାର ୟୁକ୍ରେନ୍ ଅଞ୍ଚଳରେ ୨୦୦ରୁ ଊର୍ଦ୍ଧ୍ୱ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରିଥିବାବେଳେ ମଙ୍ଗଳବାର ଦ୍ୱିତୀୟ ଦିନରେ ମଧ୍ୟ ଜୋର୍‌ଦାର ଏୟାରଷ୍ଟ୍ରାଇକ୍ ଜାରି ରଖିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ରାଜଧାନୀ କିଭ୍ ଉପକଣ୍ଠରେ ମଧ୍ୟ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ସୋମବାର କିଭ୍‌ର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଯୋଗୁ ସହର ଅନ୍ଧକାରରେ ରହିଥିଲା। ତେବେ ମଙ୍ଗଳବାର ରୁଷିଆ ଛାଡ଼ିଥିବା ସମସ୍ତ ଡ୍ରୋନ୍ ଓ ମିଶାଇଲକୁ ୟୁକ୍ରେନ୍‌ର ଏୟାର ଡିଫେନ୍ସ ଧ୍ୱଂସ କରିଦେଇଛି। ତେବେ ସେଗୁଡ଼ିକ ଭଗ୍ନାବଶେଷ ପଡ଼ିବା ଯୋଗୁ ଜଙ୍ଗଲରେ ନିଆଁ ଲାଗିଯାଇଛି। ଦୀର୍ଘ ଦୂରଗାମୀ ଅସ୍ତ୍ର ଯୋଗାଇବା ସହ ରୁଷିଆ ଭିତରେ ଆକ୍ରମଣ ପାଇଁ ଅନୁମତି ଦେବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ନିବେଦନ କରିଥିଲେ।

### ଇସ୍ରାଏଲର ମିଶାଇଲ ମାଡ଼, ୧୮ ପାଲେଷ୍ଟିନୀୟଙ୍କ ମୃତ୍ୟୁ

ରାଫାହ, ୨୭।୮

ଇସ୍ରାଏଲ ପୁଣିଥରେ ଗାଜାରେ ଏୟାର ଷ୍ଟ୍ରାଇକ୍ କରିଛି। ଇସ୍ରାଏଲର ମିଶାଇଲ ମାଡ଼ ଯୋଗୁ ୮ ଶିଶୁଙ୍କୁ ମିଶାଇ ସମୁଦାୟ ୧୮ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ନେଇ ହମାସଚାଳିତ ସରକାରଙ୍କ ନାଗରିକ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ନାସିର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ମିଶାଇଲ ମାଡ଼ ପରେ ଏବେ ମଧ୍ୟ ଅନେକ ପାଲେଷ୍ଟିନୀୟ ନିଖୋଜ ଥିବା ନେଇ ହମାସ ପକ୍ଷରୁ କୁହାଯାଇଛି। ପାଲେଷ୍ଟିନୀୟମାନେ ଅଳିଆଗଦା ମଧ୍ୟରୁ ନିଜ ନିକଟ ସମ୍ପର୍କୀୟଙ୍କୁ ଖୋଜୁଥିବା ହମାସ କହିଛି।

### କୁନୋରେ ଆଉ ଏକ ଚିତାର ମୃତ୍ୟୁ



ନୂଆଦିଲ୍ଲୀ,୨୭।୮

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଅବାଧ ବିଚରଣ କରୁଥିବା ଏକମାତ୍ର ଚିତାର ମଙ୍ଗଳବାର ମୃତ୍ୟୁ ଘଟିଛି। ପାଣିରେ ବୁଡ଼ି ଚିତାର ମୃତ୍ୟୁ ଘଟିଥିବା ବନ ଅଧିକାରୀମାନେ କହୁଥିବାବେଳେ ଶିକାରୀମାନେ ଆକ୍ରମଣ କରିଥାଇ ପାରନ୍ତି ବୋଲି ବନ୍ୟପ୍ରାଣୀ କର୍ମୀ ସନ୍ଦେହ ପ୍ରକଟ କରିଛନ୍ତି। ପୱନ ନାମକ ଏହି ନାମିବ୍ୟା ଚିତା ଶରୀରରେ କୌଣସି କ୍ଷତଚିହ୍ନ ନାହିଁ। ମଙ୍ଗଳବାର ସକାଳ ୧୦ଟା ୩୦ ମିନିଟ ସମୟରେ ଏକ ନାଳ ନିକଟ ବୁଦାରୁ ପୱନର ମୃତଦେହ ମିଳିଥିଲା ବେଳେ ଏହା ଶରୀରର କିଛି ଅଂଶ ପାଣିରେ ବୁଡ଼ି ରହିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି। ଭାରତକୁ ଦକ୍ଷିଣ ଆଫ୍ରିକା ଏବଂ ନାମିବ୍ୟାରୁ ୨୦ଟି ଚିତା ଆସିଥିବାବେଳେ ସେଥିରୁ ବର୍ତ୍ତମାନ ସୁଦ୍ଧା ୧୩ଟିର ମୃତ୍ୟୁ ଘଟିଲାଣି।

## ରାଜ୍ୟ ସଭାକୁ ୧୨ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

### ସଂଖ୍ୟାଗରିଷ୍ଠତା ହାସଲକଲା ଏନ୍‌ଡିଏ

ନୂଆଦିଲ୍ଲୀ,୨୭।୮



ରାଜ୍ୟ ସଭାକୁ ୧୨ ସଦସ୍ୟ ମଙ୍ଗଳବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଉଚ୍ଚ ସଦନରେ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଉପନିର୍ବାଚନରେ ଭାଜପାରୁ ୯ ଏବଂ ସହଯୋଗୀ ଦଳରୁ ୨ ଜଣ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତିଛନ୍ତି। ଫଳରେ ଉଚ୍ଚ ସଦନରେ ଭାଜପା ସଦସ୍ୟ ସଂଖ୍ୟା ୯୬ ଏବଂ ଏନ୍‌ଡିଏ ସଦସ୍ୟ ସଂଖ୍ୟା ୧୧୨କୁ ବୃଦ୍ଧି ପାଇଛି। ଶାସକ ଦଳକୁ ୬ ଜଣ ମନୋନୀତ ସଦସ୍ୟ ଏବଂ ଜଣେ ସ୍ୱାଧୀନ ସଦସ୍ୟଙ୍କ ସମର୍ଥନ ଥିବାରୁ ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ପାଇଁ ଆବଶ୍ୟକ ୧୧୯ ମାର୍କ ହାସଲ କରିପାରିଛି। ସୂଚନାଯୋଗ୍ୟ, ରାଜ୍ୟ ସଭାର ମୋଟ ସଦସ୍ୟ ସଂଖ୍ୟା ୨୪୫ ହୋଇଥିବାବେଳେ ଜମ୍ମୁ-କଶ୍ମୀର ପାଇଁ ୪ ଆସନ ଏବଂ ୪ ମନୋନୀତ ସଦସ୍ୟ ଆସନ ଖାଲି ପଡ଼ିଥିବାରୁ ବର୍ତ୍ତମାନ ସଂଖ୍ୟା ୨୩୭ ରହିଛି।

ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଭାଜପା ପ୍ରାର୍ଥୀମାନେ ହେଲେ ଓଡ଼ିଶାରୁ ମମତା ମହାନ୍ତ, ଆସାମରୁ ମିଶନ ରଞ୍ଜନ ଦାସ ଏବଂ ରାମେଶ୍ୱର ତେଲି, ବିହାରରୁ ମନନ କୁମାର ମିଶ୍ରା, ହରିୟାଣାରୁ କିରନ ଚଧାରୀ, ମଧ୍ୟପ୍ରଦେଶରୁ ଜର୍ଜ କୁରିଏନ୍, ମହାରାଷ୍ଟ୍ରରୁ ଧୈର୍ଯ୍ୟାଶୀଲ ପାଟିଲ, ରାଜସ୍ଥାନରୁ ରଭନୀତ ସିଂ ବିଟ୍ଟୁ ଏବଂ ତ୍ରିପୁରାରୁ ରାଜୀବ ଭଟ୍ଟାଚାର୍ଜୀ। କଂଗ୍ରେସ ପ୍ରାର୍ଥୀ ଅଭିଷେକ ମନୁ ସିଂଘଭି ତେଲଙ୍ଗାନାରୁ ନିର୍ବାଚିତ ହୋଇଥିବାବେଳେ ଏନ୍‌ସିପି ଅଜିତ ସିଂ ଗୋଷ୍ଠୀର ନିତୀନ ପାଟିଲ ମହାରାଷ୍ଟ୍ରରୁ ଏବଂ ଆର୍‌ଏଲ୍‌ଏମ୍‌ର ଉପେନ୍ଦ୍ର କୁଶ୍‌ୱା ବିହାରରୁ ନିର୍ବାଚିତ ହୋଇଛନ୍ତି। ବହୁବର୍ଷ ପରେ ଶାସକ ମେଣ୍ଟ ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ହାସଲ କରିଥିବାରୁ ରାଜ୍ୟ ସଭାରେ ବିଲ୍ ଗୃହୀତ କରାଇବା ସହଜ ହେବ।

## ନର୍ସିଂ ଛାତ୍ରୀଙ୍କୁ ନିଶା ଦେଇ ବଳାତ୍କାର

ମୁମ୍ବାଇ, ୨୭।୮

ମହାରାଷ୍ଟ୍ର ରତ୍ନଗିରି ଜିଲାର ଜଣେ ୧୯ ବର୍ଷୀୟା ନର୍ସିଂ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ସୋମବାର ରାତିରେ ଏକ ଅଟୋରିକ୍ସା ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଅଟୋ ଡ୍ରାଇଭର ତାଙ୍କୁ ପିଇବା ପାଇଁ ପାଣି ଦେଇଥିଲେ। ପାଣିରେ ଅଭିଯୁକ୍ତ ଅଟୋ ଡ୍ରାଇଭର ନିଶାଦ୍ରବ୍ୟ ମିଳାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ପାଣି ପିଇବା ପରେ ଛାତ୍ରୀ ବେହୋସ ହୋଇଯାଇଥିଲେ। ଫଳରେ ଡ୍ରାଇଭର ତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଭାବକଙ୍କ ଅଭିଯୋଗ ଆଧାରରେ ମଙ୍ଗଳବାର ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ଅଟୋ ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ପୋଲିସ ତାଙ୍କୁ ଗିରଫ କରିବା ପାଇଁ ସିସିଟିଭି କ୍ୟାମେରା ଯାଞ୍ଚ କରୁଛି।

## କବିତାଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ,୨୭।୮ (ପି.ଟି.)



ଦିଲ୍ଲୀ ଅବକାରୀ ନୀତି ସହ ସମ୍ପୃକ୍ତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିବା ପରେ ସେ ମଙ୍ଗଳବାର ଜେଲରୁ ମୁକୁଳିଛନ୍ତି। କବିତା ୫ ମାସ ହେଲା ବିଚାର ବିଭାଗୀୟ ହାଜତରେ ରହିଲେଣି। ତାଙ୍କ ବିରୋଧରେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାର ତଦନ୍ତ ଶେଷ ହୋଇଛି। ତେଣୁ କବିତାଙ୍କୁ ଆଉ ହାଜତରେ ରଖିବା ଆବଶ୍ୟକ ନାହିଁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ କହିବା ସହ ତାଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ଉପରୋକ୍ତ ୨ ମାମଲାରେ ଦିଲ୍ଲୀ ହାଇକୋର୍ଟ ଜୁଲାଇ ୧ରେ ବିଆର୍‌ଏସ୍ ନେତ୍ରୀଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ। ସୁପ୍ରିମକୋର୍ଟ ଉକ୍ତ ରାୟକୁ ଖାରଜ କରିଦେଇଛନ୍ତି। ୨ଟି ମାମଲାରେ ୧୦ ଲକ୍ଷ ଟଙ୍କା ଲେଖାଏ ଜାମିନ ବଣ୍ଡ୍ ଦାଖଲ କରିବାକୁ କବିତାଙ୍କୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ମାମଲାରେ ତଦନ୍ତକାରୀ ସଂସ୍ଥାର ସ୍ୱଚ୍ଛତାକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇବା ସହ ଭର୍ତ୍ସନା କରିଥିଲେ। କବିତା ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ପ୍ରମାଣ ଦେଖାଇବାକୁ ଖଣ୍ଡପୀଠ ଇଡି ଏବଂ ସିବିଆଇକୁ କହିଥିଲେ। କବିତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଓ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ।

## ଫୁର୍‌ସତ୍

## ପାକିସ୍ତାନୀ ଉଦ୍ୟୋଗପତିଙ୍କ ପ୍ରେମରେ ମୁମ୍ବାଇ ଯୁବତୀ

ଲଣ୍ଡନ

କୌଣସି ଭାରତୀୟ ଏବଂ ପାକିସ୍ତାନୀଙ୍କ ମଧ୍ୟରେ ହୋଇଥିବା ବିବାହ ପ୍ରାୟତଃ ଚର୍ଚ୍ଚାର ପରିସରକୁ ଆସିଥାଏ। ସେହିପରି କନ୍ୟା ଓ ବରଙ୍କ ମଧ୍ୟରେ ଧର୍ମ, ବୟସ, ବୃତ୍ତି, ବ୍ୟବସାୟ ଆଦିରେ ପାର୍ଥକ୍ୟ ଥିଲେ ଉକ୍ତ ବିବାହ ମଧ୍ୟ ଚର୍ଚ୍ଚାର ପରିସରକୁ ଆସିଥାଏ। ନିକଟରେ ସୋସିଆଲ ମିଡିଆରେ ଏଭଳି ଏକ ଦମ୍ପତିଙ୍କ ବିବାହ ଏବଂ ହନିମୁନ୍‌କୁ ନେଇ ଚର୍ଚ୍ଚା ଲାଗିରହିଛି। ବିବାହରେ କନ୍ୟା ଭାରତୀୟ ଓ ବର ପାକିସ୍ତାନୀ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ରହିଥିବା ବୟସ ପାର୍ଥକ୍ୟ ଉକ୍ତ ବିବାହକୁ ଚର୍ଚ୍ଚାର ପରିସରକୁ ଆଣିପାରିଛି।

ମୁମ୍ବାଇର ଯୁବତୀ ତାରା ଢିଲୋନ ଏବଂ



ତାରା ଢିଲୋନଙ୍କ ସହ ସଲିମ ଘୌରୀ।

ପାକିସ୍ତାନୀ କୋଟିପତି ବ୍ୟବସାୟୀ ସଲିମ ଘୌରୀ(୫୫) ନିକଟରେ ପରସ୍ପର ସହ ବିବାହ କରିଛନ୍ତି। ଏବେ ଉଭୟେ ନିଜର ହନିମୁନ୍ ପାଇଁ ଲଣ୍ଡନରେ ଅଛନ୍ତି। ଏହି ଦମ୍ପତି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ସେମାନଙ୍କ ଭିଡିଓ ଶେୟାର କରିଛନ୍ତି ଯାହା ଭାଇରାଲ ହେବାରେ ଲାଗିଛି। ଭାଇରାଲ୍ ହେଉଥିବା ଉକ୍ତ ଭିଡିଓ ଗୁଡ଼ିକରେ ଦମ୍ପତିଙ୍କ ବିଳାସପୂର୍ଣ୍ଣ ଜୀବନ ଶୈଳୀକୁ ଦେଖି ଅନେକେ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ମୁମ୍ବାଇର ତାରା ଏକ ଆନ୍ତର୍ଜାତୀୟ ମାର୍କେଟିଂ କମ୍ପାନୀ ସହ ଜଡ଼ିତ ଥିବାବେଳେ ପାକିସ୍ତାନୀ ସଲିମ ହେଉଛନ୍ତି ଜଣେ ଆଇଟି ଉଦ୍ୟୋଗପତି। ସେ 'ନେଟସୋଲ୍ ଟେକ୍ନୋଲୋଜି' କମ୍ପାନୀର ପ୍ରତିଷ୍ଠାତା ତଥା ସିଇଓ ଅଟନ୍ତି। ସଲିମଙ୍କର ବ୍ୟବସାୟ ସମଗ୍ର ବିଶ୍ୱରେ ବ୍ୟାପିଛି। ବୟସରେ ଭିନ୍ନତାର ସହ ସୀମା ପାର ଏହି ପ୍ରେମ କାହାଣୀକୁ ନେଇ ସୋସିଆଲ ମିଡିଆରେ ବହୁ ଆଲୋଚନା ହେଉଛି। ଦମ୍ପତିଙ୍କ ଭିଡିଓକୁ ନେଇ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେତେଜଣ ୟୁଜର୍ସ ଉଭୟ ତାରା ଏବଂ ସଲିମଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ପୋଷ୍ଟରେ ଆସୁଥିବା ଖରାପ କମେଣ୍ଟକୁ ଅଣଦେଖା କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଅନ୍ୟ କେତେକ ୟୁଜର୍ସ ଏହି ଦମ୍ପତିକୁ ସମାଲୋଚନା କରିଛନ୍ତି। ଯଦି ପାଖରେ ଟଙ୍କା ଅଛି ତେବେ ସବୁ କିଛି ସମ୍ଭବ ବୋଲି ସେମାନେ କହିଛନ୍ତି। ମୁମ୍ବାଇର ସୁନ୍ଦରୀ ଯୁବତୀ ତାରା ଓ ୫୫ ବର୍ଷୀୟ ପାକିସ୍ତାନୀ କୋଟିପତି ଉଦ୍ୟୋଗପତି ସଲିମଙ୍କ ବିବାହକୁ ଏକ ବ୍ୟବସାୟିକ ସମ୍ପର୍କ ହୋଇଥିବା କହି ସେମାନେ ସମାଲୋଚନା କରିଛନ୍ତି।

## ମାଙ୍କଡ଼ର ଅନ୍ତିମ ସଂସ୍କାର

ଭୋପାଳ

ମଧ୍ୟପ୍ରଦେଶର ରାଜଗଡ଼ ଜିଲା ଜିରାପୁର ତହସିଲ ତାମୋଲିଆ ଗ୍ରାମରେ ଏକ ଅଜବ ଘଟଣା ସୋମବାର ଦେଖିବାକୁ ମିଳିଛି। ଉକ୍ତ ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୋଟିଏ ମାଙ୍କଡ଼ର ମୃତ୍ୟୁ ଘଟିଥିଲା। ମାଙ୍କଡର ମୃତ୍ୟୁରେ ସମ୍ପୂର୍ଣ୍ଣ ଗ୍ରାମରେ ଶୋକର ଲହରି ଖେଳି ଯାଇଥିଲା। ତେଣୁ ସମସ୍ତେ ଏକତ୍ର ହୋଇ ଧାର୍ମିକ ରୀତିନୀତି ଅନୁଯାୟୀ ମାଙ୍କଡର ଅନ୍ତିମ ସଂସ୍କାର କରିବେ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ଅନ୍ତିମ ସଂସ୍କାର ପରମ୍ପରା ଅନୁଯାୟୀ, ମାଙ୍କଡ଼ର ମୃତଦେହକୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଉକ୍ତ ଶୋଭାଯାତ୍ରା



ଆଖପାଖ ଗ୍ରାମ ଓ ନିକଟସ୍ଥ ସହରର ମୁଖ୍ୟ ରାସ୍ତା ଦେଇ ଶ୍ମଶାନରେ ପହଞ୍ଚିଥିଲା। ସେଠାରେ ମାଙ୍କଡକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଦାହ କରାଯାଇଥିଲା। ତାମୋଲିଆ ଗ୍ରାମର ସରପଞ୍ଚ ହରିଓମ ତୋମର କହିଛନ୍ତି, ବିଦ୍ୟୁତ ଆଘାତ ଯୋଗୁଁ ଗାଁରେ ଉକ୍ତ ମାଙ୍କଡ଼ଟିର ହଠାତ ମୃତ୍ୟୁ ହୋଇଯାଇଥିଲା ଫଳରେ ସମଗ୍ର ଗାଁ ଭାବପ୍ରବଣ ହୋଇ ଉଠିଥିଲା। ତେଣୁ ଧାର୍ମିକ ରୀତିନୀତି ଅନୁଯାୟୀ ମାଙ୍କଡ଼ଟିକୁ ଦାହ କରିବାକୁ ଗ୍ରାମବାସୀ ଏକତ୍ରିତ ହୋଇ ସ୍ଥିର କରିଥିଲେ।



**ବଲିଉଡ୍ ଛାଡ଼ିବାକୁ ଚାହୁଁଥିଲେ ଆମିର**

କୋଭିଡ୍ ୧୯ ଲକ୍‌ଡାଉନ୍ ସମୟରେ ଅଭିନେତା ଆମିର ଖାନ୍ ବଲିଉଡ୍ ଛାଡ଼ିବାକୁ ଚାହୁଁଥିଲେ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି।

୦୨

୧୬

**ହରମନପ୍ରୀତ ଅଧିନାୟିକା**

ୟୁଏଇରେ ହେବାକୁଥିବା ମହିଳା ଟି୨୦ କ୍ରିକେଟ ବିଶ୍ୱକପ ପାଇଁ ହରମନପ୍ରୀତ କୌର ଭାରତୀୟ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି।



# ନମିତାଙ୍କୁ ବାରଣ

## ତଥାଗତ ସତପଥୀ

ତାମିଲନାଡୁ ରାଜ୍ୟ ଭାଜପା ଶାଖାର କାର୍ଯ୍ୟକାରୀ ସଦସ୍ୟା ଏବଂ ସେହି ରାଜ୍ୟର ସୁପରିଚିତା ସିନେମା ଅଭିନେତ୍ରୀ ନମିତା ଭାଙ୍କଓ୍ୱାଲା ଅଗଷ୍ଟ ୨୬ରେ ମଦୁରାଇସ୍ଥିତ ମୀନାକ୍ଷୀ ସୁନ୍ଦରେଶ୍ୱର ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ତାଙ୍କ ସହ ସ୍ୱାମୀ ବୀରେନ୍ଦ୍ର ଚୌଦାରୀ ଥିଲେ। ମନ୍ଦିର ଦ୍ୱାର ପାଖରେ ପହଞ୍ଚିଲା ବେଳକୁ ନମିତା ଓ ତାଙ୍କ ସ୍ୱାମୀ ଭିଆଇପି ଭାବେ ପ୍ରବେଶ କରିବାକୁ ଦାବିକଲେ। ଏହା ଶୁଣି ସୁରକ୍ଷା କର୍ମୀ ତାଙ୍କୁ ଅଟକାଇଦେଲେ। କାରଣ ପଚାରିବାରୁ ସୁରକ୍ଷା କର୍ମୀ କହିଥିଲେ ଯେ, ସେହି ଦମ୍ପତି ହିନ୍ଦୁଧର୍ମର ବୋଲି ପ୍ରମାଣ ଦେବା ଦରକାର। ଏଠାରେ ମନେରଖିବାକୁ ହେବ ଯେ ସିନେମା ତାରକା ଭାବେ ନମିତା ଯଥେଷ୍ଟ ଲୋକପ୍ରିୟତା ହାସଲ କରିପାରିଛନ୍ତି। ଦକ୍ଷିଣର ଯାହା ସମସ୍ତେ କରନ୍ତି ତାହା ମଧ୍ୟ ନମିତା କରିଛନ୍ତି। ଅର୍ଥାତ୍ ସିନେମାରେ ପ୍ରବେଶ କରି ନାମ ଅର୍ଜନ କରିବା ପରେ ରାଜନୀତିରେ ପାଦଦେଇଛନ୍ତି ସମ୍ପୃକ୍ତା ତାରକା। ସେଥିରୁ ବୁଝିବାକୁ ହେବ ଯେ ସ୍ୱାଭାବିକ ଭାବେ, ତାଙ୍କ ମୁହଁକୁ ସୁରକ୍ଷା କର୍ମୀ ନିଶ୍ଚିତ ଭାବେ ଚିହ୍ନିଥିବେ। କିନ୍ତୁ ନିର୍ଦ୍ଦେଶକୁ ମାନି ନିଜର କର୍ତ୍ତବ୍ୟରେ ଅବହେଳା କରିବା ପରିବର୍ତ୍ତେ ସେହି ସୁରକ୍ଷା କର୍ମୀ ତାଙ୍କର ଧର୍ମ ସମ୍ପର୍କରେ ପ୍ରମାଣଦେବା ପାଇଁ କହିଲେ। ଏହି ଖବରଟି ଜାତୀୟ ସ୍ତରରେ ବ୍ୟାପିଯାଇଛି। ଯାହା ତଥ୍ୟ ମିଳିଛି ସେଥିରୁ ଜଣାପଡ଼ିଛି ଯେ, ମନ୍ଦିର ଭିତରେ ଭିଡ଼ଥିବା ହେତୁ ନମିତା ଓ ତାଙ୍କ ସ୍ୱାମୀ ମାସ୍କ ପିନ୍ଧି ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ସେଥିଯୋଗୁ ସୁରକ୍ଷା କର୍ମୀ ତାଙ୍କୁ ଅଟକାଇବା ସହ ଧର୍ମର ପ୍ରମାଣ ମାଗିଥିଲେ। ମନ୍ଦିର ପରିଚାଳନା ପକ୍ଷରୁ ହିନ୍ଦୁ ଧର୍ମାବଲମ୍ବୀମାନେ କେଉଁ ପ୍ରକାର ନିଜ ସମ୍ପର୍କରେ ପ୍ରମାଣ ଦେଇପାରିବେ, ତାହା ବିଧିବଦ୍ଧ ଭାବେ ସ୍ପଷ୍ଟ କରାଯାଇଛି କି ନାହିଁ ଜଣାପଡୁନାହିଁ। ଏହା ସତ୍ୟ ଯେ, ମନ୍ଦିର ପରିଚାଳନା କମିଟିଗୁଡ଼ିକରେ ଯେତେବେଳେ ସଦସ୍ୟ ପରିବର୍ତ୍ତନ ଘଟେ; ସେତେବେଳେ ପରିଚାଳନା ସମ୍ପର୍କିତ ଆଇନଗୁଡ଼ିକ ମଧ୍ୟ ଅନେକାଂଶରେ ବଦଳି ଯାଇଥାଏ। ତେବେ ନମିତା ତାଙ୍କ ମଥାରେ କୁଙ୍କୁମ ଲଗାଇବା ପରେ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳିଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହିନ୍ଦୁଧର୍ମରେ ବେଶ ପୋଷାକର କୌଣସି କଟକଣା କିମ୍ବା ଶରୀରରେ କୌଣସି ଚିହ୍ନବର୍ଣ୍ଣ ଛାଡ଼ିବାର ବ୍ୟବସ୍ଥା ପୂର୍ବରୁ ନାହିଁ। ହୁଏତ ମହିଳାମାନେ ଚୁଡ଼ି, ସିନ୍ଦୂର, ଅଳତା ଏବଂ ସର୍ବୋପରେ ଶାଢ଼ି ପିନ୍ଧିଲେ ହିନ୍ଦୁ ଭାବେ ପରିଚିତ ହୋଇପାରନ୍ତି। ପୁରୁଷଙ୍କ ପାଇଁ କୌଣସି ଦେଖାଣିଆ ବ୍ୟବସ୍ଥା ନ ଥିବାରୁ ନିଜକୁ ହିନ୍ଦୁ ପ୍ରମାଣ କରିବା ଅନେକ ସମୟରେ କଷ୍ଟକର ହୋଇପାରେ। ଏହା ହେଲା ଗୋଟିଏ ପଟର ଆଲୋଚନା।

ଅନ୍ୟପଟେ ଭାରତୀୟ ମାନସିକତାରେ ଦେଖିଲେ ନମିତାଙ୍କ ମନ୍ଦିର ପ୍ରବେଶ ନେଇ ଉପୁଜିଥିବା ସମସ୍ୟା ଦେଶବ୍ୟାପୀ ସବୁ ଗଣମାଧ୍ୟମରେ ପ୍ରକାଶ ପାଇଲା, କାରଣ ଗୋଟିଏ କି ଦୁଇଟି ସୁରକ୍ଷାକର୍ମୀ ତାଙ୍କର ଦାୟିତ୍ୱକୁ ଅତି ନିଷ୍ଠାର ସହ ପୂରଣ କରିଥିଲେ। ସାଧାରଣ ଭାରତୀୟର ମାନସିକତାକୁ ଦେଖିଲେ ନମିତାଙ୍କ ଭଳି ଜଣେ ସୁପରିଚିତ ସିନେ ତାରକା ଏବଂ ବିଶେଷକରି ରାଜନେତା ପାଲଟିଥିବା ବ୍ୟକ୍ତିଙ୍କୁ ଗୋଟିଏ ଗରିବ ସୁରକ୍ଷାକର୍ମୀ କେଉଁ ଆସ୍ପର୍ଦ୍ଧାରେ ଅଟକାଇଥିଲା ତାହା ଅନେକଙ୍କୁ ବିରକ୍ତ କରିଛି। ହୁଏତ ସେହି ମୀନାକ୍ଷୀ ମନ୍ଦିରର ପରିଚାଳକ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ସୁରକ୍ଷାକର୍ମୀଙ୍କୁ ଚାକିରିରୁ ବହିଷ୍କାର କରିଦେଇପାରନ୍ତି। ଏହାର ଏକମାତ୍ର କାରଣ ହେଲା, ଭାରତୀୟମାନଙ୍କ ମନରେ କୌଣସି ବ୍ୟକ୍ତି ତା'ର ଦାୟିତ୍ୱକୁ ଅତି ଭଲଭାବେ ତୁଲାଇଲେ ଅନ୍ୟମାନଙ୍କର ଦେହ ସହେ ନାହିଁ। ଅପରପକ୍ଷରେ ଅନ୍ୟ ଦେଶରେ ଏଭଳି କର୍ମଚାରୀଙ୍କୁ ସାଧୁବାଦ ଦେବା ସହିତ ଉପାଧି ମଧ୍ୟ ଦିଆଯାଇ ଥାଆନ୍ତା। ଆମେ ଏଭଳି ଏକ ଜାତି, ଯେଉଁଠାରେ ଆମ ଭୋଟ ପାଇ ଆମ ପ୍ରତିନିଧି ଯେତେବେଳେ ଉଚ୍ଚ ପଦବୀ ଅଳଙ୍କୃତ କରନ୍ତି; ସେତେବେଳେ ପ୍ରଥମେ ପୋଲିସ ଓ ଅନ୍ୟ ସୁରକ୍ଷାକର୍ମୀଙ୍କ ସାହାଯ୍ୟରେ ସାଧାରଣ ଲୋକଙ୍କୁ ଦୂରାଇ ରଖିବା ହୋଇପଡ଼େ ମୁଖ୍ୟ କର୍ତ୍ତବ୍ୟ। ସେହି ଶକ୍ତିଶାଳୀ ଲୋକମାନେ ରାସ୍ତାରେ ଯାତାୟାତ କରିବା ସମୟରେ ଅନ୍ୟ ସମସ୍ତଙ୍କ ଗାଡ଼ି ବନ୍ଦ କରିବାକୁ ପଡ଼ିଥାଏ।

ତୃତୀୟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚ୍ୟର ବିଷୟ ହେବା କଥା ଜଣେ ବ୍ୟକ୍ତି ହିନ୍ଦୁ ବୋଲି କେମିତି ପ୍ରମାଣ କରିବ। ଉଦାହରଣ ସ୍ୱରୂପ ସାଧାରଣ ଖ୍ରୀଷ୍ଟିଆନ କିମ୍ବା ମୁସଲମାନଙ୍କୁ ପରୀକ୍ଷା କରିବାକୁ ହେଲେ ସେମାନେ ହୁଏତ ବାଇବେଲ କିମ୍ବା କୋରାନରୁ ଦୁଇ ଚାରିପଦ ଉଚ୍ଚାରଣ କରିପାରିବେ। ଏଠାରେ ମନେପଡ଼େ ଆଫ୍ରିକାର ବୁକୋହାରାମ ଉଗ୍ରପନ୍ଥୀ ଗୋଷ୍ଠୀ କିଛିବର୍ଷ ପୂର୍ବେ ଏକ ବଡ଼ ମଲ୍‌ରେ ପ୍ରବେଶ କରି ସେଠାରେ ଥିବା ଲୋକଙ୍କୁ ପଣବନ୍ଦୀ କରିଦେଲେ। ଏହା ପରେ ଜଣେ ଜଣକା ବଞ୍ଚିବା ପାଇଁ ସୁଯୋଗ ଦେଲେ, କିନ୍ତୁ ସେଥିରେ ଏକ ସର୍ତ୍ତ ରହିଲା, ଯିଏ କୋରାନର କୌଣସି ପଙ୍‌କ୍ତି କହିପାରିବ ସେହି ବ୍ୟକ୍ତି ବଞ୍ଚିବ। ଅନେକ ମୁସଲମାନ ବଞ୍ଚିଗଲେ। ଆହୁରି ଅନେକ ମୁସଲମାନ ଗୁଳିର ଶିକାର ହେଲେ; କାରଣ ସେମାନେ କୋରାନ ପଠନ କରି ନ ଥିଲେ କିମ୍ବା ତାଙ୍କର ମନେପଡ଼ିଲା ନାହିଁ। ଅନୁରୂପ ଭାବେ ଭାରତୀୟଙ୍କର ସେଭଳି ପରୀକ୍ଷା ନିଆଗଲେ ତନ୍ମଧ୍ୟରୁ ଅଧିକାଂଶ ହିନ୍ଦୁ ବେଦ,ରାମାୟଣ ଓ ମହାଭାରତର ପାଞ୍ଚ ଧାଡ଼ି କହିପାରିବେ ନାହିଁ। ଏଥିସହିତ ମନେରଖିବାକୁ ହେବ ଯେ, ରାମାୟଣ ବୋଇଲେ ଗୋଟିଏ କାବ୍ୟ ନୁହେଁ। କାମ୍ବୋଡିଆ ଏବଂ ଇଣ୍ଡୋନେସିଆଠାରୁ ଆରମ୍ଭ କରି ଭାରତ, ଆଫଗାନିସ୍ତାନ ପର୍ଯ୍ୟନ୍ତ ରାମାୟଣର ଅନେକ ଭିନ୍ନ ସଂସ୍କରଣ ରହିଛି। ବାଲ୍ମୀକିଙ୍କର ରାମାୟଣକୁ ମୂଳ ରାମାୟଣ ବୋଲି ଅନେକ ବିଦ୍ୱାନ୍ ମାନନ୍ତି ନାହିଁ। ତେଣୁ କେଉଁ ରାମାୟଣର ପଙ୍‌କ୍ତି ଜଣେ କହୁଛି, ତାହା ଅନ୍ୟ ଜଣେ ଜାଣିବା କଷ୍ଟକର। ସେହିଭଳି ଓଡ଼ିଶାର ଗ୍ରାମାଞ୍ଚଳରେ ପଢ଼ାଯାଉଥିବା ଭାଗବତ ଏବଂ ଉତ୍ତର ଭାରତରେ ପଠନ ହେଉଥିବା ବେଦର ଅନେକ ଅଙ୍ଗରେ ସାମଞ୍ଜସ୍ୟ ରହେନାହିଁ। ତେଣୁ ମୃତ୍ୟୁମୁଖରେ ପଡ଼ିଥିବା ହିନ୍ଦୁ କେଉଁ ସଂସ୍କରଣକୁ ଉଚ୍ଚାରଣ କଲେ ଅପରପକ୍ଷ ତାଙ୍କୁ ହିନ୍ଦୁ ବୋଲି ସ୍ୱୀକାର କରିବେ ତାହା କହିବା କାହାରି ପାଇଁ ସହଜ ନୁହେଁ। ଆଜି ତଥାକଥିତ ବିଦ୍ୱାନ୍‌ମାନେ କୂପମଣ୍ଡୁକ ହୋଇ ନିଜର ଅଳ୍ପ ଜ୍ଞାନରେ ସନ୍ତୁଷ୍ଟ ରହିପାରନ୍ତି। ସେଥିପାଇଁ ହିନ୍ଦୁ ଭାବେ ନିଜକୁ ପ୍ରମାଣିତ କରିବାକୁ ଚେଷ୍ଟିତ ବ୍ୟକ୍ତି ଅନ୍ୟ ଜଣକ ଦ୍ୱାରା ଗୃହୀତ ହେବ ବୋଲି କୌଣସି ପ୍ରତିଶ୍ରୁତି ଦେଇହେବ ନାହିଁ।



ପଶ୍ଚିମବଙ୍ଗ ଛାତ୍ର ସମାଜର ଆନ୍ଦୋଳନରତ ବିକ୍ଷୋଭକାରୀମାନଙ୍କୁ କୋଲକାତା ପୋଲିସର ରାପିଡ଼୍ ଆକ୍ସନ ଫୋର୍ସ ଗୋଡ଼ାଇ ପିଟୁଛି। (ଫଟୋ: ପି.ଟି.ଆଇ.)

# ଭଙ୍ଗାହେବ ୧୯୧ ଆପାର୍ଟମେଣ୍ଟ

## ରାଜଧାନୀରେ ବଢୁଛି ବେଆଇନ ନିର୍ମାଣ

ଭୁବନେଶ୍ୱର,୨୭।୮ (ଅନିଲ ଦାସ)

ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ବେଆଇନ ଭାବେ ବହୁତଳ ଅଟ୍ଟାଳିକା ଗଢ଼ିଉଠୁଛି। ନିର୍ମାଣ ହେବା ପୂର୍ବରୁ ସମ୍ପୃକ୍ତ ଅଞ୍ଚଳ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉ ନ ଥିବାରୁ ଦିନକୁ ଦିନ ଏହାର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ରାଜଧାନୀ ଭୁବନେଶ୍ୱରରେ ସବୁଠୁ ଅଧିକ ବେଆଇନ ଆପାର୍ଟମେଣ୍ଟ ଗଢ଼ିଉଠୁଛି। ଭୁବନେଶ୍ୱର ରାଜ୍ୟର ପ୍ରମୁଖ ସହର। ଏଠାରେ ରାଜ୍ୟ ଶାସନର ମୁଖ୍ୟାଳୟଠାରୁ ଆରମ୍ଭକରି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନ ରହିଛି। ତେବେ ଏହି ମହାନଗର ଅଞ୍ଚଳରେ ବେଳକୁବେଳ ବହୁ ବେଆଇନ ଆପାର୍ଟମେଣ୍ଟ ଗଢ଼ି ଉଠୁଛି। ରାଜଧାନୀରେ ଗଢ଼ି ଉଠିଥିବା ୧୯୧ ବେଆଇନ ଆପାର୍ଟମେଣ୍ଟ ଭାଙ୍ଗିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ମୋଟ ୪୯୧ଟି ବେଆଇନ ଆପାର୍ଟମେଣ୍ଟ ବିରୋଧରେ ମାମଲା ରୁଜୁ କରିଛି। ସେଥିରୁ ୨୩୭ଟି ମାମଲା ବିଚାରାଧୀନ ଥିବାବେଳେ ୬୩ଟି ଖାରଜ ହୋଇ ଯାଇଛି। ଅବଶିଷ୍ଟ ୧୯୧ ବେଆଇନ ଆପାର୍ଟମେଣ୍ଟକୁ ଭାଙ୍ଗିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି।



କେବଳ ବିଡିଏ ନୁହେଁ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନରେ ମଧ୍ୟ ବହୁ ବେଆଇନ ଆପାର୍ଟମେଣ୍ଟ ଗଢ଼ି ଉଠିଛି। ବେଆଇନ ଭାବେ ଗଢ଼ି ଉଠିଥିବା ଆପାର୍ଟମେଣ୍ଟ/କୋଠାବାଡ଼ି ନିର୍ମାଣ ବିରୋଧରେ ୧୪୪୪ଟି ମାମଲା ରୁଜୁ ହୋଇଛି। ସେଥିରୁ ୪୫୧ ମାମଲା ଫଇସଲା ହୋଇସାରିଛି। ୯୯୩ ମାମଲା ବିଚାରାଧୀନ ରହିଛି। ଆଇନ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ-୧୯୮୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ବିଧାନସଭାରେ ଏହା କହିଛନ୍ତି।

ଯଦି ସରକାର ନିଷ୍ପତ୍ତି ଅନୁଯାୟୀ ବେଆଇନ ଆପାର୍ଟମେଣ୍ଟ ଭାଙ୍ଗନ୍ତି ତେବେ ଏହାକୁ କ୍ରୟ କରିଥିବା ଗ୍ରାହକ କ୍ଷତିରେ ପଡ଼ିବା ଆଶଙ୍କା ରହିଛି। ଗତ କିଛି ବର୍ଷ ଧରି ରାଜଧାନୀରେ ଗଢ଼ି ଉଠୁଥିବା ବେଆଇନ ଆପାର୍ଟମେଣ୍ଟକୁ ଭାଙ୍ଗିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ସେହି ଆପାର୍ଟମେଣ୍ଟର ମାଲିକମାନେ କୋର୍ଟର ଦ୍ୱାରସ୍ଥ ହେଉଥିବାରୁ ବିଡିଏ କିମ୍ବା ବିଏମ୍‌ସି କୌଣସି ଗୋଟିଏ ବେଆଇନ ଅଟ୍ଟାଳିକା ଭାଙ୍ଗି ପାରିନାହାନ୍ତି। ନଗର ଉନ୍ନୟନ ମନ୍ତ୍ରୀଙ୍କ ସୂଚନା ପରେ ଭାଙ୍ଗିବା ନିର୍ଦ୍ଦେଶ ଥିବା ବେଆଇନ ଆପାର୍ଟମେଣ୍ଟ ଉପରେ କି କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଉପରେ ସମସ୍ତଙ୍କ ନଜର।

# ନୂଆଁଖାଇ ଲଗ୍ନ ଧାର୍ଯ୍ୟ

**ସେପ୍ଟେମ୍ବର ୮ ସକାଳ ୯ଟା ୧୨ରୁ ୨୭ ମିନିଟ୍ ମଧ୍ୟରେ**

ସମ୍ବଲପୁର,୨୭।୮ (ବି.ଶଙ୍କର)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଆସନ୍ତା ସେପ୍ଟେମ୍ବର ୮ ତାରିଖ ରବିବାର ପାଳିତ ହେବ। ସମ୍ବଲପୁର ସହର ଝାଡୁଆପଡା ବ୍ରହ୍ମପୁରା ମନ୍ଦିରରେ ମଙ୍ଗଳବାର ନୂଆଁଖାଇ ଲଗ୍ନଧାର୍ଯ୍ୟ ହୋଇଛି। ଝାଡୁଆପଡା ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ ଦ୍ୱାରା ଆୟୋଜିତ ପଣ୍ଡିତ ମହାସଭାରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ପଣ୍ଡିତ ଓ ଜ୍ୟୋତିଷମାନେ ଯୋଗଦେଇ ଗଣନା କରିଥିଲେ। ଇଷ୍ଟଦେବୀ ମା' ସମଲେଇଙ୍କ ରାଶି ଓ ନକ୍ଷତ୍ରାନୁସାରେ ଲଗ୍ନ ସ୍ଥିର ହୋଇଛି। ପଣ୍ଡିତ ଓ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସର୍ବସମ୍ମତିକ୍ରମେ ଧାର୍ଯ୍ୟଲଗ୍ନ ଅନୁସାରେ ସେପ୍ଟେମ୍ବର ୮ତାରିଖ ରବିବାର ସକାଳ ୯ଟା ୧୨ମିନିଟ ଗତେ ଏବଂ ୯ଟା ୨୭ମିନିଟ ମଧ୍ୟରେ ତୁଳାଲଗ୍ନରେ ଇଷ୍ଟଦେବୀ ସମଲେଇ ଓ ବ୍ରହ୍ମପୁରା ଠାକୁରଙ୍କଠାରେ ପ୍ରଥମେ ନବାନ୍ନ ଲାଗି ହେବ। ଏହାପରେ ଜନସାଧାରଣ ନିଜ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଲଗାଇ ନୂଆ ଖାଇପାରିବେ ବୋଲି ସ୍ଥିର ହୋଇଛି। ☞ପୃଷ୍ଠା-୨

# ରହସ୍ୟମୟୀ କ୍ରିପ୍ଟୋ କୋଚ୍ ଜୁଲି

## ଟେଲିଗ୍ରାମ ସିଇଓଙ୍କୁ ଧରାପକାଇ ନିଖୋଜ

ପ୍ୟାରିସ୍, ୨୭।୮

ମେସେଜିଂ ଆପ୍ ଟେଲିଗ୍ରାମରେ ଆପରାଧିକ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେବା ଅଭିଯୋଗରେ ଏହାର ସିଇଓ ପାଭେଲ ଡ୍ୟୁରେଭଙ୍କୁ ରବିବାର ପ୍ୟାରିସ୍‌ର ଲେ ବୋର୍ଗେଟ ଏୟାରପୋର୍ଟରୁ ଫ୍ରାନ୍ସ ପୋଲିସ ଗିରଫ କରିଛି। ପାଭେଲଙ୍କ ଗିରଫଦାରିକୁ ନେଇ ଏକ ନୂଆ ମୋଡ଼ ଆସିଛି। ପାଭେଲ ଗିରଫ ହେବାର ଠିକ୍ ପୂର୍ବରୁ ଆଜରବାଇଜାନ ଯାଇଥିଲେ। ସେଠାରେ ଜୁଲି ଭାଭିଲୋଭା(୨୪) ନାମ୍ନୀ ଜଣେ ମହିଳାଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ଜୁଲିଙ୍କ ହନିଟ୍ରାପ୍‌ରେ ଫସି ପାଭେଲ ଧରାପଡ଼ିଥିବା ନେଇ ସୋସିଆଲ ମିଡିଆରେ ଆଲୋଚନା ହେଉଛି।

ଜୁଲିଙ୍କ ଇନ୍‌ଷ୍ଟାଗ୍ରାମ ପ୍ରୋଫାଇଲ ଅନୁଯାୟୀ, ସେ ଦୁବାଇର ଜଣେ କ୍ରିପ୍ଟୋ କୋଚ୍ ଏବଂ ଭିଡିଓ ଗେମ୍ ଷ୍ଟ୍ରିମର ମଧ୍ୟ। ଟେଲିଗ୍ରାମ ସିଇଓ ପାଭେଲଙ୍କ ସହ ମିଶି ସେ ବହୁ ସ୍ଥାନକୁ ଯାତ୍ରା କରିଛନ୍ତି। ନିକଟରେ ପାଭେଲଙ୍କ ସହ ଜୁଲି କାଜାଖସ୍ତାନ, କିର୍ଗିଜସ୍ତାନ, ଆଜରବାଇଜାନ ଆଦି ଦେଶକୁ ଭ୍ରମଣ କରିଥିଲେ। ଜୁଲି ନିଜ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଓ ଷ୍ଟୋରି ମାଧ୍ୟମରେ ପାଭେଲଙ୍କ ସହ କରିଥିବା ବିଭିନ୍ନ ଯାତ୍ରାର ବହୁ ଫଟୋ ଓ ଭିଡିଓ ଶେୟାର କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ଅନେକେ ବିଶ୍ୱାସ କରୁଛନ୍ତି, ଏପରି କରି ଜୁଲି ଡ୍ୟୁରେଭଙ୍କ ଠିକଣା ନେଇ ତାଙ୍କୁ ଖୋଜୁଥିବା ଅଧିକାରୀଙ୍କୁ ସୂଚନା ଦେଉଥିଲେ। ସେହିପରି ପାଭେଲଙ୍କ ଗିରଫଦାରିର ମାତ୍ର ୩ ଦିନ ପୂର୍ବରୁ ଜୁଲି ଏକ ପ୍ରାଇଭେଟ୍ ଜେଟ୍ ମଧ୍ୟରେ ବସି ଇନ୍‌ଷ୍ଟାଗ୍ରାମରେ ଷ୍ଟୋରି ଦେଇଥିଲେ। ଏହି ପ୍ରାଇଭେଟ ଜେଟ୍ ଡ୍ୟୁରୋଭଙ୍କର ଥିଲା ଏବଂ ଉକ୍ତ ଜେଟ୍ ଯୋଗେ ହିଁ ସେ ଗିରଫଦାରିର ଠିକ୍ ପୂର୍ବରୁ ପ୍ୟାରିସରେ ପହଞ୍ଚିଥିବା ନେଇ ଅନେକେ ଅନୁମାନ କରୁଛନ୍ତି। ଅନ୍ୟପକ୍ଷରେ, ଜୁଲି ଇସ୍ରାଏଲର ଜାତୀୟ ☞ପୃଷ୍ଠା-୨



ଜୁଲି ଭାଭିଲୋଭା



ପାଭେଲ ଡ୍ୟୁରେଭ

# ଜୟ ଶାହା ଆଇସିସି ଚେୟାରମ୍ୟାନ୍

ଦୁବାଇ,୨୭।୮

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି)ର ଚେୟାରମ୍ୟାନ୍ ଭାବରେ ମଙ୍ଗଳବାର ନିର୍ବାଚିତ ହୋଇଛନ୍ତି ବିସିସିଆଇ ସଭାପତି ଜୟ ଶାହା। ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଶାହା ନିର୍ବାଚିତ ହୋଇଥିବା ବେଳେ ୩୫ ବର୍ଷ ବୟସରେ ଆଇସିସିର ସର୍ବକନିଷ୍ଠ ଚେୟାରମ୍ୟାନ୍ ହେବାର ରେକର୍ଡ କରିଛନ୍ତି। କ୍ରିକେଟର ଏହି ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ଶାହା ପଞ୍ଚମ ଭାରତୀୟ ପାଲଟିଛନ୍ତି। ପୂର୍ବରୁ ଜଗମୋହନ ଡାଲମିଆ, ଶରଦ ପାଓ୍ୱାର, ଏନ୍. ଶ୍ରୀନିବାସନ୍ ଓ ଶଶାଙ୍କ ମନୋହର ଯୋଶୀ ଆଇସିସିର ମୁଖ୍ୟ ଭାବରେ କାର୍ଯ୍ୟ କରିସାରିଛନ୍ତି। ବର୍ତ୍ତମାନର ଆଇସିସି ଚେୟାରମ୍ୟାନ୍ ରହିଥିବା ନ୍ୟୁଜିଲାଣ୍ଡର ଗ୍ରେଗ୍ ବାର୍କଲେ ତୃତୀୟ ଥର ସଭାପତି ଦୌଡରୁ ☞ପୃଷ୍ଠା-୨



# ଆଜିଠୁ ପାରାଲିମ୍ପିକ୍ସ

**୫୪୯ ପଦକ, ୪୪୦୦ ଆଥଲେଟ୍**

ପ୍ୟାରିସ୍,୨୭।୮ (ପି.ଟି.)

ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ସ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଏହି କ୍ରୀଡା ମହାକୁମ୍ଭ ଆୟୋଜିତ ହେବ। ପ୍ୟାରିସ୍‌ରେ ୧୧ଦିନ ବ୍ୟାପୀ ହେବାକୁଥିବା ଏହିଇଭେଣ୍ଟରେ ୨୨ଟି କ୍ରୀଡ଼ା ବର୍ଗର ସମୁଦାୟ ୫୪୯ ପଦକ ପାଇଁ ୪୪୦୦ ଆଥଲେଟ ପ୍ରତିଦ୍ୱନ୍ଦ୍ୱିତା କରିବେ। ପ୍ୟାରିସ୍‌ରେ ଥିବା ଐତିହାସିକ ପ୍ଲେସ୍ ଡି ଲା କନ୍‌କର୍ଡ ଯେଉଁଠାରେ ସ୍କେଟ୍ ବୋର୍ଡିଂ, ବ୍ରେକିଙ୍ଗ ଓ ୩ ଏ ସାଇଡ ବାସ୍କେଟବଲ ଭଳି ଇଭେଣ୍ଟ ଆୟୋଜିତ ହୋଇଥିଲା, ସେଠାରେ ପାରାଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ଆୟୋଜନ ହେବ। ସେହିପରି ଚେଟାଉ ଡ ଭର୍ସାଲିସ୍ ଷ୍ଟାଡିୟମରେ ପାରା ଇକ୍ୱେଷ୍ଟ୍ରେନ୍, ହ୍ୱିଲ ଚେୟାର ଫେନ୍‌ସିଂ ଓ ପାରା ଆର୍ଚେରୀ ଭଳି ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସନ୍ମାର୍ଗ ନ୍ୟାଶନାଲ ହିନ୍ଦୀ ଡେଲି ଆୱାର୍ଡ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୧ଟା।
- ସେବା ପେପର ମିଲ ଖୋଲିବା ଦାବିରେ ୱାର୍କର୍ସଙ୍କ ଧାରଣା, ସ୍ଥାନ: ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ସେଞ୍ଚୁରିଆନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ଅପରାହ୍ନ ୫ଟା ୩୦।
- ପୁସ୍ତକ ଉନ୍ମୋଚନ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ୧୯ତମ ଗୁରୁ ଦକ୍ଷିଣା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ଜିଲା କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ, ସ୍ଥାନ: ପାଲା ମଣ୍ଡପସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖବରକାଗଜ ପୃଷ୍ଠଭୂମିର ୨୯ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କଟକ ଶାରଳା ଭବନ, ସମୟ: ଅପରାହ୍ନ ୫ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ୍ ଭଗବଦ୍ ପ୍ରବଚନ ସପ୍ତାହର ଷଷ୍ଠ ସନ୍ଧ୍ୟା, ସ୍ଥାନ: ରାଷ୍ଟ୍ରଭାଷା ସଭାଗୃହ, କଳାବିକାଶ କେନ୍ଦ୍ର ରୋଡ, କଟକ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ଦେଶୀ ଜାତୀୟ ଫଳ, ପନିପରିବା ଚାଷ କୃଷକ ତାଲିମ ଶିବିର, ସ୍ଥାନ: ଜିଲା କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟବାଦୀ ମଣ୍ଡଳସ୍ତରୀୟ ଯୋଗ, ଚେସ୍ ଏବଂ ହ୍ୟାଣ୍ଡବଲ ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀକୃଷ୍ଣ ଲୀଳା ଅବସରରେ ବକାସୁର ବଧ ନୀତି, ସ୍ଥାନ: ବାଲିସାହି ଆଖଡ଼ା, ଏବଂ ଅଘା ସୁର ବଧ ନୀତି, ସ୍ଥାନ: ହରଚଣ୍ଡି ସାହି ଆଖଡ଼ା, ପୁରୀ, ସମୟ: ସନ୍ଧ୍ୟା ୭ଟା।
- ଦି ବେଲ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଆଇଆଇସି ଭିଲେଜ କମ୍ପ୍ଲେକ୍ସ ବାଙ୍ଗର, ପୁରୀ, ସମୟ: ସକାଳ ୭ଟା ୩୦।
- ସବିତା ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ଭଜନ ସମାରୋହ, ସ୍ଥାନ: ଛବି ଘର, ଜଟିଆ ବାବାଜୀ ଛକ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା
- ଭଏସ୍ ଅଫ ମିଡିଆ ଖୋର୍ଦ୍ଧା ଶାଖା ପକ୍ଷରୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ବୈଦିକ ଯଜ୍ଞ, ପ୍ରବଚନ ଓ ଚାରା ରୋପଣସ୍ଥାନ:ପିଣ୍ଡାବଣିଆ ଗୁରୁକୁଳ ଆଶ୍ରମ, ରୂପସା, ସମୟ: ସକାଳ ୮ଟା।
- ନିଖିଳ ଉତ୍କଳ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମହାସଂଘ ପକ୍ଷରୁ ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ,ସ୍ଥାନ: ବାଲିଆପାଳ ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା।
- ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପନ ଉତ୍ସବ, ସ୍ଥାନ:ଶୀଳତା ଠାକୁରାଣୀ ମହାବିଦ୍ୟାଳୟ, ଖୁଲଡ଼ା, ବାଲେଶ୍ୱର,ସମୟ:ଅପରାହ୍ନ ୨ଟା।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ମହାକାଶ ସପ୍ତାହର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ:ଅପରାହ୍ନ ୪ଟା।

## ଭଦ୍ରକ
- କୌଶଳ ରଥ ପରିକ୍ରମା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ନନ୍ଦୋତ୍ସବ, ସ୍ଥାନ: ଶ୍ରୀଚୈତନ୍ୟ ଆଶ୍ରମ, ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଦିବ୍ୟାଙ୍ଗଙ୍କୁ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: କପ୍ତିପଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ-୨୦୨୪, ସ୍ଥାନ: ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁଳିଆପଦା, ସମୟ: ପୂର୍ବାହ୍ନ ୧୧ଟା।
- ନିଯୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ:ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଉଦଳା କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଭାଜପାର ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ଭାଜପା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା,ସ୍ଥାନ: ଜୟପୁର କଲ୍ୟାଣ ମଣ୍ଡପ, ଗୋପବନ୍ଧୁ ନଗର,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ବିଇଏମ୍‌ସି ପକ୍ଷରୁ କ୍ରିକେଟ ମ୍ୟାଚ, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।

## ଗଞ୍ଜାମ
- ଗଣିତ ବିଭାଗର ପାଠଚକ୍ର, ସ୍ଥାନ: ଭଞ୍ଜନଗର କେଏସ୍‌ୟୁବି କଲେଜ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ବିଶାଳ ଶୋଭାଯାତ୍ରା, ସ୍ଥାନ: ଅନୁଗୋଳ ଜଗନ୍ନାଥ ମନ୍ଦିରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସ୍ପୋର୍ଟ୍ସ ଡେ ପାଇଁ ହାଇସ୍କୁଲସ୍ତରୀୟ ଜୁଡ଼ୋ ପ୍ରତିଯୋଗିତା, ସ୍ଥାନ: ଏମ୍‌ପିଆଇଏସ୍, ପାରାଦୀପ ସମୟ: ଅପରାହ୍ନ ୩ଟା।
- ଜାତୀୟସ୍ପୋର୍ଟ୍ସ ଡେ ପାଇଁ ହାଇସ୍କୁଲସ୍ତରୀୟ ଖୋଖୋ, କବାଡି, ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା
- ନନ୍ଦୋତ୍ସବ, ସ୍ଥାନ: ଆୟେବା, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଂସାର, କେନ୍ଦ୍ରାପଡ଼ା ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବିଞ୍ଝାରପୁର ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା,ସ୍ଥାନ:ବିଞ୍ଝାରପୁର ମଙ୍ଗଳଚଣ୍ଡୀ ପୀଠ, କଲ୍ୟାଣପୁର, ସମୟ : ଅପରାହ୍ନ ୩ ଟା।

## ନୟାଗଡ଼
- ନୟାଗଡ଼ ଜିଲା ଟ୍ରେଡ଼ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ:ନୟାଗଡ଼-ଖଣ୍ଡପଡ଼ା ରୋଡ଼ର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୦ଟା।
- ପ୍ରୟୋଗ ତାଲିମ ଶିବିରର ୨ୟ ଦିବସ, ସ୍ଥାନ:ନୟାଗଡ଼ ବ୍ଲକର ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା, ସ୍ଥାନ: ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ସଦସ୍ୟତା ଅଭିଯାନ-୨୦୨୪, ସ୍ଥାନ: ମାଣିକେଶ୍ୱରୀ ଗଡ଼, ଗୁଡାରି, ସମୟ: ପୂର୍ବାହ୍ନ ୧୦ ଟା।
- ରାମ ଚରିତ ମାନସ କାର୍ଯ୍ୟକ୍ରମ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ ଟା।

## ନବରଙ୍ଗପୁର
- ସ୍ୱାସ୍ଥ୍ୟ ବିଭାଗର ଜିଲାସ୍ତରୀୟ ଉପଦେଷ୍ଟା କମିଟି ଓ ସିଭିଲ କନଷ୍ଟ୍ରକ୍ସନ ବୈଠକ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ବିଭିନ୍ନ ଉନ୍ନୟନମୂଳକ ଯୋଜନା ଅଗ୍ରଗତି ନେଇ ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନ ପକ୍ଷରୁ ସର୍ବୋଦୟ କ୍ୟାମ୍ପ ଉଦ୍‌ଯାପନୀ ଦିବସ, ସ୍ଥାନ : ଆଦିବାସୀ ସଂଗ୍ରହାଳୟ, କୋରାପୁଟ, ସମୟ: ଅପରାହ୍ନ ୨ଟା।
- ଢୁଡାର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ : ହାୱା ମଇଦାନ ପରିସର, ସମୟ: ସକାଳ ୮ଟା।
- ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ଏଲଟି ଓ ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପେରେଟର ପଦବୀ ଉଚ୍ଛେଦ ପ୍ରତିବାଦରେ ସ୍ମାରକ ପତ୍ର ପ୍ରଦାନ, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ, ସମ୍ବଲପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।

## ସୁବର୍ଣ୍ଣପୁର
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ ସମୟ:ସନ୍ଧ୍ୟା ୭ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ବରଗଡ଼
- ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ (୧୭ବର୍ଷରୁ କମ୍ ବାଳିକା ବିଭାଗ), ସ୍ଥାନ: ସରକାରୀ ନୋଡ଼ାଲ ହାଇସ୍କୁଲ, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ (୧୭ବର୍ଷରୁ କମ୍ ବାଳକ ବିଭାଗ), ସ୍ଥାନ: ବରିହା ପୋଖପାଣି ହାଇସ୍କୁଲ, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରୈମାସିକ ମହିଳା ପତ୍ରିକା ସୂର୍ଯ୍ୟସ୍ନାତାର ପ୍ରଥମ ସ୍ୱନକ୍ଷତ୍ର, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ହୋମଯଜ୍ଞ, ସ୍ଥାନ: ବାଗଡିହି ଗ୍ରାମ ମହାକାଳ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସରବାହାଲସ୍ଥିତ ବାସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

## ରାଉରକେଲା
- ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଟାଉନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସାରସ୍ୱତ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ଦେବଗଡ, ସମୟ: ସକାଳ ୯ଟା।
- ଭିଏମ୍‌ସି ବୈଠକ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ଦେବଗଡ଼, ସମୟ: ଅପରାହ୍ନ ୨ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷକ ତାଲିମ ଶିବିର, ସ୍ଥାନ: ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, କର୍ଲାମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଆଇସିଡିଏସ୍ ଓ ମିଶନଶକ୍ତି କାର୍ଯ୍ୟ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱାସ୍ଥ୍ୟ ଓ ଯତ୍ନ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ବିଶାଳ ପଦଯାତ୍ରା, ସ୍ଥାନ: ମାଉସୀ ମା' ମନ୍ଦିର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: କଚେରୀ ପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- କେନ୍ଦ୍ରୀୟ ବିଦ୍ୟାଳୟରେ ପରିଚାଳନା କମିଟି ବୈଠକ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ବୌଦ୍ଧ. ସମୟ: ଅପରାହ୍ନ ୫ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର କ୍ଷେତ୍ରରେ ବୁଧଙ୍କ ସ୍ଥିତି ପ୍ରଭାବରୁ ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିବ। କର୍ମକ୍ଷେତ୍ରର ଅବ୍ୟବସ୍ଥାକୁ ନେଇ ମାନସିକ ଅସ୍ଥିରତା ପିଛା ଛାଡ଼ିବ ନାହିଁ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ବ୍ୟବସାୟରେ ବନ୍ଧୁଙ୍କ ମାଧ୍ୟମରେ ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ ହେବେ।

**ବୃଷ**
ମୁଖଭାବରେ ବୁଧ ଅପ୍ରିୟସତ୍ୟ ଭାଷଣରୁ ବିତର୍କର ଆଶଙ୍କା ଦେଖାଦେବ। କର୍ମକ୍ଷେତ୍ରରେ ପରିସ୍ଥିତି ଅଲଗା ପ୍ରକାରର ବଦଳିଯିବା ହେତୁ ଅନ୍ୟମାନଙ୍କ ଭୁଲ୍ ଧାରଣା ଦୂରୀଭୂତ ହୋଇଯିବ। ଅର୍ଥପ୍ରାପ୍ତିର ସୂଚନା କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଅନୁରୋଧକୁ ରକ୍ଷାକରି ସହକର୍ମୀଙ୍କ କାମରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମିଥୁନ**
ଧନସ୍ଥାନସ୍ଥ ଗ୍ରହ ପ୍ରଭାବରୁ ଅବୁଝା ବନ୍ଧୁଙ୍କୁ ମନେଇବାରେ ପାର୍ଟିର ଆୟୋଜନ କରିପାରନ୍ତି। ଅର୍ଥ ସମ୍ପର୍କ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶରୁ ଉପକୃତ ହେବେ। ପରିବାରର ଆବଶ୍ୟକତା ପୂରଣ କରିବାକୁ ଘରେ ବିତର୍କ ଦେଖାଦେଇପାରେ। ବ୍ୟବସାୟରେ ସଫଳତା ହାସଲ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ସଫଳ ହେବେ।

**କର୍କଟ**
ଦ୍ୱାଦଶଭାବସ୍ଥ ଚନ୍ଦ୍ରମଙ୍ଗଳ ଯୋଗରୁ ସନ୍ତାନହେତୁକ ସମସ୍ୟାର ସମ୍ମୁଖୀନ ହେବେ। ପାରିବାରିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ହେବନି। କେହି ଜଣେ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଅତୀତ ଘଟଣାକୁ ନେଇ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ**
ସ୍ୱଗୃହୀ ରବିଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ଉନ୍ନତ ରହିବ। ପ୍ରଶାସନିକ କିମ୍ବା ରାଜନୈତିକ କ୍ଷେତ୍ରରେ ସମସ୍ୟାମୂଳକ ସ୍ଥିତି ଉପୁଜିପାରେ। ଯାନ୍ତ୍ରିକ ଜିନିଷ ବିକ୍ରିବଟା ସମ୍ପର୍କିତ ନକାରାତ୍ମକ ଚିନ୍ତାଧାରା ବିବ୍ରତ କରିପାରିବେ ନାହିଁ। ନିଜ ଲୋକଙ୍କୁ ଭୁଲ୍ ବୁଝିବା ସହ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହୋଇପାରନ୍ତି।

**କନ୍ୟା**
ଭାଗ୍ୟାଧିପତି ନିଜ ରାଶିରେ ରହିଥିବାରୁ ନିଜ ଲୋକଙ୍କ ସାହାଯ୍ୟ, ସହଯୋଗରେ କାମ ହାସଲ କରିବେ। ପ୍ରତ୍ୟେକ ଅଭିଳାଷ ପୂରଣ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ। ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପ୍ରଶାସନ, କଳା, ସାହିତ୍ୟ, ସଭାସମିତି କ୍ଷେତ୍ରରୁ ସମ୍ମାନିତ ହେବେ।

**ତୁଳା**
ବିଶାଖା ନକ୍ଷତ୍ର କୌଣସି କର୍ମାରମ୍ଭ ସକାଶେ ମନ ବଳାଇ କୃତକାର୍ଯ୍ୟ ହେବେ। ଯେଉଁ କାମ ଉଦ୍ଦେଶ୍ୟରେ ବନ୍ଧୁଙ୍କୁ କିଛି କହିବାକୁ ଚାହୁଁଥିଲେ ଆଜି ତାହା ପୂରଣ ହୋଇପାରିବ। ପଡ଼ୋଶୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ।

**ବିଛା**
କର୍ମସ୍ଥ ବଳବାନ୍ ଗ୍ରହ ପ୍ରଭାବରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରାଇବାର ପ୍ରତିଶ୍ରୁତି ପାଇବେ। ଦକ୍ଷତା ଓ କରିତ୍‌କର୍ମା ହେତୁ ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ। କ୍ରୀଡ଼ା, ସଙ୍ଗୀତ ଓ ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ ଓ ସୁନାମ ଅର୍ଜନ କରିବେ। ରାଜନୈତିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ**
ସାମାନ୍ୟ ସମସ୍ୟା ମଧ୍ୟରେ ଦୀର୍ଘ ଦିନର ଅଭିଳାଷ ପୂରଣ ହେବାରୁ ଆଶ୍ୱସ୍ତି ଲଭିବେ। ବ୍ୟବସାୟରେ କିମ୍ବା ରାଜନୈତିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ତଥା ମାଲିମକଦ୍ଦମାରେ ଉନ୍ନତି ହେବ। ଉତ୍ତରାଷାଢ଼ା ନକ୍ଷତ୍ର ପଡ଼ୋଶୀଙ୍କ ସହ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

**ମକର**
ଆଜି ଦିନଟିର ଅନୁକୂଳ ଗ୍ରହସ୍ଥିତି ପ୍ରତ୍ୟେକ କ୍ଷେତ୍ରରେ ସିଦ୍ଧିପ୍ରଦାନ କରିବ। ଆନୁଷ୍ଠାନିକ କାମରେ ଲକ୍ଷ୍ୟ ହାସଲ କରିବା ସହ ପ୍ରଶଂସିତ ହେବେ। ରାଜନୈତିକ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାର ଆଶା ରହିଛି। ଆର୍ଥିକ ସମସ୍ୟା, ଧାର କରଜ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମନ ଅଶାନ୍ତ ରହିବ।

**କୁମ୍ଭ**
ଆଜି ଯେଉଁ କାମ ଆରମ୍ଭ କରିବେ ସୁବିଧାରେ ସମ୍ପନ୍ନ କରିବା କଷ୍ଟକର ହୋଇପାରେ। ସମ୍ପର୍କୀୟଙ୍କ ବିରୁଦ୍ଧାଚରଣ ହେତୁ ଘଟଣା ଭିନ୍ନ ଆକାର ଧାରଣ କରିବ। ଶତଭିଷା ନକ୍ଷତ୍ର ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବା ସହ ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବ।

**ମୀନ**
ରେବତୀ ନକ୍ଷତ୍ର ପରିବାରରେ ଭାବପ୍ରବଣ ବଶତଃ ଓଲଟା କଥା କହିଲେ ଅପଦସ୍ଥ ହେବେ। ଆଲୋଚନା ପରିସରରେ କିମ୍ବା ସଭା ସମିତିରେ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କୌଣସି ଏକ କାରଣରୁ ହଠାତ୍ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ଆର୍ଥିକ ଦିଗଟି ବହୁତ ଭଲ ରହିବ ଏବଂ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

ଆଜି ଅଗଷ୍ଟ ୨୮ ତାରିଖ, ଭାଦ୍ରବ କୃଷ୍ଣ ଦଶମୀ ବୁଧବାର, ଶ୍ରୀମନ୍ଦିରରେ କୋଳିବିକା ଓ ବଣଭୋଜିବେଶ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ, ବୁଧିବାମନ ଓଷା (ଦ୍ୱିତୀୟ ପାଳି), ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୩ ମି. ଗତେ ଘ.୦୭.୧୩ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୭ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ରହସ୍ୟମୟୀ କ୍ରିପ୍ଟୋ...

ଗୋଇନ୍ଦା ସଂସ୍ଥା 'ମୋସାଦ'ର ଏଜେଣ୍ଟ ହୋଇଥିବା ନେଇ ଆଉ କେତେଜଣ ୟୁଜର୍ସ ଅନୁମାନ କରିଛନ୍ତି। ତେବେ ଟେଲିଗ୍ରାମ ସିଇଓଙ୍କ ଗିରଫଦାରି ପରଠାରୁ ଜୁଲି ନିଖୋଜ ରହିଛନ୍ତି।

ଏହି ରହସ୍ୟମୟୀ ମହିଳାଙ୍କ ସୋସିଆଲ ମିଡିଆ ଆକ୍ଟିଭିଟିକୁ ଫରାସୀ ସୁରକ୍ଷା ଅନୁସନ୍ଧାନକାରୀ ବେପ୍ଟିଷ୍ଟ ରୋବର୍ଟ ରିସର୍ଚ୍ଚ କରି କହିଛନ୍ତି, ପ୍ୟାରିସ ଆସିବା ପୂର୍ବରୁ ପାଭେଲଙ୍କ ଆଜରବାଇଜାନ ଯାତ୍ରାରେ ଜୁଲି ତାଙ୍କ ସହ ରହିଥିଲେ। ଉକ୍ତ ଯାତ୍ରାରେ ଟେଲିଗ୍ରାମ ସିଇଓଙ୍କ ସହ ଫଟୋକୁ ଭାବିଲୋଭା ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ସମ୍ଭବତଃ ଏହି କାରଣରୁ ପାଭେଲଙ୍କୁ ଗିରଫ କରିବା ସମ୍ଭବ ହୋଇପାରିଛି ବୋଲି ରୋବର୍ଟ କହିଛନ୍ତି। ଏକ ଆମେରିକୀୟ ଖବରକାଗଜକୁ ରୋବର୍ଟ କହିଛନ୍ତି, ପାଭେଲଙ୍କ ଗିରଫଦାରିରେ ଜୁଲିଙ୍କ ପୋଷ୍ଟର ପ୍ରତ୍ୟକ୍ଷ ଭୂମିକା ରହିଛି କି ନାହିଁ ତାହା କହିବା କଷ୍ଟସାଧ୍ୟ, କିନ୍ତୁ ଯଦି କେହି ଜୁଲିଙ୍କର ସୋସିଆଲ ମିଡିଆକୁ ନିୟମିତ ଭାବେ ଫଲୋ କରୁଥିବେ ସେ ଅତି ସହଜରେ ଟେଲିଗ୍ରାମ ସିଇଓଙ୍କ ଗତିବିଧିକୁ ଟ୍ରାକ୍ କରିପାରିବେ। ଜୁଲିଙ୍କ ପୋଷ୍ଟରୁ ଜଣାପଡ଼ିଛି, ସେ ପାଭେଲଙ୍କ ସହ ଆଜରବାଇଜାନର ରାଜଧାନୀ ବାକୁରେ ଥିବା ଏକ ଶୁଟିଂ ରେଞ୍ଜ ଓ ଏକ ହୋଟେଲକୁ ଯାଇଥିଲେ। ଜୁଲିଙ୍କ ସୋସିଆଲ ମିଡିଆ ପୋଷ୍ଟରୁ ଉଭୟ ପାଭେଲ ଓ ଜୁଲି ପରସ୍ପର ସହ ବେଶ ନିକଟତର ହୋଇଥିବା ଜଣାପଡୁଥିବା ବେଳେ ଦୁହିଁଙ୍କ ମଧ୍ୟରେ ପ୍ରକୃତ ସମ୍ପର୍କ କ'ଣ ତାହା କହିବା କଷ୍ଟକର ବୋଲି ରୋବର୍ଟ କହିଛନ୍ତି। ଜୁଲି ଏବଂ ପାଭେଲଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ୍ କେବେ ଏବଂ କେଉଁଠାରେ ହୋଇଥିଲା, ସେନେଇ ଜଣାପଡ଼ିନାହିଁ। ତେବେ ଉଭୟ ଦୁବାଇରେ ରହୁଥିଲେ ବୋଲି ରୋବର୍ଟ କହିଛନ୍ତି।

## ଜୟ ଶାହା ଆଇସିସି...

ଓହରିବା ପରେ ଏକମାତ୍ର ପ୍ରାର୍ଥୀ ଭାବରେ ଶାହା ନାମାଙ୍କନ ଦାଖଲ କରିଥିଲେ। ନଭେମ୍ବର ୩୦ ତାରିଖରେ ବାର୍କଲେଙ୍କ କାର୍ଯ୍ୟକାଳର ଅନ୍ତିମ ଦିନ ହୋଇଥିବାରୁ ଡିସେମ୍ବର ୧ ତାରିଖରେ ଶାହା ନୂତନ ଦାୟିତ୍ୱ ଗ୍ରହଣ କରିବେ। ୨୦୧୯ରେ ପ୍ରଥମ ଥର ବିସିସିଆଇ ସମ୍ପାଦକ ହୋଇଥିବା ଶାହା ଜାନୁଆରୀ ୨୦୨୧ରେ ଏସିଆନ କ୍ରିକେଟ କାଉନ୍‌ସିଲର ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି।

ନିର୍ବାଚିତ ହେବା ପରେ ଶାହା ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ କ୍ରିକେଟକୁ ବିଶ୍ୱସ୍ତରରେ ପ୍ରସିଦ୍ଧ କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଆସନ୍ତା ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିବା ବେଳେ ଏହା ଲଞ୍ଚପ୍ୟାଡ ଭଳି କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଆଇସିସିର ଟିମ୍ ଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ମିଳିତ ଭାବରେ ସେ କ୍ରିକେଟକୁ ଏକ ଗ୍ଲୋବାଲ ସ୍ପୋର୍ଟ୍ସରେ ପରିଣତ କରିବେ ବୋଲି କହିଛନ୍ତି। କ୍ରିକେଟରେ ଏକାଧିକ ଫର୍ମାଟ ମଧ୍ୟରେ ସମନ୍ୱୟ ଓ ନୂତନ ବୈଷୟିକ କୌଶଳର ବ୍ୟବହାର ଉପରେ ମଧ୍ୟ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଆସନ୍ତା ଲସ୍ ଏଞ୍ଜେଲ୍ସ ଗେମ୍ କ୍ରିକେଟକୁ ବିଶ୍ୱର ଘରେ ଘରେ ଲୋକପ୍ରିୟ କରିବା ନେଇ ସେ ଆଶା କରୁଥିବା କହିଛନ୍ତି।



ମଙ୍ଗଳବାର ସମ୍ବଲପୁର ସମଲେଇ ମନ୍ଦିରକୁ ଲଗ୍ନ ଦେବା ପାଇଁ ଶୋଭାଯାତ୍ରା ବାହାରିଛି।

## ନୂଆଁଖାଇ ଲଗ୍ନ ଧାର୍ଯ୍ୟ...

ପରମ୍ପରାନୁସାରେ ନନ୍ଦୋତ୍ସବ ଦିନ ଝାଡୁଆପଡା ବ୍ରହ୍ମପୁରା ଜଗନ୍ନାଥ ମନ୍ଦିରରେ ଲଗ୍ନ ନିରୂପଣ ସଭା ହୋଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ପଣ୍ଡିତମାନେ ମହାସଭାରେ ସର୍ବସମ୍ମତିକ୍ରମେ ନକ୍ଷତ୍ର ଗଣନା କରି ଲଗ୍ନ ଧାର୍ଯ୍ୟ କରିଥିଲେ। ଏହାପରେ ବ୍ରହ୍ମପୁରା ଠାକୁରଙ୍କଠାରେ ପୂଜକ ସନ୍ତୋଷ ପଣ୍ଡାଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡର ସଞ୍ଜୟ କୁମାର ମିଶ୍ର ଧାର୍ଯ୍ୟଲଗ୍ନକୁ ସର୍ବସାଧାରଣରେ ପାଠ କରିଥିଲେ। ଏହାପରେ ମନ୍ଦିର ପୂଜକ, ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ଓ ସଭ୍ୟମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ସମଲେଇ ମନ୍ଦିର ମୁଖଶାଳାରେ ପହଞ୍ଚିଥିଲେ। ଏହି ସମୟରେ ସମଲେଇ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଲଗ୍ନ କରିଥିଲେ। ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଦେବୀଙ୍କୁ ନୂଆଁଖାଇ ଲଗ୍ନ ଅର୍ପଣ କରିଥିଲେ। ଏହି ସମୟରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଏବଂ ପୂଜକମାନେ ଉପସ୍ଥିତ ଥିଲେ। ପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡା, ଉପସଭାପତି ଜିତେନ୍ଦ୍ର ନନ୍ଦ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ମହେଶ୍ୱର ନାୟକ, ସରିତ କୁମାର ପାଢ଼ୀ, ସୁରେନ୍ଦ୍ର କୁମାର ପତି, ଗୋପୀନାଥ ପଣ୍ଡା, ରାକେଶ ମିଶ୍ର, ଶଶାଙ୍କଶେଖର ମିଶ୍ର, ମହେଶ୍ୱର ନାୟକଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ପଣ୍ଡିତମାନେ ଯୋଗଦେଇଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ସଭ୍ୟ ଅମରନାଥ ସୂପକାର, ଶ୍ରୀମନ୍ତ ମିଶ୍ର, ମିଲୁ ପାଣିଗ୍ରାହୀ, ଶୁଭେନ୍ଦୁ ମିଶ୍ର, ପ୍ରାଣରଞ୍ଜନ ପଣ୍ଡା ପ୍ରମୁଖଙ୍କ ପରିଚାଳନାରେ ସଭା ଆୟୋଜନ ହୋଇଥିଲା।

## ଆଜିଠୁ ପାରାଲିମ୍ପିକ୍ସ...

ଇଭେଣ୍ଟ ଆୟୋଜନର କାର୍ଯ୍ୟକ୍ରମ ରହିଛି। ଆଇଫେଲ ଟାୱାର ନିକଟରେ ଥିବା ଭେନ୍ୟୁରେ ଦୃଷ୍ଟିବାଧିତ ଫୁଟବଲ ଖେଳାଯିବ। ଏହି ଇଭେଣ୍ଟରେ ପ୍ରତି ଟିମ୍‌ରେ ୫ ଜଣ ଲେଖାଏ ଖେଳାଳି ରହିବେ।

ପ୍ୟାରିସ୍ ବିଶ୍ୱର ଅନ୍ୟତମ ସୁନ୍ଦର ସହର ହୋଇଥିବାବେଳେ ପାରା ଆଥଲେଟମାନଙ୍କୁ ଏଠାରେ ଅଂଶଗ୍ରହଣ କରିବାରେ ଏକ ଅନନ୍ୟ ଅଭିଜ୍ଞତା ମିଳିବ ବୋଲି ପାରା ଟ୍ରାୟାଥ୍ଲନ ଚାମ୍ପିୟନ ମତ ଦେଇଛନ୍ତି। ଚଳିତ ପାରାଲିମ୍ପିକ୍ସରେ ଦୃଷ୍ଟିବାଧିତ ଖେଳାଳିଙ୍କ ପାଇଁ ଗୋଲ୍ ବଲ ଓ ବୋକିଆ ନାମରେ ଦୁଇଟି ଇଭେଣ୍ଟ ସାମିଲ କରାଯାଇଛି। ସେହିପରି ଟୋକିଓ ପାରାଲିମ୍ପିକ୍ସ ତୁଳନାରେ ମହିଳାଙ୍କ ପାଇଁ ୧୦ଟି ଇଭେଣ୍ଟ ପ୍ରଥମ ଥର ସାମିଲ କରାଯାଇଛି। ମହିଳାଙ୍କୁ ଅଧିକ ସୁଯୋଗ ଦେବା ଲକ୍ଷ୍ୟରେ ଏଭଳି କରାଯାଇଥିବା ପ୍ରକାଶ କରିଛନ୍ତି ଆଲେକ୍ସିସ୍ ହାନକ୍ୱିନ୍ୱାଣ୍ଟ।

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ର ମଶାଲ ଯାତ୍ରା ଶନିବାର ଆରମ୍ଭ ହୋଇଥିଲା। ପାରାଲିମ୍ପିକ୍ସ ଗେମ୍ସର ଜନ୍ମସ୍ଥଳୀ କୁହାଯାଉଥିବା ଷ୍ଟୋକ୍ ମାଣ୍ଡେଭିଲେରେ ମଶାଲରେ ଅଗ୍ନି ସଂଯୋଗ କରାଯାଇଥିଲା। ମଶାଲଟି ଇଂଲିଶ ଚ୍ୟାନେଲ ଅତିକ୍ରମ କରି ୪ ଦିନ ପରେ ପ୍ୟାରିସ୍‌ରେ ପହଞ୍ଚିବ। ମଶାଲ ରୁଟ୍‌ରେ ଆଟ୍‌ଲାଣ୍ଟିକ୍ ସାଗର, ଭୂମଧ୍ୟସାଗର ସହିତ ପାଇରିନିସ୍ ଓ ଆଲ୍‌ପସ ପର୍ବତମାଳା ଭଳି ସ୍ଥାନ ରହିବ। ଏହାସହିତ ପାରାଲିମ୍ପିକ୍ସର ୧୧ ଦିନ ଯାକ ଅଲିମ୍ପିକ୍ସ ମଶାଲ ପ୍ୟାରିସ୍ ସହର ଉପରେ ଏକ ଉତ୍ତପ୍ତ ବେଲୁନ୍ ସାହାଯ୍ୟରେ ଉଡ଼ିବ। ବୁଧବାର ମଶାଲ ପହଞ୍ଚିବା ପରେ ପ୍ୟାରିସ୍ ପାରାଲିମ୍ପିକ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଚଳିତ ପାରାଲିମ୍ପିକ୍ସରେ ଏକାଧିକ ଆଥଲେଟଙ୍କ ପାଇଁ ନିଜ ଟାଇଟଲ ଡିଫେଣ୍ଡ କରିବାର ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡିବ। ଭାରତୀୟ ପାରା ଶୁଟର ଅବନୀ ଲେଖାରା ଏହି ତାଲିକାରେ ସାମିଲ ଅଛନ୍ତି। ଏକମାତ୍ର ଭାରତୀୟ ଭାବରେ ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିବା ଅବନୀଙ୍କୁ ଏସ୍‌ଏଚ୍-୧ ବର୍ଗରେ ନିଜ ସ୍ୱର୍ଣ୍ଣ ପଦକ ଡିଫେଣ୍ଡ କରିବାକୁ ହେବ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଆମେରିକାର ଓକସାନା ମଷ୍ଟର୍ସ ନିଜ ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରିବେ। ନିଜ କ୍ୟାରିୟରରେ ୭ ସ୍ୱର୍ଣ୍ଣ ସହ ୧୭ ପାରାଲିମ୍ପିକ୍ସ ପଦକ ଜିତି ସାରିଥିବା ଏହି ଆଥଲେଟଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଇଜିପ୍ଟର ପାରା ଶକ୍ତି ଉତ୍ତୋଳକ ଶେରିଫ୍ ଓସମାନ ଚତୁର୍ଥ ଓ ଇଟାଲିଆନ୍ ଫେନ୍ସର ବେବେ ଭିଓ କ୍ରମାଗତ ତୃତୀୟ ସ୍ୱର୍ଣ୍ଣ ପଦକ ଲକ୍ଷ୍ୟରେ ରହିଛନ୍ତି।

# ବଲିଉଡ୍ ଛାଡ଼ିବାକୁ ଚାହୁଁଥିଲେ ଆମିର



**ମୁମ୍ବାଇ:** ବଲିଉଡ୍ ଅଭିନେତା ଆମିର ଖାନ୍ ୩ ବର୍ଷ ତଳେ ସେ ବଲିଉଡ୍ ଛାଡିବେ ବୋଲି ଚିନ୍ତା କରିଥିଲେ। ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ଆମିର କହିଛନ୍ତି, କୋଭିଡ୍ ୧୯ ଏବଂ ଲକ୍‌ଡାଉନ୍ ସମୟରେ ସେ ତାଙ୍କ ଜୀବନ ବିଷୟରେ ଜାଣିବା ଏବଂ ଭାବିବା ପାଇଁ ଅଧିକ ସମୟ ପାଇଥିଲେ। ଗତ ୩ ଦଶନ୍ଧି ଧରି ସେ କେବଳ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି ଏବଂ ପରିବାର ଓ ପିଲାମାନଙ୍କ ସହ ସମୟ ବିତାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ସେତେବେଳେ ସେ ଅନୁଭବ କରିଥଲେ। ଏଥିପାଇଁ ତାଙ୍କୁ ନିଜ ଉପରେ କ୍ରୋଧ ଆସିଥିବା ଆମିର କହିଛନ୍ତି। ତେଣୁ ସେ ଚଳଚ୍ଚିତ୍ର ଛାଡିବାକୁ ଚିନ୍ତା କରିଥିବା ଆମିର କହିଛନ୍ତି। ସେତେବେଳେ ସେ ତାଙ୍କ ପୂର୍ବ ପତ୍ନୀ କିରଣ ଏବଂ ପିଲାମାନଙ୍କ ସହିତ ବସି ଏନେଇ ଆଲୋଚନା କରିଥିଲେ। ଝିଅ ଇରା ଏବଂ ପୁଅ ଜୁନୈଦ୍ ତାଙ୍କୁ କର୍ମ ଜୀବନ ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅଭିନୟ ଜଗତକୁ ନ ଛାଡ଼ିବା ପାଇଁ କିରଣ ମଧ୍ୟ ତାଙ୍କୁ ଅନୁରୋଧ କରିଥିଲେ।

# ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ମମତା ମହାନ୍ତ

ଭୁବନେଶ୍ୱର,୨୭।୮ (ଅନିଲ ଦାସ)

ଭାଜପା ପ୍ରାର୍ଥୀ ମମତା ମହାନ୍ତ ମଙ୍ଗଳବାର ରାଜ୍ୟ ସଭା ସଦସ୍ୟ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରାର୍ଥିପତ୍ର ଦାଖଲ କରିଥିବା ଅନ୍ୟତମ ଭାଜପା ନେତା ଜଗନ୍ନାଥ ପ୍ରଧାନ ରାଜ୍ୟ ସଭା ନିର୍ବାଚନରୁ ଓହରିଯିବା ପରେ ମମତା ପୁଣିଥରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭା ନିର୍ବାଚନ ରିଟର୍ନିଂ ଅଫିସରଙ୍କଠାରୁ ସେ ତାଙ୍କ ସାର୍ଟିଫିକେଟ ଗ୍ରହଣ କରିଛନ୍ତି। ନିର୍ବାଚିତ ହେବା ପରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫୁଲତୋଡା ଦେଇ ତାଙ୍କୁ ସ୍ୱାଗତ କରିଛନ୍ତି।

ମମତା ମହାନ୍ତ କୁଡୁମୀ ସମ୍ପ୍ରଦାୟର ଜଣେ ଟାଣୁଆ ନେତ୍ରୀ। ୨୦୨୦ ଏପ୍ରିଲ ୬ ତାରିଖରେ ବିଜେଡି ତାଙ୍କୁ ରାଜ୍ୟ ସଭାକୁ ପଠାଇଥିଲା। ୨୦୨୬ ଏପ୍ରିଲରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥାଆନ୍ତା। କାର୍ଯ୍ୟକାଳ ଶେଷ ହେବାର ୨୧ ମାସ ପୂର୍ବରୁ ଗତ ଜୁଲାଇ ୩୧ ତାରିଖରେ ସେ ରାଜ୍ୟ ସଭା ସହିତ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହା ପରଦିନ ଅର୍ଥାତ ଅଗଷ୍ଟ ୧ ତାରିଖରେ ସେ ଦିଲ୍ଲୀ ଯାଇ ଭାଜପାରେ ସାମିଲ ହୋଇଥିଲେ। ତାଙ୍କୁ ଦଳରେ ଅଣଦେଖା କରାଯାଇଥିବା ସେ ଅଭିଯୋଗ ଆଣିଥିଲେ।

ଦଳରେ ଯୋଗଦେବା ପରେ ମମତାଙ୍କୁ ଭାଜପା ରାଜ୍ୟ ସଭା ପ୍ରାର୍ଥୀ କରିଥିଲା। ରାଜ୍ୟ ସଭା ଉପନିର୍ବାଚନ ପାଇଁ ସେ ଅଗଷ୍ଟ ୨୧ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିଦିନ ସ୍ୱାଧୀନ ପ୍ରାର୍ଥୀ ଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ ରାଜ୍ୟ ସଭା ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହାକୁ ନେଇ ସେ ସମୟରେ ବିଭିନ୍ନ ଚର୍ଚ୍ଚା ହେଉଥିଲା। ତେବେ ରାଜ୍ୟ ସଭା ଉପନିର୍ବାଚନ ପାଇଁ ଜଗନ୍ନାଥ ମଙ୍ଗଳବାର ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ। ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାରୁ ମମତା ପୁଣି ରାଜ୍ୟ ସଭା ଯିବା ପାଇଁ ପଥ ପରିଷ୍କାର ହୋଇଥିଲା। ଜଣେ ମାତ୍ର ପ୍ରାର୍ଥୀ ଥିବାରୁ ତାଙ୍କୁ ନିର୍ବାଚିତ ଘୋଷିତ କରାଯାଇଥିଲା।



ମମତା ମହାନ୍ତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।



ଶଙ୍କରପୁର-ବାଦାମବାଡି ପୂଜାମଣ୍ଡପ ଭଙ୍ଗାଯାଉଛି।

# ଶଙ୍କରପୁର-ବାଦାମବାଡ଼ି ପୂଜାମଣ୍ଡପ ଭଙ୍ଗାହେଲା

କଟକ, ୨୭।୮ (କାର୍ତ୍ତିକ ସାହୁ)

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକ ଶଙ୍କରପୁର-ବାଦାମବାଡି ପୂଜାମଣ୍ଡପକୁ ସିଏମ୍‌ସି ପକ୍ଷରୁ ମଙ୍ଗଳବାର ଭଙ୍ଗାଯାଇଛି। ଏହି କାର୍ଯ୍ୟରେ ୩ଟି ଜେସିବି ସମେତ ଅନ୍ୟାନ୍ୟ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇଥିଲା। ବାଦାମବାଡି ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ସେଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସ ପ୍ରଶାସନ ଓ ସିଏମ୍‌ସିର ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଛନ୍ତି। ପୂଜା କମିଟି କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଲୋକେ ଏହି ଜବରଦଖଲ ଉଚ୍ଛେଦକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଲିଙ୍କରୋଡ-ବାଦାମବାଡି ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ଅଗଷ୍ଟ ୨୭ ସୁଦ୍ଧା ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ଏହି କାର୍ଯ୍ୟ କରାଯାଉଥିବା ସିଏମ୍‌ସିର ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ କହିଛନ୍ତି। କେତେଜଣ ଯୁବକ ଉଚ୍ଛେଦକୁ ନେଇ ବିରୋଧାତ୍ମକ ନାରା ଦେଉଥିବାବେଳେ ପୋଲିସ ସେମାନଙ୍କୁ କ୍ଷାନ୍ତ କରିଥିଲା। ଜନ୍ମାଷ୍ଟମୀରୁ ମାଟିଉଠା ଅନୁକୂଳ କରାଯାଇ ପାର୍ବଣ ବିଗୁଲ ବାଜିଥିବାବେଳେ ଏଭଳି ସମୟରେ ପୂଜାମଣ୍ଡପ ଭଙ୍ଗାଯିବା ଚର୍ଚ୍ଚାର ବିଷୟ ହୋଇଛି।

# ଜବତ ରୁପାର ତଥ୍ୟ ମେଳ ଖାଉନି

**ବିମାନବନ୍ଦର ନିକଟରୁ ସୁନା ଓ ରୁପା ଜବତ ଘଟଣା**
- ଜିଏସ୍‌ଟି ଅଫିସରେ ସୁନା ଦୋକାନୀ
- ହୀରା ଜବତ ହୋଇଥିବା ଚର୍ଚ୍ଚା



ସିଟି ଜିଏସ୍‌ଟି କାର୍ଯ୍ୟାଳୟରେ ଜବତ ସୁନା, ରୁପା ଯାଞ୍ଚ କରାଯାଉଛି।

ଭୁବନେଶ୍ୱର,୨୭।୮ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ନିକଟରୁ ସୋମବାର ଲଜିଷ୍ଟିକ୍ ଗାଡ଼ିରୁ ୫୦କେଜି ସୁନା ଓ ୨୦୦ କେଜି ରୁପା ଜବତ ଘଟଣାରେ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର (ସିଟି ଆଣ୍ଡ୍ ଜିଏସ୍‌ଟି) ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସୁନା ମୁମ୍ବାଇରୁ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବାବେଳେ ସେସବୁ କାଗଜପତ୍ରର ଆଇନଗତ ଦିଗ ପ୍ରତି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଯାଞ୍ଚ ଚଳାଇଛି। ତେବେ ସୁନା ଅଳଙ୍କାର କାଗଜପତ୍ର ଉପରେ ଯାଞ୍ଚ ଚାଲୁ ରହିଥିବାବେଳେ ରୁପାର ଗଣତି ଶେଷ ହୋଇଛି। ଯାଞ୍ଚବେଳେ ରୁପାର କାଗଜପତ୍ର ସଠିକ୍ ନଥିବା ଜଣାପଡ଼ିଛି। ତେଣୁ ଟିକସ ଫାଙ୍କିବା ପାଇଁ ରୁପା ଓଜନରେ ସୁନା ଆଣୁଥିବା ନେଇ ଜିଏସ୍‌ଟି ଅଧିକାରୀ ଜାଣିବାକୁ ପାଇଛନ୍ତି। ଏହାକୁ ନେଇ ଅଧିକ ଖୋଳତାଡ଼ ଚାଲିଥିବାବେଳେ ଜବତ ସୁନା ଏବଂ ରୁପା ଅଳଙ୍କାର ଏବେ ସିଟି ଜିଏସ୍‌ଟି ଲକରରେ ରହିଛି।

ସିଟି ଜିଏସଟିର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ଏସବୁ ଅଳଙ୍କାର ଭୁବନେଶ୍ୱରର ନାମୀଦାମୀ ଗହଣା ଦୋକାନୀଙ୍କ ପାଖକୁ ଆସୁଥିଲା। ତେଣୁ ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଡକାଯାଇଥିଲା। ସେମାନେ ସିଟି ଜିଏସ୍‌ଟି ଭୁବନେଶ୍ୱର ଅଫିସରେ ପହଞ୍ଚିଛନ୍ତି। ସେହିପରି ଟ୍ରାନ୍ସପୋର୍ଟ ସଂସ୍ଥାର ବିଲ୍ ଓ ପ୍ୟାକେଟ ଭିତରେ ଥିବା ବିଲ୍ ମ୍ୟାଚ କରୁନି। ଏହାସହ ସୁନା ଅଳଙ୍କାରର ପ୍ରମାଣପତ୍ର ମ୍ୟାଚ କରୁଥିବାବେଳେ ଜବତ ରୁପାର ଡକ୍ୟୁମେଣ୍ଟ ମ୍ୟାଚ କରୁନାହିଁ। ରୁପାର ଟ୍ୟାକ୍ସ ଇନ୍‌ଭଏସ୍ ମ୍ୟାଚ କରୁ ନ ଥିବା ମଧ୍ୟ ଜଣାପଡିଛି। ଏହା ଉପରେ ସିଟି ଜିଏସ୍‌ଟି ପେନାଲ୍‌ଟି ବା ଜରିମାନା ଲଗାଇବ ବୋଲି ସୂଚନା ମିଳିଛି। ଅନ୍ୟପଟେ ସୁନା ଏବଂ ରୁପା ସହ ହୀରା ଅଳଙ୍କାର ମଧ୍ୟ ରହିଥିବା ଏନଫୋର୍ସମେଣ୍ଟ ହାତରେ ତଥ୍ୟ ଲାଗିଥିବା ସୂଚନା ମିଳିଛି। ଏହାସହ ଗୋଲ୍ଡ ପ୍ଲେଟେଡ ଅଳଙ୍କାର ମଧ୍ୟ ରହିଛି। ଏନେଇ ଲଜିଷ୍ଟିକ ସଂସ୍ଥାର ପୂର୍ବାଞ୍ଚଳ ମୁଖ୍ୟଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। କିଭଳି ଗହଣା ଆସୁଥିଲା ସେସବୁର କ'ଣ ସବୁ ତଥ୍ୟ ରହିଛି ସେନେଇ ତାଙ୍କୁ ଟିମ୍ ପଚରାଉଚରା କରିବ। ଅନ୍ୟପଟେ ଜିଏସ୍‌ଟି ସୁନା ଦୋକାନୀମାନଙ୍କୁ ଡାକି ଜେରା କରିଥିଲେ ମଧ୍ୟ ଜବତ ସୁନା ଏବଂ ରୁପା ଅଳଙ୍କାରର ପରିମାଣ ନେଇ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କିଛି ସ୍ପଷ୍ଟ ହୋଇପାରି ନାହିଁ।

ସୂଚନାନୁସାରେ ସୋମବାର ଅପରାହ୍ନରେ ବିଡିସି ଲଜିଷ୍ଟିକ୍ ପକ୍ଷରୁ ଏହି ସୁନା ଓ ରୁପାକୁ ଦୁଇଟି ଗାଡିରେ ନିଆଯାଉଥିଲା। ଏନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସିଟି ଆଣ୍ଡ୍ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଅତିରିକ୍ତ ଚଢ଼ାଉ କରାଯାଇ ଯାଞ୍ଚ କରି ଗାଡ଼ିକୁ ଅଟକ ରଖି ଖୋଳତାଡ଼ କରିଥିଲେ। ହେଲେ ଉକ୍ତ ଲଜିଷ୍ଟିକ୍ ଗାଡ଼ି ଯାଞ୍ଚ ବେଳେ ଏହି ଡକ୍ୟୁମେଣ୍ଟ ଆଦି ଦେଖାଇ ନ ପାରିବାରୁ ସେମାନେ ଟ୍ୟାକ୍ସ ଫାଙ୍କିଥିବା ସନ୍ଦେହ କରାଯାଇ ସେଗୁଡିକୁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଜବତ କରିଥିଲା।

# ୩୦ରୁ ଅତି ପ୍ରବଳ ବର୍ଷା

**ଆଜି ବି ବର୍ଷିବ**

ଭୁବନେଶ୍ୱର,୨୭।୮ (ଅନୁରାଧା ମହାରଣା)

ପୂର୍ବ ମଧ୍ୟ ଏବଂ ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୁରୁବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାକୁ ଥିବାବେଳେ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। ସୃଷ୍ଟି ହେବାକୁ ଥିବା ଲଘୁଚାପ ଆଗାମୀ ୨ଦିନରେ ପଶ୍ଚିମ- ଉତ୍ତର ଦିଗରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଗତି କରିବ। ଏ ନେଇ ମଙ୍ଗଳବାର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ବୁଧବାର ପ୍ରବଳ ବର୍ଷା (୭ରୁ ୧୧ ସେମି ପର୍ଯ୍ୟନ୍ତ) ହେବା ନେଇ କିଛି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ ଓ ଜଗତ୍‌ସିଂହପୁର ଆଦି ରହିଛି। ୨୯ ତାରିଖରେ ୧୩ ଜିଲାରେ ପ୍ରବଳ ବର୍ଷା ହେବା ସହ ବିଜୁଳି ଓ ଘଡ଼ଘଡ଼ି ମାରିବା ନେଇ ପାଣିପାଗ କେନ୍ଦ୍ର ସତର୍କ କରିଛି। ଲଘୁଚାପ ପ୍ରଭାବରେ ୩୦ ତାରିଖରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ଅତି ପ୍ରବଳ ବର୍ଷା ନେଇ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ାକୁ ଅରେଞ୍ଜ ୱାର୍ନିଂ ଏବଂ ଅନ୍ୟ ୯ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୩୧ ତାରିଖ ପର୍ଯ୍ୟନ୍ତ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି। ସେହିପରି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। କଚ୍ଚା ଘର ଓ କଚ୍ଚା ରାସ୍ତା ଧସିବାର ଭୟ ରହିଥିବାରୁ ରାଜ୍ୟବାସୀ ସତର୍କ ରହିବାକୁ କୁହାଯାଇଛି।

# ରୌପ୍ୟ ଜିତିଲେ ଗଞ୍ଜାମର ବସନ୍ତ

**ଅନ୍ତର୍ଜାତୀୟ ଯୋଗାସନ ପ୍ରତିଯୋଗିତା**

ଛତ୍ରପୁର,୨୭।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଶ୍ରୀଲଙ୍କାର କଲମ୍ବୋଠାରେ ହୋଇଥିବା ଅନ୍ତର୍ଜାତୀୟ ଯୋଗାସନ ପ୍ରତିଯୋଗିତାରେ ଗଞ୍ଜାମ ବ୍ଲକ କରପଡ଼ା ପଞ୍ଚାୟତ ଆଲିଆବାଦ ଗ୍ରାମର ବସନ୍ତ ନାୟକ ଭାରତ ପାଇଁ ରୌପ୍ୟ ପଦକ ଜିତିଛନ୍ତି। ଅଗଷ୍ଟ ୨୨ ତାରିଖରେ ହୋଇଥିବା ଏହି ପ୍ରତିଯୋଗିତାରେ ୧୭ଟି ଦେଶର ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ୨ଜଣ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଥିଲେ। ରୌପ୍ୟ ପଦକ ପାଇଥିବା ବସନ୍ତଙ୍କୁ ଯୋଗଗୁରୁ ଭାବେ ଏସିଆ ପେସିଫିକ ଆୱାର୍ଡ ମଧ୍ୟ ମିଳିଥିଲା। ମଙ୍ଗଳବାର ଶ୍ରୀଲଙ୍କାରୁ ସେ ନିଜ ଜନ୍ମମାଟିକୁ ଫେରିବା ପରେ ଛତ୍ରପୁରଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। କରପଡା ସରପଞ୍ଚଙ୍କ ସମେତ ସ୍ଥାନୀୟ ଯୁବକମାନେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ମଧ୍ୟବିତ୍ତ ପରିବାରର ବସନ୍ତ ନିଜର ପ୍ରତିଭା ବଳରେ ବିଶ୍ୱ ଦରବାରରେ ନିଜକୁ ପରିଚିତ କରିପାରିଛନ୍ତି। ଆଜି ବିଶ୍ୱର କୋଣ ଅନୁକୋଣରେ ଯୋଗ ପହଞ୍ଚିଛି। ପ୍ରତ୍ୟେକ ଲୋକ ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିଛନ୍ତି। ଯୋଗାସନ ପ୍ରତିଯୋଗିତାରେ ଭାରତକୁ ସଫଳତା ଅନେକ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିବ ବୋଲି ବସନ୍ତ କହିଛନ୍ତି। ଆଗାମୀ ଦିନରେ ସେ ସ୍ଥାନୀୟ ଅଞ୍ଚଳର ପିଲାଙ୍କୁ ଯୋଗ ଶିକ୍ଷାଦେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବେ ବୋଲି କହିଛନ୍ତି।



ଛତ୍ରପୁରରେ ବସନ୍ତ ନାୟକଙ୍କୁ ସ୍ୱାଗତ କରାଯାଉଛି।

# ଦ୍ୱିତୀଚନ୍ଦ୍ର ସାହୁ ପାଇବେ ଜାତୀୟ ଶିକ୍ଷକ ସମ୍ମାନ

ରାୟଗଡ଼ା,୨୭।୮ (ଆଶିଷ ରଞ୍ଜନ ପଣ୍ଡା)

ଜନଜାତି ପିଲାଙ୍କ ଶିକ୍ଷାର ବିକାଶ ପାଇଁ ଦୀର୍ଘ ବର୍ଷ ଧରି ନିଆରା ଶିକ୍ଷଣ ପ୍ରକ୍ରିୟାରେ ନିଜକୁ ସାମିଲକରି ଆସିଥିବା ଦ୍ୱିତୀଚନ୍ଦ୍ର ସାହୁ ଜାତୀୟ ଶିକ୍ଷକ ପୁରସ୍କାର ୨୦୨୪ ପାଇଁ ମନୋନୀତ ହୋଇଛନ୍ତି। ସେପ୍ଟେମ୍ବର ୫ ଗୁରୁଦିବସରେ ନୂଆଦିଲ୍ଲୀଠାରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେବେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଲେଷୁ ସରକାରୀ ଉଚ୍ଚ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ ସାହୁ କାର୍ଯ୍ୟ କରୁଛନ୍ତି। ସେ ଏକାଧାରରେ ଶିକ୍ଷକ, ରାଜ୍ୟ ସାଧନ କର୍ମୀ ସହ ସାହିତ୍ୟିକ, ସ୍ତମ୍ଭକାର, କ୍ଷୁଦ୍ର ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଗୀତିକାର ଭାବେ ପରିଚିତ। ଜନଜାତି ଶିକ୍ଷା, ସଂସ୍କୃତି ଓ ଗବେଷଣା ପାଇଁ ସେ ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ବହୁବାର ପୁରସ୍କୃତ ଓ ସମ୍ମାନିତ ମଧ୍ୟ ହୋଇଛନ୍ତି।



ଦ୍ୱିତୀଚନ୍ଦ୍ର ସାହୁ

ରାୟଗଡ଼ା ଜିଲା ପଦ୍ମପୁରରେ ଜନ୍ମିତ ଦ୍ୱିତୀଚନ୍ଦ୍ର ୨୦୦୧ରେ ଶିକ୍ଷକ ଭାବରେ ଯୋଗଦାନ କରିବା ପରେ ଶିକ୍ଷା ଗବେଷଣାରେ ରୁଚି ରଖିଥିଲେ। ଶିକ୍ଷକ ତାଲିମ ପ୍ରଦାନ ସହ ନୂତନ ଗବେଷଣାରେ ଦୀର୍ଘ ୨୩ ବର୍ଷ ଧରି ନିଜକୁ ମନୋନିବେଶ କରିଛନ୍ତି। ଜନଜାତି ପିଲାଙ୍କୁ ବିଦ୍ୟାଳୟ ମୁହାଁ କରିବା ସହ ଅଭିନବ ପଦ୍ଧତିରେ ଶିକ୍ଷାଦାନ ଲାଗି ସେ ନିଆରା ଶିକ୍ଷଣ ପ୍ରକ୍ରିୟାମାନ ଉଦ୍ଭାବନକରି ସବୁସ୍ତରରେ ଚର୍ଚ୍ଚିତ ହୋଇଛନ୍ତି। ଅଦ୍ୟାବଧି ସେ ସାହିତ୍ୟର ବିଭିନ୍ନ ବିଭାଗରେ ୧୮ ଖଣ୍ଡ ପୁସ୍ତକ ରଚନା କରିଛନ୍ତି।

# ୮୦ ଘଣ୍ଟା ପରେ ୧୨ ମତ୍ସ୍ୟଜୀବୀ ଉଦ୍ଧାର

ଅସ୍ତରଙ୍ଗ,୨୭।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)





**୩ ଦିନ ଧରି ସମୁଦ୍ରରେ ୨ ମାଛଧରା ଟ୍ରଲର ଫସିଥିଲା**

ପୁରୀ ଜିଲା ଅସ୍ତରଙ୍ଗ ନୂଆଗଡ଼ ଜେଟି ନିକଟରୁ ଗତ ୫ ଦିନ ତଳେ ମା' କାଳୀ ଓ ମା' ପାର୍ବତୀ ନାମକ ୨ଟି ଟ୍ରଲର ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଇଥିଲେ। କିନ୍ତୁ ଶନିବାର ସକାଳ ୯ଟା ସମୟରେ ମା' ପାର୍ବତୀ ଟ୍ରଲରର ଇଞ୍ଜିନ ଗିଅର ବକ୍ସ ଭାଙ୍ଗି ଯାଇଥିଲା। ଖବରପାଇ ମା' କାଳୀ ନାମକ ଟ୍ରଲର ଉଦ୍ଧାର ପାଇଁ ପହଞ୍ଚିଥିଲା। ହେଲେ ଏହି ଟ୍ରଲରର ମଧ୍ୟ ସମାନ ଘଟଣା ଘଟିଥିଲା। ଫଳରେ ଶନିବାରଠାରୁ ଅସ୍ତରଙ୍ଗ ଦେବୀ ମୁହାଣଠାରୁ ୩ କି.ମି. ଦୂରରେ ମା' ପାର୍ବତୀ ଓ ମୁହାଣଠାରୁ ୨ କି.ମି. ଦୂରରେ ମା' କାଳୀ ଟ୍ରଲର ଫସି ରହିଥିଲା। କିନ୍ତୁ ନୂଆଗଡ଼ ସାମୁଦ୍ରିକ ଥାନାକୁ ଖବର ଦେବା ସତ୍ତ୍ୱେ ଥାନା ପାଖରେ ଥିବା ସ୍ପିଡ୍ ବୋଟ ମୁହାଣ ମଧ୍ୟକୁ ଯିବାକୁ ସକ୍ଷମ ନ ଥିବାରୁ ତାହା ଯାଇପାରି ନ ଥିଲା। ସୋମବାର ସକାଳେ ଅସ୍ତରଙ୍ଗ ସହମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାଶ ନୂଆଗଡ଼ ଜେଟିରୁ ମା' ମଙ୍ଗଳା ଓ ମା' ଜାଡୁଆଣୀ ୨ଟି ଟ୍ରଲର ନେଇ ଉଦ୍ଧାର କରିବାକୁ ଯାଇଥିବାବେଳେ ସମୁଦ୍ର ଅଶାନ୍ତ ଥିବାରୁ ସେ ଫେରିଆସିଥିଲେ। ସୋମବାର ସନ୍ଧ୍ୟା ସମୟରେ ନୂଆଗଡ଼ ସାମୁଦ୍ରିକ ଥାନା ନିକଟରେ ଯୁଗ୍ମ ନିର୍ଦ୍ଦେଶକ ମୁରଲୀଧର ଜେନା, ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ, ସହ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାଶ ଆଲୋଚନା କରି ଏକ ହାଲୁକା ଟାପା ସହାୟତାରେ ଫସି ରହିଥିବା ୨ଟି ଟ୍ରଲର ନିକଟକୁ ଇଞ୍ଜିନ ଗିଅର ବକ୍ସ ପଠାଇଥିଲେ। ମା' କାଳୀ ଓ ମା' ପାର୍ବତୀ ଟ୍ରଲର ଠିକ୍ ପରେ ମଙ୍ଗଳବାର ଅପରାହ୍ନ ୫ଟା ୩୦ମିନିଟ୍ ସମୟରେ ସୁରକ୍ଷିତ ଭାବେ ନୂଆଗଡ଼ ଜେଟି ନିକଟରେ ପହଞ୍ଚିଛି। ମା' କାଳୀ ଟ୍ରଲରରେ ଡ୍ରାଇଭର ଭୋଳାନାଥ ଶୁକ୍ଳା, ପୂର୍ଣ୍ଣଚନ୍ଦ୍ର ବାରିକ, ଟୁଲୁ ଦାଶ, ସଞ୍ଜୟ ବାରିକ, ପୀତାମ୍ବର ସ୍ୱାଇଁ, ତ୍ରିନାଥ ଦାଶ ଥିବାବେଳେ ମା' ପାର୍ବତୀ ଟ୍ରଲରରେ ବସନ୍ତ ନାୟକ, ଅଜୟ ମହାନ୍ତି, ରମେଶ ମହାନ୍ତି, ବୁଦ୍ଧିଆ ବେହେରା, ଶିବ ପରିଡ଼ା ଥିଲେ। ସେମାନେ ନୂଆଗଡ଼ ଜେଟିରେ ପହଞ୍ଚିବା ପରେ ବିଭାଗୀୟ ଅଧିକାରୀ, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ୧୨ ଘଣ୍ଟିଆ ତେଲକୋଇ ବନ୍ଦ

**ପ୍ରସ୍ତାବିତ ସମାକୋଇ-ଚକଦର ଜଳସେଚନ ପ୍ରକଳ୍ପକୁ ବିରୋଧ**

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ତେଲକୋଇ (ରଞ୍ଜିତ ବିଶ୍ୱାଳ),୨୭।୮

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ କରଦାଙ୍ଗି ପଞ୍ଚାୟତ ଅନ୍ତର୍ଗତ ଚକଦରଠାରେ ସମାକୋଇ ନଦୀରେ ପ୍ରସ୍ତାବିତ ସମାକୋଇ-ଚକଦର ଜଳସେଚନ ପ୍ରକଳ୍ପକୁ ବିରୋଧ କରାଯାଇଛି। ସମାକୋଇ-ଚକଦର ପ୍ରକଳ୍ପ ସମନ୍ୱୟ କମିଟିର ଆହ୍ୱାନ କ୍ରମେ ୧୨ ଘଣ୍ଟିଆ ତେଲକୋଇ ବନ୍ଦ ପାଳନ କରାଯାଇଛି। ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହୋଇଥିଲା। ରାଜ୍ୟ ସରକାର ଚଳିତ ବଜେଟରେ ସମାକୋଇ-ଚକଦର ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥବ୍ୟବସ୍ଥା କରିଥିବାରୁ ଦଳମତ ନିର୍ବିଶେଷରେ ଏହାକୁ ବିରୋଧ କରାଯାଇଥିବା ଦେଖିବାକୁ ମିଳିଛି।



ବନ୍ଦ ପାଳନରେ ସାମିଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ଜନସାଧାରଣ।

# ହାତୀ ପାଇଁ ୪ ବନ କର୍ମଚାରୀ ଅଟକ

ନୀଳଗିରି, ୨୭।୮ (ପ୍ରଶାନ୍ତ ବିଶ୍ୱାଳ)

ଜଙ୍ଗଲ ଛାଡି ହାତୀ ଜନବସତିମୁହାଁ। ଅଧିକାଂଶ ସମୟରେ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗି ପକାଉଛନ୍ତି। ଜଙ୍ଗଲ ପାଖ ଗ୍ରାମବାସୀ ରାତିରେ ଶାନ୍ତିରେ ଶୋଇପାରୁନାହାନ୍ତି। ଭୟଭୀତ ଅବସ୍ଥାରେ କାଳ କାଟୁଥିବା ଗ୍ରାମବାସୀ ହାତୀପଲଙ୍କ ଉତ୍ପାତରେ ଅତିଷ୍ଠ ହୋଇପଡିଛନ୍ତି। ବାରମ୍ବାର ଅଭିଯୋଗ ପରେ ବି ହାତୀ ଘଉଡ଼ାଇବାରେ ବନବିଭାଗ ବିଫଳ ହେଉଥିବାରୁ ଏହାକୁ ନେଇ ବାଲେଶ୍ୱର ଜିଲା ଔପଦା ବ୍ଲକ ଢୋଲପୁର ଗ୍ରାମବାସୀଙ୍କ ମଧ୍ୟରେ ମଙ୍ଗଳବାର ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଫରେଷ୍ଟ ଗାର୍ଡ଼ଙ୍କ ସମେତ ୪ ଜଣ ବନ କର୍ମଚାରୀଙ୍କୁ ୨ ଘଣ୍ଟା ଅଟକ ରଖିଥିଲେ। କୁଲଡିହା ରେଞ୍ଜର ପ୍ରବୀର ମୁର୍ମୁ ପହଞ୍ଚି ବୁଝାଶୁଝା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

କୁଲଡ଼ିହା ଅଭୟାରଣ୍ୟ ପାଦଦେଶର ଆଖପାଖ ଅଞ୍ଚଳରେ ହାତୀପଲ ଭୋର ସମୟରେ ଢୋଲପୁର ଗ୍ରାମରେ ପଶି ୨ଜଣଙ୍କ ଘର ଭାଙ୍ଗିବା ବେଳେ ଅନେକ ଫସଲ ନଷ୍ଟ କରିପକାଇଥିଲେ। ହାତୀ ଘଉଡ଼ାଇବାକୁ ବନବିଭାଗ ଉଦ୍ୟମ ଜାରି ରଖିଥିବା ବେଳେ ଉତ୍ୟକ୍ତ ଗ୍ରାମବାସୀ ବନ କର୍ମଚାରୀଙ୍କ ଉପରେ ପ୍ରତିକ୍ରିୟାଶୀଳ ହୋଇ ଅଟକ ରଖିଥିଲେ। ତୁରନ୍ତ କ୍ଷତିପୂରଣ ଦିଆ ନ ଗଲେ ଘରକୁ ମରାମତି କରାଯାଉ ବୋଲି ଗ୍ରାମବାସୀ ଦାବି କରିଥିଲେ।



“ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା– ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। –ଶ୍ରୀଅରବିନ୍ଦ



# ଧୂସର ଦୁନିଆର କଳାକାରନାମା



ଡ. ସନ୍ତୋଷ କୁମାର ମହାପାତ୍ର

ଅନେକ ସମୟରେ କେତେକେ ଧନିକ ଶ୍ରେଣୀଙ୍କ ସ୍ୱାର୍ଥ ପାଇଁ କହିଥାନ୍ତି– ‘କିଛି ଲୋକ କଷ୍ଟକରି ଧନୀ ହେଉଛନ୍ତି ଏବଂ ତାଙ୍କ ଉପରେ ଅଧିକ ଟିକସ ବସାଇ ଯେଉଁ ସମ୍ବଳ ସଂଗ୍ରହ କରାଯାଉଛି ତାହା ବ୍ୟୟକରି କିଛି ଲୋକଙ୍କୁ ବସାଇ ଖାଇବାକୁ ଦିଆଯାଉଛି। ଲୋକଙ୍କୁ ଅଳସୁଆ କରିଦିଆଯାଉଛି। ବାସ୍ତବରେ କେହି ରାଷ୍ଟ୍ରର ସହାୟତା ବିନା ଧନୀ ହୋଇପାରିବ ନାହିଁ କି ରାଷ୍ଟ୍ର ଚାହିଁଲେ କେହି ଭୋକିଲା ଓ ଗରିବ ହୋଇ ରହିବ ନାହିଁ। ଜଣେ ଧନୀ ହୋଇଛି କେବଳ ନିଜ କାର୍ଯ୍ୟ ଦକ୍ଷତା, ପ୍ରତିଭା ଯୋଗୁ ନୁହେଁ କି ଜଣେ ଗରିବ ନିଜ ଦୁର୍ବଳତା, ଅକ୍ଷମତା ଯୋଗୁ ନୁହେଁ। ବରଂ ଜଣେ ଧନୀ ଓ ଗରିବ ହେବା ଭିନ୍ନ ଭିନ୍ନ ପରିସ୍ଥିତି, ସରକାରଙ୍କ ନୀତି ଆଦି ବିଭିନ୍ନ ଫାକ୍ଟର ଉପରେ ନିର୍ଭର କରେ। ଅବଶ୍ୟ ଜଣକର ପ୍ରତିଭା, ଦକ୍ଷତା, ଜ୍ଞାନ ଆଦିର ଗୁରୁ ରହିଛି , କିନ୍ତୁ ଜଣେ ଭୋକିଲା ଓ ଗରିବ ନିଜର ଦୁର୍ବଳତା, ଅଳସୁଆମୀ ଯୋଗୁ ନୁହେଁ। ବିଭିନ୍ନ ଦେଶରେ କ୍ଷୁଧା, ଦାରିଦ୍ର୍ୟ ବ୍ୟାପକ ଅର୍ଥ ନୁହେଁ, ସେହି ସବୁ ଦେଶର ଲୋକ ପରିଶ୍ରମୀ ନୁହନ୍ତି ବା ଅଳସୁଆ ।

ଇଥିଓପିଆର ଜନସଂଖ୍ୟାର ୮୫%ରୁ ଅଧିକ ବର୍ଷା, ଖାଦ୍ୟ ଯୋଗାଣ, କୃଷି ଏବଂ ପଶୁପାଳନ ଉପରେ ନିର୍ଭର କରନ୍ତି, ତେଣୁ ମରୁଡ଼ି ଏବଂ ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଖାଦ୍ୟ ଅଭାବ ସୃଷ୍ଟି କରିପାରେ। ଏଣୁ ଅନ୍ୟ ଦେଶର ସହାୟତା ଆବଶ୍ୟକ। ସେହିପରି ଆମେରିକା ପରି କିଛି ଦେଶ ଅତ୍ୟଧିକ ଋଣ ସତ୍ତ୍ୱେ ଆଗେଇଲା ବେଳେ ଅନେକ ବିକାଶଶୀଳ ଦେଶ ପ୍ରବଳ ପ୍ରଚେଷ୍ଟା ସତ୍ତ୍ୱେ ପଛୁଆ ହେବାର ମୁଖ୍ୟ କାରଣ ହେଲା ଉନ୍ନତ ଦେଶର ମୁଦ୍ରା ରିଜର୍ଭ ମୁଦ୍ରା ଏବଂ ଏହି ମୁଦ୍ରା ସବୁରେ ବାଣିଜ୍ୟ କାରବାର ହୋଇଥାଏ। ଯଦି ଭାରତ, ସମେତ ବିକାଶଶୀଳ ଦେଶ ନିଜ ମୁଦ୍ରାରେ ବାଣିଜ୍ୟ କରିପାରନ୍ତେ, ତେବେ ଅନେକ ଆର୍ଥିକ ସମସ୍ୟା ଆପେ ଆପେ ଦୂର ହୁଅନ୍ତା ଓ ନେଣଦେଣ ସମସ୍ୟା ଉଠନ୍ତା ନାହିଁ।

ବାସ୍ତବରେ ଯେପରି ଧନୀ, ରାଜନେତା, ସେଲିବ୍ରିଟିଜ, କର୍ପୋରେଟ, କ୍ଷମତାଶାଳୀଙ୍କ ସାର୍ଥ ସାଧନ ହେବ ଓ ତାଙ୍କ କଳାଧନ ଠୁଳ କରିବା ସହଜ ହେବ। ସେହିଅନୁସାରେ ଜାତୀୟ, ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଉଛି ଓ ନିୟମ ପ୍ରଣୟନ କରାଯାଉଛି। ଆମେ ଦେଖୁଥିବା ଦୁନିଆ ବ୍ୟତୀତ, ଆଉ ଏକ ଧୂସର ଦୁନିଆ ରହିଛି ; ଯେଉଁଠି କଳାକାରନାମା ଲୁଣ୍ଠନ, ଟିକସ ଫାଙ୍କି ବ୍ୟାପକ। ସାଧାରଣ ଲୋକ ଟଙ୍କାଟିଏ ଟିକସ ଫାଙ୍କିପାରିବ ନାହିଁ, କିନ୍ତୁ ଧନୀମାନେ କୋଟି କୋଟି ଟଙ୍କା ଫାଙ୍କିପାରିବେ। ଟ୍ୟାକ୍ସ ହାଭେନ୍ସ ବା ଟିକସ ଭୂସ୍ୱର୍ଗ ବା ଟିକସ





ଆଶ୍ରୟସ୍ଥଳୀ ବା ଦରିଆପାରି ଆର୍ଥିକ କେନ୍ଦ୍ର ହେଉଛି କ୍ଷୁଦ୍ର ଦେଶ, ଯେଉଁଠି ବିଦେଶୀ ନିବେଶକଙ୍କ ପାଇଁ ପ୍ରଭାବୀ ଟିକସ ହାର ବହୁତ କମ୍। ଯେଉଁଠି ବାହାର ଲୋକଙ୍କୁ ବା ନିବେଶକଙ୍କୁ ସେଠାରେ ସହଜରେ ବ୍ୟବସାୟ କରିବାକୁ ଅନୁମତି ଦିଆଯାଇଥାଏ। ବିଶ୍ୱରେ ଏହିପରି ପ୍ରାୟ ୧୩୩ଟି ଦେଶ ରହିଛି। ସେଠାରେ କର୍ପୋରେଟ ଟ୍ୟାକ୍ସ, ପୁଞ୍ଜି ଲାଭ କର ନ ଥାଏ ବା ସେହିସବୁ ଟ୍ୟାକ୍ସ ହାଭେନ୍ସରେ ଅନେକ ଶେଲ କମ୍ପାନୀ ଖୋଲି କଳା ଟଙ୍କା ରଖନ୍ତି ବା ନିଜର ବ୍ୟବସାୟ କରନ୍ତି।

ଶେଲ୍ କମ୍ପାନୀ କାହାର, ତା’ର ମାଲିକ କିଏ, କିଏ ନିର୍ଦ୍ଦେଶକ, ତାହାର ପତ୍ତା ନ ଥାଏ। ଏହା ଏପରି କି କାଗଜକଲମରେ ମଧ ନ ଥାଏ। ସେଠାରେ ସବୁ ବଡ଼ ରାଷ୍ଟ୍ରମୁଖ୍ୟ, ରାଜନେତା, ଶିଳ୍ପପତି, ପୁଞ୍ଜିପତି, ଧନିକ ଶ୍ରେଣୀ, ସେଲିବ୍ରିଟି ତାଙ୍କ କଳାଟଙ୍କା ରଖିଥାନ୍ତି। କିଛି ବର୍ଷ ତଳେ, ପାନାମା ପେପର୍ସରେ, ପାଣ୍ଡୋରା ଏହିପରି କଳା ଟଙ୍କା ରଖିଥିବା ଧନିକ ଶ୍ରେଣୀ, ସେଲିବ୍ରିଟି, କ୍ଷମତାଶାଳୀଙ୍କ ନାମ ପ୍ରକାଶ ପାଇଥିଲା। ସେମାନଙ୍କୁ ଦଣ୍ଡିତ କରାଯାଇପାରିଲା ନାହିଁ। ବରଂ ଯେଉଁ ବ୍ୟକ୍ତି ଏହି ତଥ୍ୟ ପ୍ରକାଶ କରିଥିଲା, ତାକୁ ମାରିଦିଆଗଲା। ଆଉଏକ ବ୍ୟବସ୍ଥା ଯାହା ବୃହତ୍ ଶିଳ୍ପପତି, ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ସୃଷ୍ଟି କରାଯାଇଛି ତାହା ହେଲା ଦ୍ୱୈତ ଟିକସ ଏଡାଇବା ଚୁକ୍ତିନାମା। ୮୦ଟି ଦେଶ ସହିତ ଭାରତର ମଧ ଏହି ଚୁକ୍ତି ଅଛି। ଯଦି କୌଣସି ବ୍ୟକ୍ତି ବିଦେଶରେ ବ୍ୟବସାୟ ବା ନିବେଶ କରିବାକୁ ଲକ୍ଷ୍ୟ ରଖନ୍ତି, ତେବେ ସେ ନିଜ ଦେଶରେ ଏବଂ ବ୍ୟବସାୟ କରୁଥିବା ଦେଶରେ ଦୁଇଥର ଆୟକର ବା ପୁଞ୍ଜିଲାଭକର ଦେଇଥାନ୍ତି। ଏହି ଚୁକ୍ତି ଅନୁସାରେ ଯଦି ବ୍ୟବସାୟ ବା ନିବେଶ କରୁଥିବା ଦେଶରେ ଆୟକର ବା ପୁଞ୍ଜିଲାଭକର ଟିକସ ଦେଇଥାନ୍ତି, ତେବେ ନିଜ ଦେଶରେ ଆଉ ଟିକସ ଦେବାକୁ ପଡ଼ିବ ନାହିଁ। ଏଣୁ ଅନେକ କମ୍ପାନୀ ନିବେଶକ ସେହି ସବୁ ଟିକସ ଭୂସ୍ୱର୍ଗରେ ପଞ୍ଜୀକୃତ ହୋଇ ଭାରତରେ ନିବେଶ କରିଥାନ୍ତି ଏବଂ ଭାରତରେ ଟିକସ ଦେଇ ନ ଥାନ୍ତି।

ବିନା ପରିଶ୍ରମରେ ଧନିକ ଶ୍ରେଣୀ, ବଡ଼ ବଡ଼ କମ୍ପାନୀ, ପୁଞ୍ଜିପତି ପ୍ରଚୁର ସମ୍ପଦ ଅର୍ଜନ କରିବାର ଏକ ମାଧ୍ୟମ ହୋଇଛି ଷ୍ଟକ ମାର୍କେଟ। କମ୍ପାନୀମାନେ ତାଙ୍କ ପୁଞ୍ଜି ବିକ୍ରି କରି ସମ୍ବଳ ସଂଗ୍ରହ କରିବେ ଏବଂ ଲାଭ ପୁଞ୍ଜି ନିବେଶକମାନଙ୍କୁ ଦେବେ ବୋଲି ମହତ୍ ଉଦ୍ଦେଶ୍ୟରେ ଏହା ସୃଷ୍ଟି ହୋଇଥିଲେ ମଧ ଏହା ମାନିପୁଲେଶନ କରାଯାଇ ଶୋଷଣ ଓ ଲୁଣ୍ଠନର ମାଧ୍ୟମ ହୋଇଛି। ହିଡେନବର୍ଗ ରିପୋର୍ଟରେ ତାହା ପ୍ରକାଶ ପାଇଛି। ଜଣେ ଅଧିକ ଧନୀ ହୋଇଥାଏ ଆବଶ୍ୟକଠାରୁ କମ୍ ଟିକସ ଦେଇ ବା ଟିକସ ଫାଙ୍କି, ଅତ୍ୟନ୍ତ ଶସ୍ତାରେ ଖଣିଜ ସମ୍ପଦ, କମ୍ ସୁଧରେ ଋଣ ପ୍ରାପ୍ତ ହୋଇ ଏବଂ ଏପରି କି ଋଣ ଜାଣିଶୁଣି ନ ଶୁଝିବା, କଳାଧନ ଠୁଳ କରିବା ଯୋଗୁ। ଆହୁରି ମଧ ଆମେ ଟଙ୍କାଟିଏ ଋଣ ନ ଶୁଝିଲେ ଦଣ୍ଡ ମିଳିବ, କିନ୍ତୁ ହଜାର ହଜାର କୋଟି ଟଙ୍କା ଋଣ ଯିଏ ଶୁଝୁନାହାନ୍ତି, ତାଙ୍କୁ ଦଣ୍ଡ ମିଳୁନି। ସେମାନେ ବିଦେଶରେ ଆରାମଦାୟକ ଜୀବନ ବିତାଉଛନ୍ତି। ଯେଉଁମାନେ କଳାଟଙ୍କା ଠୁଳ କରନ୍ତି, ଅପରାଧରେ ସଂଶ୍ଳିଷ୍ଟ ଥାଆନ୍ତି, ନିର୍ବାଚନ ଜିତିବା, ଶାସନ କରିବା ସମ୍ଭାବନା ଅଧିକ। ସେମାନେ ମଧ ନିଯୁକ୍ତିଦାତା ପାଲଟନ୍ତି। ପୁନଶ୍ଚ କର୍ପୋରେଟ ଜଗତ ସରକାରଙ୍କ ବିଭିନ୍ନ ନୀତି ଓ ସିଦ୍ଧାନ୍ତ ସ୍ଥିର କରିବାରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରନ୍ତି ଓ ସଫଳ ହୋଇଥାନ୍ତି। ସେମାନେ ଅନୈତିକ ପ୍ରତିଯୋଗିତା କରି ରାଷ୍ଟ୍ରାୟତ୍ତ ଶିଳ୍ପକୁ ଦୁର୍ବଳ କରନ୍ତି।

ପୁନଶ୍ଚ ଟିକସର ବୋଝ ଆୟ ଅନୁସାରେ ଗରିବଙ୍କ ଉପରେ ବେଶି ପଡୁଛି। ‘ଅକ୍ସଫାମ’ ରିପୋର୍ଟ ଅନୁସାରେ ଦେଶର ମୋଟ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି)ର ପ୍ରାୟ ଦୁଇ ତୃତୀୟାଂଶ ବା ୬୪% ନିମ୍ନରେ ଥିବା ୫୦% ଜନତାଙ୍କଠାରୁ ଆସିଥିବାବେଳେ ଏକ ତୃତୀୟାଂଶ ମଧ୍ୟବିତ୍ତ ୪୦%ଙ୍କଠାରୁ ଆସିଛି। କେବଳ ୩% ଶୀର୍ଷ ୧୦% ଧନୀଙ୍କଠାରୁ ଆସିଛି। ଉତ୍ତରାଧିକାରୀ କର ନାହିଁ ଏବଂ ସମ୍ପଦ କର ଉଚ୍ଛେଦ ହୋଇଛି। ଜଣେ ମଧ୍ୟବିତ୍ତ ଆୟକର ଲୋକ ୩୦% ହାରରେ ଆୟକର ଦେଲାବେଳେ, କୋଟି କୋଟି ଟଙ୍କା ରୋଜଗାର କରୁଥିବା ଲୋକ ଏପରି କି ଆଇପିଏଲ ଖେଳି ; ବିଜ୍ଞାପନ ବାବଦରେ, ଚଳଚ୍ଚିତ୍ରରେ ରୋଲ କରି କୋଟି କୋଟି ଟଙ୍କା ରୋଜଗାର କରୁଥିବା ଲୋକମାନେ ମଧ ସେହି ୩୦% ହାରରେ ଟିକସ ଦେଇଥାନ୍ତି। ପୁନଶ୍ଚ ଯେତେବେଳେ ଦେଶରେ ସମ୍ବଳ ଅଭାବ ଦେଖାଦେଉଛି, ସେତେବେଳେ ସରକାର କର୍ପୋରେଟ ଟିକସ ହ୍ରାସ କରୁଛନ୍ତି, କିନ୍ତୁ କଷ୍ଟାର୍ଜିତ ସଞ୍ଚୟ, ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା ପଲିସ ଉପରେ ଟିକସ ଆଦାୟ କରୁଛନ୍ତି। ଏହି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ।

ମୋ:୯୪୩୭୨୦୮୭୬୨

# ସ୍ୱର



ଅନୀତା ପଟ୍ଟନାୟକ

ହାତୀଟିଏ ହାତୀଶାଳରୁ ଖସି ଆସି ତା’ର ଅନେକ ଦିନର ବନ୍ଧୁ ହରିଣ, ଗାଈ, ବାଘ, ବିଲୁଆ, ଠେକୁଆମାନଙ୍କ ପାଖକୁ ଚାଲି ଆସି ଗୋଟିଏ ପଡ଼ିଆରେ ମିଳିତ ହୋଇଥାଏ। ଠେକୁଆଟି ପଚାରିଲା, ହାତୀଭାଇ ବହୁ ଦିନ ପରେ ଦେଖା, କେମିତି ଅଛ? ହାତୀ ଉତ୍ତର ଦେଇ କହିଲା, ଏ ମଣିଷର ଖପୁରି ଉପରେ ମୃତ୍ୟୁର ସ୍ୱର ସଦାସର୍ବଦା ଝଙ୍କୃତ ହେଉଥିଲେ ମଧ ଗୋଟାଏ ମାହୁନ୍ତକୁ ରଖି ମୋର ମୁଣ୍ଡକୁ ସଦାସର୍ବଦା ଅଙ୍କୁଶରେ ଖେଞ୍ଚୁଛି। ଘୃଣାର ହିସ୍ ହିସ୍ ଶବ୍ଦରେ ମଣିଷ ନିଜେ ଜର୍ଜରିତ। ତା’ର ସ୍ୱରରେ ସେ ହତ୍ୟାକାରୀକୁ ହତ୍ୟାକରେ ନାହିଁ କିମ୍ବା ମୁମୂର୍ଷୁକୁ ମାରେ ନାହିଁ, କେବଳ ସ୍ୱର ଅପବ୍ୟବହାରକରି ନିଜର ଓ ଅନ୍ୟର କ୍ଷତି ପହଞ୍ଚାଇଥାଏ।

ହରିଣ କହିଲା, ତୁମେ ଠିକ୍ କହିଛ। ମଣିଷ ତା’ର ସ୍ୱର ମାଧ୍ୟମରେ ଶାନ୍ତିକୁ ଅସ୍ୱୀକାର କରେ ଓ ସାହସକରି ସମୁଦ୍ରରେ ଉଠୁଥିବା ତୋଫାନ ତରଙ୍ଗକୁ ଶାନ୍ତ କରିପାରେ। ବାଘ ଥାଇ କହିଲା, ଖାଲି ସେତିକି ମଣିଷର ସ୍ୱର, ବୀର ଓ ଗର୍ବୀମାନଙ୍କୁ ଜନ୍ମ ଦେଇଥାଏ। ଗାଈ କହିଲା, ଏ ସବୁ ସତ ଯେ, ଜଣେ ଯେତେ ଧୀର ବୀର ଗର୍ବୀ ହୋଇଥାଉନା କାହିଁକି, ତାକୁ ଦିନେ ନା ଦିନେ ଗୋଚାରଣ କରୁଥିବା ପାଦ ପାଖକୁ ଆସିବାକୁ ହେବ ଓ କୃଷ୍ଣଙ୍କର ବଂଶୀର ସ୍ୱରର ମଧୁରତାକୁ ପାନକରିବାକୁ ହେବ। ଠେକୁଆ କହିଲା, ଭଗବାନ ସୃଷ୍ଟି କରିଥିବା ଏ ସ୍ୱର ଏପରି ଯେ ତାହା ପର୍ବତରେ ପ୍ରତିଧ୍ୱନିତ ହୁଏ। ମରୁଭୂମିର ବାଲିବନ୍ତକୁ ରୋମାଞ୍ଚିତ କରିପାରେ। ସ୍ୱର ନିନାଦିତ କାଳର ଗହ୍ୱରରେ ଅସରନ୍ତି ତାରା ଖଚିତ ଗମ୍ବୁଜ ଗର୍ଭ ଓ ସମାଧି ଗୁହାରେ ମଧ ପ୍ରତିଧ୍ୱନିତ ହେଉଥାଏ। ବିଲୁଆ ଥାଇ କହିଲା, ସ୍ୱର ଅନ୍ତର ଭିତରେ ଓ ନୀରବତାରେ ବିରାଜିତ। ଏହି ସ୍ୱର ଶୁଣି ନ ପାରିଲେ, ମନୁଷ୍ୟ ହତାଶା ଓ ଅନ୍ଧକାରରେ ରୁହେ। ହୃଦ୍‌ତନ୍ତ୍ରୀ ତା’ର ଛିନ୍ନ ହୁଏ, କିନ୍ତୁ ଭୁଲ୍‌ବଶତଃ ଥରେ ଓଁକାର ଧ୍ୱନି ବା ସ୍ୱରକୁ ଶୁଣେ ସେହିଦିନ ମନୁଷ୍ୟ ତା’ର ଜ୍ଞାନର ଦିବସ ପାଳନକରେ। ଏହି ସଭାରେ ଯୋଗଦେଇଥିବା କାଉ, କୋଇଲି, ଶୁଆ ଏକ ସ୍ୱରରେ କହି ଉଠିଲେ, ମଣିଷ ଭିତରେ ଏହି ଓଁକାର ଶବ୍ଦ ରୁଣୁଝୁଣୁ ହେଉଅଛି। ତା’ର ଆତ୍ମାର ମନ୍ଦିର ଭିତରେ ସ୍ୱର ସୃଷ୍ଟି ହେଉଛି ହେଲେ ମଣିଷ ତା’ର ପ୍ରବୃତ୍ତିକୁ ବଦଳାଇପାରୁନାହିଁ। ସେ ଆମ ମାନଙ୍କର ସ୍ୱର ଶୁଣି ହୁରୁଡ଼ାଇ ଦେଉଛି।

ମୟୂରଟିଏ କେଉଁଠି ଥିଲା ପୁଚ୍ଛ ମେଲାଇ ଆସି ପହଞ୍ଚିଗଲା। ସେ କହିଲା, ସ୍ୱର ସର୍ବୋତ୍ତମ ଉପଦେଶ ଭରିଦିଏ। ସେହି ସ୍ୱରକୁ ଶୁଣିବା ପାଇଁ ଋଷିମାନେ ଆକୁଳ। ସେହି ସ୍ୱର ଜଳଧାରାକୁ ବୋହିନିଏ ସମୁଦ୍ର ନିକଟକୁ। କଙ୍କରିତ ଇଲାକାରେ, ଯନ୍ତ୍ରଣାର ଗଳି ଦେଇ ସ୍ୱର ଉପଶମ ଓ ମୁକ୍ତିର ସନ୍ଦେଶ ଦିଏ। ବିଲେଇ ଛୁଆଟିଏ ତା’ର କଥା ରଖି କହିଲା, ମାତାଙ୍କର ସ୍ୱର ମତେ ଗେଲ କରିବା ପରି ଲାଗେ, କ୍ରନ୍ଦନ ଶିଶୁକୁ ଖେଳନା ଦେବା ପରି। ମଣିଷମାନଙ୍କର ଗୁରୁ ଅଛନ୍ତି। ତାଙ୍କର ଦୟାଳୁ ସ୍ୱର ଯୋଗୁ ମଣିଷମାନେ ଆମକୁ ଭଲ ପାଇ କ୍ଷୀର ଭାତ ଦିଅନ୍ତି। ଏହି ସମୟରେ ସିଂହ ଆସି ସେଠାରେ ପହଞ୍ଚିଲା। ସେ କହିଲା, ମୁଁ ସିନା ଗର୍ଜନକରେ କିନ୍ତୁ ମଣିଷମାନଙ୍କର ଗୁରୁ କହନ୍ତି, ସ୍ୱର କୁଆଡ଼େ ଧୀରେ ଧୀରେ କୁହେ। କାନ ଥାଉ ବା ନ ଥାଉ ସେ ପାଖ ଦେଇ ପ୍ରସ୍ଥାନ କରୁଛି। ସ୍ୱର ଶୂନ୍ୟରେ ଜାତ ହୋଇଛି। ସେହି ସ୍ୱର ତୁମ ଓ ମୋ ଭିତରେ ମଧ ରହିଛି। ସେହିସ୍ୱର ଆତ୍ମମାନଙ୍କୁ ଜାଗ୍ରତ କରି ରଖିଛି।

ପାଖରେ ଥିବା ଉଦ୍ଭିଦମାନେ କହିଲେ, ସେଇଥିପାଇଁ ଭଗବାନ୍ ସେହି ସ୍ୱରକୁ ଶୁଣିବା ପାଇଁ ଓ ମୁକ୍ତି ଲାଭ କରିବା ପାଇଁ ଆମକୁ ଏକାନ୍ତବାସୀ ହେବାକୁ ଆହ୍ୱାନ ଦେଇଛନ୍ତି। ଯେଉଁ ସ୍ୱର ଆଦି ଅନନ୍ତ କାଳରୁ ନିନାଦିତ ସେହି ସ୍ୱର ଆମକୁ ଘେନିଯାଏ ବାଟ ଦେଖାଏ। ଭ୍ରୂଣ ଅବସ୍ଥାରୁ ପାଦପଦ୍ମରେ ପହଞ୍ଚାଇଥାଏ ପ୍ରଭୁଙ୍କର କରୁଣାର ସ୍ୱର ଖୁବ୍ କମ୍ ବ୍ୟକ୍ତି ଶୁଣିପାରନ୍ତି।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, କଟକ
ମୋ : ୯୬୯୨୯୮୦୦୨୬

## ଏଇ ଭାରତରେ

ଅମୃତସରର ୧୮ ବର୍ଷୀୟା ରୁହାନି ବର୍ମା ଏକ କାର୍ବନ ନେଗେଟିଭ (କାର୍ବନ ନିର୍ଗମନ କମ୍ କରିପାରୁଥିବା) ଟଏଲେଟ ନିର୍ମାଣ କରିଛନ୍ତି। ଏହା ଭାରତର ପ୍ରଥମ କାର୍ବନ ନେଗେଟିଭ ଟଏଲେଟ। ଏଥିରେ ମୁଖ୍ୟତଃ ପ୍ଲାଷ୍ଟିକ୍ ଓ ଅନ୍ୟ ବର୍ଜ୍ୟର ପୁନଃ ଉପଯୋଗ କରାଯାଇଛି। ୪,୦୦୦ ବର୍ଜ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍ ଲାଗିଛି। ରୁହାନି ସ୍କୁଲରେ ପଢ଼ିବାବେଳେ ପ୍ଲାଷ୍ଟିକ୍ ବ୍ୟାଗ୍ ସଂଗ୍ରହ କରି ସେଥିରୁ ଲେଗୋ ବ୍ରିକ୍ସ ବା ଇଟା ଓ ଫ୍ଲାଟ୍ ସିଟ୍ ତିଆରି କରିବା ପାଇଁ ପଠାଉଥିଲେ। ପରେ ସେସବୁକୁ ବ୍ୟବହାର କରି ଏହି ଟଏଲେଟ ନିର୍ମାଣ କରିଛନ୍ତି। ଏହାର ନିର୍ମାଣ ଲାଗି ଆର୍କିଟେକ୍ଟ ସୁଧୀର ରାଓଙ୍କ ସହଯୋଗ ନେଇଛନ୍ତି। ଉକ୍ତ ଟଏଲେଟ ଶତ ପ୍ରତିଶତ ରିସାଇକେଲଯୋଗ୍ୟ। ସେ ଏହାକୁ ଅମୃତସର ବିମାନବନ୍ଦରରେ ସ୍ଥାପନ କରିଛନ୍ତି ଓ ‘ସ୍ୱଚ୍ଛ ଶୌଚାଳୟ: ଭାରତର ପ୍ରଥମ ପରିବେଶ ଉପଯୋଗୀ ଟଏଲେଟ’ ବୋଲି ବୋର୍ଡରେ ଲେଖାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୭୫

- ରାଜ୍ୟରେ ବନ୍ୟାରେ ୩୪ ଜଣ ପ୍ରାଣ ହରାଇଥିବା ଓ ୩୨ ନିଖୋଜ ହୋଇଥିବା ସମ୍ବାଦ ସରକାରୀ ଭାବେ ଜଣାଯାଇଛି।
- ମଧ୍ୟପ୍ରଦେଶର ପୂର୍ବତନ ବିଧାନସଭା ସଦସ୍ୟ ଭାଇୟାଲାଲ ସିରୋଲିୟା ୧୫୦ କର୍ମୀଙ୍କ ସହ ଜନସଂଘ ଦଳରୁ ଇସ୍ତଫା ଦେଇଛନ୍ତି ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି।
- ଭାରତରୁ ଅଷ୍ଟ୍ରିୟାକୁ ବିନା ଶୁଳ୍କରେ ରିହାତି ଦେଇ ହସ୍ତଶିଳ୍ପ ସାମଗ୍ରୀ ଯୋଗାଇ ଦେବା ସଂକ୍ରାନ୍ତରେ ଏକ ଚୁକ୍ତି ସ୍ୱାକ୍ଷରିତ।

# ଗଣେଶଙ୍କ ଶିର ଲାଭ ଅନୁସରଣେ



ଡ. ନରେନ୍ଦ୍ର କୁମାର ସେଠୀ

ଭାରତର ହିନ୍ଦୁ ଧର୍ମଶାସ୍ତ୍ର ଶିବ ପୁରାଣରେ ସର୍ବାଗ୍ରେ ପୂଜିତ ଗଜାନନ ଗଣେଶଙ୍କର ପିଲାଦିନୁ ହାତୀମୁଣ୍ଡ ନ ଥିଲା। ଭିତରକୁ କାହାକୁ ପ୍ରବେଶ ନ କରିବାର ନିଜ ମାତାଙ୍କ ଆଦେଶକୁ ସମ୍ମାନ କରିବାକୁ ଯାଇ କୈଳାସ ପର୍ବତ ଦ୍ୱାରରେ ଜଗି ବସିଥିବା ଗଣେଶ ନିଜ ଅଜାଣତରେ ମହାକାଳ ଶିବଙ୍କୁ ଆହ୍ୱାନ କରିଥିଲେ ଓ ନିଜେ ଭଗବାନ ଶିବ ଯୁଦ୍ଧରେ ଗଣେଶଙ୍କର ଶିର ଛେଦନ କରିଥିଲେ। କିନ୍ତୁ ପରେ ଅନୁତପ୍ତ କରି ହାତୀମୁଣ୍ଡକୁ ଗଣେଶଙ୍କ ମୁଣ୍ଡ ଭାବରେ ପ୍ରତିରୋପଣ କରାଗଲା। ଏହାକୁ ପୌରାଣିକ ଇତିହାସର ପ୍ରଥମ ଶିର ପ୍ରତିରୋପଣ କୁହାଯାଇପାରେ। ସେହିପରି ପାର୍ବତୀଙ୍କ ପିତା ଦକ୍ଷ ପ୍ରଜାପତିଙ୍କ ଅପମାନ ସହି ନ ପାରି ଶିବ କ୍ରୋଧିତ ହୋଇ ତାଙ୍କର ଶିର ଛେଦନ କରିଥିଲେ। ପରେ ଅନୁତପ୍ତ ହୋଇ ଦକ୍ଷଙ୍କ ମୁଣ୍ଡରେ ଛେଳିମୁଣ୍ଡ ପ୍ରତିରୋପଣ କରିଥିଲେ। ପ୍ରାଚୀନ ଭାରତୀୟ ଭେଷଜ ଶାସ୍ତ୍ର ସୁଶ୍ରୁତ ସଂହିତାରେ ଅଙ୍ଗ ପ୍ରତିରୋପଣ କରିଥିବାର ବର୍ଣ୍ଣନା କରିଛନ୍ତି। ଖ୍ରୀଷ୍ଟପୂର୍ବ ୭୦୦ରୁ ୫୦୦ ମଧ୍ୟରେ ପ୍ରାଚୀନ ଗ୍ରୀକ୍ ଶାସ୍ତ୍ରରେ ଅନେକ ପ୍ରକାର ପ୍ରାଣୀଙ୍କ ଅଙ୍ଗକୁ ମିଶାଇ ସଙ୍କର ଜାତୀୟ ପ୍ରାଣୀ ଉତ୍ପତ୍ତି କରିବାର ଉଦାହରଣ ଅଛି। ସିଂହ ଶରୀର, ସାପ ଲାଞ୍ଜ, ଛେଳି ମୁଣ୍ଡକୁ ନେଇ ଏହି ପ୍ରଜାତିକୁ ଚିମେରା କୁହାଯାଉଥିଲା। ତେବେ ନିକଟରେ ଜଣେ ଲୋକର ଶରୀରରୁ ମୁଣ୍ଡକୁ ରୋବଟ୍ ସାହାଯ୍ୟରେ ଅଲଗା କରିଦେଇ ତାକୁ ଅନ୍ୟ ଜଣେ ଲୋକର ମୁଣ୍ଡ ସାହିର ଅଦଳବଦଳ କରିଦେଉଥିବା ଏକ ଭୟଙ୍କର ଓ ବିଚଳିତ କଳାପରି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଅନେକ ଲୋକ ଆଶଙ୍କାରେ ପଡିଗଲେ। ଏପରି ଦୁଃସାହସିକ କାର୍ଯ୍ୟ କରି ଭେଷଜ ବିଜ୍ଞାନରେ ଇତିହାସ ସୃଷ୍ଟି କରିବା ପାଇଁ ବ୍ରେନବ୍ରିଜ୍ ନାମକ ଆମେରିକାର ଏକ ଷ୍ଟାର୍ଟଅପ୍ କମ୍ପାନୀ ଏହି ଆନିମେଟେଡ ଭିଡିଓ ପ୍ରସାରିତ କରି ଈଶ୍ୱରଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବା ନାହିଁ ବୋଲି କହିଛି। ଏହି ତନ୍ତ୍ରିକା ବିଜ୍ଞାନ ଓ ଜୈବ ଚିକିତ୍ସା ଷ୍ଟାର୍ଟଅପ୍ କମ୍ପାନୀ ଈଶ୍ୱରଙ୍କୁ ଯଥାରୀତି ସମ୍ମାନ ପ୍ରଦାନ କରି ବିଶ୍ୱର ପ୍ରଥମ ସଫଳ ମାନବ ମସ୍ତିଷ୍କ ପ୍ରତିରୋପଣ କରିବାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛି।

ଏହି ସଂସ୍ଥା ଏବେ ଖୁବ୍ ଗୋପନୀୟ ଭାବରେ ଏହି ଯୁଗାନ୍ତରୀ ଓ ବୈପ୍ଳବିକ ଗବେଷଣାକୁ ଜାରି ରଖିଛି। ଯଦି ଏହା ସଫଳ ହୁଏ ତାହାହେଲେ ମାନବ ଚିକିତ୍ସା କ୍ଷେତ୍ରରେ ଏହା ଏପରି ବିପ୍ଳବ ଆଣିଦେବ ତାହାର କଳ୍ପନା କଲେ ଆଶ୍ଚର୍ଯ୍ୟ ଚକିତ ହେବେ। ଏହା ଫଳରେ ଦୁରାରୋଗ୍ୟ କର୍କଟର ଶେଷ ଅବସ୍ଥାରେ ପଡିଥିବା ରୋଗୀ, ପକ୍ଷାଘାତ, ମସ୍ତିଷ୍କଜନିତ ରୋଗୀ ଓ ଅନ୍ୟ ଚିକିତ୍ସା ଦ୍ୱାରା ବିଫଳ ହୋଇଥିବା କଷ୍ଟସାଧ୍ୟ ରୋଗୀମାନଙ୍କୁ ସଫଳ ଉପଚାର ମିଳିପାରିବ। ଏହି ପ୍ରକ୍ରିୟାରେ ଏକ ଅଚଳ ଶରୀର କିନ୍ତୁ ସୁସ୍ଥ ଥିବା ବ୍ୟକ୍ତିର ଶିରକୁ ବ୍ରେନଡେଡ୍ ଥିବା ରୋଗୀ



ସହିତ ପ୍ରତିରୋପଣ କରିହେବ। ମୁଣ୍ଡ ତଳକୁ ଅନ୍ୟ ଶରୀର ଥିଲେ ମଧ ଦୁଇ ଶରୀରକୁ ମିଶାଇ ଏକ ସୁସ୍ଥ ମଣିଷ ବଞ୍ଚି ଉଠିବ। ନିକଟରେ ଶିଳ୍ପପତି ଏଲୋନ ମସ୍କ ତାଙ୍କ କମ୍ପାନୀ ନ୍ୟୁରୋଲିଙ୍କ୍‌ରେ ଜଣେ ମଣିଷ ମସ୍ତିଷ୍କରେ କମ୍ପ୍ୟୁଟର ଚିପ୍ ପ୍ରତିରୋପଣ ସଫଳତାର ସହିତ କରିଥିଲେ। ଏହି ଶିର ପ୍ରତିରୋପଣ ପରି ଜଟିଳ ପ୍ରକ୍ରିୟା ପାଇଁ ସବୁଠୁ ବଡ଼ ସମସ୍ୟା ହେଲା ଭେଷଜ ଚିକିତ୍ସା ବିଜ୍ଞାନରେ ଶିରା ଓ ମେରୁଦଣ୍ଡଜନିତ ମରାମତି ଚିକିତ୍ସାର ପାରଙ୍ଗମତା ଏଯାଏ ଠିକ୍ ଭାବରେ ହୋଇପାରିନାହିଁ। ତେବେ ମୁଣ୍ଡ ପ୍ରତିରୋପଣ ବିଜ୍ଞାନ ଇତିହାସରେ ବିଂଶ ଶତାବ୍ଦୀରେ ପ୍ରଥମେ ୧୯୦୮ରେ ଦୁଇଟି କୁକୁରକୁ ନେଇ ବିଫଳତାର ସହିତ ଚେଷ୍ଟା କରାଯାଇଥିଲା। ୧୯୫୦ରେ ରୁଷିଆର ଭ୍ଲାଡିମିର ଡେମିକଭ ନାମକ ବୈଜ୍ଞାନିକ ଅନୁରୂପ ଚେଷ୍ଟା କରି ବିଫଳ ହୋଇଥିଲେ। ୧୯୭୦ ମସିହାରେ ଆମେରିକୀୟ ନୃତତ୍ତ୍ୱ ବିଜ୍ଞାନୀ ମାଙ୍କଡ଼ ମୁଣ୍ଡ ପ୍ରତିରୋପଣ ସଫଳତାର ସହିତ କରିଥିଲେ ଓ ଏହି ପ୍ରକ୍ରିୟାରେ ମାଙ୍କଡ଼ ଆଠଦିନ ପର୍ଯ୍ୟନ୍ତ ବଞ୍ଚିଥିଲେ ମଧ ମସ୍ତିଷ୍କ ମେରୁଦଣ୍ଡ ସହିତ ସଂଯୋଗ ନ କରିପାରିବାରୁ ମାଙ୍କଡ଼ ମୃତ୍ୟୁବରଣ କରିଥିଲା।

ନିକଟରେ ୨୦୧୭ରେ ଇଟାଲୀର ସର୍ଜଓ କାନବେର ନାମକ କୁଖ୍ୟାତ ନୃତତ୍ତ୍ୱଶାସ୍ତ୍ରୀ ମାନବ ମସ୍ତିଷ୍କ ପ୍ରତିରୋପଣ କରିବାର ଦାବି କରିଥିଲେ ମଧ ଏହାର ସତ୍ୟତା ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହିଁ। ଯେତେ ବିଳମ୍ବ ହେଲେ ମଧ ଏହି ବିରଳ ଚିକିତ୍ସା ପଦ୍ଧତି ନିଶ୍ଚୟ ଭବିଷ୍ୟତରେ ସଫଳ ହେବ ଏଥିରେ ସନ୍ଦେହ ନାହିଁ। କିନ୍ତୁ ଏହା ପଛରେ ଥିବା ମାନବ ନୈତିକତା ବିରାଟ ପ୍ରଶ୍ନବାଚୀ ଛିଡା କରିବ। ଜଣେ ଦୁଇଟି ଭିନ୍ନ ମଣିଷର ଶରୀର ଓ ମୁଣ୍ଡକୁ ନେଇ ଜୀବିତ ହୋଇଥିବା ଲୋକର ସାମାଜିକ ପରିଚୟ କ’ଣ ହେବ ଓ ତା’ର ଆଇନଗତ ଅଧିକାର ବିଷୟରେ ତର୍ଜମା ହେବା ନିହାତି ଜରୁରୀ। ମାନବର ମୁଣ୍ଡ ଶରୀରର ମାତ୍ର ଆଠ ପ୍ରତିଶତ ଓଜନ ବହନ ଓ ଅବଶିଷ୍ଟ ଶରୀର ବୟାନବେ ଭାଗ ଓଜନ ବହନ କରୁଥିବା ବେଳେ ଆଇନଗତ ଅଧିକାର ମୁଣ୍ଡର ହେବ ନା ଦେହର ତାହା ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ତେଣୁ ଦେହଥିବା ବ୍ୟକ୍ତିର ମୁଣ୍ଡ ହେବ ନା ମୁଣ୍ଡଥିବା ବ୍ୟକ୍ତିର ଦେହ ହେବ, ତାହା ନିର୍ଣ୍ଣୟ କରିବା କଷ୍ଟକର ହୋଇପାରେ। ତେବେ ହିନ୍ଦୁ ପୌରାଣିକ ଗ୍ରନ୍ଥରେ ଗଣେଶ ଓ ଦକ୍ଷଙ୍କ ଭଳି ଦୁଇଟି ଅତି ଲୋକପ୍ରିୟ ଶିର ପ୍ରତିରୋପଣ ଘଟଣାରେ ପରିଚୟ ଦେହକୁ ମିଳିଥିଲା ଓ ମୁଣ୍ଡ ତା’ର ପରିଚୟ ହରାଇ ବସିଥିଲା, କିନ୍ତୁ ଆଧୁନିକ ଆଇନକାନୁନ କାହାକୁ ଚୟନ କରିବ ତାହା ଦେଖିବାକୁ ବାକି ରହିଲା। ବିଜ୍ଞାନ ଯେତେ ଆଗକୁ ଯିବ ଓ ତା’ର ପରିଣାମ ସବୁବେଳେ ମଣିଷକୁ ଅପାର ଉପକାର ଦେବା ସଙ୍ଗେ ସଙ୍ଗେ କିଛକୁ ପରିଣାମ ମଧ ଆଣିଦେଇଥାଏ ମାନବ କ୍ଲୋନିଙ୍ଗ, ଶିର ପ୍ରତିରୋପଣ, ଯନ୍ତ୍ର ମାନବ ଇତ୍ୟାଦି ବିଜ୍ଞାନର ଚରମ ସଫଳତା ହୋଇପାରେ, କିନ୍ତୁ ଏହା ଈଶ୍ୱରଙ୍କ ଅଙ୍କିତ ଦୁନିଆରେ ହସ୍ତକ୍ଷେପ କରି ସନ୍ତୁଳନକୁ ବିଗାଡିଦେବା ଭଳି ପରିସ୍ଥିତି ସୃଷ୍ଟି ନ କରୁ। ତେବେ ବିଜ୍ଞାନର ଏହି ଗଣେଶଙ୍କ ଶିର ପ୍ରତିରୋପଣ ଅନୁସରଣ ପଦ୍ଧତି ମାନବ କଲ୍ୟାଣମୁଖୀ ହେଉ ।

ମୋ: ୭୦୦୪୦୬୮୧୧୦

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | 5 |
| | | | 7 | 4 | | 3 | | 9 |
| | | | | | | | 1 | |
| | | 5 | 4 | | 3 | | | |
| | 2 | | 5 | | | | | |
| | | 7 | | 2 | 8 | | | |
| | 5 | | | 8 | | 9 | | |
| 4 | | | | | | | 6 | 1 |
| | 1 | 2 | | | | | 7 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 5 | 2 | 7 | 9 | 6 | 1 | 3 |
| 1 | 6 | 7 | 3 | 8 | 4 | 5 | 2 | 9 |
| 9 | 3 | 2 | 5 | 6 | 1 | 7 | 8 | 4 |
| 6 | 2 | 9 | 7 | 1 | 5 | 3 | 4 | 8 |
| 8 | 1 | 4 | 6 | 3 | 2 | 9 | 7 | 5 |
| 5 | 7 | 3 | 4 | 9 | 8 | 1 | 6 | 2 |
| 3 | 9 | 8 | 1 | 2 | 7 | 4 | 5 | 6 |
| 2 | 4 | 1 | 9 | 5 | 6 | 8 | 3 | 7 |
| 7 | 5 | 6 | 8 | 4 | 3 | 2 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବୋଚ୍ଚ ପୁରସ୍କାରରୁ ବଞ୍ଚିତ

ମହାଶୟ,

ନବେଦଶକ ପାର୍ କରିଥିବା ଗଣଅର୍ଦ୍ଧଶତାବ୍ଦୀର ନାୟିକା ନିକଟରେ ରାଷ୍ଟ୍ରପତିଙ୍କଠାରୁ ପଦ୍ମ ବିଭୂଷଣ ପ୍ରାପ୍ତ ହେବା ଏକ ଶୁଭ ସୂଚନା। ପ୍ରଥମ ହିନ୍ଦୀ ଛବି ବାହାରରୁ ହିଁ ସେ ନିଜର ଦକ୍ଷତା ପ୍ରତିପାଦିତ କରିଯାଇଛନ୍ତି। ସାୟାଁ ଦିଲମୋଆନାରେ ଆକୋ ଫୀରନ ଯାନାରେ ଏବେ ମଧ ଶ୍ରୁତିମଧୁର। ମଦହୋସ ଜସମିରି ପରେ ତାଙ୍କର ଡଜନ ଡଜନ ଛବି ଅଛି। ନାଗୀନ ନିମନ୍ତେ ସୁନାମ ପାଇଛନ୍ତି। ମଧୁମତୀ, ସାଧନା, ନୟାଦୌର, ଗଙ୍ଗାଯମୁନା, ସଙ୍ଗମ, ସୂରଜ ଓ ସାଥୀ ମନେ ରଖିବା ଭଳି ଚଳଚ୍ଚିତ୍ର। ସେ ଦେବାନନ୍ଦ, ଦିଲ୍ଲୀପ କୁମାର, ରାଜ କପୁର, ବଲରାଜ ସାହାନୀ, ରାଜେନ୍ଦ୍ର କୁମାର, ସୁନୀଲ ଦତ୍ତ, ଅଶୋକ କୁମାର, କିଶୋର କୁମାର, ମନୋଜ କୁମାର, ରାଜ କୁମାର, ଉତ୍ତମ କୁମାର, ଜ୍ୟାମିନ ଗଣେଶନ ତଥା ଧର୍ମେନ୍ଦ୍ରଙ୍କ ପରି ଅଭିନେତାଙ୍କ ସହ ଅଭିନୟ କରିଯାଇଛନ୍ତି। ଦୁଇ ଦଶନ୍ଧିର ଅଭିନୟ। ବର୍ଷକୁ ହାରାହାରି ତିନୋଟି ଫିଲ୍ମରେ ଦୃଶ୍ୟ ଏହି ଅଭିନେତ୍ରୀଙ୍କ ସହ ନାୟକ ଗଣଦାଦାସାହେବ ଫାଲ୍‌କେ ପୁରସ୍କାର ପାଇ ଅଧିକାଂଶ ଆଉ ଇହ ଜଗତରେ ନାହାନ୍ତି। ମାତ୍ର ଦୁଃଖ ଓ ପରିତାପର ବିଷୟ ବୈଜୟନ୍ତୀ ମାଳା ଆଜିଯାଏ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ପୁରସ୍କାରରୁ ବଞ୍ଚିତ ହୋଇ ରହିଛନ୍ତି।

–ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲୀ, ବ୍ରହ୍ମପୁର

### ଭାଏଡକ୍ଟ ନିର୍ମାଣର ଆବଶ୍ୟକତା

ଓଡ଼ିଶାରେ କାର୍ଯ୍ୟକାରୀ ହେବାକୁ ଥିବା ୬ଟି ନୂଆ ରେଳପ୍ରକଳ୍ପ ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି ଜିଲାକୁ ଅନ୍ତର୍ଭୁକ୍ତ କରିବ । ଉକ୍ତ ଜିଲାଗୁଡ଼ିକର କେତେକ ସ୍ଥାନ ଘଞ୍ଚ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ । ଏହି ପରିପ୍ରେକ୍ଷୀରେ, ଜୀବଜନ୍ତୁ ଚଲାପଥ, ଜଙ୍ଗଲ ସୁରକ୍ଷା ଆଦିକୁ ଦୃଷ୍ଟିରେ ରଖି ଭାରତୀୟ ରେଳ କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥାନରେ ଭାଏଡକ୍ଟ ନିର୍ମାଣ କରିବା ଆବଶ୍ୟକ । ଭାଏଡକ୍ଟ ବ୍ୟବସ୍ଥାରେ ଜଙ୍ଗଲ ମଧ୍ୟରେ ରେଳପଥ ପାଇଁ ବ୍ରିଜ୍ ନିର୍ମାଣ ହୋଇଥାଏ । ବ୍ରିଜ୍ ତଳେ ବନ୍ୟଜନ୍ତୁ ଚଳପ୍ରଚଳ କରିଥାଆନ୍ତି ଏବଂ ସେମାନଙ୍କୁ ରେଳଗାଡ଼ିର ଶବ୍ଦ ଶୁଭି ନ ଥାଏ । ଫଳସ୍ୱରୂପ, ଭାଏଡକ୍ଟ ନିର୍ମାଣ ଘଞ୍ଚ ବନାନୀ, ଜୈବ ବିବିଧତା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଆଦିକୁ ସୁନିଶ୍ଚିତ କରିବ ।

–ନବନିତ୍ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରଭାତୀ ସ୍ୱରେ ଆଜି କୁକ୍କୁଟ ଡାକେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ।
ଅଧରେ କିମ୍ପା ତବ ବ୍ୟଥାର କମ୍ପନ ଗୋ
ବଦନେ କିପାଁ ତବ ହାସ ନ ଲାଖେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ।
–(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପହଞ୍ଚିଲେ ୧୧ ନାବିକ, ଆଉ ୩ ନିଖୋଜ

## ପଣ୍ୟବାହୀ ଜାହାଜ ଆଇଟିଟି ପୁମା ବୁଡ଼ିବା ଘଟଣା

ପାରାଦୀପ,୨୭।୮
(ଶରତ ରାଉତ)

ସାଗରଦୀପଠାରୁ ୯୦ ନଟିକାଲମାଇଲ ଦୂରରେ ରବିବାର ରାତିରେ ଏକ ପଣ୍ୟବାହୀ ଜାହାଜ ଏମ୍‌ଭି ଆଇଟିଟି ପୁମା ପାଣିରେ ବୁଡ଼ିଯାଇଥିଲା। ସେଥିରେ ୧୧ଜଣ ନାବିକଙ୍କୁ କୋଷ୍ଟଗାର୍ଡ ଉଦ୍ଧାର କରିଛି। ମଙ୍ଗଳବାର ସମ୍ପୃକ୍ତ ନାବିକମାନେ ପାରାଦୀପ ବନ୍ଦରରେ ପହଞ୍ଚିଛନ୍ତି। ସେମାନେ ହେଲେ କୋଲକାତାର ଦିବାକର ସାହୁ (୫୨), ଅନୁପ ରାୟ (୨୩), ତୁଇହି ପଲ (୨୩), ରିତମ ସାହା (୨୧),ଅରୁଣ ବାନାର୍ଜୀ (୫୪), ଅତନୁ ବିଶ୍ୱାସ (୨୦), ଦିଲ୍ଲୀର ସୟଦ ବକରିନ ଜାଫରଦ (୫୨), ତାମିଲନାଡୁର ସାବୋରି ଆନନ୍ଦନ (୩୩), ଆନ୍ଧ୍ରପ୍ରଦେଶର ବି.କ୍ରିଷ୍ଣା (୩୫), ଉତ୍ତରପ୍ରଦେଶର ଶୀତଳା ପ୍ରସାଦ ପଟେଲ (୩୦) ଏବଂ ପୋର୍ଟବ୍ଲେୟାରର ଅମର ଭାଚଳ (୨୪)। ବନ୍ଦର ହସ୍ପିଟାଲରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତେ ସୁସ୍ଥ ଥିବା ସ୍ୱଷ୍ଟ ହେବା ପରେ ସେମାନଙ୍କୁ ଆଇଟିଟି ପୁମା ଲାଇନ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। କିନ୍ତୁ ଆଉ ୩ ଜଣ ନିଖୋଜ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଜାହାଜର କ୍ୟାପଟେନ୍ ଓ ଅନ୍ୟ ୨ ଜଣ ନାବିକ ରହିଛନ୍ତି। ସେମାନଙ୍କୁ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ଓ ଡୋନିୟର ଏୟାରକ୍ରାଫ୍ଟ ଜରିଆରେ ଖୋଜା ଚାଲିଛି।

ସୂଚନାଯୋଗ୍ୟ, ମୁମ୍ବାଇ ପଞ୍ଜୀକୃତ ପଣ୍ୟବାହୀ ଜାହାଜ ଆଇଟିଟି ପୁମା ଅଗଷ୍ଟ୨୫ରେ କୋଲକାତା ବନ୍ଦରରୁ ପଣ୍ୟ ଖଲାସ କରି ପୋର୍ଟବ୍ଲେୟାର ଯିବାବେଳେ ସମୁଦ୍ର ମଝିରେ ବୁଡି ଯାଇଥିଲା। ଜାହାଜ ବୁଡ଼ିବା ପୂର୍ବରୁ କ୍ୟାପଟେନ ଜିପିଏସ୍ ଜରିଆରେ କୋଷ୍ଟଗାର୍ଡ ମୁଖ୍ୟାଳୟ ଚେନ୍ନାଇକୁ ସୂଚନା ଦେଇଥିଲେ। କୋଷ୍ଟଗାର୍ଡ ପକ୍ଷରୁ ତୁରନ୍ତ କୋଲକାତାକୁ ସୂଚନା ଦିଆଯାଇଥିଲା। ପାଟ୍ରୋଲିଂ ଜାହାଜ ସାରଙ୍ଗ ଓ ଅମୋଘ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ରାତିରେ ୬ଜଣଙ୍କୁ ଉଦ୍ଧାର କରିଥିଲେ। ସୋମବାର ସକାଳେ ଅନ୍ୟ ୫ ଜଣଙ୍କୁ ଉଦ୍ଧାର କରିଥିଲେ। ଏଥିରେ ଡୋନିୟର ଏୟାରକ୍ରାଫ୍ଟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି।

ଉଦ୍ଧାର ଚିଫ୍ ଇଞ୍ଜିନିୟର ଦିବାକର ସାହୁ ନିଜ ଅଙ୍ଗେନିଭା ଘଟଣା ସମ୍ପର୍କରେ କୁହନ୍ତି, କୋଲକାତା ବନ୍ଦରରେ ପଣ୍ୟ ଖଲାସ ବେଳେ ଜାହାଜରେ କଣା ହୋଇ ଯାଇଥିଲା। ଏସମ୍ପର୍କରେ ସେମାନେ ପରେ ଜାଣି ପାଣି କଣା ବନ୍ଦ କରିବା ପାଇଁ ସମସ୍ତ ଚେଷ୍ଟା କରିଥିଲେ। ମାତ୍ର ବିଫଳ ହୋଇଥିଲେ। ଶେଷରେ କ୍ୟାପଟେନ୍ ଲାଇଫ ଜ୍ୟାକେଟ ଓ ଲାଇଫ୍ ବୋଟ ଜରିଆରେ ଜୀବନ ବଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଲେ। ଲାଇଫ ଜ୍ୟାକେଟ୍ ପିନ୍ଧି ଦିବାକର ଜାହାଜ ବୁଡିବାଠାରୁ ପ୍ରାୟ ୩୦ ମିଟର ଦୂରରେ ଭାସୁଥିଲେ। ଗୋଟିଏ ପଟେ ମୃତ୍ୟୁ ଅନ୍ୟପଟେ ଜୀବନ ଆଶାରେ ସେମାନେ ଥିଲେ। ଏଭଳିସ୍ଥିତିରେ କୋଷ୍ଟଗାର୍ଡ ପହଞ୍ଚି ସେମାନଙ୍କୁ ନୂଆ ଜୀବନ ଦେଇଛନ୍ତି ବୋଲି ଦିବାକର କୁହନ୍ତି। ଯେଉଁ ଜାଗାରେ ଜାହାଜ ବୁଡ଼ିଛି ସେଠାରେ ସମୁଦ୍ର ଅଶାନ୍ତ ରହିଛି। ଅନ୍ୟତମ ନାବିକ ସୟଦ ବକରିନ ଜାଫରଦ ଏହା ତାଙ୍କ ପାଇଁ ନୂଆ ଜୀବନ ବୋଲି କହିଛନ୍ତି।


କୋଷ୍ଟଗାର୍ଡ ଟିମ୍ ସହ ଉଦ୍ଧାର ନାବିକମାନେ।

# ଝିଙ୍ଗିଆ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଲହୁଣୀପଡ଼ା, ୨୭।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମଙ୍କର ମଙ୍ଗଳବାର ଦଶାହକ୍ରିୟା ହୋଇଥିଲା। ଜୁଏଲଙ୍କ ପୈତୃକ ଗ୍ରାମ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ କେନ୍ଦୁଡ଼ିହିସ୍ଥିତ ବାସଭବନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ଦିବଂଗତ ଝିଙ୍ଗିଆଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଦଶାହକ୍ରିୟା ନିମନ୍ତେ ମଧ୍ୟାହ୍ନ ୧ଟାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳଠାରୁ ସଡ଼କପଥରେ ଆସି କେନ୍ଦୁଡ଼ିହିଠାରେ ପହଞ୍ଚିଥିଲେ। ଅପରାହ୍ନ ୨ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ତାଙ୍କ ସ୍ତ୍ରୀ ହେଲିକପ୍ଟର ଯୋଗେ ରାଉରକେଲାରେ ପହଞ୍ଚି ସେଠାରୁ ସଡକ ପଥରେ କେନ୍ଦୁଡ଼ିହି ଗ୍ରାମରେ ପହଞ୍ଚିଥିଲେ। ଝିଙ୍ଗିଆ ଓରାମଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏହା ସହିତ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଡ଼ିହିକୁ କେନ୍ଦ୍ର ତଥା ରାଜ୍ୟସ୍ତରର ବହୁ ରାଜନେତା, ବିଶିଷ୍ଟ ବ୍ୟକ୍ତିଙ୍କ ଆଗମନ ଘଟୁଥିବାରୁ ସୁନ୍ଦରଗଡ଼ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ତଦାରଖ କରାଯାଉଛି। ଗତ ୧୭ ତାରିଖ ବିଳମ୍ବିତ ରାତିରେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଝିଙ୍ଗିଆଙ୍କ ମୃତ୍ୟୁ ଘଟିଥିଲା। ପୈତୃକ ଗ୍ରାମ କେନ୍ଦୁଡ଼ିହିଠାରେ ଅନ୍ତିମ ସତ୍କାର କରାଯାଇଥିଲା।

## ଧକ୍କା ଦେଇ ସ୍କୁଟିକୁ ଘୋଷାଡ଼ି ନେଲା ଟ୍ରକ୍, ୨ ମୃତ

ଭଦ୍ରକ,୨୭।୮ (ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବହୁଦରଡ଼ା ଓଭରବ୍ରିଜ୍ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ସହ ମୁହାଁମୁହିଁ ଧକ୍କା ହେବା ପରେ ଟ୍ରକ୍‌ଟି ଘୋଷାଡ଼ି ନେବାରୁ ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ୨ ସ୍କୁଟି ଆରୋହୀ ହେଉଛନ୍ତି ଯାଜପୁର ଜିଲା ଦାନଗଦି ଅଞ୍ଚଳର ଶିବାଶିଷ ମଲ୍ଲିକ(୨୧) ଓ କୁଆଖିଆ ସାହସପୁରର ପୃଥ୍ୱୀରାଜ ଜେନା(୧୭)।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଜାତୀୟ ରାଜପଥର ଓଭରବ୍ରିଜ୍ ନିକଟରେ ଟ୍ରକ୍‌ଟି କଟକ ପଟୁ ରଙ୍ଗ୍ ସାଇଡ୍‌ରେ ଆସୁଥିବା ବେଳେ ଭଦ୍ରକରୁ ଏକ ସ୍କୁଟିରେ ୨ଜଣ ନିଜ ଘର ଯାଜପୁରକୁ ଫେରୁଥିଲେ। ଉକ୍ତ ଓଭରବ୍ରିଜ୍ ନିକଟରେ ମୁହାଁମୁହିଁ ଧକ୍କା ହେବା ପରେ ପ୍ରାୟ ଅଧା କିଲୋମିଟର ପର୍ଯ୍ୟନ୍ତ ସ୍କୁଟିକୁ ଟ୍ରକ୍ ଟାଣି ନେଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଉଥିବା ବେଳେ କେନ୍ଦୁଆପଦା ଫାଣ୍ଡି ପୋଲିସ ମୁଗଗଡ଼ିଆଠାରେ ଗାଡ଼ିକୁ ଜବତ କରି ଥାନାକୁ ନେଇଛି। ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

# ମାଲକାନଗିରି ଜିଲାରେ ଘରୋଇ ବସ୍ ଚଳାଚଳ ବନ୍ଦ

## ଲକ୍ଷ୍ମୀ ବସ୍‌କୁ ବିରୋଧ

ମାଲକାନଗିରି,୨୭।୮
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧକରି ଜିଲା ଘରୋଇ ବସ୍ ମାଲିକ ସଂଘ ତରଫରୁ ମଙ୍ଗଳବାର ବସ୍ ଚଳାଚଳ ବନ୍ଦକରି ଦିଆଯାଇଛି। ଫଳରେ ମାଲକାନଗିରିରୁ ଅନ୍ୟ ସ୍ଥାନକୁ ଯାତ୍ରୀମାନେ ଯାତାୟାତ କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ମାଲକାନଗିରିକୁ ଅନ୍ୟ ଜିଲାରୁ ମଧ୍ୟ କୌଣସି ଘରୋଇ ବସ୍‌କୁ ପୁରାଇ ଦେବାକୁ ବିରୋଧ କରିଛନ୍ତି।

ଜିଲାରେ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀର ଲକ୍ଷ୍ମୀ ବସ୍‌ଗୁଡିକ ଚାଲୁଥିବା ବେଳେ ଦ୍ୱିତୀୟ ଶ୍ରେଣୀ ଏସି ବସ୍‌ଗୁଡିକ ବ୍ଲକଠାରୁ ଜିଲା ସଦର ମହକୁମାକୁ ଚଳାଚଳ ହେଉଥିବାରୁ ଘରୋଇ ବସ୍ ମାଲିକମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଏ ସମ୍ବନ୍ଧରେ ପୂର୍ବରୁ ରାଜ୍ୟ ସରକାରଙ୍କୁ ଏସି ବସ୍‌ବନ୍ଦ କରିବା ପାଇଁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତ ଗତ ୧ତାରିଖରୁ ଏସି ବସ୍‌ଗୁଡିକର ପରମିଟକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ପୁନର୍ବାର ୨୧ ତାରିଖରୁ ଏହି ଏସି ବସ୍‌ଗୁଡିକ ଚଳାଚଳ ଆରମ୍ଭ କରିଛି। ଫଳରେ ଘରୋଇ ବସ୍‌ଗୁଡିକୁ କ୍ଷତି ସହିବାକୁ ପଡୁଛି। ଅନ୍ୟ ଜିଲାରେ ଏହି ଏସି ବସ୍‌ଗୁଡିକ ବନ୍ଦ ହୋଇଥିବା ବେଳେ ମାଲକାନଗିରିରେ ଏହାକୁ ବନ୍ଦ କରାଯାଇନାହିଁ। ତେଣୁ ଏହାର ପ୍ରତିବାଦ କରି ଘରୋଇ ବସ୍ ମାଲିକ ସଂଘ ତରଫରୁ ବସ ଚଳାଚଳ ବନ୍ଦ କରାଯାଇଛି। ଏଥିସହ ୨ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ଲକ୍ଷ୍ମୀ ଯୋଜନାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ, ନଚେତ ଯୋଜନାରେ ଥିବା ଦ୍ୱିତୀୟ ଶ୍ରେଣୀ ଏସିବସ୍‌ଗୁଡିକୁ ବନ୍ଦ କରାଯାଉ। ଫଳରେ ଘରୋଇ ବସ୍ ମାଲିକଙ୍କ କ୍ଷତିର ମାତ୍ରା କିଛି ପରିମାଣ କମିବ। ନ ହେଲେ ଲକ୍ଷ୍ମୀ ଯୋଜନାରେ ଘରୋଇ ବସ୍‌ଗୁଡିକୁ ଅନ୍ତର୍ଭୁକ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଧର୍ମଘଟରେ ଜିଲା ଘରୋଇ ବସ୍ ମାଲିକ ସଂଘ ସଭାପତି ରାଜେଶ୍ୱରୀ ପ୍ରଧାନ, ସମ୍ପାଦକ ଟି. ଭେଙ୍କଟ ରାଓ, ଉପଦେଷ୍ଟା ସିଏଚ୍ ସୁବାରାଓ ପାତ୍ର, ଉପ ସଭାପତି ସପନ ଦତ୍ତ, କୋଷାଧ୍ୟକ୍ଷ ସିଏଚ୍. ରାଜେଶ ପାତ୍ର, ଦିଲୀପ କୁମାର ହିଣ୍ଡିଆ, କେଦାରନାଥ ଦାସ, ଜି. ସିତାରାମାୟା, ସୀମାଞ୍ଚଳ ଦାସ, ରବି ଖାନ, ଛବି ଦାସ, ବୁଲୁ ସ୍ୱାଇଁ ଓ ଅଭି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ମାଲକାନଗିରିରେ ପ୍ରତିବାଦ କରୁଛନ୍ତି।

## ଲାଞ୍ଚ ନେଇ କୋଟଗଡ଼ ଏଏସ୍ଆଇ ଗିରଫ

ଫୁଲବାଣୀ,୨୭।୮
(ରାକେଶ କୁମାର ରାଉତ)

ଏକ ମାମଲାରେ ସାହାଯ୍ୟ କରିବା ଏବଂ ପିଆର୍ ବଣ୍ଡରେ ଛାଡ଼ିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କୋଟଗଡ଼ ଥାନା ଏଏସ୍ଆଇ ରଜନୀକାନ୍ତ ଦାସ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଜଣେ ବ୍ୟକ୍ତି ଏବଂ ତାଙ୍କର କେତେଜଣ ସାଙ୍ଗଙ୍କ ନାମରେ କୋଟଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଏଏସ୍ଆଇ ରଜନୀକାନ୍ତ ତଦନ୍ତକାରୀ ଅଧିକାରୀ ଥିଲେ। ମାମଲାର ରଫାଦଫା କରିବା ଏବଂ ବଣ୍ଡରେ ଛାଡ଼ିବା ପାଇଁ ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଏଏସ୍ଆଇ କୋଟଗଡ଼ କାଳୀ ମନ୍ଦିର ନିକଟରେ ପହଞ୍ଚି ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ. ୧୪/୨୪ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

STAR MANAGEMENT COLLEGE
Govt. of Odisha Recognised Under Utkal University
Faculties required for B.Sc (Comp.Sc.), BBA, BCA, PMIR, BHM & MHM (10Post). Marketing Manager (4Nos), Telecaller (15Nos), Front Office (Exp. in Educational Institutions) (2Nos), Peon (4Nos), Driver (2Nos) & Admin.(2Nos)(Exp. in Education Institutions)
167, Forest Park, Bhubaneswar, Mail id - starmgtcollege@gmail.com
Contact: 9040090530, 9040090543, 9861444447, 9937337659

See Career Appointment on every Wednesday & Saturday

GRAPHIC DESIGNER
for BALASORE
• Knowlege in Photoshop & coreldraw is essential
• Salary 15,000/- to 20,000/- depending on the efficiency.
Please Mail to or WhatsApp to
designerbls2024@gmail.com
9040506792

OFFICE OF THE PRINCIPAL, RAMAMANI MAHAVIDYALAYA
At/P.O.: Kantabad, Dist.: Khordha, Via: Baghamari, PIN - 752061
(A fully Aided Non Govt. College) (255 Category)
E-mail: principalrmm@gmail.com
WALK-IN-INTERVIEW
Interested candidates with a Bachelor Degree in Library Science may attend a Walk-in-Interview for the Post of Asst. Librarian to be held on Dt.06.09.2024 at 10.30 A.M. in the office of the Principal with all original testimonials and self attested certificates along with one passport size photograph. The appointment is purely on contractual basis likely to be made management.
N.B.: No TA/DA will be allowed to attend interview.
Sd./- Principal
Ramamani Mahavidyalaya
Kantabad, Dist.: Khordha

# କ୍ରିକେଟ ବଲ୍ ପାଇଁ ଜୀବନ ହାରିଲେ ନାବାଳକ

ଭୋଗରାଇ, ୨୭।୮ (ପ୍ରଦୀପ ଦାସ)

ସାମାନ୍ୟ କ୍ରିକେଟ ବଲ୍ ପାଇଁ ଜଣେ ନାବାଳକ ଜୀବନ ହାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଥାନାଛକ ହେଲିପେଡ୍ ପଡ଼ିଆ ଅଞ୍ଚଳରେ। ସପ୍ତମ ଶ୍ରେଣୀରେ ପଢୁଥିବା ଉକ୍ତ ନାବାଳକଙ୍କ ମୃତଦେହକୁ ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ହେଲିପ୍ୟାଡ ପଡ଼ିଆରେ ସାଙ୍ଗ ପିଲାଙ୍କ ସହିତ ଉକ୍ତ ନାବାଳକ ଖେଳୁଥିବା ବେଳେ ବଲ୍‌ଟି ହଜିଯାଇଥିଲା। ସନ୍ଧ୍ୟାରେ ସେ ଘରକୁ ଆସି ବଲ୍ ହଜିବା କଥା ତାଙ୍କ ବାପାଙ୍କୁ ଜଣାଇଥିଲେ। ତାଙ୍କ ବାପା ମଧ୍ୟ ଏକ ନୂଆ ବଲ୍ ବଜାରରୁ ଆଣିଦେବେ ବୋଲି କହିଥିଲେ। ହେଲେ ସେ ବାପାଙ୍କ କଥା ନ ଶୁଣି ଶୀଘ୍ର ବଲ୍ ଆଣିଦେବା ପାଇଁ ଜିଦ୍ ଧରିଥିଲେ। ସୋମବାର ସନ୍ଧ୍ୟାରେ ଘରେ ମା' ବାପା ନ ଥିବା ବେଳେ ମାନସିକ ଭାରସାମ୍ୟ ହରାଇ ସେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିଲେ। ନାବାଳକଙ୍କ ବାପା ଗାମୁଛା ଖୋଲି ସଙ୍ଗେ ସଙ୍ଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି।

## ସାପ କାମୁଡ଼ାରେ ଭଉଣୀ ମୃତ, ଭାଇ ଗୁରୁତର

ବ୍ରହ୍ମପୁର,୨୭।୮
(ସୁବାସ ଚନ୍ଦ୍ର ପାଢ଼ୀ)

ସାପ କାମୁଡାରେ ଗୁରୁତର ହୋଇ ମଙ୍ଗଳବାର ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିବା ଜଣେ ୧୦ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ବର୍ଷୀୟ ତାଙ୍କ ଭାଇ ଆଇସିୟୁରେ ଅଛନ୍ତି। ମୃତା ନବାଳିକା ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁର ରୁପାଲି ବାରିକ। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ବାଲୁଗାଁ ଥାନା ଅନ୍ତର୍ଗତ ସିଂଘେଶ୍ୱର ଗ୍ରାମର ରୁପାଲି ଓ ତାଙ୍କ ସାନଭାଇ ଆୟୁଷ ସୋମବାର ରାତିରେ ଖାଇସାରି ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ। ହେଲେ ମଙ୍ଗଳବାର ଭୋରରେ ଭଉଣୀଭାଇ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ପ୍ରଥମେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ରୁପାଲିଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ଆୟୁଷଙ୍କୁ ଏକେସିଜି ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ରୁପାଲିଙ୍କ ମୃତ୍ୟୁ ନେଇ ନଂ.୫୬୫/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ତଦନ୍ତକଲେ ଜେଲ ଡିଆଇଜି

## ବଲାଙ୍ଗୀର ଜେଲ ଭିତରୁ ମୋବାଇଲ, ନିଶାଦ୍ରବ୍ୟ ଜବତ ଘଟଣା

ବଲାଙ୍ଗୀର,୨୭।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କାରାଗାର ଭିତରୁ ମୋବାଇଲ ଫୋନ ଏବଂ ନିଶାଦ୍ରବ୍ୟ ଜବତ ଘଟଣାର ତଦନ୍ତ ଜେଲ ଡିଆଇଜି କୁଳମଣି ବେହେରା କରିଛନ୍ତି। ସେ ମଙ୍ଗଳବାର ବଲାଙ୍ଗୀର ଗସ୍ତରେ ଆସି ଜିଲା କାରାଗାରକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଜେଲ ଭିତରକୁ କିଭଳି ଓ କିଏ ମୋବାଇଲ ଏବଂ ନିଶାଦ୍ରବ୍ୟ ନେଉଥିଲା ତାହାର ତଦନ୍ତ କରିଛନ୍ତି। ବଲାଙ୍ଗୀର ଜିଲା କାରାଗାରର ୯ ନମ୍ବର ସେଲ୍ ଭିତରୁ ମୋବାଇଲ ଜବତ ହୋଇଥିବା ସେ ସୂଚନା ଦେଇଛନ୍ତି।

ଗତ ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଡି. ଖିଲାରି ନିଜେ ଜିଲାର ୯ ଜଣ ବରିଷ୍ଠ ପୋଲିସ ଅଧିକାରୀ ଏବଂ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ନେଇ ବଲାଙ୍ଗୀର ଜିଲା କାରାଗାର ଭିତରେ ଅତର୍କିତ ଚଢ଼ାଉ କରିଥିଲେ। ଜେଲ ଭିତର ୧୨ଟି ସେଲ୍, ରନ୍ଧାଘର, ଲାଟିନ୍, ଗାଧୁଆଘର ଓ ଅନ୍ୟ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଜେଲ ଭିତରୁ ବିଡ଼ି, ସିଗାରେଟ୍, ଭାଙ୍ଗ ଭଳି ନିଶାଦ୍ରବ୍ୟ, ଦୁଇଟି ଲାଇଟର ଏବଂ ଏକ ଟ୍ରିମର ଜବତ ହୋଇଥିବା ସୂଚନା ଦେଇଥିଲେ। ସେହିଦିନ ଅପରାହ୍ଣରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ବଲାଙ୍ଗୀର ଆସି ଜେଲରେ ଚଢ଼ାଉ ଘଟଣାର ସମୀକ୍ଷା କରିଥିଲେ। ଜିଲା କାରାଗାର ଭିତରୁ ଏକ ମୋବାଇଲ ଫୋନ ଜବତ ହୋଇଥିବା ସେ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତ ରହୁଥିବା ସେଲ୍‌ରୁ ଉକ୍ତ ସ୍ମାର୍ଟ ମୋବାଇଲ ଫୋନ ଜବତ ହୋଇଥିବା ସୂଚନା ଦିଆଯାଇଥିଲା। ବଲାଙ୍ଗୀର ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁ ଉକ୍ତ ସ୍ମାର୍ଟଫୋନ ଜବତ କରି ହସ୍ତାନ୍ତର କରିଥିବା ଏବଂ ଏନେଇ ବଲାଙ୍ଗୀର ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ପି ଖିଲାରି ସୂଚନା ଦେଇଥିଲେ। ଜେଲ ଭିତରେ ଥିବା ଜଣେ କୁଖ୍ୟାତ ଗ୍ୟାଙ୍ଗଷ୍ଟରଙ୍କ ସେଲ୍ ଭିତରକୁ କେଉଁ ପରିସ୍ଥିତିରେ ସ୍ମାର୍ଟମୋବାଇଲ ଫୋନ ଗଲା ତାହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଉଭୟ ପୋଲିସ ବିଭାଗ ଏବଂ ଜେଲ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଗତ ଶୁକ୍ରବାର ପୋଲିସ ଆଇଜି ହିମାଂଶୁ ଲାଲ ଘଟଣାର ତଦନ୍ତ କରିଛନ୍ତି। ମଙ୍ଗଳବାର ଜେଲ ଡିଆଇଜି ବେହେରା ବଲାଙ୍ଗୀର ଜେଲକୁ ଆସି ତଦନ୍ତ କରିଥିଲେ।

ଜେଲ ଭିତରେ ହାଇ ସିକ୍ୟୁରିଟି ସେଲ୍‌ରେ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତଙ୍କୁ ରଖାଯାଇଥିଲା। ସେହି ସେଲ୍ ଭିତରକୁ କିଭଳି ଭାବେ ସ୍ମାର୍ଟଫୋନ ଗଲା ତାକୁ ନେଇ ପୋଲିସ ଏବଂ ଜେଲ କର୍ତ୍ତୃପକ୍ଷ ଚିନ୍ତା ପ୍ରକଟ କରିଛନ୍ତି। ଜେଲ ଡିଆଇଜି ବେହେରା କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଉଛି। କେଉଁ ପରିସ୍ଥିତିରେ ଜେଲ ଭିତରକୁ ମୋବାଇଲ ଫୋନ ଆସିଲା ଓ ଉକ୍ତ ମୋବାଇଲର କ'ଣ ବ୍ୟବହାର କରାଯାଇଛି ତା'ର ତଦନ୍ତ କରାଯାଉଛି। ସୂଚନାଯୋଗ୍ୟ, ୨୦୧୮ରେ ଝାରପଡ଼ା ଜେଲରୁ ସୁଶାନ୍ତ ଧଳସାମନ୍ତଙ୍କୁ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତର କରାଯାଇଥିଲା।


ଜେଲ ଡିଆଇଜି କୁଳମଣି ବେହେରା ବଲାଙ୍ଗୀର ଜେଲ ଭିତରକୁ ତଦନ୍ତ ପାଇଁ ଯାଉଛନ୍ତି।



# ଟିକସ ଫାଙ୍କୁଥିବା ଘରମାଲିକଙ୍କ ଉପରେ ନଜର

**ଦୋକାନୀଙ୍କ ଟ୍ରେଡ୍ ଲାଇସେନ୍ସ କଡ଼ାକଡ଼ି ଯାଞ୍ଚ କରିବ ବିଏମ୍‌ସି**

■୭ଦିନରେ ନୋ-ପାର୍କିଂ ଜୋନ୍ ଚିହ୍ନଟ ରିପୋର୍ଟ ଦେବେ ୱାର୍ଡ ଅଫିସର

■ଚଳିତ ଆର୍ଥିକ ବର୍ଷରେ ୧୩୨ କୋଟିର ହୋଲ୍ଡିଂ ଟିକସ ଆଦାୟ ଲକ୍ଷ୍ୟ

ଭୁବନେଶ୍ୱର, ୨୭।୮ (ବନ୍ଦନା ସେଠୀ)

ଭୁବନେଶ୍ୱରର କିଛି ଘର ମାଲିକ ନିଜ ଘରକୁ ବ୍ୟବସାୟିକ ଭିତ୍ତିରେ ବ୍ୟବହାର କରୁଥିଲେ ମଧ୍ୟ ସେ ନେଇ ବିଏମ୍‌ସିରେ ଅବଗତ କରାଉନାହାନ୍ତି। ବରଂ ନିଜ ଘରକୁ ଆବାସିକ ବା ଘରୋଇ ଦର୍ଶାଇ ବିଏମ୍‌ସିକୁ ସେହି ଅନୁପାତରେ ହୋଲ୍ଡିଂ ଟିକସ ପଇଠ କରୁଛନ୍ତି। ବିଏମ୍‌ସିକୁ ଅଧିକ ଟିକସ ନ ଦେବାକୁ ଘରମାଲିକମାନେ ଏଭଳି ପନ୍ଥା ଆପଣାଉଛନ୍ତି। ଫଳରେ ବିଏମ୍‌ସି ଏଥିପାଇଁ ପ୍ରତିବର୍ଷ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛି। ତେବେ ଏଭଳି ଅସାଧୁ ଘର ମାଲିକଙ୍କୁ ଚିହ୍ନଟ କରିବା ତଥା ସେମାନଙ୍କ ଟିକସ ଚୋରିକୁ ଧରିବାକୁ ବିଏମ୍‌ସି ଟ୍ରେଡ୍ ଲାଇସେନ୍ସକୁ ଅସ୍ତ୍ର କରିବାକୁ ଯାଉଛି। ଏଥିସହ ରାଜସ୍ୱ ବୃଦ୍ଧି ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ତଥ୍ୟର ଆଦାନପ୍ରଦାନ ଏବଂ ଦୃଢ ପଦକ୍ଷେପ ନେବାକୁ ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଆଦାୟକୁ କଡ଼ାକଡ଼ି କରିବା ସହ ଟାର୍ଗେଟ୍ ପୂରଣ କରିବା ପାଇଁ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କେବଳ ଘରମାଲିକ ନୁହନ୍ତି ବରଂ ଦୋକାନଗୁଡ଼ିକର ମଧ୍ୟ ଟ୍ରେଡ୍ ଲାଇସେନ୍ସ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବ। ଏଥିରେ ଦିଆଯାଇଥିବା ଠିକଣାକୁ ବିଏମ୍‌ସି ଅଧିକାରୀମାନେ ଗସ୍ତ କରିବେ। ଯଦି ଠିକଣାଟି ଆବାସିକ ସମ୍ପତ୍ତି ଭାବେ ଦର୍ଶାଯାଇଥିବ, ତେବେ ଏହାକୁ ତୁରନ୍ତ ବ୍ୟବସାୟିକ ସମ୍ପତ୍ତି ଭାବେ ଘୋଷଣା କରାଯିବ। ସେହି ଅନୁଯାୟୀ ହୋଲ୍ଡିଂ ଟିକସ ରିଆସେସ୍‌ମେଣ୍ଟ କରାଯିବ ଏବଂ ଟିକସ ଆଦାୟ ହେବ। ଅନ୍ୟପକ୍ଷରେ ଆବାସିକ ଦର୍ଶାଇ ହୋଲ୍ଡିଂ ଟିକସ ଦେଉଥିବା ନାଗରିକଙ୍କ ମଧ୍ୟରୁ ଅନେକ ଏବେ ବ୍ୟବସାୟିକଭିତ୍ତିରେ ତାହାକୁ ଲଗାଇଥିବା ଦେଖିବାକୁ ମିଳିଛି। ମାତ୍ର ଅନେକ ସମ୍ପତ୍ତିର ଏପର୍ଯ୍ୟନ୍ତ ଆସେସ୍‌ମେଣ୍ଟ ରି-ଆସେସ୍‌ମେଣ୍ଟ କରାଯାଇ ନ ଥିବାରୁ ତାହାର ସଦ୍ୟ ତଥ୍ୟ ବିଏମ୍‌ସି ପାଖରେ ରହୁନାହିଁ। ତେଣୁ ଏନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଇତିମଧ୍ୟରେ ରାଜଧାନୀର ଅନେକ ନୂଆ ଆପାର୍ଟମେଣ୍ଟ ନିର୍ମାଣ ହୋଇଥିବାବେଳେ, ଅନେକ ହୋଲ୍ଡିଂ ଟିକସ ପଇଠ କରୁନାହାନ୍ତି। ଏବେଠାରୁ ସେମାନଙ୍କଠାରୁ ଟିକସ ଆଦାୟ କରାଯିବ। ୨୦୨୪-୨୫ ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସି ପକ୍ଷରୁ ୧୩୨ କୋଟି ଟଙ୍କାର ହୋଲ୍ଡିଂ ଟିକସ ଆଦାୟ ଲକ୍ଷ୍ୟ ରଖାଯାଇଛି। ତେଣୁ ରାଜସ୍ୱ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଆର୍ଥିକ ବର୍ଷ ଆରମ୍ଭରୁ ହିଁ ରାଜସ୍ୱ ଆଦାୟ ନେଇ ୱାର୍ଡ ଅଫିସରଙ୍କୁ ତନାଘନା କରାଯାଉଛି। ୨୦୨୪ ଏପ୍ରିଲରୁ ଅଗଷ୍ଟ ପର୍ଯ୍ୟନ୍ତ ୪ ମାସ ମଧ୍ୟରେ ବିଏମ୍‌ସି ୨୨କୋଟି ଟଙ୍କା ହୋଲ୍ଡିଂ ଟିକସ ଆଦାୟ କରିଥିବାବେଳେ ଏଥିରେ ଉତ୍ତର ଜୋନ୍ ସବୁଠାରୁ ଭଲ ପ୍ରଦର୍ଶନ କରିଛି। ଅପରପକ୍ଷେ ସହରରେ ବେଆଇନ୍ ପାର୍କିଂ ବଢି ଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି ସହରରେ ନୂତନ ନୋ ପାର୍କିଂ ଜୋନ୍ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ନୋ ଭେଣ୍ଡିଂଜୋନ୍ ଚିହ୍ନଟ ପାଇଁ ମଧ୍ୟ କୁହାଯାଇଛି। ଆସନ୍ତା ୭ଦିନ ମଧ୍ୟରେ କର୍ପୋରେଟରଙ୍କ ସହ କଥା ହୋଇ ଏହାକୁ ଚିହ୍ନଟ କରିବାକୁ ୱାର୍ଡ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ରାଜସ୍ୱ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ଜୋନାଲ ଡେପୁଟି କମିଶନର, ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍, ସମସ୍ତ ୱାର୍ଡ ଅଫିସର, ମିସ୍ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମୋ’ ବସ୍‌ରେ ଦିବ୍ୟାଙ୍ଗ ଯୁବକଙ୍କ ଉତ୍ପାତ ବସ୍ କର୍ମଚାରୀଙ୍କୁ ମାଡ଼ ମାରିଲେ, ହାତକୁ କାମୁଡ଼ିଦେଲେ

ଭୁବନେଶ୍ୱର, ୨୭।୮ (ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱର ନାଲ୍‌କୋ ଛକରେ ଜଣେ ଦିବ୍ୟାଙ୍ଗ ଯୁବକ ନିଶାସକ୍ତ ଅବସ୍ଥାରେ ମୋ’ ବସ୍‌ରେ ପଶି ଉତ୍ପାତ କରିଛନ୍ତି। ସେ ଯାତ୍ରୀମାନଙ୍କୁ ଗାଳିଗୁଲଜ କରି କଣ୍ଡକ୍ଟରଙ୍କୁ ମାଡ଼ ମାରିବା ସହ ତାଙ୍କ ହାତକୁ କାମୁଡ଼ିଦେଇଛନ୍ତି। ଏହାପରେ ବସ୍ ଅଟକାଇ ରାସ୍ତାରେ ହାଇଡ୍ରାମା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପିସିଆର ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇଥିଲା। ପରେ ପରିବାର ଲୋକଙ୍କୁ ଡକାଇ ତାଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାନୁସାରେ ସୋମବାର ରାତିରେ ନାଲକୋ ଛକରେ ଥିବା ଟ୍ରାଫିକ ପୋଷ୍ଟରେ ମୋ’ ବସ୍‌କୁ ଦେଖି ଦିବ୍ୟାଙ୍ଗ ଜଣଙ୍କ ଯିବାକୁ କହିବାରୁ ଚାଳକ ତାଙ୍କୁ ବସ୍‌ରେ ବସାଇଥିଲେ। କିଛି ବାଟ ଗାଡ଼ି ଯିବା ପରେ ଦିବ୍ୟାଙ୍ଗ ଜଣଙ୍କ ନିଶାରେ ଯାତ୍ରୀ ଓ କର୍ମଚାରୀଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ।

### ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ପୁରୁଣା ଭୁବନେଶ୍ୱର, ୨୭।୮ (ସୁବାସ ଚନ୍ଦ୍ର ପ୍ରଧାନ): ଦୁର୍ଗାପୂଜା ପାଇଁ ମଙ୍ଗଳବାର ହାଟସାହି ପୂଜା ସମିତି ପକ୍ଷରୁ ଦୟା ନଦୀ ଘାଟରୁ ମାଟି ଅନୁକୂଳ କରାଯାଇଛି। ଉକ୍ତ ମାଟିକୁ ଦେବୀ ମଣ୍ଡପରେ ସ୍ଥାପନା ପୂଜା କରାଯାଇଥିଲା। ଏହି ଅନୁକୂଳ ମାଟିରେ ମା’ଙ୍କ ମୂର୍ତ୍ତିଗଢ଼ା କାର୍ଯ୍ୟ ପୂଜା ସମୟରେ ଆରମ୍ଭ କରାଯିବ। ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ରାଜେନ୍ଦ୍ର ସମର୍ଥ, ବିଜୟ ମହାପାତ୍ର, ସୁନନ୍ଦ ସାହୁ, ଗୌରୀ ପ୍ରସାଦ ମହାନ୍ତି, ଦୀପ୍ତି ମହାନ୍ତି, ସୁକାନ୍ତ ମହାପାତ୍ର, ରାଜେଶ ମହାପାତ୍ର, କାଳିଆ ମହାରଣା, ବିକାଶ ସାହୁ, ସୁବାସ ମହାପାତ୍ର, ପ୍ରସନ ସିଂ, ହାରିହର ସମର୍ଥ ପ୍ରମୁଖ ସହଯୋଗ କରିଥିଲେ।


ଦୁର୍ଗାପୂଜା ପାଇଁ ମଙ୍ଗଳବାର ହାଟସାହି ପୂଜା ସମିତି ପକ୍ଷରୁ ଦୟା ନଦୀ ଘାଟରୁ ମାଟି ଅନୁକୂଳ କରାଯାଇଛି।

### ଯୁବ ସାମାଜିକ କର୍ମୀଙ୍କ ପରଲୋକ

ବାରଙ୍ଗ, ୨୭।୮ (ଲିଙ୍ଗରାଜ ରାଉତ) ମେଣ୍ଢାଶାଳ ଗ୍ରାମର ଯୁବ ସାମାଜିକ କର୍ମୀ ପ୍ରଭାତ କୁମାର ରାଉତରାୟ(୫୦)ଙ୍କ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ବିୟୋଗ ଘଟିଛି। ସ୍ୱର୍ଗତ ରାଉତରାୟଙ୍କ ଉଚ୍ଚଶିକ୍ଷା ପରେ ସେ ବାୟୁସେନା ରୂପେ କାର୍ଯ୍ୟ କରୁଥିଲେ। ଚାକିରିରୁ ଅବସର ପରେ ସେ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ମେଣ୍ଢାଶାଳ ଗ୍ରାମ ସଫେଇ କାର୍ଯ୍ୟ ହାତକୁ ନେଇ ସ୍ୱେଚ୍ଛାକୃତ ଗ୍ରାମ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଗ୍ରାମର ବିଭିନ୍ନ ରାସ୍ତାକଡ଼ରେ ଚାରାରୋପଣ କରି ରକ୍ଷଣାବେକ୍ଷଣ କରିବା ସହ ଗରିବ ପରିବାରରେ ସନ୍ତାନ ଜନ୍ମ ସମୟରେ ସନ୍ତାନର ସମସ୍ତ ଖର୍ଚ୍ଚ ବହନ କରି ବେଶ ଚର୍ଚ୍ଚାରେ ରହିଥିଲେ। ଗତ ବର୍ଷଠାରୁ ତାଙ୍କର ଶାରୀରିକ ଅସୁସ୍ଥତା ଯୋଗୁ ସେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଏକ ଘରୋଇ ଡାକ୍ତରଖାନାରେ ସେ ମୃତ୍ୟୁବରଣ କରିଛନ୍ତି। ରାତିରେ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଏକ ଶୋଭାଯାତ୍ରାରେ ତାଙ୍କୁ ଗ୍ରାମ ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ବିଓବି- କମିଶନରେଟ୍ ପୋଲିସ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

**ପୋଲିସ କର୍ମଚାରୀଙ୍କୁ ୧ କୋଟି ଟଙ୍କାର ଦୁର୍ଘଟଣାଜନିତ ବୀମା ମିଳିବ**




ଭୁବନେଶ୍ୱର, ୨୭।୮ (ଅନୁରାଧା ମହାରଣା)

କମିଶନରେଟ୍ ପୋଲିସ ହେଡ୍‌କ୍ୱାର୍ଟରେ କନଫରେନ୍ସ ହଲରେ ମଙ୍ଗଳବାର ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ବରୋଦା(ବିଓବି) ଏବଂ କମିଶନରେଟ୍ ପୋଲିସ୍ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ପୋଲିସ୍ କମିଶନର ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ କଟକ ଡିସିପି ଆର୍ ପ୍ରକାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଏବଂ ବିଓବିର ଜିଏମ୍ ସ୍ୱପ୍ନା ବନ୍ଦୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ଚୁକ୍ତି ଅନୁସାରେ ସମସ୍ତ ପୋଲିସ୍ କର୍ମଚାରୀ ସେମାନଙ୍କର ସାଲାରି ଆକାଉଣ୍ଟ ବିଓବିରେ ଖୋଲିବେ। ଅପରପକ୍ଷେ ବିଓବି ପକ୍ଷରୁ ପୋଲିସ୍ କର୍ମଚାରୀଙ୍କୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ବୀମା, ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୀବନ ବୀମା ପ୍ରଦାନ କରାଯିବ। ଏଥିସହ ବିଓବି କ୍ରେଡିଟ୍ ଓ ଡେବିଟ୍ କାର୍ଡ ବ୍ୟବହାର କରୁଥିବା ପୋଲିସ୍ କର୍ମଚାରୀଙ୍କୁ ଅତିରିକ୍ତ ୩୦ ଲକ୍ଷ ଟଙ୍କାର ବୀମା ପ୍ରଦାନ ପାଇଁ ଘୋଷଣା କରାଯାଇଛି।

## ଶିକ୍ଷାବିତ୍ ନିବେଦିତା ସାମଲଙ୍କ ପରଲୋକ

ଭୁବନେଶ୍ୱର, ୨୭।୮ (ଅନୁରାଧା ମହାରଣା)- ବରିଷ୍ଠ ଶିକ୍ଷାବିତ୍ ନିବେଦିତା ସାମଲଙ୍କ ୫୫ ବର୍ଷ ବୟସରେ ଖଣ୍ଡଗିରିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଗତ ୪ ମାସ ଧରି ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ତଥା ଦିଲ୍ଲୀର ବିଭିନ୍ନ ସରକାରୀ ଓ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ ହେଁ ତାଙ୍କ ଅବସ୍ଥାରେ କୌଣସି ଉନ୍ନତି ଦେଖାଦେଇ ନ ଥିଲା। ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଶିକ୍ଷା କ୍ଷେତ୍ରରେ ସେବା ଯୋଗାଇ ଆସୁଥିଲେ। ଶେଷ ସମୟରେ ସେ ୟୁନିଟ-୧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କିଛିଦିନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିବା ସହ ବରିଷ୍ଠ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ।

## ବମିଖାଲ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ଭୁବନେଶ୍ୱର, ୨୭।୮ (ବନ୍ଦନା ସେଠୀ)

ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ମୃଣ୍ମୟ ମୂର୍ତ୍ତି ନିର୍ମାଣ ଲାଗି ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ଏହି ଉପଲକ୍ଷେ ଜନ୍ମାଷ୍ଟମୀ ଦିନ କୁଆଖାଇ ନଦୀ କୂଳରେ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କରାଯାଇଥିଲା। କର୍ତ୍ତାଭାବେ ବିପିନ ବିହାରୀ ଜେନା ମୃତ୍ତିକା ଆନୟନ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ମୁଖ୍ୟ ପୂଜକ ଭାବେ ସୁଦର୍ଶନ ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୁର୍ଗାପୂଜା ସମିତିର ସଭାପତି ପ୍ରକାଶ ଚନ୍ଦ୍ର ଜେନା, ସମ୍ପାଦକ ଅଜୟ କୁମାର ପ୍ରଧାନ, କୋଷାଧ୍ୟକ୍ଷ କର୍ମବୀର ସାମନ୍ତରାୟଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନନ୍ଦନକାନନରୁ କୋଲକାତା ଗଲେ ୯ ପ୍ରାଣୀ

ବାରଙ୍ଗ, ୨୭।୮ (ଲିଙ୍ଗରାଜ ରାଉତ)







ଖୁସିକୁ ତା’ର ସାଥୀ ମିଳିବାକୁ ଯାଉଛି। ଦୀର୍ଘଦିନର ବ୍ୟବଧାନ ପରେ ନିଃସଙ୍ଗ ଜୀବନ ଜିଉଁଥିବା ଜିରାଫ ‘ଖୁସି’ ପାଇଁ ସାଥୀ ଯୋଗାଡ଼ କରିଛି ନନ୍ଦନକାନନ କର୍ତ୍ତୃପକ୍ଷ। ଏଥିନିମନ୍ତେ ନନ୍ଦନକାନନ ଓ କୋଲକାତା ଅଲିପୁର ଚିଡ଼ିଆଖାନା ମଧ୍ୟରେ ପ୍ରାଣୀ ଅଦଳବଦଳ ପ୍ରକ୍ରିୟାର ପ୍ରାଥମିକ ପର୍ଯ୍ୟାୟ ଆରମ୍ଭ ହୋଇଛି। ସୋମବାର ରାତିରେ ଅଲିପୁରରୁ ଏକ ଟିମ୍ ୧୮ ପ୍ରଜାତିର ପ୍ରାଣୀଙ୍କୁ ସାଙ୍ଗରେ ଆଣି ନନ୍ଦନକାନନରେ ପହଞ୍ଚିଥିଲା। ଏହି ଟିମ୍ ମଙ୍ଗଳବାର ସନ୍ଧ୍ୟାରେ ନନ୍ଦନକାନନରୁ ୯ ପ୍ରାଣୀଙ୍କୁ ସାଙ୍ଗରେ ନେଇ କୋଲକାତା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ବାଘୁଣୀ ଅଙ୍କିତା ଛୁଆ ତୃପ୍ତି, ସିଂହ ବିଜ୍‌ଲୀର ୨ ଛୁଆ, ୨ ହିମାଳୟ କଳା ଭାଲୁ ଓ ୪ ଗୁରାଣ୍ଡିଙ୍କୁ ମିଶାଇ ସମୁଦାୟ ୯ ପ୍ରାଣୀଙ୍କୁ ଟିମ୍ କୋଲକାତା ଚିଡ଼ିଆଖାନାକୁ ନେଇ ମଙ୍ଗଳବାର ରାତିରେ ଯାତ୍ରା ଆରମ୍ଭ କରିଛନ୍ତି। ତେବେ ଉଭୟ ଚିଡିଆଖାନାର ସହମତିରେ ହୋଇଥିବା ଅଦଳବଦଳ ପ୍ରକ୍ରିୟାରେ ୧ ମାଈ ବାଘ, ହଳେ ସିଂହ, ୨ ମାଈ ହିମାଳୟ କଳା ଭାଲୁ, ୨ ଅଣ୍ଡିରା ଓ ୩ ମାଈ କୁଜି ହରିଣ, ହଳେ ଜଳହସ୍ତୀ, ୨ ହଳ ଗୁରାଣ୍ଡି, ହଳେ ବାରାଶିଙ୍ଗାଙ୍କୁ ମିଶାଇ ସମୁଦାୟ ୧୮ ପ୍ରାଣୀଙ୍କୁ ନନ୍ଦନକାନନ କୋଲକାତା ଚିଡ଼ିଆଖାନାକୁ ଦେଉଛି। ଏହାର ପ୍ରତିବଦଳରେ କୋଲକାତା ଅଲିପୁର ଚିଡ଼ିଆଖାନାରୁ ହଳେ ଜିରାଫ, ହଳେ ମାଛଧରା ବିରାଡ଼ି, ୨ ଅଣ୍ଡିରା ଓ ୪ମାଈକୁ ପାଣିଗୋଧ, ୮ ନୀଳ ଆମେରିକାନ ଏଣ୍ଡୁଅ, ହଳେ ଚାମଥଣ୍ଟିଆ ପକ୍ଷୀକୁ ମିଶାଇ ସମୁଦାୟ ୨୦ଟି ପଶୁପକ୍ଷୀ ନନ୍ଦନକାନନକୁ ମିଳିବାକୁ ଯାଉଛି। ଏହି ନୂତନ ଅତିଥି ଆସିବା ପରେ ନନ୍ଦନକାନନରେ ଥିବା ପ୍ରାଣୀଙ୍କ ପ୍ରଜାତି ସଂଖ୍ୟା ବୃଦ୍ଧି ପାଇ ୧୬୯ରେ ପହଞ୍ଚିଥିବା ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

## ଛିନ୍‌ତାଇ ମାମଲାରେ ୧୦ ମାସ ଜେଲ

ଭୁବନେଶ୍ୱର, ୨୭।୮ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୫ରେ ସୋମବାର ଏକ ଛିନ୍‌ତାଇ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଇତିଶ୍ରୀ ମହାପାତ୍ର ଏହି ମାମଲାର ବିଚାର କରି ଅଭିଯୁକ୍ତ ସୁନୀଲ ପରିଡାଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଏକ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ୬ଜଣ ସାକ୍ଷୀ ଓ ୭ଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରିଣୀ ନିରୁପମା ପ୍ରଧାନ ଭୁବନେଶ୍ୱର ଏମ୍ସରେ ଚାକିରୀ କରନ୍ତି। ସେ ୨୦୨୩ ଅକ୍ଟୋବର ୨୮ ତାରିଖ ମଧ୍ୟାହ୍ନରେ ନିଜ ଡ୍ୟୁଟି ସାରି ବସ୍ ଯୋଗେ ଏମ୍ସରୁ ଖଣ୍ଡଗିରି ଫେରୁଥିଲେ। ବାଟରେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ସୁନୀଲ ହଠାତ ନିରୁପମାଙ୍କ ହାତରୁ ମୋବାଇଲ ଫୋନ୍ ଛଡାଇ ନେଇ କେଉଁଆଡ଼େ ଫେରାର ହୋଇଯାଇଥିଲେ। ଏ ନେଇ ସେ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖଣ୍ଡଗିରି ଥାନା ପୋଲିସ ଏକ କେସ୍ (ନଂ. ୪୭୭/୨୦୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ଏହି ମାମଲା ପରିଚାଳନା କରିଥିଲେ।

# ସଚେତନତା ହିଁ ଅପରାଧରୁ ସୁରକ୍ଷା ଦେବ

ଭୁବନେଶ୍ୱର, ୨୭।୮ (ବନ୍ଦନା ସେଠୀ)

ଆଜିକାଲି ସମାଜରେ ଅପରାଧ ବଢ଼ିବାରେ ଲାଗିଛି। ଅପରାଧର ସଂଜ୍ଞା ମଧ୍ୟ ବଦଳିବାରେ ଲାଗିଛି। କେହି କିଛି ବୁଝିବା ପୂର୍ବରୁ ଅପରାଧ ବା ଠକେଇର ଶିକାର ହୋଇଯାଉଛନ୍ତି। ତେଣୁ ପ୍ରତ୍ୟେକସ୍ତରରେ ସଚେତନ ରହିଲେ, ଅପରାଧରୁ ଆମେ ସବୁ ମୁକୁଳିପାରିବା ବୋଲି ବିଚାର ଭାରତୀ ଟ୍ରଷ୍ଟ ଏବଂ ପି.ଜେ କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଟେକ୍ନୋଲୋଜି ମିଳିତ ଆନୁକୂଲ୍ୟରେ ‘ସାଥୀ’ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ପିଜେ କଲେଜ ପରିସରରେ ଆୟୋଜିତ ସେ’ ନୋ ଟୁ ଟବାକୋ, ସେ’ ନୋ ଟୁ ଚାଇଲ୍ଡ ମ୍ୟାରେଜ୍, ଷ୍ଟପ୍ ରାଗିଂ, ସାଇବର କ୍ରାଇମ୍ ଆୱାରନେସ୍, ଜେଣ୍ଡର ଜଷ୍ଟିସ୍, ମେନ୍ସୁରାଲ୍ ହାଇଜେନିକ୍ ଏବଂ ମେଣ୍ଟାଲ ହେଲ୍‌ଥ ସଚେତନତା ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିପି ଅଞ୍ଜନା ଗୁଡୁ ଯୋଗ ଦେଇ ସାଇବର ଅପରାଧ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିଥିଲେ। କୌଣସି ସ୍ଥାନରେ ସାଇବର ଅପରାଧର ଶିକାର ହେଲେ ୧୯୩୦କୁ ଡାଏଲ୍ କରି ତୁରନ୍ତ ରିପୋର୍ଟ କରିବାକୁ କହିଥିଲେ। ମାନସିକ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ସମାଜସେବୀ ସ୍ୱପ୍ନା ତ୍ରିପାଠୀ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନରେ ସେ’ ନୋ ଟୁ ଟବାକୋ ଏବଂ ଜେଣ୍ଡର ଜଷ୍ଟିସ୍ ସମ୍ପର୍କରେ ସାମାଜିକ କର୍ମୀ ନମ୍ରତା ଚଢ଼ା ବିଶେଷ ଆଲୋଚନା କରିଥିଲେ। ସେହିପରି ମହିଳାଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ଦ୍ୱାରା ଆରମ୍ଭ କରାଯାଇଥିବା ‘ହର୍’ ବ୍ୟବସ୍ଥା ସମ୍ପର୍କରେ ଶୁଭଶ୍ରୀ ନାୟକ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ବିଚାର ଭାରତୀ ଟ୍ରଷ୍ଟର ସମ୍ପାଦିକା ପ୍ରୀତି ଧଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଆଜିର ଛାତ୍ର ସମାଜ କିଭଳି ଭାବେ ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ନିଜର ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟର ସଂଗଠନ ସମ୍ପାଦକ ଲାଲା ସୁନୀଲ କୁମାର ରଥ ଯୋଗଦେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ କିପରି ଏକ ରାଗିଂ ମୁକ୍ତ ବାତାବରଣ ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପିଜେ କଲେଜର ଅଧ୍ୟକ୍ଷା ଈପ୍‌ସିତା ପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କଲେଜର ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ, ଜୁନିୟର କଲେଜର ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ ଏବଂ ପ୍ରଫେସର ରାଜୀବ ପଣ୍ଡା ଆଲୋଚନାରେ ଭାଗ ନେଇ ପିଲାମାନଙ୍କୁ କିପରି ଅପରାଧରୁ ଦୂରେଇ ରଖିହେବ ସେନେଇ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ବିଚାରଭାରତୀ ଟ୍ରଷ୍ଟର ଉପସଭାପତି ସଙ୍ଘମିତ୍ରା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



ପିଜେ କଲେଜ ଅଫ ମ୍ୟାନେଜମେଣ୍ଟ ପରିସରରେ ବିଚାର ଭାରତୀ ଟ୍ରଷ୍ଟ ତରଫରୁ ଆୟୋଜିତ ସାଥୀ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ହର ଟିମ୍‌ର ସଦସ୍ୟ।

# ସଫଳ ବିଦ୍ୟାର୍ଥୀଙ୍କ ଅମୂଲ୍ୟ ସମ୍ପଦ ସାଧୁତା, ଶୃଙ୍ଖଳା ଜ୍ଞାନ

**ୟୁନିଟ୍-୮ ଡିଏଭିର ୫୩ତମ ବିଦ୍ୟାଳୟ ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର, ୨୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ୟୁନିଟ-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୫୩ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ ବୈଦିକ ଯଜ୍ଞରେ ବିଦ୍ୟାଳୟର ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀଙ୍କ ସମେତ ଅଧ୍ୟକ୍ଷା, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ବୈଦିକ ମନ୍ତ୍ର ଉଚ୍ଚାରଣ କରିବା ସହିତ ଅନ୍ତରାତ୍ମାର ଶୁଦ୍ଧୀକରଣ ତଥା ସମଗ୍ର ବିଶ୍ୱର ମଙ୍ଗଳ କାମନା କରିଥିଲେ। ଅଧ୍ୟକ୍ଷା ଈପ୍‌ସିତା ଦାସ ସ୍ୱାଗତ ଭାଷଣ ଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ ଡ. ମଳୟ ମିଶ୍ର ଯୋଗଦେଇ କହିଥିଲେ, ଶୃଙ୍ଖଳା ଜ୍ଞାନ ଓ ସାଧୁତା ଗୁଣ ଜଣେ ସଫଳ ବିଦ୍ୟାର୍ଥୀଙ୍କ ଅମୂଲ୍ୟ ସମ୍ପଦ। ଏଥିପ୍ରତି ଯତ୍ନବାନ ହେବା ସହିତ ସମାଜ ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଆବଶ୍ୟକ। ଅନ୍ୟତମ ଅତିଥି ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର ଡ. ଓମ୍‌କାର ନାଥ ମହାନ୍ତି ନିଜ ଶିକ୍ଷାନୁଷ୍ଠାନର ନାମ ଓ ସମ୍ମାନକୁ ସଦା ଉଜ୍ଜୀବିତ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏକ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଡିଏଭି ସଭାପତି ମଦନ ମୋହନ ପଣ୍ଡା, ପ୍ରତିଭା ମିଶ୍ର, ବସନ୍ତ ମଞ୍ଜରୀ ଶତପଥୀ, ବିଭିନ୍ନ ଡିଏଭିର ଅଧ୍ୟକ୍ଷା ଅଧ୍ୟକ୍ଷ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ପୁରାତନ ବିଦ୍ୟାର୍ଥୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କୃତୀ ଛାତ୍ରୀଛାତ୍ର ଏବଂ ଡିଏଭି ଅନୁଷ୍ଠାନରେ ୨୫ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ ସମ୍ପନ୍ନ କରି ଆସୁଥିବା ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଗଳ୍ପକଥନ କାର୍ଯ୍ୟକ୍ରମରେ କଥାକାର ଝଞ୍ଜା ଦାସ ଯୋଗ ଦେଇ ବିଦ୍ୟାର୍ଥୀମାନଙ୍କୁ ମନୋରଞ୍ଜନଧର୍ମୀ ଗଳ୍ପ ଶୁଣାଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସମବେତ କଣ୍ଠସଙ୍ଗୀତ, ନୃତ୍ୟକଳା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ୟୁନିଟ୍-୮ ଡିଏଭିର ୫୩ତମ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ୨୫ ଫୁଟର କପଡ଼ା ତୋରଣ ଆକର୍ଷଣ ସାଜିବ

## ଖୁଦୁପୁର ଗଣେଶ ପୂଜା କମିଟି

- ପୂଜା ପାଇବେ ୧୧ ଫୁଟ ଉଚ୍ଚର ଗଜାନନ
- ଖେଚୁଡ଼ି ଭୋଗ ଶ୍ରଦ୍ଧାଳୁଙ୍କୁ ବଣ୍ଟନ ହୋଇଥାଏ



ଜଟଣୀ,୨୭।୮(ରବୀନ୍ଦ୍ରନାଥ ମହାକୁଡ଼)

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଜଟଣୀ ସହର। ଏଥିପାଇଁ ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର ଖୁଦୁପୁର ଗଣେଶ ପୂଜା କମିଟି ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି।

୧୩ ବର୍ଷ ପୂର୍ବେ କେତେଜଣ ଉଦ୍ୟମୀ ବ୍ୟକ୍ତିଙ୍କୁ ନେଇ ଏହି ମଣ୍ଡପରେ ଶ୍ରୀଗଣେଶଙ୍କ ପୂଜା ଆରମ୍ଭ ହୋଇଥିଲା। ସ୍ୱର୍ଗତ ରଜନୀରଞ୍ଜନ ସାମନ୍ତରା, ରଞ୍ଜିତ୍ ମଙ୍ଗରାଜ, ସୁଧୀର ରାଉତରାୟ, ବିଜୟ ହରିଚନ୍ଦନ, ଚିତ୍ତରଞ୍ଜନ ପାଟ୍ଟଶାଣୀ, ମନୋରଞ୍ଜନ ମାର୍ଥା, ପ୍ରଦୋଷ ସାମନ୍ତରାୟ, ହରିଶ୍ଚନ୍ଦ୍ର ପାହାଡ଼ସିଂ, ଅମରେନ୍ଦ୍ର ପାଟ୍ଟଶାଣୀ, ବାସୁଦେବ ମାର୍ଥା, କୀର୍ତ୍ତି ପାଇକରାୟ ପ୍ରମୁଖଙ୍କ ସହଯୋଗ ଏବଂ ଉଦ୍ୟମରେ ପୂଜା ଆରମ୍ଭ କରାଯାଇଥିବା ବର୍ତ୍ତମାନର ପୂଜା କମିଟି ସମ୍ପାଦକ ଚିତ୍ତରଞ୍ଜନ ପାଟ୍ଟଶାଣୀ କହିଛନ୍ତି। ପ୍ରଥମେ ୩୨ଜଣଙ୍କୁ ପୂଜା ଆରମ୍ଭ କରାଯାଇଥିବା ବେଳେ ବର୍ତ୍ତମାନ ୧୪୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ଦ୍ୱାରା ଗଣେଶପୂଜା ଆଡ଼ମ୍ବରରେ ହେଉଛି। ଖୁଦୁପୁର ବ୍ୟବସାୟୀ ସଂଘ, ଆଇଆଇଟି, ନାଇଜର ଅଟୋ ସଂଘ, ଖୁଦୁପୁର ୟୁଥ୍ କ୍ଲବ ସହିତ ଖୁଦୁପୁର ଗ୍ରାମବାସୀଙ୍କ ସହଯୋଗ ରହିଆସିଛି। ଏଥର ଗଣେଶ ପୂଜାରେ ୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବା ନେଇ କମିଟି ଆକଳନ କରିଛି। ୧୧ଫୁଟ ଉଚ୍ଚର ଗଜାନନଙ୍କ ସହିତ ଦେବୀ ସରସ୍ୱତୀ, ମା'ଲକ୍ଷ୍ମୀ ପୂଜା ପାଇବେ। ୨୫ ଫୁଟର କପଡ଼ା ତୋରଣ ସହିତ ଚୌଦ୍ୱାର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସୁନେଲି ରଙ୍ଗର ମେଢ଼ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଅନୁଷ୍ଠାନର ସଦସ୍ୟ ପ୍ରଦୋଷ ସାମନ୍ତରାୟ କହିଛନ୍ତି। ପୂଜା ୧୧ଦିନ ବ୍ୟାପୀ ମଣ୍ଡପରେ ଠାକୁରଙ୍କ ନିକଟରେ ବିଭିନ୍ନ ପ୍ରକାର ଶୁଖୁଲି ଭୋଗ ସହିତ ଖେଚୁଡ଼ି ଭୋଗ ଲାଗି କରାଯାଇଥାଏ। ମଣ୍ଡପ ବୁଲିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ଭୋଗ ପ୍ରଦାନ କରାଯାଇଥାଏ। ଶାନ୍ତିଶୃଙ୍ଖଳା ଏବଂ ଦର୍ଶକଙ୍କ ସୁବିଧା ପାଇଁ ପାର୍କିଂ ବ୍ୟବସ୍ଥା କରାଯିବା ସହିତ ୨୫ଜଣ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ। ମଣ୍ଡପରେ ସିସିଟିଭି କ୍ୟାମେରା ଖଞ୍ଜାଯିବା ନେଇ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି।

### ଏମାନେ ଯାହା କୁହନ୍ତି...



"ଗଣେଶ ପୂଜା ବର୍ଷ ବର୍ଷ ଧରି ଜନସାଧାରଣଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିଆସିଛି। ଏଠାରେ ପୂଜା ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ୟବସାୟୀ, ଛାତ୍ରୀଛାତ୍ର ଏବଂ ଗ୍ରାମବାସୀଙ୍କ ସହଯୋଗ ରହିଛି। ମଣ୍ଡପକୁ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଏଥର ପୂଜା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ା।

**– ହରିଶ୍ଚନ୍ଦ୍ର ପାହାଡ଼ସିଂ, ସଭାପତି, ଖୁଦୁପୁର ଗଣେଶ ପୂଜା କମିଟି**



"୧୩ବର୍ଷ ହେବ ଅନୁଷ୍ଠାନ ପକ୍ଷରୁ ଗଣେଶ ପୂଜା କରାଯାଉଛି। ପୂର୍ବରୁ ଅସ୍ଥାୟୀ ମଣ୍ଡପରେ ଠାକୁରଙ୍କୁ ପୂଜା କରାଯାଉଥିବା ବେଳେ ଗତ ୨ବର୍ଷ ହେବ ସ୍ଥାୟୀ ମଣ୍ଡପରେ ପୂଜା ପାଉଛନ୍ତି। ଦର୍ଶକଙ୍କ ପାଇଁ ନବଜ୍ୟୋତି ଖେଳପଡ଼ିଆରେ ସେପ୍ଟେମ୍ବର ୭ରୁ ୧୮ତାରିଖ ପର୍ଯ୍ୟନ୍ତ ମୀନାବଜାର ଖୋଲାଯିବା ପାଇଁ ଯୋଜନା ରହିଛି। ଏଥିସହ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର ହୋଇଛି।

**– ଚିତ୍ତରଞ୍ଜନ ପାଟ୍ଟଶାଣୀ, ସମ୍ପାଦକ, ଖୁଦୁପୁର ଗଣେଶ ପୂଜା କମିଟି**

# ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ବେଗୁନିଆ,୨୭।୮(ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମଙ୍ଗଳବାର ମାଟି ଅନୁକୂଳ କରାଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ବାଜା, ବାଣ ରୋଶଣିରେ ସ୍ଥାନୀୟ ପଥରଚୁଆ ପୋଖରୀ କୂଳରୁ ମାଟି ଅନୁକୂଳ କରାଯାଇଥିଲା। ପୁରୋହିତ ଅଖିଳ ଦାଶଙ୍କ ମନ୍ତ୍ରପାଠ ପରେ ହୋମଯଜ୍ଞ, ଧୂପ, ଦୀପ ନୈବେଦ୍ୟ ଅର୍ପଣ ସହିତ ଆଳତି କରାଯାଇଥିଲା। କମିଟି କର୍ମକର୍ତ୍ତାମାନେ ବ୍ରତ ପାଳନ କରି ଲାଲରଙ୍ଗର କପଡାରେ ମାଟିକୁ ବାନ୍ଧିବା ପରେ ନାମ ସଂକୀର୍ତ୍ତନ ସହିତ ପୂଜାମଣ୍ଡପ ଅଭିମୁଖେ ବାହାରିଥିଲେ। ଏହି ଦିନଠାରୁ ମା'ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ଶିଳ୍ପୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏଥିରେ କମିଟି ସଭାପତି ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ସମ୍ପାଦକ ବିଶ୍ୱନାଥ ସୁନ୍ଦରାୟଙ୍କ ସମେତ ବିଭିନ୍ନ ସାହିର କର୍ମକର୍ତ୍ତା ଓ ବଣିକମାନେ ସାମିଲ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ, ନନ୍ଦୋତ୍ସବ

ବୋଲଗଡ଼, ୨୭।୮ (ଦେବବ୍ରତ ହୋତା)

ସାନପଦର ପଞ୍ଚାୟତ ଅନ୍ତର୍ଗତ ରାସୋଳ ଗ୍ରାମର ଭାଗବତ ଟୁଙ୍ଗି ଠାରେ ନନ୍ଦଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମହାପ୍ରଭୁଙ୍କୁ ଦୋଳିରେ ଝୁଲାଇ 'ଆହା ମୋ ନନ୍ଦ କୋଳେ ଗୋବିନ୍ଦ' ଗୀତ ଗାନ କରାଯାଇଥିଲା। ଶ୍ରୀକୃଷ୍ଣ ବିଜେ କରିଥିବା ଦୋଳିକୁ ସମସ୍ତେ ଝୁଲାଇଥିଲେ। ଭକ୍ତମାନେ ମହାପ୍ରଭୁଙ୍କୁ ଫଳ, କ୍ଷୀର, ଲଡ୍ଡୁ, ଖିରୀ, ରାଶିକୋରା ଭୋଗଲାଗି କରିଥିଲେ। ଏହି ଉତ୍ସବରେ ବାଦ୍ୟକାର ଭାଗୁ ସାହୁ, ଗାୟକ ପବିତ୍ର ବାରିକ, ଶ୍ରୀଧର ବାରିକ, ଶିଶିର ଦାସ, ଭାସ୍କର ବାରିକ, ଶଙ୍କର ଦାସ, ଚକ୍ରଧର ଦାସ, ବିକ୍ରମ ପରିଡା, ଆକୁଳ ପରିଡା, ବସନ୍ତ ପରିଡା ସତ୍ୟନାରାୟଣ ବାରିକଙ୍କ ସମେତ ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ସଦସ୍ୟ ସଂକୀର୍ତ୍ତନ କରିଥିଲେ। ଅନୁରୂପ ଭାବେ ଅସରଳାସ୍ଥିତ କୁଞ୍ଜବନ ମଠ, ନନ୍ଦପଲ୍ଲୀ, ସଂପୁର, ଚାମ୍ପେଇଲୋ, ମାଣିବନ୍ଧ ଓ ଧଳାପଥର ଗ୍ରାମ ସମେତ ବୋଲଗଡ ବ୍ଲକ ଅଞ୍ଚଳର ବହୁ ଗ୍ରାମରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି।

**ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ):**



ଖୋର୍ଦ୍ଧା ଜିଲା ନଈରୀ ଗ୍ରାମର ଚିଲିକା ମଧ୍ୟରେ ରହିଛି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର କାଙ୍କଣ ଶିଖରୀ। ଚିଲିକାର ନୀଳ ଜଳରାଶିରେ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ବସୁଦେବ ତାଙ୍କୁ ଟୋକେଇରେ ଧରି ଯମୁନା ନଦୀ ପାର ହୋଇ ଗୋପପୁରକୁ ଯାଉଛନ୍ତି, ଆଉ ଏଠି ଏହି ଯମୁନା ନଦୀ ହୋଇଛି ମନ୍ଦାର ମାଳୀନି ନୀଳାମ୍ବୁ ଚିଲିକା। ଆଉ ଜଣେ ବ୍ୟକ୍ତି ଚିଲିକାର ନୀଳ ଜଳରାଶିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗୋପପୁର ନେଉଛନ୍ତି। ଏହି ଦୃଶ୍ୟ ଦେଖିବା ପାଇଁ କାଙ୍କଣ ଶିଖରୀ ପାଲଟିଥିଲା ଭକ୍ତିମୟ।

**ଟାଙ୍ଗୀ,(ରଘୁନାଥ ସାହୁ):** କନ୍ଧ ନୟାଗଡ଼ ଯାଦବ ସମିତି ଆନୁକୂଲ୍ୟରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ମୁଖ୍ୟବକ୍ତା ଖାଉଟି ଅଦାଲତର ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ସମ୍ମାନିତ ଅତିଥିଭାବେ କନ୍ଧନୟାଗଡ଼ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ନାଏବ ସରପଞ୍ଚ ପ୍ରମୋଦ ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା, କୁହୁଡ଼ି, ଚଣ୍ଡେଶ୍ୱର ଅଞ୍ଚଳ ଯାଦବ ସମିତିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦଶ ଅବତାର ନୃତ୍ୟ, ରାଧାକୃଷ୍ଣ ନୃତ୍ୟ, ଶ୍ରୀକୃଷ୍ଣଙ୍କ ଲବଣ ଚୋରି, କୃଷ୍ଣ ସୁଦାମା ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବେହେରା, ସମାଜସେବୀ ଅରୁଣ ସାହୁଙ୍କ ସମେତ ଗ୍ରାମ୍ୟ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ।

**କୃଷ୍ଣପ୍ରସାଦ,(କୈଳାସଚନ୍ଦ୍ରପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନଅଁଳ ଗ୍ରାମରେ ଶିକ୍ଷକ ନରେନ୍ଦ୍ର କୁମାର ସିଂହଙ୍କ ନେତୃତ୍ୱରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଗ୍ରାମରେ ଥିବା ଭାଗବତ ଦେବଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ କୃଷ୍ଣ ବଳରାମ, ନନ୍ଦ ଓ ନନ୍ଦରାଣୀ ଆଦି ବେଶରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରି ନିକଟ ଗ୍ରାମ ଦଳବେହେରା ସାହି, ପାଇକସାହି, ଇପିଙ୍ଗସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, କୃଷ୍ଣପ୍ରସାଦ ଗଡ଼ ବଜାର ଆଦି ପରିକ୍ରମା କରିଥିଲେ। ସାନଅଁଳ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ବିଦୁର ସିଂହଙ୍କ ନିର୍ଦ୍ଦେଶନାରେ ନୃତ୍ୟ ଆକୃଷ୍ଟ କରିଥିଲା।

## ସଂକ୍ଷେପରେ

### ୨୭କେଜି ଗଞ୍ଜେଇ ଜବତ, ୨ ଗିରଫ

ଜଟଣୀ, ୨୭।୮(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ ରେଳମଣ୍ଡଳ ରେଲୱେ ସୁରକ୍ଷା ବଳ ଦୁଇଟି ବସ୍ତା ବୋଝେଇ ୨୭କେଜି ୨୭୦ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିହାର ଔରଙ୍ଗାବାଦ ଜିଲା ଦେଓକୁଣ୍ଡ ରାମପୁର ଅଞ୍ଚଳର ରୋହିତ କୁମାର(୧୮) ଏବଂ ସନ୍ତୋଷ କୁମାର (୧୮)। ସୋମବାର ସନ୍ଧ୍ୟାରେ ବ୍ରହ୍ମପୁରରୁ ସଡ଼କପଥରେ ଖୋର୍ଦ୍ଧାରୋଡ୍ ରେଲୱେ ଷ୍ଟେଶନକୁ ଆସିଥିଲେ। ଖୋର୍ଦ୍ଧାରୋଡରୁ ଟ୍ରେନରେ ଉକ୍ତ ଗଞ୍ଜେଇକୁ ବିହାର ପାଟନା ଚାଲାଣ ପାଇଁ ଯୋଜନା କରୁଥିଲେ। ଖବରପାଇ ରେଲୱେ ସୁରକ୍ଷା ବଳ ସେମାନଙ୍କୁ କାବୁକରିବା ସହ ଗଞ୍ଜେଇ ଜବତ କରିଥିଲା।

### ଗାଁରେ ବ୍ୟାପୁଛି ହାଡ଼ପୁଟି, ମିଳିମିଳା

ନିରାକାରପୁର,୨୭।୮
(ମାନାସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅଧୀନ ଭୋଇସାହି ଗ୍ରାମରେ ଛୋଟପିଲାଙ୍କୁ ହାଡ଼ପୁଟି, ମିଳିମିଳା ହୋଇଥିବା ବେଳେ ବୃଦ୍ଧାବୃଦ୍ଧଙ୍କୁ ଦୀର୍ଘଦିନ ଧରି ଜ୍ୱରରେ ପୀଡ଼ିତ ରହୁଥିବା ଦେଖିବାକୁ ମିଳିଛି। ବର୍ଷଦିନେ ଆଗରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମରେ ବ୍ଲିଚିଂ ପାଉଡର ପକାଇବା ଠାରୁ ଆରମ୍ଭ କରି ପାଣିରେ ପକାଇ ପିଇବା ପାଇଁ ହାଲୋଜିନ ବଟିକା ଦେଇ ବିଭିନ୍ନ ସଚେତନତା କରାଯାଉଥିଲା। ଏବେ ଏହା କରାଯାଉନାହିଁ। ଫଳରେ ଗ୍ରାମଗୁଡ଼ିକରେ ଏସବୁ ସମସ୍ୟା ଦେଖିବାକୁ ମିଳିଛି। ଅନ୍ୟପଟେ ବୁଧବାର ଉକ୍ତ ଅଞ୍ଚଳକୁ ମେଡିକାଲ କର୍ମଚାରୀ ଗସ୍ତ କରିବେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧାରୀ ରାଜଶ୍ରୀ ପଟ୍ଟନାୟକ କହିଛନ୍ତି।

# ଜନଶୁଣାଣି ଶିବିରରେ ୯୦ ଅଭିଯୋଗ



ଜନଶୁଣାଣି ଅଭିଯୋଗ ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

ଜଟଣୀ,୨୭।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ସଭାଗୃହରେ ମଙ୍ଗଳବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରୀବାଳା ଜେନା, ଭୁବନେଶ୍ୱର ଉପଜିଲାପାଳ ନୀତୀଶ ତ୍ରିପାଠୀ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ନଗରପାଳ ଅନନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୯୦ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିର ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସଚେତନ କରାଯାଉ ନ ଥିବାରୁ କମ୍‌ସଂଖ୍ୟକ ଅଭିଯୋଗକାରୀ ଯୋଗଦେଇଥିଲେ ବୋଲି ଆଲୋଚନା ହୋଇଥିଲା। ଏନେଇ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ଜିଲା ଏବଂ ବ୍ଲକସ୍ତରରେ ଶିବିର ଆୟୋଜନ ନେଇ ସୂଚନା ଦିଆଯାଉଛି। ବିଭିନ୍ନ ସୋସିଆଲ ମିଡିଆରେ ମଧ୍ୟ ପ୍ରଚାର କରାଯାଉଛି। ଆଗକୁ ଆହୁରି ବ୍ୟାପକ କରାଯିବ।

# ଚାରା ଲଗାଇବା ସହ ସଚେତନ କଲେ

ବୋଲଗଡ଼,୨୭।୮
(ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତ ମର୍ଦ୍ଦାବାଡ଼ି ଗ୍ରାମରେ ପିକକ୍ ଅନୁଷ୍ଠାନର ଇକୋ ସେଭର ୟୁଥ୍ ଗ୍ରୁପ ପକ୍ଷରୁ ଗ୍ରାମରେ ଚାରାରୋପଣ କରାଯିବା ସହ ସାଇକେଲରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଚାରା ଲଗାଇବା ପାଇଁ ସଚେତନ କରିଥିଲେ। ଲୋକେଶ୍ୱର ଦେବ ମନ୍ଦିରଠାରୁ ସାଇକେଲ ଶୋଭାଯାତ୍ରାରେ ଅନୁଷ୍ଠାନର ସମ୍ପାଦକ ଚନ୍ଦନ ପଶ୍ଚିମ କବାଟଙ୍କ ନେତୃତ୍ୱରେ ବହୁ ଛାତ୍ର ସାମିଲ ହୋଇଥିଲେ। ସ୍ଲୋଗାନ ଦେବା ସହ ସଚେତନତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଧରି ଗୋଠଗୋପଲିଆ, ଶ୍ୟାମସୁନ୍ଦରପୁର, ବ୍ରହ୍ମପୁରା ଆଦି ଗ୍ରାମ ବୁଲି ଲୋକମାନଙ୍କୁ ଚାରା ଲଗାଇବା ପାଇଁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ନାଏବ ସରପଞ୍ଚ ରାଜକିଶୋର ଛୋଟରାୟ, ପ୍ରଶାନ୍ତ ରାଉତରାୟ, ସାମାଜିକ କର୍ମୀ ବାମଦେବ ଜେନା ପ୍ରମୁଖ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପରିକ୍ରମା ସମୟରେ ଛାତ୍ରମାନେ ଲୋକମାନଙ୍କୁ ଚାରା ଲଗାଇବା, ଅଳ୍ପ ବାଟ ଯିବା ପାଇଁ ମୋଟରଯାନ ବ୍ୟବହାର ନ କରି ଚାଲି ଚାଲି କିମ୍ବା ସାଇକେଲରେ ଯିବା ଏବଂ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ୟୁଥ ଗ୍ରୁପ ଅନୁଷ୍ଠାନର ସଭାନେତ୍ରୀ ତନ୍ମୟୀ ପାଟ୍ଟଶାଣୀ ସବୁଜ ପତାକା ଦେଖାଇ ଆଗକୁ ଯିବା ପାଇଁ ଉତ୍ସାହିତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଲୋଗାନ ବାର୍ତ୍ତା ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଲୋଗାନ ଲେଖି ଛାତ୍ର ଲିପକ କୁମାର କହଳସିଂହ ପୁରସ୍କୃତ ହୋଇଥିଲେ।



# ଅଧିଆପଡ଼ିଲେ ୨୪ ମାନସିକଧାରୀ

ବାଲୁଗାଁ,୨୭।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ନିକଟ ଚନ୍ଦ୍ରାପୁଟଠାରେ ଅବସ୍ଥାପିତ ବାଳମୁକୁନ୍ଦ ଦେବଙ୍କ ପୀଠରେ ଜନ୍ମାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କଠାରୁ ବରଦାନ ନିମନ୍ତେ ୨୪ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିଲେ।

ସୂଚନାଥାଉ କି, ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଆରୋଗ୍ୟ ଲାଭ ନ ହେବାରୁ ଶେଷରେ ଶିବ ମନ୍ଦିରରେ ଅଧିଆ ପଡ଼ି ଆରୋଗ୍ୟ ଲାଭ କରିଥିବା ଜନମାନସରେ କୁହାଯାଏ। କିନ୍ତୁ ବିଷ୍ଣୁଙ୍କ ମନ୍ଦିରରେ ମନସ୍କାମନା ପୂରଣ ନିମନ୍ତେ ଅଧିଆ ପଡିବା ଏଠାରେ ଏକ ନିଆରା ପରମ୍ପରା ରହିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବଡ଼କୂଳ ନିକଟ ଚନ୍ଦ୍ରାପୁଟସ୍ଥିତ ବାଳମୁକୁନ୍ଦ ଦେବଙ୍କ ପୀଠରେ ଚଳିତ ବର୍ଷ ଜନ୍ମାଷ୍ଟମୀ ତିଥିରେ ୨୪ଜଣ ମାନସିକଧାରୀ ଅଧିଆ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏଠାରେ ଅଧିଆ ପଡ଼ିଲେ ମନସ୍କାମନା ପୂରଣ ହୁଏ ବୋଲି ଶ୍ରଦ୍ଧାଳୁଙ୍କ ମନରେ ବିଶ୍ୱାସ ରହିଛି। ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବାଳମୁକୁନ୍ଦ ଦେବଙ୍କ ପୀଠରେ ଏହି ପରମ୍ପରା ଜାରି ରହିଥିବା ମନ୍ଦିର ପୂଜକ ଅକ୍ଷୟ ପଣ୍ଡା ସୂଚନା ଦେଇଛନ୍ତି। ସୋମବାର ଜନ୍ମାଷ୍ଟମୀ ଅବସରରେ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଉପାସନାକାରୀ ଦିନତମାମ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାନୀତି ସମ୍ପନ୍ନ କରିଥିଲେ । ସନ୍ଧ୍ୟା ପରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ତଥା ଶ୍ରୀକୃଷ୍ଣଙ୍କ ଜନ୍ମ ହେବାର ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ପକ୍ଷରୁ ପୁରାଣ ପାଠ, ନାଟକ, ସଂକୀର୍ତ୍ତନ ଓ ଶ୍ରୀକୃଷ୍ଣ କଥାମୃତ ଗାନ କରାଯାଇଥିଲା। ଶେଷରେ ଠାକୁରଙ୍କ ପୂଜାନୀତି ସମ୍ପନ୍ନ କରାଯାଇ ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ଦେଇ ଉଠାଇ ଦିଆଯିବା ପରମ୍ପରା ରହିଛି । ବିଗତ ବର୍ଷରେ ଏହି ତିଥିରେ ଅଧିଆ ପଡ଼ିଥିବା ବହୁ ଶ୍ରଦ୍ଧାଳୁ ଭଗବାନ ବିଷ୍ଣୁଙ୍କ ବରଦାନ ପାଇ ନିଜକୁ ଧନ୍ୟମନେ କରିଥିବା ମାନସିକଧାରୀମାନଙ୍କ ମୁଖରୁ ଶୁଣାଯାଏ। ଉକ୍ତ ଉତ୍ସବକୁ ବାଳମୁକୁନ୍ଦ ଦେବ ଠାକୁର କମିଟି ଚନ୍ଦ୍ରାପୁଟ ପକ୍ଷରୁ ପରିଚାଳନା କରାଯାଇଥିଲା । ସେହିପରି ବାଲୁଗାଁସ୍ଥିତ କୁଲାକୁଣ୍ଢେଇ ନୂଆଗାଁ ରାଧାଗୋବିନ୍ଦ ଦେବ, ହନୁମାନ ବଜାରସ୍ଥିତ ରାମ ମନ୍ଦିର, ରାଜସ୍ୱ ଡାକବଙ୍ଗଳା ନିକଟ ଇସ୍କନ କାର୍ଯ୍ୟାଳୟ ସମେତ ପୁରପଲ୍ଲୀରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି।

# 'ସାହିତ୍ୟ, କବିତା ହୃଦୟର କଥା କହେ'

ଖୋର୍ଦ୍ଧା,୨୭।୮(ପ୍ରଭାତ ପାଣିଗ୍ରାହୀ)





ଖୋର୍ଦ୍ଧା ସନ୍ନିକଟ ଜରିପୁଟ ଗୋପୀନାଥ ଦେବ ମନ୍ଦିର ପରିସରରେ ଗୋପୀନାଥ ସେବା ସଦନର ଏକାଦଶ ବାର୍ଷିକ ସାହିତ୍ୟ ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ସାରସ୍ୱତ ସାଧକମାନେ ଯୋଗଦେଇଥିଲେ। ଓଡ଼ିଆ ସାହିତ୍ୟ ଓ କବିତା ଲେଖକଙ୍କ ହୃଦୟର କଥା କହିଥାଏ ବୋଲି ମତପ୍ରକାଶ ପାଇଥିଲା। ସେବା ସଦନ ପକ୍ଷରୁ 'ଶ୍ରୀ ଜଗନ୍ନାଥ-୨୦୨୪' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ନୀଳାଦ୍ରିନାଥ ଜଗଦ୍ଦେବ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ସଭାପତିତ୍ୱ କରିଥିବା ବେଳେ ଡା. ପ୍ରଭାସ ପ୍ରଧାନ ମୁଖ୍ୟ ଅତିଥି, କବି ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ମୁଖ୍ୟବକ୍ତା, ବ୍ୟଙ୍ଗ କବି ସମ୍ପଦ ରଥ, କବି ବିପିନ ବିହାରୀ ଦଳାଇ, ବଂଶୀଧର ଦାସ ଏବଂ ରୋହିତ କୁମାର ଚମ୍ପତି ଯୋଗଦେଇଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା, କବି କୈଳାସ ଚନ୍ଦ୍ର ପୃଷ୍ଟି ଏବଂ କବୟିତ୍ରୀ ଗୀତାଞ୍ଜଳି ବେହେରାଙ୍କ ସଂଯୋଜନାରେ ୩୮ଜଣ କବି କବୟିତ୍ରୀ କବିତା ପାଠ କରିଥିଲେ। ଏହି ଅବସରରେ ଭଦ୍ରକର ବେଣୁଧର ବେହେରା, ଶରଣକୁଳର ପରମାନନ୍ଦ ସ୍ୱାଇଁ, ଗଡ଼ମୋଟରୀର ଲକ୍ଷ୍ମୀପ୍ରିୟା ଦାଶ, ନିମାପଡ଼ାର ସୌଦାମିନୀ ଦାଶ, ଗଞ୍ଜାମର ବିଜୟ କୁମାର ପାଢ଼ୀ, ଗୀତାଞ୍ଜଳି ମହାପାତ୍ର, ମଲ୍ଲିକା ସିଂହ, ମଙ୍ଗରାଜ ବିଶ୍ୱାଳ, କଟକର ବିଷ୍ଣୁ ଚରଣ ନାୟକ, ଦିବ୍ୟଲୋଚନ ଭାରିମଲ୍ଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରହ୍ଲାଦ ବାରିକ ଧନ୍ୟବାଦ ଦେଇଥିଲେ।

# ୨,୫୨୧ରୁ ୧,୬୮୯ ପ୍ରକଳ୍ପ ଅଧାପନ୍ତରିଆ

ବୋଲଗଡ଼,୨୭।୮(ଦେବବ୍ରତ ହୋତା)





ଜନଶୁଣାଣି ଶିବିରରେ ଅଧିକାରୀ ଏବଂ ଅନ୍ୟମାନେ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ବୋଲଗଡ଼ ବ୍ଲକସ୍ତରୀୟ ଜନଶୁଣାଣି ରାଜୀବ ଗାନ୍ଧୀ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସମୀକ୍ଷକ ପ୍ରତ୍ୟୁଷ ମହାରଣା, ବିଡିଓ ଶରତ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲା ସଂଯୋଜିକା ଜ୍ୟୋତ୍ସ୍ନାମୟୀ ରାଉତ, ବ୍ଲକ ସାମାଜିକ ସମୀକ୍ଷକ ସୁକାନ୍ତି ମହାପାତ୍ର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତି, ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ଓ ସଭ୍ୟା ସୁନନ୍ଦିତା ସାହୁ ଯୋଗଦେଇଥିଲେ।

ବ୍ଲକ ପ୍ରୋଗ୍ରାମ ଅଧିକାରିଣୀ ରୁବି ଡାକୁଆ ୨୦୨୩-୨୪ ଆର୍ଥିକ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ବ୍ଲକରେ ପଞ୍ଜୀକୃତ ୧୭,୪୩୪ ପରିବାର ମଧ୍ୟରୁ ୧୬,୬୪୯ଜଣ ହିତାଧିକାରୀଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଛି। ସକ୍ଷମ ଶ୍ରମିକମାନଙ୍କ ମଧ୍ୟରୁ ୭,୪୦୭ଜଣଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ୮୪୬ଜଣ ୧୦୦ଦିନ କାମ କରିଛନ୍ତି। ତେବେ ଏହି ଆର୍ଥିକ ବର୍ଷରେ ୨ ୫୨୧ ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ୮୩୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ତେବେ ୧,୬୮୯ ପ୍ରକଳ୍ପ ଅଧାପନ୍ତରିଆ ରହିଛି। ମୋଟ ୧୪୬୫.୪୫ଲକ୍ଷ ଟଙ୍କାରୁ ୧୦୨୮. ୩୧ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମ ଅବସରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ପଞ୍ଚାୟତସ୍ତରୀୟ ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଏବଂ ଜନପ୍ରତିନିଧିମାନେ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭|୮|୨୦୨୪

| | |
|---|---|
| ୩,୦୭,୩୫୬ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୧୪.୧୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ଆରମ୍ଭ

ପୁରୀ,୨୭|୮(ଅଜିତ୍ କୁମାର ମହାନ୍ତି)

ଜନ୍ମାଷ୍ଟମୀ ତିଥିରେ ଶ୍ରୀକୃଷ୍ଣଙ୍କ ଜନ୍ମପରେ ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଆରମ୍ଭ ହୋଇଛି। ପରମ୍ପରା ବର୍ଷ ବର୍ଷ ଧରି ଶ୍ରୀମନ୍ଦିରରେ ପ୍ରଚଳିତ ହୋଇ ଆସୁଛି। ଶ୍ରୀକୃଷ୍ଣଙ୍କ ଚରିତ୍ରରେ ଜନ୍ମଠାରୁ କଂସ ବଧ ପର୍ଯ୍ୟନ୍ତ ବିଭିନ୍ନ ଲୀଳାକୁ ପୁରୀର ଆଠ ସାହି ପ୍ରଦର୍ଶନ କରିଥାନ୍ତି। କୃଷ୍ଣଜନ୍ମଠାରୁ ଆରମ୍ଭ ହୋଇଥିବା ଶ୍ରୀ କୃଷ୍ଣଲୀଳା ଆସନ୍ତା ୧୩ ତାରିଖରେ ସିଂହଦ୍ୱାର ନିକଟରେ ଏକ ଭବ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ମଥୁରା ନଗର ଓ କଂସ ବଧ ସହ ସମ୍ପନ୍ନ ହେବ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତି, ଶୃଙ୍ଖଳା ଓ ପରମ୍ପରା ଅନୁଯାୟୀ ପାଳନ କରାଯିବା ପାଇଁ ଏକ ସମନ୍ୱୟ ବୈଠକ ମଙ୍ଗଳବାର ଅପରାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା



ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳାନୀତି ସମ୍ପର୍କରେ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଉପସ୍ଥିତ ଅଧିକାରୀମାନେ।

କରିବା ସହ ମହାପ୍ରଭୁଙ୍କ ପରମ୍ପରାକୁ ଅକ୍ଷୁଣ୍ଣ ରଖି ଏହାକୁ ସମସ୍ତଙ୍କ ସହଯୋଗରେ ସୁନ୍ଦର ଭାବେ ଆୟୋଜନ କରିବାକୁ ଅନୁରୋଧ କରିଥିଲେ। ମହାପ୍ରଭୁଙ୍କ ଏହି ବିଜେ ଲୀଳାର କାର୍ଯ୍ୟକ୍ରମରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯେପରି ଅଧିକ ସଂଖ୍ୟାରେ ଯୋଗ ଦେଇ ଏହାକୁ ସଫଳ କରିବେ, ସେଥିପାଇଁ ଜିଲାପାଳ ଅନୁରୋଧ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ବିଭିନ୍ନ ସାହିର ବିଶିଷ୍ଟ ବ୍ୟକ୍ତି, ମିଳିତ ସମନ୍ୱୟ ସମିତିର ଯୁଗ୍ମ ସଂପାଦକ ତନ୍ତ୍ରଧର ମହାପାତ୍ର, ସଂଯୋଜକ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ଣରେ ମଙ୍ଗଳବାର ପ୍ରଥମ ଦିନରେ ଶ୍ରୀକୃଷ୍ଣ ଲୀଳାର ଅଂଶବିଶେଷ ମାର୍କଣ୍ଡେଶ୍ୱର ସାହିରେ ପୁତନା ବଧର ବ୍ୟବସ୍ଥା ହୋଇଛି। ସେହିପରି ବୁଧବାର ବାଲିସାହି ପକ୍ଷରୁ ବକାସୁର ବଧ ଓ ହରଚଣ୍ଡୀ ସାହି ପକ୍ଷରୁ ଅଘାସୁର ବଧ ନୀତି ଆଗତ କରାଯିବ। ଗୁରୁବାର କୁଣ୍ଡେଇ ବେଣ୍ଟସାହି ପକ୍ଷରୁ ଧେନୁକାସୁର ବଧ, ଶୁକ୍ରବାର ଦୋଳମଣ୍ଡପ ସାହି ପକ୍ଷରୁ ପ୍ରଳମ୍ବାସୁର ବଧ ନୀତି ସମ୍ପନ୍ନ ହେବ।

## କଳିଙ୍ଗ ସ୍ମାର୍ଟ ସ୍କୁଲରେ ଜନ୍ମାଷ୍ଟମୀ



ପୁରୀ,୨୭|୮(ଅଜିତ କୁମାର ମହାନ୍ତି)

ଗୁଣ୍ଡିଚା ମନ୍ଦିର ନିକଟ ହରିହର ବିହାରସ୍ଥିତ କଳିଙ୍ଗ ସ୍ମାର୍ଟ ସ୍କୁଲରେ ଯୋଗମାୟା ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ କୃଷ୍ଣ, ବଳରାମ ଓ ରାଧା ଆଦି ବେଶରେ ସୁସଜ୍ଜିତ ହେବା ସହ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅଧକ୍ଷ ସଞ୍ଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରିନ୍ସିପାଲ ପ୍ରଜ୍ଞାଶୁଚିସ୍ମିତା ପ୍ରତିହାରୀ, ଐଶ୍ୱରିୟା ମହାନ୍ତି, ପୁଷ୍ପାଞ୍ଜଳି ମହାପାତ୍ର, ବିଷ୍ଣୁପ୍ରିୟା ମିଶ୍ର, ପ୍ରିୟଙ୍କା ରଥ, ବିଶ୍ୱଜିତା ନନ୍ଦ, ଗାୟତ୍ରୀ ମହାପାତ୍ର ଓ ସନ୍ଧ୍ୟାରାଣୀ ବାରିକ ସହଯୋଗ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଅନିଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବେଆଇନ ନିର୍ମାଣକୁ ବିରୋଧକରି ଦାବିପତ୍ର

ପୁରୀ,୨୭|୮(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ମନ୍ଦିର ସଂହଦ୍ୱାର ସମ୍ମୁଖରେ ଛାଉଣୀ ମଠକୁ ଲାଗି ସୂଚନା କେନ୍ଦ୍ରର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ଦାବି କରି ମୁଖ୍ୟ ଶାସନ ସଚିବଙ୍କୁ ସାମାଜିକ କର୍ମୀ ଦିଲୀପ ବରାଳ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଅଭିଯୋଗରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ଏଏସ୍ଆଇ ବିନା ଅନୁମତିରେ ସୂଚନା କେନ୍ଦ୍ର ନିର୍ମାଣ କାର୍ଯ୍ୟ କରାଯାଉଛି। ତେବେ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ସୂଚନା କେନ୍ଦ୍ର ନିର୍ମାଣ କରାଗଲେ ଛାଉଣୀ ମଠର ଗୋଟିଏ କାନ୍ଥ ସମ୍ପୂର୍ଣ୍ଣ ଭାବରେ ଲୁଚି ଯିବ ଏବଂ ସିଂହଦ୍ୱାରର ଗୋଟିଏ ସିଂହମୂର୍ତ୍ତି ଦୂରରୁ ଭଲ ଭାବେ ଦୃଶ୍ୟମାନ ହେବ ନାହିଁ। ଏହାସହ ସିଂହଦ୍ୱାର ସମ୍ମୁଖରେ ସବୁବେଳେ ଗହଳି ଲାଗି ରହିବ, ଯାହାଫଳରେ ପତିତପାବନଙ୍କୁ ଭକ୍ତମାନେ ଦୂରରୁ ଭଲ ଭାବରେ ଦର୍ଶନ କରିପାରିବେ ନାହିଁ। ସିଂହଦ୍ୱାର ସୌନ୍ଦର୍ଯ୍ୟ ନଷ୍ଟ ହେବ। ତେଣୁ ସମସ୍ତ ଦିଗକୁ ନଜରରେ ରଖି ନିର୍ମାଣ ହେଉଥିବା ସ୍ଥାନରେ ସୂଚନା କେନ୍ଦ୍ର ନିର୍ମାଣ ବନ୍ଦ କରାଯାଇ ଅନ୍ୟସ୍ଥାନରେ ନିର୍ମାଣ କରାଯାଉ ବୋଲି ଶ୍ରୀ ବରାଳ କହିଛନ୍ତି।

### ବାର୍ଡ ଫ୍ଲୁ ବ୍ୟାପିଥିବା ଅଞ୍ଚଳରେ ଚିକେନ ନ ଖାଇବାକୁ ପରାମର୍ଶ

ପୁରୀ,୨୭|୮(ଅଜିତ୍ କୁମାର ମହାନ୍ତି)

ପିପିଲି ଓ ସତ୍ୟବାଦୀରେ ବାର୍ଡ ଫ୍ଲୁ ଘଟଣା ସମଗ୍ର ରାଜ୍ୟରେ ଚିନ୍ତା ବଢ଼ାଇଛି। ସଂକ୍ରମିତ ଅଞ୍ଚଳରେ କୁକୁଡ଼ା ମରା ଅଭିଯାନ ଜୋରଦାର କରାଯାଇଛି। ବର୍ତ୍ତମାନ ସୁଦ୍ଧା ପିପିଲି ଓ ସତ୍ୟବାଦୀ ଅଞ୍ଚଳରେ ୨୬ ହଜାର ୩୭୧ କୁକୁଡ଼ା ମରାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବାର୍ଡ ଫ୍ଲୁ ଏକ ଭୂତାଣୁଜନିତ ରୋଗ ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳରେ କୌଣସି ଚିକେନ ସେଣ୍ଟର ଖୋଲାଯିବ ନାହିଁ। ସମ୍ପୃକ୍ତ ଅଞ୍ଚଳର ଲୋକଙ୍କୁ ଚିକେନ ନ ଖାଇବାକୁ ପରାମର୍ଶ ଦିଆଯାଇଛି। କୁକୁଡ଼ା ଫାର୍ମଗୁଡ଼ିକୁ ସାନିଟାଇଜ୍ କରାଯାଉଛି ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶରତ କୁମାର ବେହେରା ସୂଚନା ଦେଇଛନ୍ତି।

# ସାକ୍ଷୀଗୋପାଳ ମନ୍ଦିରରେ ନନ୍ଦୋତ୍ସବ



ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସାକ୍ଷୀଗୋପାଳ,୨୭|୮
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍)

ସେବାୟତ ସଂଘ ଆନୁକୂଲ୍ୟରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ୩ ଦିନିଆ ଆଧ୍ୟାତ୍ମିକ ସମାରୋହ ଶ୍ରୀକୃଷ୍ଣ ଜନ୍ମୋତ୍ସବ ମଙ୍ଗଳବାର ନନ୍ଦ ଉତ୍ସବରେ ଶେଷ ହୋଇଛି। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସେବାୟତ ସଂଘ ସମ୍ପାଦକ ବିଜୟ ନନ୍ଦ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ, ସଭାପତି ଦୁର୍ଗାପ୍ରସାଦ ମହାପାତ୍ର ଓ ଉପସଭାପତି ବ୍ରଜକିଶୋର ମହାପାତ୍ର, ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ‘ଦେଖ ଗୋ ରାଧା ମାଧବ ଚାଲି ଦେଖ ଗୋ’ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟାଂଶରେ ପଲ୍ଲବୀ, ସୁକନ୍ୟା, ପ୍ରିୟା ସିଂ, ପ୍ରୀତିକା, ସ୍ୱୟଂଶ୍ରୀ, ଅପନ୍ନା ଅଂଶଗ୍ରହଣ କରିଥିଲେ। ପରେ ‘ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରୀ’ ନୃତ୍ୟରେ କୁହୁ, ବର୍ଷା, ଇପ୍ସିତା, ଶିବାନୀ, ଭବାନୀ ଓ ସ୍ନେହା, ସମ୍ବଲପୁରୀ ଲୋକନୃତ୍ୟରେ ସୌମ୍ୟା, ସାଇଶ୍ରୀ, ପ୍ରୀତିଲେଖା, ଶ୍ରୀୟା, ଶୁଭସ୍ମିତା, ଅନନ୍ୟା ଅଂଶଗ୍ରହଣ କରିଥିଲେ। ଅନ୍ତିମ ଦୃଶ୍ୟ ‘କି ଶୋଭା ଗୋ କୁଞ୍ଜେ ମଦନମୋହନ’ ଏବଂ ‘ହେ କୃଷ୍ଣ କରୁଣାକର’ରେ ଅନ୍ୱେଷା, ପ୍ରିୟଙ୍କା, ସୁଚିତ୍ରା, ନନ୍ଦିନୀ, ପଲ୍ଲବୀ, ସୁମନ, ଅଞ୍ଜଳି, ଆଦ୍ୟାଶା, ରାଜଲକ୍ଷ୍ମୀ, ଶ୍ରୀପଦା ଓ ମନିଷା ନୃତ୍ୟ ପରିବେଷଣ କରିଥିଲେ। ଚିରସ୍ରୋତା ଖୁଣ୍ଟିଆ ଓ ମୀରା ଦାଶ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତ ଗୁରୁ ଅଚ୍ୟୁତ ମହାରଣା, କଣ୍ଠଶିଳ୍ପୀ ମମତା ଶ୍ରୀଚନ୍ଦନ, ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ସଙ୍ଗୀତ ଗୁରୁ ବୃନ୍ଦ ଭଜନ ପରିବେଷଣ କରିଥିଲେ। ମା’ ସିଂଘବାହିନୀ ସମ୍ବଲପୁରୀ ନୃତ୍ୟ ପରିଷଦର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଅଶୋକ ସାହୁ, ସୁକାନ୍ତ, ତୁଷାର, ଶ୍ରୀନିବାସ ପ୍ରମୁଖ ସହଯୋଗ କରିଥିଲେ। ଆଇନଜୀବୀ ଅଞ୍ଜନ ହୋତା ସଂଯୋଜନା କରିଥିଲେ। ଏହି ଅବସରରେ ସେବାୟତ ସନ୍ତାନଙ୍କୁ ସ୍ୱେଚ୍ଛାସେବୀ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜାଗାବାଡ଼ିକୁ କେନ୍ଦ୍ରକରି ୩ ଜଣଙ୍କୁ ସଂଘବଦ୍ଧ ଆକ୍ରମଣ

ନିମାପଡ଼ା,୨୭|୮
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ରଙ୍ଗ ମଠ ଗ୍ରାମରେ ଜାଗାବାଡ଼ି ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଓ ରକ୍ତପାତ ହୋଇଛି। ଏଥିରେ ଶବାନୀ ଭୋଇ ତାଙ୍କ ସ୍ୱାମୀ କୈଳାସ ଭୋଇ, ପୁଅ ପ୍ରମୁଖ ୩ ଜଣ ଆହତ ହୋଇ ନିମାପଡ଼ା ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ପୋଲିସ ୧୮ ଜଣଙ୍କ ବିରୋଧରେ ୨୬୫/୨୪ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। କୈଳାସ ଘରେ ନ ଥିବାବେଳେ ସୋମବାର ସକାଳେ ଗ୍ରାମର ୧୮ ଜଣ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ଘରକୁ ବଳପୂର୍ବକ ପଶି ଭଙ୍ଗାରୁଜା କରିବା ସହ ଶବନୀଙ୍କୁ ମାଡ଼ ମାରି ବିଭିନ୍ନ ଧମକ ଦେଇଥିଲେ। ଖବରପାଇ କୈଳାସ ଓ ପୁଅ ଘଟଣା ସ୍ଥଳରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଫଳରେ ସେମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଶବନୀ ୧୮ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳରୁ ନିବୃତ ରହିବାକୁ ପୋଲିସ ଉଭୟ ଗୋଷ୍ଠୀଙ୍କୁ କଡ଼ା ତାଗିଦା କରିଛି।

## ତେଲାଙ୍ଗ ଆଦର୍ଶ ବିଦ୍ୟାଳୟର ସମସ୍ୟା ସୁଧୁରୁନି

ପୁରୀ,୨୭|୮(ଅଜିତ କୁମାର ମହାନ୍ତି)

ତେଲାଙ୍ଗ ଆଦର୍ଶ ବିଦ୍ୟାଳୟ ଅଭିଭାବକ ମହାସଂଘ ପକ୍ଷରୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ପୁରୀ ଉପଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଦୀର୍ଘ ତିନିବର୍ଷ ଧରି ବିଦ୍ୟାଳୟ ଖୋଲିଥିଲେ ହେଁ ସମସ୍ୟା ପିଛା ଛାଡୁନାହିଁ। ସ୍କୁଲରେ ଷଷ୍ଠଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବସିବାକୁ ବେଞ୍ଚ ନାହିଁ। ସେହିପରି ପାଠ୍ୟପୁସ୍ତକ, କମ୍ପ୍ୟୁଟର, ବାଦ୍ୟଯନ୍ତ୍ର ନ ଥିବା ବେଳେ ଖେଳପଡିଆ କାମ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ହଷ୍ଟେଲ କାମ ପୂର୍ଣ୍ଣାଙ୍ଗ ହୋଇଥିଲେ ମଧ୍ୟ ଛାତ୍ରୀମାନେ ରହିବା ପାଇଁ ବ୍ୟବସ୍ଥା ହୋଇନାହିଁ। ଛାତ୍ରାବାସ ପାଇଁ ଟେଣ୍ଡର ସରିଥିଲେ ବି କୋଠା ନିର୍ମାଣ ଆରମ୍ଭ ହୋଇନାହିଁ। ସ୍କୁଲ ପରିଚାଳନା କମିଟିରେ ଅଭିଭାବକଙ୍କୁ ସଭ୍ୟ ରୂପେ ନିଆଯାଇ ନାହିଁ। ପୂର୍ବ ସରକାରଙ୍କ ୫-ଟି ଯୋଜନାର

### ଉପଜିଲାପାଳଙ୍କ ଦ୍ୱାରସ୍ଥ ଅଭିଭାବକ ମହାସଂଘ

୫୦ ଲକ୍ଷ ଟଙ୍କା ବିଡିଓଙ୍କ ଜମା ଖାତାରେ ପଡ଼ିରହିଥିଲେ ବି ସ୍କୁଲର ଉନ୍ନତୀକରଣ କାମରେ ଲଗାଯାଉନାହିଁ। ସେହିପରି ପିଲାଙ୍କୁ ଅନେକ ସମୟରେ ନିମ୍ନମାନର ଖାଦ୍ୟ ଦିଆଯାଉଛି ବୋଲି ଅଭିଯୋଗ କରାଯାଇଛି। ଏ ଦିଗରେ ତୁରନ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ଅଭିଭାବକ ମହାସଂଘର ସଭାପତି ଅଶୋକ ପ୍ରଧାନ, ସମ୍ପାଦକ ମୋହନ ମହାନ୍ତି, ସଭ୍ୟା ମାମିନା ସାହୁ, ଦେବେନ୍ଦ୍ର ବେହେରା ଓ ମାଗୁଣି ମନ୍ତ୍ରୀ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲାପାଳ ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଅଭିଭାବକ ସଂଘ ପକ୍ଷରୁ କୁହାଯାଇଛି।

## ଡିଜେ ସାଉଣ୍ଡ ୬୫ ଡେସିବଲ ରଖିବାକୁ ନିର୍ଦ୍ଦେଶ: ଜିଲାପାଳ

କାକଟପୁର,୨୭|୮(ଶୁଭଦର୍ଶନ ମିଶ୍ର)

ଆଉ ଅଳ୍ପ ଦିନ ପରେ ଗଣେଶ ପୂଜା। ପୁରୀ ଜିଲାରେ ଡିଜେ ସାଉଣ୍ଡ ଉପରେ ପ୍ରଶାସନ କଟକଣା ଲଗାଇଛି। ବାହାଘର, ପୂଜା ପାର୍ବଣ ଆଦିରେ ଡିଜେର ବହୁଳ ବ୍ୟବହାର ହେଉଥିବାବେଳେ ଏହି ଶବ୍ଦ ଯୋଗୁ ପ୍ରଦୂଷଣ ହେବା ସହ ଲୋକେ ଅସୁସ୍ଥତା ଅନୁଭବ କରୁଥିବା ଦେଖିବାକୁ ମିଳିଛି। ଏଥିପାଇଁ ଜିଲାପ୍ରଶାସନ ଏହା ଉପରେ ରୋକ ଲଗାଇବାକୁ ଅଣ୍ଟା ଭିଡ଼ିଛି। ବାହାଘର ଏବଂ କୌଣସି ଯାନି ଯାତ୍ରା ହେଲେ ୬୦ରୁ ୬୫ ଡେସିବଲ ସାଉଣ୍ଡ ବାଜିବା ନିୟମ ରହିଛି। ହେଲେ ଲୋକେ ଏହାଠୁ ଉଚ୍ଚ ବିକଟାଳ ଶବ୍ଦ ବ୍ୟବହାର କରୁଥିବା ପ୍ରଦୂଷଣକାରୀ ଡିଜେ ସାଉଣ୍ଡକୁ ଅନୁଭବ କରି ଜିଲାପାଳଙ୍କ ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣିରେ ପୁରୀ

### ଡିଜେ ପାଇଁ କଟକଣା

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗଣମାଧ୍ୟମକୁ ଏହା କହିଛନ୍ତି। ୬୦ରୁ ୬୫ ଡେସିବଲରୁ ଯଦି କୌଣସି ସ୍ଥାନରେ ଅଧିକ ଉଚ୍ଚ ଶବ୍ଦରେ ଡିଜେ ବଜାଯାଇ ଆଇନ ଉଲ୍ଲଂଘନ ହୁଏ, ତେବେ ତହସିଲଦାର ଓ ଥାନାଧିକାରୀ ତୁରନ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏହାସହ ସାଉଣ୍ଡ ବଜାଇବାକୁ ଉପଜିଲାପାଳଙ୍କଠାରୁ ଲିଖିତ ଆକାରରେ ନିର୍ଦ୍ଦେଶନାମା ଆଣିବାକୁ ପଡ଼ିବ। ଆଗାମୀ ଦିନରେ କୌଣସି ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଏହି ନିୟମାବଳୀ ଉଲ୍ଲଂଘନ କରୁଥିବା ନଜରକୁ ଆସିଲେ ଉକ୍ତ ଡିଜେ କାର୍ଯ୍ୟକର୍ତ୍ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ଉଦ୍‌ଯାପିତ

ପୁରୀ,୨୭|୮(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳ ସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଯୋଗଦେଇ ସଂସ୍କୃତର ମହତ୍ତ୍ୱ ଓ ସଂସ୍କୃତ ଭାଷାରେ ରହିଥିବା ଶାସ୍ତ୍ରଗୁଡ଼ିକର ଅଧ୍ୟୟନ ତଥା ପ୍ରଚାର ଓ ପ୍ରସାର ଭାରତ ବର୍ଷର ଗୌରବ ବୃଦ୍ଧି କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ବସନ୍ତ



କୁମାର ମିଶ୍ର ଯୋଗଦେଇ ସମସ୍ତଙ୍କ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ଦ୍ୱାରା କିପରି ଚରିତ୍ର ନିର୍ମାଣ ସହ ଉତ୍ତମ ସମାଜ ଗଠନ ହୋଇପାରିବ, ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ଦାଶ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେବା ସହିତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ରବି ଶଙ୍କର ସିଂ ବେଦପାଠ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସ୍କୃତ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା ପ୍ରବନ୍ଧ, ବକ୍ତୃତା, ଶ୍ଳୋକ, ସୂତ୍ର ଓ ମନ୍ତ୍ର ଆଦିରେ ବିଭିନ୍ନ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟାପିକା ସଂଘମିତ୍ରା ସ୍ୱାଇଁ, ସବିତା ରାଣୀ ଦାସ, ସୌମିତ୍ରୀ ଦାସ, ବବ୍‌ଲୀ ମେହେର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧାପକ ଅଭିଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସରେ ପୂର୍ବତନ ମୁଷ୍ଟିଯୋଦ୍ଧା, ପ୍ରଶିକ୍ଷକ ସମ୍ମାନିତ

ପୁରୀ,୨୭|୮(ଅଜିତ୍ କୁମାର ମହାନ୍ତି)

ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସ ଅବସରରେ ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ପୁରୀରେ ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସ ସ୍ଥାନୀୟ ତାଳବଣିଆ ଷ୍ଟାଡିୟମ୍‌ଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଥମେ ଝାଡେଶ୍ୱରୀ ମନ୍ଦିରଠାରେ ପ୍ରଦୀପ ପ୍ରଜ୍ୱଳନ କରି ଖେଳାଳିମାନେ ସହର ପରିକ୍ରମା କରି ଏକ ଶୋଭାଯାତ୍ରାରେ ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲେ। ପରେ ଷ୍ଟାଡିୟମ୍‌ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପୁରୀ ଜୟନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ବଡିବିଲ୍ଡର ଅନୀଲ ଗୋଚ୍ଛିକାର, ଅଶୋକ ମହାପାତ୍ର, ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ ମୁଷ୍ଟିଯୁଦ୍ଧ ସମ୍ପର୍କରେ ମତ ରଖିବା ସହ ପୁରୀ ବକ୍ସିଂ ଏକାଡେମୀ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲାର ପୂର୍ବତନ ମୁଷ୍ଟିଯୋଦ୍ଧା ଓ ପ୍ରଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଅମରେଶ ଜେନା(ଭୁବନେଶ୍ୱର), ବିଷ୍ଣୁ ପ୍ରସାଦ ପାଲ(କଟକ), ଦେବାଶିଷ ପ୍ରଧାନ (କନ୍ଧମାଳ), ସିପ୍ପା ଷଡ଼ଙ୍ଗୀ(ସୁନ୍ଦରଗଡ), କୃତୀବାସ ଶତପଥୀ (ସୁବର୍ଣ୍ଣପୁର), ପ୍ରୀତମ କାକ୍ (ରାଉରକେଲା), ସୁକାନ୍ତ ଦଳେଇ (ଗାମ), ମନୋହର ଜେନା(ଗଜପତି) ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ଓଡ଼ିଶା ପୋଲିସରେ କାର୍ଯ୍ୟରତ ଥିବା ପୂର୍ବତନ ମୁଷ୍ଟିଯୋଦ୍ଧା ବିଶ୍ୱଭୂଷଣ ପଣ୍ଡା, ମହେଶ୍ୱର ସେଠୀ, ସମସେର ଅଲ୍ଲୀ, ସମର ସିହ୍ନା, ବିଶ୍ୱଜିତ୍ ପ୍ରଧାନ, କାଳୁଚରଣ ସାହୁ, ସୁନୀଲ ଜେନା ପ୍ରମୁଖଙ୍କୁ ମଧ୍ୟ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ ଦାସ, ମାନସ ଜେନା, ଜାବିର ଖାଁ, ଅକ୍ଷୟ ନାୟକ, ଲକ୍ଷ୍ମୀଧର ମୁଦୁଲି, ରାକେଶ ଭୋଇ ପ୍ରମୁଖ ପରିଚାଳନା କରିଥିଲେ। ହରିହର କର ମଞ୍ଚ ପରିଚାଳନା କରିଥିବାବେଳେ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।




ଆନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସ ପାଳନ ଅବସରରେ ମଞ୍ଚାସୀନ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଓ ଅନ୍ୟମାନେ ।

## ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଗଣଧାରଣା

ପୁରୀ,୨୭|୮(ଅଜିତ୍ କୁମାର ମହାନ୍ତି)




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଶା ନିବାରରଣ ଆଇନ ଲାଗୁ ପାଇଁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଗଣଧାରଣା ।

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପୁରୀ ଜିଲା କମିଟି ପକ୍ଷରୁ ସାରା ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ ଲାଗୁ କରିବାକୁ ଦାବି କରି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଅଭିଯାନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଦମୁକ୍ତ ଓଡ଼ିଶା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଭିଯୋଗପତ୍ରରେ ଦର୍ଶାଯାଇଛି, ମଦର ପ୍ରଚଳନ ଏବେ ଚିନ୍ତାଜନକ ବିଷୟ ହୋଇଛି। ମଦ ସମାଜରୁ ସମସ୍ତଙ୍କ ସୁଖ, ଶାନ୍ତି ତଥା ସରକାରୀ ଜନହିତକାରୀ ଯୋଜନା ସବୁ ନଷ୍ଟ କରୁଛି। ମଦର ପ୍ରସାର ଗାଁ ଗାଁରେ ସାହି ବସ୍ତି ହେବା ଫଳରେ ରାଜ୍ୟର ଆର୍ଥିକ, ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜନ ଜୀବନକୁ ଧ୍ୱଂସ କରୁଛି। ଦୁର୍ଘଟଣା ଜନିତ ମୃତ୍ୟୁ ପଛରେ ମଦର ବଡ଼ ଭୂମିକା ରହୁଛି। ଘରେ ଘରେ ପାରିବାରିକ ଅଶାନ୍ତି, ଯୁବ ସମାଜ ପଥଭ୍ରଷ୍ଟ ହେଉଛି। ପ୍ରତିଦିନ ସାରା ଓଡ଼ିଶାରେ ହତ୍ୟା, ରାହାଜାନୀ ଭଳି ଘଟଣା ମଦ ଯୋଗୁ ଘଟୁଛି। ରାଜ୍ୟ ସରକାର ଯେତିକି ଟଙ୍କା ରାଜସ୍ୱ ପାଉଛନ୍ତି, ତାଠାରୁ ଅଧିକ ମୂଲ୍ୟବାନ ଜୀବନ ହରାଉଛନ୍ତି ବୋଲି କୁହାଯାଇଛି। ସେହିପରି ସପକ୍ଷବାଦୀଙ୍କ ତ୍ରୁଟିପୂର୍ଣ୍ଣ ବିଚାରରେ ଆର୍ଥିକ କ୍ଷେତ୍ରରେ ସରକାର ବହୁତ ରାଜସ୍ୱ ଆଦାୟ ହେଉଥିବା ପ୍ରଚାର କରାଯାଉଥିଲେ ହେଁ, ପ୍ରକୃତ କ୍ଷେତ୍ରରେ ଘର, ସମାଜ ଓ ରାଜ୍ୟକୁ କିଭଳି ଦେବାଳିଆ କରୁଛି ଲୋକେ ତାହା ବେଶ୍ ବୁଝି ସାରିଲେଣି ଓ ସେଥିପାଇଁ ମଦର ପ୍ରଚାର ପ୍ରସାର କରୁଥିବା ସରକାରକୁ ବରଖାସ୍ତ କରି ରାଜ୍ୟର ଶାସନଭାର ନୂତନ ସରକାରଙ୍କୁ ପ୍ରଦାନ କରିଛନ୍ତି। ମଦର ପ୍ରଚାର ପ୍ରସାରକୁ ବିରୋଧ କରି ରାଜ୍ୟରେ ଥିବା ଆଇନ ୧୯୫୬ ମସିହାରୁ ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ପ୍ରଣିତ ହୋଇଛି। କିନ୍ତୁ ପରିତାପର ବିଷୟ ଯେ, ଏହି ନିଶା ନିବାରଣ ଆଇନ ୧୯୫୬କୁ ଏଯାଏଁ ରାଜ୍ୟରେ ଲାଗୁ କରାଯାଇ ନାହିଁ। ଏହି ନିଶା ନିବାରଣ ଆଇନକୁ କଡ଼ାକଡି କରିବାକୁ ଆବଶ୍ୟକୀୟ ସଂଶୋଧନ କରି,

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ମଦମୁକ୍ତ ଓଡ଼ିଶା ପାଇଁ ବାସ୍ତବତାକୁ ଦୃଷ୍ଟିରେ ରଖି ଆନ୍ତରିକ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି କରାଯାଇଛି। ଗଣଧାରଣାରେ ମୋନାର ସଦସ୍ୟ ମଳୟକୁମାର ତ୍ରିପାଠୀ, ରମାକାନ୍ତ ମଣ୍ଡଳ, ଶୁଭେନ୍ଦୁ ରାଉତରାୟ, ଅର୍ଜୁନ ଚରଣ ସାମନ୍ତରାୟ, ଅଶୋକ ପ୍ରଧାନ, ହରିଶଙ୍କର ମିଶ୍ର, ଭୀମସେନ ମହାପାତ୍ର, ସ୍ୱାଧୀନ ପଣ୍ଡା, ଆଲୋକ ଦାସ, ଛାୟାକାନ୍ତ ନାୟକ, ଶୁଭଶ୍ରୀ ଦାସ, ଜଗନ୍ନାଥ ଦେଓ, ରମାକାନ୍ତ ଜେନା, କୁନ୍ତଳାକୁମାରୀ ବିଶ୍ୱାଳ, ରାଧେଶ୍ୟାମ ରଥ, ସଚ୍ଚିଦାନନ୍ଦ ଦାଶ, ଉଦେଶ ଚିନେରା, ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିଭଳି ମୋନା ପକ୍ଷରୁ ନୂତନ ଭାବେ ପୁରୀ ଜିଲା କମିଟି ଗଠନ କରାଯାଇଛି। ଏଥିରେ ସଭାପତି କବିତା ରାଣୀ ପରିଡ଼ା, କାର୍ଯ୍ୟକାରୀ ସଭାପତି କିଶାନ ପଟ୍ଟନାୟକ, ଉପ ସଭାପତି ଅରୁଣ କୁମାର ସାମନ୍ତରାୟ, ସମ୍ପାଦକ ଜଗନ୍ନାଥ ଦେଓ, ପରିଚାଳନା ସମ୍ପାଦିକା ବିଦ୍ୟୁତଲତା ଆଚାର୍ଯ୍ୟ, ସହ ସମ୍ପାଦକ ଅଜୟକୁମାର ପ୍ରଧାନ, ମୁଖପାତ୍ର ଭାବରେ ନିରୁପମା ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶେଷରେ ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସଦସ୍ୟ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ପ୍ରଭାତ କୁମାର ରାଉତରାୟଙ୍କ ଅକାଳ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ଅମ୍ଳାନ ଆତ୍ମାର ସଦଗତି କାମନା କରାଯାଇଥିଲା।

# ଘରେ, ଚାଷ ଜମିରେ ପାଉଁଶ ପାଣି

ଖୁଣ୍ଟୁଣୀ,୨୭।୮(ସଚ୍ଚିଦାନନ୍ଦ ପଣ୍ଡା)

ଲଗାଣ ବର୍ଷା ଯୋଗୁ ଗୁରୁଡିଝାଟିଆ ଥାନା ଅଧୀନ ଓରନ୍ଦା ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘରେ ପାଉଁଶ ପାଣି ପଶିଯାଇଛି। ଏଥିସହ ଉକ୍ତ ଗ୍ରାମର ୬ ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ପାଉଁଶ ପାଣି ପଶି ଫସଲ ନଷ୍ଟ ହୋଇଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଉତ୍ତ୍ୟକ୍ତ ଗ୍ରାମବାସୀ ୫୫ ନମ୍ବର ଜାତୀୟ ରାଜପଥର ଓରନ୍ଦାଠାରେ ରାସ୍ତାରୋକୋ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିରେ ବ୍ୟବହାର ପାଇଁ ଆସିଥିବା ଆଶ୍ ପଣ୍ଡ୍ ପାଉଁଶକୁ ଓରନ୍ଦାଠାରେ ରାସ୍ତା ପାର୍ଶ୍ୱରେ ଗଦା କରାଯାଇଥିଲା। ସୋମବାର ରାତିରେ ପ୍ରବଳ ବର୍ଷାଯୋଗୁ ଏହି ପାଉଁଶ ପାଣିରେ ଭାସିଆସି ଲୋକଙ୍କ ଘରେ ପଶିଥିଲା। ଏପରି କି ଏହି ପାଉଁଶ ଚାଷଜମିରେ ପଶି ଫସଲ ନଷ୍ଟ କରିଛି। ମଙ୍ଗଳବାର ସକାଳେ ଏ ସମ୍ପର୍କରେ ଜଣାପଡିବା ପରେ ଓରନ୍ଦା ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ଘରେ ପଶିଥିବା ପାଉଁଶ ତୁରନ୍ତ ସଫା କରିବା, ଦକ୍ଷିଣ ପାର୍ଶ୍ୱ ରାସ୍ତାରେ ଡ୍ରେନ୍ ବ୍ୟବସ୍ଥା, ପାଉଁଶ ପଶି ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଓରନ୍ଦା ବସ୍ ଷ୍ଟପ୍‌କୁ ପୁନଃ ଓରନ୍ଦାଠାରେ ନିର୍ମାଣ କରିବା ଓ ଗଳାପୋଲ ତଳେ ତୁରନ୍ତ କଂକ୍ରିଟ କରି କାର୍ଯ୍ୟକ୍ଷମ କରିବା ଦାବିରେ ଶତାଧିକ ଜନସାଧାରଣ ସକାଳ ୮ଟାରୁ ମଧ୍ୟାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ ମହାନ୍ତି, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଆଠଗଡ଼ ତହସିଲଦାର କ୍ଷେତ୍ର ମୋହନ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଢେଙ୍କାନାଳସ୍ଥିତ ଏନ୍ଏଚ୍ଏଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଡକାଇ ଲୋକଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଦାବି ପୂରଣ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଓରନ୍ଦା ଗ୍ରାମବାସୀଙ୍କ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ରାଜୀବ ଲୋଚନ ଦାସ, ଗ୍ରାମ କମିଟି ସଭାପତି ମୁରଲୀଧର ବେଉରା, ପ୍ରେମାନନ୍ଦ ବେଉରା, ଯୁବନେତା ଅରୁଣୀ ସାମଲ, କାମିନୀ ଦେହୁରୀ, ଆନନ୍ଦ ସ୍ୱାଇଁ ଓ ରାମଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ।


ଘରେ ପଶିଥିବା ପାଉଁଶ ପାଣି।


ଦାବି ପୂରଣ ପାଇଁ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

**୫ ଦଫା ଦାବି ନେଇ ସାଢ଼େ ୪ ଘଣ୍ଟା ରାସ୍ତାରୋକୋ**

# ମୃତଦେହ ବ୍ୟବଚ୍ଛେଦ ଗୃହରେ ବର୍ଷାପାଣି

କଟକ,୨୭।୮(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**

■ବିଳମ୍ବରେ ହେଲା ମୃତଦେହ ବ୍ୟବଚ୍ଛେଦ

ଏସ୍‌ସିବି ମେଡିକାଲର ମୃତଦେହ ବ୍ୟବଚ୍ଛେଦ ଗୃହକୁ ସଂଯୋଗ କରୁଥିବା ରାସ୍ତା, ଡାକ୍ତରଙ୍କ ଗୃହ ସମେତ ମୃତଦେହ ବ୍ୟବଚ୍ଛେଦ ଗୃହରେ ଜମି ରହିଛି ବର୍ଷା ଓ ନାଳପାଣି। ସୋମବାର ଓ ମଙ୍ଗଳବାର ଲଗାଣ ବର୍ଷା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି। ବ୍ୟବଚ୍ଛେଦ ଗୃହରୁ ପାଣି କମିବା ପରେ ବିଳମ୍ବରେ ମୃତଦେହ ବ୍ୟବଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏପରି କି ମାତ୍ର ୮ଟି ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ସୂଚନା ମିଳିଛି। ମୃତଦେହ ବ୍ୟବଚ୍ଛେଦ କରାଇବାକୁ ଆସିଥିବା ମୃତକଙ୍କ ସମ୍ପର୍କୀୟ ଏଭଳି ଅବ୍ୟବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ କାର୍ଯ୍ୟ କରାଯାଉଛି। ହେଲେ ମୃତଦେହ ବ୍ୟବଚ୍ଛେଦ ଗୃହରେ ପାଣି ଜମି ରହୁଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ନିଘା ନାହିଁ। ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ପ୍ରତିଦିନ ଏସ୍‌ସିବି ମେଡିକାଲକୁ ବିଭିନ୍ନ ସ୍ଥାନରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିଥାଏ। ଏଠାରେ ଦୈନିକ ୧୬ରୁ ଅଧିକ ମୃତଦେହ ବ୍ୟବଚ୍ଛେଦ କରାଯାଇଥାଏ।



## ସଂକ୍ଷେପରେ

### 'ଗର୍ଭବତୀଙ୍କ ମାନସିକ ସ୍ୱାସ୍ଥ୍ୟ ସେବା ଗୁରୁତ୍ୱପୂର୍ଣ୍ଣ'

କଟକ,୨୭।୮(କାର୍ତ୍ତିକ ସାହୁ)

ମାତୃତ୍ୱ କାଳରେ ମାଆ, ସ୍ୱାସ୍ଥ୍ୟକର୍ମୀଙ୍କ ମାନସିକ ସ୍ଥିତି ଓ ତାର ନିରାକରଣକୁ ନେଇ ରୋଟାରି କ୍ଲବ୍ କ୍ୟାଣ୍ଟନମେଣ୍ଟ ପକ୍ଷରୁ ଏକ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର ଯୋଗଦେଇ କହିଛନ୍ତି, ଗର୍ଭବତୀ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ସେବା ଗୁରୁତ୍ୱପୂର୍ଣ୍ଣ। ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ, ଭୁବନେଶ୍ୱର ଏମ୍ସର ଆସିଷ୍ଟାଣ୍ଟ ପ୍ରଫେସର ଡା. ଦେବଦତ୍ତ ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଫେସର ଡା. ନିରଞ୍ଜନ ମହାନ୍ତି ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଉପସ୍ଥିତ ସମସ୍ତଙ୍କୁ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଜୟଶ୍ରୀ ମହାନ୍ତି ସାର୍ଟିଫିକେଟ ପ୍ରଦାନ କରିଥିଲେ। ରୋଟାରିଆନ ଡା. ଆରତି ବିଶ୍ୱାଳ, ସେମିନାର ଚେୟାର ମୀରା ପୃଷ୍ଟି, ସଭାପତି ଶୁଭ୍ରା ମହାନ୍ତି, ସମ୍ପାଦକ ପ୍ରଭାତ ମିଶ୍ର, ଚାର୍ଟର ସଭାପତି ଡା. ତାପସ ଦାସ, ପୂର୍ବତନ ସଭାପତି ବିଶ୍ୱଜିତ୍ ସେନାପତି, ପୂର୍ବତନ ସଭାପତି ତବସୁମ୍ ଅକତର୍, କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ଲେଙ୍କାଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଫୁଟ୍‌ପାଥ୍‌ରେ ଚଢ଼ି ପୋଲବାଡ଼ାକୁ ଧକ୍କାଦେଲା ହାଇୱା

କଟକ,୨୭।୮ (କାର୍ତ୍ତିକ ସାହୁ)

କଟକ ଶିଖରପୁର ଅଣ୍ଡରପାସ୍ ଉପରେ ମଙ୍ଗଳବାର ଏକ ଚିପ୍ସ ବୋଝେଇ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିଯୋଗୁ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା। ଦୁର୍ଘଟଣାରେ ଆହତ ହୋଇଥିବା ହାଇୱା ଚାଳକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଓଭରଲୋଡିଂ ଯୋଗୁ ଏଭଳି ଅଘଟଣ ଘଟିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଚିପ୍ସ ବୋଝେଇ ହାଇୱାଟି ଗୁରୁଡ଼ିଝାଟିଆରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ୧୬ ନମ୍ବର ଜାତୀୟ ରାଜପଥର କାଳିଆବୁଦା ଅଣ୍ଡରପାସ୍ ଅତିକ୍ରମ କରୁଥିଲାବେଳେ ଭାରସାମ୍ୟ ହରାଇ ଅଣ୍ଡରପାସ୍ ଉପର ଫୁଟ୍‌ପାଥରେ ଚଢ଼ି ପୋଲବାଡ଼ାକୁ ଧକ୍କା ଦେଇଥିଲା। ହାଇୱାର ଗୋଟିଏ ଚକା ପୋଲ ତଳକୁ ଝୁଲି ରହିଥିଲା। ଅଣ୍ଡରପାସ୍ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ। ଝୁଲନ୍ତା ହାଇୱା ପାଇଁ ବଡ଼ ଅଘଟଣ ଆଶଙ୍କା କରି ଚାଉଳିଆଗଞ୍ଜ ପୋଲିସ କାଳିଆବୁଦା ଅଣ୍ଡରପାସ୍ ରାସ୍ତାକୁ ବନ୍ଦ କରିଦେଇଥିଲା। ଅପରପକ୍ଷରେ ରାଜପଥ ଉପରେ ଶିଖରପୁରଠାରୁ ଜଗତପୁର ଏବଂ ମଧୁପାଟଣା ଉଭୟ ପାର୍ଶ୍ୱରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ରାଜପଥରେ ଟ୍ରାଫିକ ସ୍ଥିତି ସମ୍ଭାଳିବା ସହ କାଳିଆବୁଦା ଅଣ୍ଡରପାସ୍ ରାସ୍ତାକୁ ବନ୍ଦ କରି ଗାଡ଼ିଗୁଡ଼ିକୁ ଅନ୍ୟ ରାସ୍ତାରେ ଯିବାକୁ ଦେଇଥିଲା। ଦୀର୍ଘ ସମୟ ପରେ ହାଇୱାରୁ ଚିପ୍ସ ଖାଲି କରାଯାଇଥିଲା। କ୍ରେନ୍ ସାହାଯ୍ୟରେ ଗାଡ଼ିକୁ ରାସ୍ତାରୁ ହଟାଇବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା।

# 'ପ୍ରକୃତିର ସଫଳ ରୂପକାର ଗଙ୍ଗାଧର'


ସାରଳା ଭବନରେ ଅନୁଷ୍ଠିତ ସମାରୋହରେ ଅତିଥି ଓ ପୁରସ୍କୃତ ହୋଇଥିବା ବ୍ୟକ୍ତିବୃନ୍ଦ।

କଟକ,୨୭।୮(କାର୍ତ୍ତିକ ସାହୁ)

**ସାରଳା ସାହିତ୍ୟ ସଂସଦ ପକ୍ଷରୁ ଶ୍ରାଦ୍ଧ ଶତବାର୍ଷିକୀ**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସୃଷ୍ଟି ସର୍ବକାଳୀନ। ଦେଶାତ୍ମବୋଧ ଓ ଜାତୀୟତା ଭାବ ତାଙ୍କ କାବ୍ୟ କବିତାରେ ପରିଦୃଷ୍ଟ ହୁଏ। ସେ ଥିଲେ ପ୍ରକୃତିର ସଫଳ ରୂପକାର। ହାଇକୋର୍ଟ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି।

ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନଠାରେ ମଙ୍ଗଳବାର ଆୟୋଜିତ ଉତ୍ସବରେ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଛନ୍ତି, ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗଙ୍ଗାଧରଙ୍କ ଅବଦାନ ଅବିସ୍ମରଣୀୟ। ସମ୍ମାନିତ ଅତିଥି ସାମ୍ବାଦିକ ବାମାପଦ ତ୍ରିପାଠୀ କହିଛନ୍ତି, ଗଙ୍ଗାଧର ମେହେର ପ୍ରାଚୀନ ପରମ୍ପରାର ପୂଜାରୀ ଓ ଆଦର୍ଶବାଦର ଧ୍ୱଜାଧାରୀ। ଏଥିରେ ବିଶିଷ୍ଟ ଅତିଥି ଭାବେ ଡ. ସତ୍ୟନାରାୟଣ ପଣ୍ଡା, ମୁଖ୍ୟବକ୍ତା ଡ. ଚିତ୍ତରଞ୍ଜନ ପଣ୍ଡା ଓ ବରେଣ୍ୟ ଅତିଥି ଭାବେ ଡାକ୍ତର ନିମାଇଁ ଚରଣ ପରିଜା ଯୋଗଦେଇଥିଲେ। ଏହି ଅବସରରେ ସଂସଦ ପକ୍ଷରୁ କବି ମନୋଜ ମେହେରଙ୍କୁ ଗଙ୍ଗାଧର ମେହେର ଶ୍ରାଦ୍ଧ ଶତବାର୍ଷିକୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କବି ଡ. ସୁପ୍ରଭା ମିଶ୍ର, କଥାଶିଳ୍ପୀ ସୁଜାତା ମହାପାତ୍ର, ସୋହାଗିନୀ ବେହେରା, ଜୟଲକ୍ଷ୍ମୀ ସେଠୀ ଓ କବି କାନ୍ତିବାଳା ନାୟକଙ୍କୁ ଗଙ୍ଗାଧର ମେହେର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ, ଡ. ବୈଜୟନ୍ତୀ ମିଶ୍ର ଓ ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ଡ. କ୍ଷୀରୋଦ କୁମାର ସାହୁ, ବ୍ରଜ କିଶୋର ବେଉରା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଇଂ. ସୁଶାନ୍ତ ସେଠୀ ଓ ବିଜୟ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଡ. ମହେଶ୍ୱର ମହାନ୍ତି, ଡ. ହେମେନ୍ଦ୍ର ନାରାୟଣ ଦାସ, ପ୍ରଫେସର ଉମାଶଙ୍କର ମିଶ୍ର, ପ୍ରାଧ୍ୟାପକ ତରୁଣ କୁମାର ସାହୁ, ଶିଳ୍ପୀ ରବି ରଥ, କୈଳାଶ ଚନ୍ଦ୍ର ଦଳେଇ ଓ କବି ପ୍ରସନ୍ନ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

## ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ

ଫୁଲନଖରା,୨୭।୮(ସତ୍ୟରଞ୍ଜନ ଦାସମହାପାତ୍ର)

ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଆସନ୍ତା ୩ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ଏନେଇ ଆଭାସି ମାଧ୍ୟମରେ ସଂଘର ଏକ ସାଧାରଣ ଅଧିବେଶନ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅବସର ପରେ ପେନ୍‌ସନ୍ ପ୍ରଦାନ ପାଇଁ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀମାନେ ଦାବି କରିଛନ୍ତି। ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଂଘ ସଭାପତି ଭାବେ ପ୍ରଫେସର ଯୁଧିଷ୍ଠିର ଖଟୁଆ, ଉପସଭାପତି ମନୋଜ କୁମାର ରଥ, କବିତା ଦେବୀ, ସାଧାରଣ ସମ୍ପାଦକ ଭାବେ ଦେବାନନ୍ଦ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ଉମାକାନ୍ତ ଷଡ଼ଙ୍ଗୀ, ସୁରେନ୍ଦ୍ରନାଥ ଦାଶ, ସବିତା ପରିଡା, କୋଷାଧ୍ୟକ୍ଷ ଭାବେ ଦାମୋଦର ଦାଶ, ଯୁଗ୍ମ କୋଷାଧ୍ୟକ୍ଷ ଶରତ କୁମାର ମଲ୍ଲିକ ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପ୍ରଦୀପ ମହାପାତ୍ର, ପ୍ରଦୀପ ପାଲ୍, ସୁଶାନ୍ତ କୁମାର ମଲ୍ଲିକ, ବିଭୂତି ନନ୍ଦ, ଶିଶିର କୁମାର ସାହୁ, ଅନସୂୟା ମହାପାତ୍ର, ସ୍ୱର୍ଣ୍ଣବାଳା ସାହୁ, ଉପେନ୍ଦ୍ର ମାଝୀ, ନେପାଳ ଦୁଆନ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ଭାବେ ବିଧାୟକ ପ୍ରଶାନ୍ତ ଜଗଦେବ, ବିଧାୟକ ବାବୁ ସିଂ, ବିନ୍ଦୁଭୂଷଣ ଜଗଦେବ, ସୁରେଶ ଦେବତା, ଭଗବାନ ମାଠ, ମହେଶ୍ୱର ରାଉତଙ୍କୁ ମନୋନୀତ କରାଯାଇଛି।

## କଟକରୁ ୧୧ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

କଟକ,୨୭।୮(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ କାୟାବିସ୍ତାର କରିବାରେ ଲାଗିଛି ଡେଙ୍ଗୁ। ମଙ୍ଗଳବାର କଟକରୁ ୧୧ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଗତପୁର ଅଞ୍ଚଳର ୩ ଜଣ ଅଛନ୍ତି। କଟକ ଜିଲାରେ ମୋଟ୍ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୬୮ରେ ପହଞ୍ଚିଛି। ସେଥିମଧ୍ୟରୁ କଟକ ସହରରୁ ୧୩୧ ଓ ଜିଲାର ଅନ୍ୟ ଅଞ୍ଚଳରୁ ୩୭ ଜଣ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି।


କଟକ ଶଙ୍କରପୁର ଅଞ୍ଚଳରେ ମଙ୍ଗଳବାର ନନ୍ଦ ଉତ୍ସବ ପାଳନ କରାଯାଉଛି।

# ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

କଟକ,୨୭।୮(କାର୍ତ୍ତିକ ସାହୁ)

ନନ୍ଦ ଉତ୍ସବ ଅବସରରେ ହରିପୁର-ଦୋଳମୁଣ୍ଡାଇ ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ନିମନ୍ତେ ମଙ୍ଗଳବାର ମାଟି ଅନୁକୂଳ କରାଯାଇଛି। କାଠଯୋଡ଼ି ନଦୀକୂଳରୁ ଧୂପ, ଦୀପ, ନୈବେଦ୍ୟ ଓ ସଂକୀର୍ତ୍ତନ ସହ ମାଟି ଅନୁକୂଳ କରାଯାଇ ଦୁର୍ଗାମଣ୍ଡପକୁ ଅଣାଯାଇଛି। ଆସନ୍ତା ଗଣେଶ ଚତୁର୍ଥୀରେ ନଡ଼ାବନ୍ଧା ଯିବା ପରେ ମା'ଙ୍କ ମୂର୍ତ୍ତି ନିର୍ମାଣ କରାଯିବ। ମାଟି ଅନୁକୂଳ କାର୍ଯ୍ୟକ୍ରମରେ ଗ୍ରାମର କୁଳ ପୁରୋହିତ ପଣ୍ଡିତ ଦୟାନିଧି ଶତପଥୀ, ସୌମ୍ୟ ରଞ୍ଜନ ମିଶ୍ର, ଦୀପକ କୁମାର ଶତପଥୀ, ଚଳିତବର୍ଷର କର୍ତ୍ତା କୈଳାସ ଅଗ୍ରୱାଲ, ଅଧିକାରୀ ହରେକୃଷ୍ଣ ପ୍ରଧାନ, କ୍ଷୀରୋଦ ମହାରଣା, ମହନ୍ତ ସନାତନ ସ୍ୱାଇଁ, ପୂଜା କମିଟି ସଭାପତି ରାମକୃଷ୍ଣ ହାତୀ, ସାଧାରଣ ସମ୍ପାଦକ ବିକ୍ରମ ଛାଟୋଇ, ଉପଦେଷ୍ଟା ଲିଙ୍ଗରାଜ ହାତୀ, ପୂଜା କମିଟି କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମୂଳିଆ, ଚିନ୍ତାମଣି ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରସାଦ କୁମାର ଜେନା, ସହ ସମ୍ପାଦକ କାହ୍ନା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସେଖ୍ ବଜାର ପୂଜା କମିଟି, ସାଆନ୍ତସାହି-ବଜ୍ରକବାଟି ପୂଜା କମିଟି, ରାଣୀହାଟ ଓ ଚାଉଳିଆଗଞ୍ଜ ପୂଜା କମିଟି ପକ୍ଷରୁ ନଦୀକୂଳରେ ମାଟି ଅନୁକୂଳ କରାଯାଇଛି।


ହରିପୁର-ଦୋଳମୁଣ୍ଡାଇ ପୂଜା କମିଟି ପକ୍ଷରୁ କାଠଯୋଡ଼ି ନଦୀ କୂଳରେ ମାଟି ଅନୁକୂଳ କରାଯାଉଛି।

# ପରୀକ୍ଷା ରିପୋର୍ଟ ମିଳୁନି, ବାରଣ୍ଡାରେ ରୋଗୀ

କଟକ,୨୭।୮(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଏଠାକୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏପରି କି ପରୀକ୍ଷା ରିପୋର୍ଟ ପାଇବା ପାଇଁ ମଧ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ସମାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ଏଭଳି ଘଟଣା ଏସ୍‌ସିବି ମେଡିକାଲର ରଞ୍ଜନରଶ୍ମି ବିଭାଗ ନିକଟରେ ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକ ଅଞ୍ଚଳର ସାବିତ୍ରୀ ପଣ୍ଡାଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କ ଝିଅ ସତ୍ୟଭାମା ସୋମବାର ଏସ୍‌ସିବି ମେଡିକାଲକୁ ନେଇ ଆସିଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ପ୍ରଥମେ କାର୍ଡିଓଲୋଜି ଓ ପରେ ନେଫ୍ରୋଲୋଜି ବିଭାଗରେ ଡାକ୍ତରଙ୍କୁ ଦେଖାଇଥିଲେ। ନେଫ୍ରୋଲୋଜି ବିଭାଗରେ ଡାକ୍ତର ସାବିତ୍ରୀଙ୍କ ରକ୍ତ ଓ ମୂତ୍ର ପରୀକ୍ଷା କରାଇବାକୁ କହିଥିଲେ। ହେଲେ ସନ୍ଧ୍ୟା ହୋଇଯିବାରୁ ଏହି ଦୁଇଟି ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇ ପାରି ନ ଥିଲା। ମେଡିକାଲରେ ଭର୍ତ୍ତି କରାଯାଇ ନ ଥିବା ଓ କଟକରେ କେହି ସମ୍ପର୍କୀୟ ନ ଥିବାରୁ ମେଡିକାଲର ରଞ୍ଜନରଶ୍ମି ବିଭାଗ ବାରଣ୍ଡାରେ ସତ୍ୟଭାମା ଏବଂ ସାବିତ୍ରୀ ରାତି ବିତାଇଛନ୍ତି। ସୋମବାର ରାତିରେ ଲଗାଣ ବର୍ଷା ଯୋଗୁ ମେଡିକାଲ ପରିସରରେ ପାଣି ଜମି ରହିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମଙ୍ଗଳବାର ସକାଳେ ସାବିତ୍ରୀଙ୍କ ଉଭୟ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ହେଲେ ବୁଧବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ମିଳିବ ବୋଲି ମେଡିକାଲ କର୍ମଚାରୀ କହିଥିଲେ। ଫଳରେ ସତ୍ୟଭାମା ନିରାଶ ହୋଇ ମେଡିକାଲର ରଞ୍ଜନରଶ୍ମି ବିଭାଗରେ ମା'ଙ୍କୁ ଧରି ବସି ରହିଛନ୍ତି। ବୁଧବାର ରିପୋର୍ଟ ମିଳିଲେ ଗୁରୁବାର ନ୍ୟୁରୋଲୋଜି ଡାକ୍ତର ରୋଗୀ ଦେଖିବେ। ଏନେଇ ସତ୍ୟଭାମା କହିଛନ୍ତି, ସାମାନ୍ୟ ରକ୍ତ ଓ ମୂତ୍ର ପରୀକ୍ଷା ରିପୋର୍ଟ ପାଇଁ ଯଦି ଗୋଟିଏ ଦିନ ଅପେକ୍ଷା କରିବାକୁ ପଡୁଛି, ତା'ହେଲେ ଅନ୍ୟାନ୍ୟ ଜଟିଳ ପରୀକ୍ଷା ରିପୋର୍ଟ ପାଇବା ପାଇଁ ରୋଗୀଙ୍କୁ କେତେଦିନ ଅପେକ୍ଷା କରିବାକୁ ପଡିବ। ଦୂରରୁ ଆସୁଥିବା ରୋଗୀଙ୍କ ରହିବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବା ଦରକାର ବୋଲି ସେ କହିଛନ୍ତି।

ଅପରପକ୍ଷରେ ମେଡିକାଲର ନ୍ୟୁରୋଲୋଜି ବିଭାଗରେ ମଙ୍ଗଳବାର ଡାକ୍ତର ଦେଖାଇବା ପାଇଁ ରୋଗୀମାନେ ଟିକେଟ କାଉଣ୍ଟର ସମ୍ମୁଖରେ ଧାଡ଼ିରେ ଛିଡ଼ା ହୋଇଥିଲେ। ସେମାନଙ୍କ ମଧ୍ୟରୁ ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ନାରାୟଣ ବେହେରା ଟିକେଟ ନେବା ସମୟ ଆସିବାରୁ କାଉଣ୍ଟରରେ ଥିବା ଜଣେ ମହିଳା କର୍ମଚାରୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ନାରାୟଣଙ୍କୁ ଧାଡ଼ିରେ ଛିଡ଼ା ହୋଇ ନ ଥିବା କହିବା ସହ ଟିକେଟ ନ ଦେଇ ଫେରାଇ ଦେଇଥିଲେ। ନାରାୟଣ ଓ ତାଙ୍କ ପୁଅ ଉକ୍ତ ବିଭାଗରେ ଚିକିତ୍ସା ପାଇଁ ଆସିଥିବାବେଳେ ନିରାଶ ହୋଇ ଫେରିବା ଦେଖି ସେଠାରେ ଉପସ୍ଥିତ ଥିବା ମେଡିକାଲର ସୁରକ୍ଷାକର୍ମୀ ତାଙ୍କୁ ଟିକେଟ ବ୍ୟବସ୍ଥା କରାଇଥିଲେ। ପରେ ନାରାୟଣ ଡାକ୍ତର ଦେଖାଇଥିଲେ। ଏହି ଘଟଣାକୁ ନେଇ ନାରାୟଣ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ନାରାୟଣ କହିଛନ୍ତି, ଏସ୍‌ସିବି ମେଡିକାଲ ରୋଗୀ ସେବା ପାଇଁ ଉଦ୍ଦିଷ୍ଟ। ହେଲେ ଏଠାରେ ମହିଳା କର୍ମଚାରୀ ଜଣଙ୍କ ଦୁର୍ବ୍ୟବହାର କରିବା ସହ ଟିକେଟ ନ ଦେଇ ଫେରାଇଦେବା ଓ ପରେ ଧମକ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେବେ ଉଭୟ ଅଭିଯୋଗକୁ ନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଏସ୍‌ସିବି ମେଡିକାଲ ରଞ୍ଜନରଶ୍ମି ବିଭାଗ ବାରଣ୍ଡାରେ ବସିଥିବା ସାବିତ୍ରୀ ପଣ୍ଡା ଓ ସତ୍ୟଭାମା।

**ଏସ୍‌ସିବି ମେଡିକାଲ**

**ଟିକେଟ ନ ଦେଇ ରୋଗୀଙ୍କୁ ଦୁର୍ବ୍ୟବହାର କଲେ କର୍ମଚାରୀ**




ଚିନ୍ତା ଓ ଚେତନା ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଆୟୋଜିତ ୪୭ତମ 'ବର୍ଷା ମହୋତ୍ସବ'ର ଉଦ୍‌ଯାପନୀ ଉତ୍ସବରେ ପରିବେଷିତ ଓଡ଼ିଶୀ ନୃତ୍ୟ। (ଫଟୋ- ମନୋରଞ୍ଜନ ମିଶ୍ର)।

# ଭକ୍ତ-ଭଗବାନଙ୍କ ମଧ୍ୟରେ ପାଚେରି ରହିବା କଥା ନୁହେଁ

## ସରିଲା 'ବର୍ଷା ମହୋତ୍ସବ'

### ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ରାଷ୍ଟ୍ରୀୟ ନୀଳଚକ୍ର ସମ୍ମାନ'

ଭୁବନେଶ୍ୱର, ୨୭।୮ (ବନ୍ଦନା ସେଠୀ)



ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ରାଷ୍ଟ୍ରୀୟ ନୀଳଚକ୍ର ସମ୍ମାନ' ପ୍ରଦାନ କରାଯାଉଛି।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱକର୍ତ୍ତା। ତେଣୁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୌଣସି ପାଚେରି ରହିବା କଥା ନୁହେଁ। ମହାପ୍ରଭୁଙ୍କ ପାଇଁ ପୁରୀ ବିଶ୍ୱପ୍ରସିଦ୍ଧ। ଏଠାରେ ଏମାର ମଠଠାରୁ ଆରମ୍ଭକରି ଅନେକ ଛୋଟବଡ଼ ମଠ, ରଘୁନନ୍ଦନ ପାଠାଗାର ଆଦି ଥିବାବେଳେ ଏ ସବୁର ସ୍ୱତନ୍ତ୍ର ଐତିହ୍ୟ ରହିଛି। ମାତ୍ର ସୌନ୍ଦର୍ଯ୍ୟକରଣ ଓ ବିକାଶ ନାଁରେ ପୂର୍ବତନ ସରକାର ଏ ସବୁକୁ ନଷ୍ଟ କରିବାକୁ ପଛାଇନାହାନ୍ତି। ପୃଥିବୀର ପ୍ରତ୍ୟେକ ଜାତି ନିଜ ଐତିହ୍ୟର ସୁରକ୍ଷା କରିଥାଏ, ମାତ୍ର ଏଠାରେ ସେ ସବୁକୁ ଧ୍ୱଂସ କରାଯାଇଛି ବୋଲି ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ଚିନ୍ତା ଓ ଚେତନା ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଆୟୋଜିତ ୪୭ତମ 'ବର୍ଷା ମହୋତ୍ସବ'ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱଭୂଷଣ ଐତିହ୍ୟ ନଷ୍ଟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଗନ୍ନାଥ ବିଶ୍ୱର ଦେବତା, ପତିତପାବନ। ତେଣୁ ତାଙ୍କୁ ଦର୍ଶନ କରିବାର ଅଧିକାର ପ୍ରତ୍ୟେକ ଭକ୍ତର ରହିଛି। ମାତ୍ର ଅବଢା ପ୍ରକଳ୍ପ ଏବଂ ଏଥିପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ପାଇଁ ଓଡ଼ିଶାର ଅସ୍ମିତା, ଗର୍ବ, ଗୌରବ, ସ୍ୱାଭିମାନ ପଦଦଳିତ ହୋଇଛି। ଓଡ଼ିଆ ଏକ ସ୍ୱାଭିମାନୀ ଜାତି। ସେହିପରି ସମାଜରେ କୌଣସି ବିଭ୍ରାଟ ହେଲେ ବା ଲୋକେ ଅଧିକାରରୁ ବଞ୍ଚିତ ହେଲେ ଲେଖକ, ସାହିତ୍ୟିକ ଏବଂ ସମ୍ବାଦିକମାନେ କଲମ ଉଠାଇବା ଦରକାର। ମାତ୍ର ତାହା ହେଉନାହିଁ। କହିବାକୁ ଗଲେ ଏବେ ଓଡ଼ିଆ ଜାତିର ମୃତ୍ୟୁ ହୋଇଯାଇଛି ବୋଲି ବିଶ୍ୱଭୂଷଣ କ୍ଷୋଭର ସହ କହିଛନ୍ତି।

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଶ୍ୱଭୂଷଣଙ୍କୁ 'ରାଷ୍ଟ୍ରୀୟ ନୀଳଚକ୍ର ସମ୍ମାନ' ସ୍ୱରୂପ ଅଷ୍ଟଧାତୁରେ ନିର୍ମିତ ନୀଳଚକ୍ର ପ୍ରଦାନ କରାଯାଇଥିଲା। ସଭା ପରେ ସନ୍ଧ୍ୟାର ପ୍ରଥମ ପରିବେଷଣ ନେଇ ମଞ୍ଚକୁ ଓହ୍ଲାଇଥିଲେ କଟକ ସୁରମନ୍ଦିର ଅନୁଷ୍ଠାନର ଶିଳ୍ପୀ ଚିନ୍ମୟ କୁମାର ଦାସ। ତାଙ୍କ ପରିବେଷଣରେ ଥିଲା 'ଶ୍ରୀ ହରି ସ୍ତୋତ୍ରମ'। ପରେ ଶିଳ୍ପୀ ସୋନାଲି ଦାସ ଓ ସମ୍ଭାବୀ ମହାପାତ୍ରଙ୍କ ଦ୍ୱାରା ଅଭିନୟ 'ପଚାରିଲେ ରାଧିକାଙ୍କୁ ଦିନେ ନନ୍ଦବଳା' ଦର୍ଶକଙ୍କୁ ଆମୋଦିତ କରିଥିଲା। ସନ୍ଧ୍ୟାର ଶେଷ ପ୍ରସ୍ତୁତି ନେଇ ଆସିଥିଲେ ନୂପୁର ଅନୁଷ୍ଠାନର ଶିଳ୍ପୀମାନେ। ଗୁରୁ ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ରାମାୟଣ'ର ନୃତ୍ୟାଭିନୟ ଉପସ୍ଥିତ ଦର୍ଶକଙ୍କୁ ଭିନ୍ନ ଏକ ପରିବେଶକୁ ନେଇଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଘଣ୍ଟଘଣ୍ଟା, ମୃଦଙ୍ଗ ତାଳେ ତାଳେ ନୀଳଚକ୍ରକୁ ମଞ୍ଚ ଉପରକୁ ଅଣାଯାଇଥିଲା। ଯାହାକି ଘୋଷଯାତ୍ରାର ଭ୍ରମ ସୃଷ୍ଟି କରିଥିଲା। ସେହିପରି ସନ୍ଧ୍ୟା ଆରତୀ ସମୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟାର ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଞ୍ଚାଳନ କରିଥିଲେ। ଏହି ୩ଦିନିଆ ଉତ୍ସବର ମିଡିଆ ପାର୍ଟନର ଭାବେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ରହିଥିଲା।

## ସାପ କାମୁଡ଼ାରେ ଭଉଣୀ ମୃତ, ଭାଇ ଗୁରୁତର

### ଚକ୍ଷୁଦାନ କରି ସମାଜକୁ ବାର୍ତ୍ତାଦେଲେ ପରିବାର

ବାଲୁଗାଁ, ୨୭।୮ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ନିକଟ ସିଙ୍ଗେଶ୍ୱର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ଭାଇ ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ୫ମ ଶ୍ରେଣୀର ଛାତ୍ରୀ ରୁପାଲି ବାରିକ (୧୦)। ତାଙ୍କ ଭାଇ ଆୟୁଷ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।



ରୁପାଲି ବାରିକ

ଅନ୍ୟପଟେ ପରିବାରବର୍ଗ ରୁପାଲିଙ୍କ ଚକ୍ଷୁଦାନ କରି ସମାଜକୁ ଏକ ମହତ୍ ବାର୍ତ୍ତା ଦେଇ ଉଦାହରଣ ପାଲଟିଛନ୍ତି। ସୂଚନା ମୁତାବକ, ସିଙ୍ଗେଶ୍ୱର ଗ୍ରାମର ଚକ୍ରଧର ବାରିକଙ୍କ ସ୍ତ୍ରୀ ଏବଂ ଦୁଇ ପୁଅ ଝିଅ ସୋମବାର ରାତିରେ ଶୋଇଥିଲେ। ରାତି ପ୍ରାୟ ୪ଟାରେ ଝିଅ ରୁପାଲି ହଠାତ୍ ଅସୁସ୍ଥ ଅନୁଭବ କରି ଉଠିପଡିଥିଲେ। ମୁଣ୍ଡ ବୁଲାଇବା ସହ ବାନ୍ତି ଏବଂ ଦେହ ଝିମଝିମ ହେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରକ୍ତ ନମୁନା ପରୀକ୍ଷାରୁ ସାପ କାମୁଡ଼ିଥିବା ଜଣାପଡ଼ିଥିଲା। ଏଥିସହ ତାଙ୍କ ବାମ ହାତରେ ସାପ କାମୁଡ଼ିବାର ଚିହ୍ନ ରହିଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏହାର କିଛି ସମୟ ପରେ ଆୟୁଷ ମଧ ଅସୁସ୍ଥ ଅନୁଭବ କରିବା ସହ ତାଙ୍କ ହାତରେ ସାପ କାମୁଡ଼ିବାର ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତାକୁମଧ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ ନିଆଯାଇଥିଲା। ବ୍ରହ୍ମପୁର ମେଡିକାଲରେ ରୁପାଲିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଆୟୁଷଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଆଇସିୟୁରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଅନ୍ୟପଟେ ରୁପାଲିଙ୍କ ମୃତ୍ୟୁ ପରେ ତାଙ୍କ ଚକ୍ଷୁଦାନ କରି ପରିବାର ସମାଜ ପାଇଁ ଉଦାହଣ ପାଲଟିଛନ୍ତି।

## ଶ୍ରୀମନ୍ଦିରରେ ନନ୍ଦୋତ୍ସବ ନୀତି

ପୁରୀ, ୨୭।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ମଙ୍ଗଳବାର ନନ୍ଦୋତ୍ସବ ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି ସମ୍ପନ୍ନ ପରେ ଜଗମୋହନରେ ଥିବା ଦୋଳିକୁ ରାମ, କୃଷ୍ଣ ଓ ମଦନମୋହନ ବିଜେ କରିଥିଲେ। ସକାଳ ଧୂପ ପରେ ପାଣିପକା ଭୋଗ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ମଇଲମ, ଯାତ୍ରାଙ୍ଗୀ ମହାସ୍ନାନ, ନୂଆ ଲୁଗା ଲାଗି ହେବା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡ଼ରେ ସର୍ବାଙ୍ଗ କରିଥିଲେ। ଠାକୁରମାନଙ୍କୁ ଛ'ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ ଓ କର୍ପୂର ଲାଗି କରାଯାଇଥିଲା। ସୁଭଦ୍ରା ଓ ଜଗନ୍ନାଥଙ୍କ ବାଡ଼ରେ ଷଷ୍ଠୀ ଓ ମାର୍କଣ୍ଡି ପୂଜା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଧୂପର ଛେକ ରୋଷଘରୁ ଘଣ୍ଟ, ଛତା ଓ କାହାଳୀ ସହ ତଲୁଛ ଓ ପ୍ରଧାନୀଙ୍କ ହାତ ପୈଠ କରି ଆଣିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପୂଜା କରିଥିଲେ। ମଧ୍ୟାହ୍ନ ଧୂପ ହୋଇ ଧୋ'ପଖାଳ ହେବାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଆସି ଜଗନ୍ନାଥଙ୍କ ବାଡ଼ ଓ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳାର୍ପଣ କରି ତିନିବାଡ଼ରେ ବନ୍ଦାପନା କରିଥିଲେ। ଭଣ୍ଡାରଘରୁ ଦୁର୍ଗାମୂର୍ତ୍ତିଙ୍କୁ ପତିମହାପାତ୍ର ବିଜେ କରିବା ପରେ ସୁଭଦ୍ରାଙ୍କ ଶ୍ରୀଅଙ୍ଗରୁ ପୂଜାପଣ୍ଡା ଆଜ୍ଞାମାଳ ଆଣି ପ୍ରଦାନ କରିଥିଲେ। ଦୁର୍ଗାଙ୍କୁ ଜଗମୋହନର ଦୋଳି ଆଗରେ ଖଟୁଲି ଉପରେ ବିଜେ କରାଯାଇଥିଲା। ଏଠାରେ ମହାସ୍ନାନ ଓ ଶୀତଳ ଭୋଗ ହେବା ପରେ ବନ୍ଦାପନା ହୋଇ ଦୁର୍ଗାଙ୍କୁ ସାତପାହାଚ ଦ୍ୱାରଠାରେ ଡମ୍ଫରୁ ଉପରେ ବିଜେ କରାଯାଇଥିଲା। ଏଠାରେ ବିଜୁଳି କନ୍ୟା ନୀତି ଅନୁଷ୍ଠିତ ହୋଇଥିଲା। ଦେବୀଙ୍କ କର୍ପୂର ଆଳତି କରାଯାଇ ଭଣ୍ଡାରକୁ ବାହୁଡ଼ା ବିଜେ କରାଯାଇଥିଲା। ପରେ ଦୋଳିରେ ବସିଥିବା ରାମ, କୃଷ୍ଣ ଓ ମଦନମୋହନଙ୍କୁ ଖଟ ଉପରେ ବିଜେ କରାଯାଇଥିଲା। ଏଠାରେ ମାଜଣା ଓ ମାଳଫୁଲ ଲାଗି ପରେ ଦିଅଁଙ୍କୁ ସାତପାହାଚ ଦ୍ୱାରଠାରେ ପାଲିଙ୍କିରେ ବସାଇ ଲକ୍ଷ୍ମୀମନ୍ଦିର ଜଗମୋହନରେ ଥିବା ଖଟ ଉପରେ ବିଜେ କରାଯାଇଥିଲା। ପରେ ଭିତରଛୁ ମହାପାତ୍ର (ନନ୍ଦ ରାଜା) ରୂପରେ ରାଜାଙ୍କ ନଅରକୁ ଯାଇ ଫେରିଆସି ସ୍ନାନ ମଣ୍ଡପରେ ବସିଥିଲେ। ଲେଙ୍କା ଗୋଟିଏ ଦୁହାଁଳିଆ ଗାଈ ଲକ୍ଷ୍ମୀମନ୍ଦିର ପାଖକୁ ଆଣିଥିଲେ। ଭରତିଆ ଗୌଡ଼ ପୁତ୍ର ଜନ୍ମ ସୁସମ୍ବାଦ ନନ୍ଦରାଜା (ଭିତରଛୁ)ଙ୍କୁ ଦେଇଥିଲେ ଓ ନନ୍ଦରାଜାଙ୍କ ଲୁଗା ଫେରକୁ ଟାଣିଟାଣି ଲକ୍ଷ୍ମୀମନ୍ଦିର ନିକଟକୁ ନେଇଥିଲେ। ସେଠାରେ ନନ୍ଦ ରାଜା ଗୋଦୋହନ କରି ରୁପା ପିଙ୍ଗଣରେ ଦୁଇ ଠାକୁରଙ୍କୁ ଦୁଗ୍ଧ ସମର୍ପଣ ଓ ପ୍ରସାଦ ଲାଗିକରାଇଥିଲେ। ପରେ ରାଶିକୋରା ମଣୋହି କରାଯାଇ ବନ୍ଦାପନା ହୋଇଥିଲା। ନନ୍ଦରାଜା ପୁତ୍ରମାନଙ୍କୁ ଧରି ଜଗମୋହନର ଦୋଳାରେ ବିଜେ କରାଇଥିଲେ। ସେହିପରି ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣ ଘରକୁ ବାହୁଡ଼ାବିଜେ କରିଥିଲେ। ଏଥିସହ ନନ୍ଦୋତ୍ସବ ନୀତି ସମ୍ପନ୍ନ ହୋଇଥିଲା। ପରେ ଠାକୁରମାନଙ୍କର ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ବେଆଇନ ରେଳଯାତ୍ରା, ୬୨ ଗିରଫ

କଟକ, ୨୭।୮ (କାର୍ତ୍ତିକ ସାହୁ)

ବେଆଇନ ଭାବେ ଟ୍ରେନ୍‌ରେ ଯାତ୍ରା କରିବା ଅଭିଯୋଗରେ କଟକ ଆରପିଏଫ୍ ୬୨ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ଆର୍‌ପିଏଫ୍ ପକ୍ଷରୁ ପ୍ଲାଟ୍‌ଫର୍ମ ସମେତ ବିଭିନ୍ନ ଟ୍ରେନ୍‌ରେ ଦିନତମାମ ଧରପଗଡ଼ କରାଯାଇଥିଲା। ପ୍ଲାଟ୍‌ଫର୍ମରେ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିବା ଏବଂ ବିନା ଟିକେଟରେ ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ଥିବା ସଂରକ୍ଷିତ ସିଟ୍‌ରେ ବସି ଯାତ୍ରା କରୁଥିବା ଲୋକେ ଧରାପଡ଼ିଥିଲେ। କେତେଜଣ ଟ୍ରେନ୍ ଫାଟକ ନିକଟରେ ବିପଜ୍ଜନକ ଅବସ୍ଥାରେ ବସି ଯାତ୍ରା କରୁଥିଲେ। ଗିରଫ ପରେ ସମସ୍ତଙ୍କୁ ସ୍ୱତନ୍ତ୍ର ରେଲୱେ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କଠାରୁ ୪୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ପରେ ସମସ୍ତଙ୍କୁ ଛାଡ଼ି ଦିଆଯାଇଛି।

## ୧୪୮ ଦିନରେ ୧୦୦ ନିୟୁତ ଟନ୍ ପଣ୍ୟ ପରିବହନ

### ପୂର୍ବତଟ ରେଳପଥର ନୂତନ ମାନଦଣ୍ଡ

ଭୁବନେଶ୍ୱର, ୨୭।୮ (ଅନୁରାଧା ମହାରଣା)



୨୦୨୪-୨୫ ଆର୍ଥିକ ବର୍ଷରେ ଅଗଷ୍ଟ ୨୬ ପର୍ଯ୍ୟନ୍ତ ମାତ୍ର ୧୪୮ ଦିନ ମଧ୍ୟରେ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ୧୦୦.୫୭ ନିୟୁତ ଟନ୍ (ଏମ୍‌ଟି) ପଣ୍ୟ ବୋଝେଇ କରି ଏକ ନୂତନ ମାନଦଣ୍ଡ ହାସଲ କରିବା ସହିତ ପଣ୍ୟ ପରିବହନରେ ଦ୍ରୁତତମ ବୋଝେଇ ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ସମାନ ସମୟ ଅବଧି ମଧ୍ୟରେ ଏହି ରେଳପଥ ୧୦୦ ନିୟୁତ ଟନ ପଣ୍ୟ ପରିବହନ ପାଇଁ ୧୫୨ ଦିନ ସମୟ ନେଇଥିଲା। ୨୦୨୪ ଅଗଷ୍ଟ ୨୬ରେ ପୂର୍ବତଟ ରେଳପଥ ପଣ୍ୟ ପରିବହନରେ ୩.୩୭% ବୃଦ୍ଧି ରେକର୍ଡ କରିଛି। ଏହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ୩.୨୮୨ ନିୟୁତ ଟନ ଅଧିକ। ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ଅବଧି ମଧ୍ୟରେ ପୂର୍ବତଟ ରେଳପଥ ୯୭.୨୮ ନିୟୁତ ଟନ ପଣ୍ୟ ବୋଝେଇ କରିଥିଲା। ପୂର୍ବତଟ ରେଳପଥର ତିନୋଟି ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ୱାଲଟିୟର ଓ ସମ୍ବଲପୁର ରେଳ ମଣ୍ଡଳର ଉଲ୍ଲେଖନୀୟ ଅବଦାନ ରଖିଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁସାରେ ବୋଝେଇ ତଥା ପରିବହନ ହୋଇଥିବା ସାମଗ୍ରୀ ମଧ୍ୟରେ ୬୦.୯୩ ନିୟୁତ ଟନ, ଆମଦାନୀ ହୋଇଥିବା କୋଇଲା ୨୨.୪୪୯ ନିୟୁତ ଟନ, ୩.୮୧୨ ନିୟୁତ ଟନ ଇସ୍ପାତ କାରଖାନା ପାଇଁ କଞ୍ଚାମାଲ, ୮.୧୬୮ ନିୟୁତ ଟନ ଲୁହା ଏବଂ ଇସ୍ପାତ, ୧୨.୧୫୩ ନିୟୁତ ଟନ ଲୁହାପଥର, ୩୨.୮୭୩ ନିୟୁତ ଟନ ସିମେଣ୍ଟ, ୧.୦୭୬ ନିୟୁତ ଟନ ଖାଦ୍ୟଶସ୍ୟ, ୨.୨୮୪ ନିୟୁତ ଟନ ସାର, ୧.୨୪ ନିୟୁତ ଟନ ଖଣିଜ ତୈଳ (ପେଟ୍ରୋଲିୟମ, ତୈଳ) ଏବଂ ଲୁବ୍ରିକାଣ୍ଟ, ୨.୧୫୧ ନିୟୁତ ଟନ କଣ୍ଟେନରରେ ପଣ୍ୟ ପରିବହନ ଏବଂ ୮.୪୧୯ ନିୟୁତ ଟନ ଅନ୍ୟ ପଣ୍ୟ ପରିବହନ ସାମିଲ ରହିଛି। ଏହି ପଣ୍ୟ ବୋଝେଇ ଓ ପରିବହନରେ ତାଳଚେର, ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ୍, କେନ୍ଦୁଝର, କର୍ତ୍ତଭାଲାସ-କିରନ୍ଦୁଲ ଲାଇନ, ଇସ୍ପାତ କାରଖାନା ଏବଂ ପୂର୍ବତଟ ରେଳପଥ ଅଧୀନରେ ଥିବା ଆଲୁମିନିୟମ ପ୍ଲାଣ୍ଟ ଅନ୍ତର୍ଭୁକ୍ତ। ଏହି ଅବଧି ମଧ୍ୟରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ୬୪.୩୨ ନିୟୁତ ଟନ ପଣ୍ୟ ପରିବହନ କରିଥିବାବେଳେ ୱାଲଟିୟର ରେଳ ମଣ୍ଡଳ ୨୭.୬୭୫ ନିୟୁତ ଟନ ଏବଂ ସମ୍ବଲପୁର ରେଳମଣ୍ଡଳ ୮.୫୭୫ ନିୟୁତ ଟନ୍ ପଣ୍ୟ ପରିବହନ କରିଛି।


ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ବିଷ୍ଣୁ



@ ରଞ୍ଜନ



@ ସରୋଜ



@ ଦିବ୍ୟଜ୍ୟୋତି



@ ଦିବ୍ୟରଞ୍ଜନ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ବିରଳ ଅସ୍ତ୍ରୋପଚାର




ଭୁବନେଶ୍ୱର, ୨୭।୮ (ଅନୁରାଧା ମହାରଣା)

ଏକ ବିରଳ ଅସ୍ତ୍ରୋପଚାର କରିବାରେ ମଣିପାଲ ହସ୍ପିଟାଲ ସଫଳ ହୋଇଛି। ସଡ଼କ ଦୁର୍ଘଟଣାରେ ମୁହଁର ଅଧିକାଂଶ ଅଂଶ ନଷ୍ଟ ହୋଇଯାଇଥିବା ଜଣେ ମହିଳାଙ୍କର ଏକ ଜଟିଳ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି। ଚଳିତବର୍ଷ ଏପ୍ରିଲରେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଜଣେ ମହିଳାଙ୍କ ମୁହଁର ଗାଲ, ହାଡ଼, ହନୁହାଡ଼ ଓ ଅର୍ବିଟ୍ ଭାଙ୍ଗିଯାଇଥିଲା। ଫଳରେ ତାଙ୍କ ଦୃଷ୍ଟିଶକ୍ତି କମିବା ସହିତ ସ୍ନାୟୁଜନିତ ସମସ୍ୟା ଦେଖାଦେଇଥିଲା। ତାଙ୍କର ସୌନ୍ଦର୍ଯ୍ୟ ମଧ୍ୟ କ୍ଷତିଗ୍ରସ୍ତ ହେଲା। ଅସ୍ତ୍ରୋପଚାରଜନିତ ଯନ୍ତ୍ରଣା ତଥା ଜଟିଳତା ଚିନ୍ତାରେ ୨ମାସ ପର୍ଯ୍ୟନ୍ତ ନିଜର ଚିକିତ୍ସା ସେ କରାଇ ନ ଥିଲେ। ତେବେ ମଣିପାଲ୍ ହସ୍ପିଟାଲ୍‌ରେ କାର୍ଯ୍ୟରତ କନସଲଟାଣ୍ଟ ମାକ୍ସିଲୋଫେସିଆଲ୍ ସର୍ଜନ୍ ଡାକ୍ତର ହର୍ଷ ମୋହନ ପାଠକ ମହିଳାଙ୍କୁ ଆଶ୍ୱାସନା ଦେବା ସହ ବିଭିନ୍ନ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସୂକ୍ଷ୍ମ ଉପକରଣ ପ୍ରୟୋଗ କରି ଡାକ୍ତର ପାଠକ ତାଙ୍କର ଅସ୍ତ୍ରୋପଚାର କରିଥିଲେ। ଅପରେଶନ୍ ସଫଳ ହେବା ସହିତ ମହିଳା ଏବେ ସୁସ୍ଥ ହେଉଛନ୍ତି। ଡାକ୍ତର ପାଠକ କହିଛନ୍ତି, ଆଗକୁ ମହିଳା ଜଣଙ୍କ ଏକ ସ୍ୱାଭାବିକ ଜୀବନ ବିତାଇପାରିବେ। ସମୟ ଉପଯୋଗୀ ଚିକିତ୍ସା ଦ୍ୱାରା ଓଡ଼ିଶାରେ ପ୍ରଥମ ଥର ପାଇଁ ଏମିତି ଏକ ବିରଳ ତଥା ଆହ୍ୱାନପୂର୍ଣ୍ଣ ଅପରେଶନ୍ ସଫଳ ଓ ସମ୍ଭବ ହୋଇପାରିଥିବା ସେ କହିଛନ୍ତି। ସୂଚନା ଥାଉକି, ମାକ୍ସିଲୋଫେସିଆଲ୍ ସର୍ଜରି କ୍ଷେତ୍ରରେ ଭୁବନେଶ୍ୱରସ୍ଥିତ ମଣିପାଲ୍ ହସ୍ପିଟାଲ୍ ଏକ ଭରସାଯୋଗ୍ୟ ସ୍ୱାସ୍ଥ୍ୟ ସଙ୍ଗଠନ। ଦୁର୍ଘଟଣା ଦ୍ୱାରା ମୁଖ ବିଗିଡ଼ିଯାଇଥିଲେ ଏହାର ପୁନର୍ନିର୍ମାଣ ମଣିପାଲ୍ ହସ୍ପିଟାଲ୍‌ରେ ଉପଲବ୍ଧ। ମୁଖ ପୁନର୍ନିର୍ମାଣ ବା ଫେସିଆଲ୍ ରିକନ୍‌ଷ୍ଟ୍ରକ୍ସନ୍‌କୁ ସହ ଓରାଲ୍ ଅଙ୍କୋଲୋଜି, କସମେଟିକ୍ ସର୍ଜରି, ଡେଣ୍ଟାଲ୍ ଇମ୍ପ୍ଲାଣ୍ଟ ଆଦି ଚିକିତ୍ସା କରାଯାଉଛି।

# ଅନାସ୍ଥା ଭୋଟରେ ହାରିଲେ ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷ


ଅନାସ୍ଥା ଭୋଟରେ ସାମିଲ ବିଜେଡି କାଉନସିଲର, ନିର୍ବାଚନ ଅଧିକାରୀ ଓ ବିଧାୟକ।

ଭବାନୀପାଟଣା/ ଜୁନାଗଡ଼,୨୭।୮(ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସିରେ ମଙ୍ଗଳବାର ଅନାସ୍ଥା ଭୋଟ ହୋଇଥିଲା। ଏଥିରେ ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ହାରିଯାଇ ନିଜ ପଦ ହରାଇଛନ୍ତି। ମୁକେଶଙ୍କ ବିପକ୍ଷରେ ବିଜେଡିର ୧୦ କାଉନ୍‌ସିଲର ଭୋଟ ଦେଇଥିବା ଉପାଧ୍ୟକ୍ଷା ହିମାଦ୍ରି ନାଏକ ପ୍ରକାଶ କରିଛନ୍ତି। ତେବେ ଧାର୍ଯ୍ୟ ସମୟ ମଧ୍ୟରେ ଅନାସ୍ଥା ଭୋଟ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ଆଣି ଭାଜପାର ୨ କାଉନସିଲର କକ୍ଷ

**ନିର୍ବାଚନ ସମୟକୁ ନେଇ ଭାଜପା, ବିଜେଡି କର୍ମୀ ମୁହାଁମୁହିଁ**

ତ୍ୟାଗ କରିଥିଲେ। ଏପରି କି ଏହି ଘଟଣାକୁ ନେଇ ଭାଜପା ଓ ବିଜେଡି କର୍ମୀ ଏନ୍‌ଏସି ଅଫିସ ସମ୍ମୁଖରେ ପାଟିତୁଣ୍ଡ କରିବା ସହ ମୁହାଁମୁହିଁ ହୋଇଥିଲେ। ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଦିଲୀପ ମହାରଣା ନିର୍ବାଚନ ପରିଚାଳନା ଦାୟିତ୍ୱ ତୁଲାଇଥିବାବେଳେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ତହସିଲଦାର ସୁର୍ମି ସୋରେନ, ଇଓ ପ୍ରମୋଦ ଖିଲୋ ପ୍ରମୁଖ ଉପସ୍ଥିତ ଥିଲେ। ଅନାସ୍ଥା ଭୋଟରେ ବିଜେଡିର ୧୦ କାଉନସିଲର ସାମିଲ ହୋଇ ଭୋଟ ଦେଇଥିବା ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ମହାରଣା ପ୍ରକାଶ କରିଥିଲେ। ଅନାସ୍ଥା ଭୋଟରେ ଭାଜପା ଅଧ୍ୟକ୍ଷ ହାରିବା ପରେ ବିଜେଡି କାଉନସିଲର ଏନ୍‌ଏସି ଅଫିସ ଆଗରେ ଖୁସି ଜାହିର କରିଛନ୍ତି।

ପ୍ରକାଶ ଯେ, ୧୨ ୱାର୍ଡ ବିଶିଷ୍ଟ ଜୁନାଗଡ଼ ଏନ୍‌ଏସିରେ ବିଜେଡିର ୧୦ କାଉନସିଲର ଥିବା ବେଳେ ଭାଜପାର ୨ ଜଣ ଅଛନ୍ତି। ଭାଜପାର ମୁକେଶ ଅଗ୍ରୱାଲ ଏଠାରେ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଅଗ୍ରୱାଲଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତକରି ବିଜେଡି କାଉନସିଲର ଗତ ଜୁଲାଇ ୧୬ରେ ଜିଲାପାଳଙ୍କୁ ଭେଟି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପ୍ରଥମେ ଅଗଷ୍ଟ ୧ରେ ଅନାସ୍ଥା ଭୋଟ କରିବାକୁ ଜିଲାପାଳ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ଦିନ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ସ୍ୱାସ୍ଥ୍ୟ ଖରାପ କାରଣରୁ ଆସିପାରି ନ ଥିଲେ। ପରେ ଅଗଷ୍ଟ ୯ରେ ଅନାସ୍ଥା ଭୋଟ ହେବାକୁ ଧାର୍ଯ୍ୟ ହୋଇଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ କଳାହାଣ୍ଡି ଜିଲାପାଳ ଦାୟିତ୍ୱରେ ଥିବାରୁ ଏନ୍‌ଏସିକୁ ଆସି ନ ଥିଲେ। ୨ଥର ଅନାସ୍ଥା ଭୋଟ ବାତିଲ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାମଲାର ବିଚାରକରି ମଙ୍ଗଳବାର ଅର୍ଥାତ୍ ୨୭ ତାରିଖରେ ଅନାସ୍ଥା ଭୋଟ କରିବାକୁ ହାଇକୋର୍ଟ ଜିଲାପାଳକୁ ନିର୍ଦ୍ଦେଶ ଦେଇଥିଲେ। ବିଜେଡି କାଉନସିଲରମାନେ ମଧ୍ୟ ଜିଲାପାଳଙ୍କୁ ସାକ୍ଷାତ୍ କରି ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ପ୍ରଦାନ କରିଥିଲେ। ଫଳରେ ମଙ୍ଗଳବାର ଅନାସ୍ଥା ଭୋଟ ଗ୍ରହଣ ହୋଇଥିଲା। ଅନ୍ୟପଟେ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଶେଷରେ ୧୦ ଜଣ କାଉନସିଲରଙ୍କ ଦ୍ୱାରା ଅନାସ୍ଥା ଭୋଟରେ ହାରି ନିଜ ପଦ ହରାଇଛନ୍ତି। କାଉନସିଲରଙ୍କ ଆଗରେ ଜନମତ ହାର୍ ମାନିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଅନାସ୍ଥା ଭୋଟ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଭୋଟ ଗ୍ରହଣର ସମୟ ଓ ଫଳାଫଳ ଉଲ୍ଲେଖ କରାଯାଇ ନ ଥିବା, ଜୁନାଗଡ ବିଜେଡି ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଏନ୍‌ଏସି ବୈଠକରେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ପ୍ରଭାବିତ କରିଥିବା ଉଲ୍ଲେଖ କରିଛନ୍ତି। ତେଣୁ ଅନାସ୍ଥା ଭୋଟକୁ ସ୍ଥଗିତ ରଖିବା ସହ ଅଭିଯୋଗ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ମଧ୍ୟ ସମସ୍ତ କାଉନସିଲରଙ୍କ ଦ୍ୱାରା ଅନାସ୍ଥା ଭୋଟରେ ହାରି ନିଜ ପଦ ହରାଇଥିଲେ।

## ବିଜେଡି ଗାଡ଼ିର ଡ୍ରାଇଭର ସାଜିଛି କଂଗ୍ରେସ: ଭାଜପା

ଭୁବନେଶ୍ୱର,୨୭।୮(ଅନିଲ ଦାସ)

ବିଧାନସଭାରେ କୌଣସି ପ୍ରସଙ୍ଗ ଉପରେ ଆଲୋଚନା ନ ହେଉ, ସେ ନେଇ ବିଜେଡି ଓ କଂଗ୍ରେସ ଅପଚେଷ୍ଟା କରୁଛନ୍ତି। ଏବେ 'ବିଜେଡି ଗାଡ଼ିର ଡ୍ରାଇଭର ସାଜିଛି କଂଗ୍ରେସ' ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଯେତେବେଳେ ଜନଗଣନା ହେବ ସେତେବେଳେ ଜାତି ଜନଗଣନା ପ୍ରସଙ୍ଗ ଉଠାଇବା ଯଥାର୍ଥ ହୋଇପାରେ। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ପଛୁଆ ବର୍ଗଙ୍କୁ ସଂରକ୍ଷଣରୁ ବାଦ୍ ଦେଇଥିବା ତତ୍କାଳୀନ ବିଜେଡି ସରକାର ସର୍ଭେ ନାଁରେ ଯେଉଁ ପ୍ରହସନ ଚଳାଇଲେ, ତାହା ଓଡ଼ିଶାବାସୀଙ୍କ ସାମ୍ନାରେ ସାର୍ବଜନୀନ ହେଲା ନାହିଁ କାହିଁକି। ଏବେ ଅଯଥାରେ ଜାତି ଜନଗଣନା ପ୍ରସଙ୍ଗରେ ବିଧାନସଭାକୁ କଂଗ୍ରେସ ଅଚଳ କରୁଛି। କଂଗ୍ରେସ ଓ ବିଜେଡି ଉଭୟ ଶାସନ କ୍ଷମତାରେ ଥିଲାବେଳେ ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କୁ ନ୍ୟାୟ ଦେଇନାହାନ୍ତି। ଏବେ ଭାଜପା ସରକାରରେ ଓଡ଼ିଶାରେ ସାମାଜିକ ନ୍ୟାୟ ସ୍ଥାପନା ହୋଇଛି। ଜଣେ ଆଦିବାସୀ ଆଜି ରାଜ୍ୟରେ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ବିଜେଡି ଓ କଂଗ୍ରେସ ଏହାକୁ ସହ୍ୟ କରିପାରୁନାହାନ୍ତି। ଓଡ଼ିଶାରେ ଆଦିବାସୀ, ଦଳିତ ଯଥାକ୍ରମେ ୩୮% ଓ ଓବିସି ୫୨% ଅଛନ୍ତି। ୨୫ବର୍ଷ ବଜେଡି ଶାସନରେ ଓବିସି, ଏସ୍‌ସି, ଏସ୍‌ଟିଙ୍କୁ ନ୍ୟାୟ ଦେବାକୁ ସ୍ୱର ଉଠାଇ ନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରରେ ୨୭ ଜଣ ଓବିସି ବର୍ଗ ମନ୍ତ୍ରୀ ଅଛନ୍ତି। ଓଡ଼ିଶାରେ ଭାଜପା ଆଦିବାସୀ ବର୍ଗଙ୍କୁ ପ୍ରତିନିଧିତ୍ୱ କରୁଥିବା ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରିଛି। ରାଜ୍ୟର ୧୬ଜଣିଆ ମନ୍ତ୍ରୀ ପରିଷଦରେ ୪ଜଣ ଆଦିବାସୀ, ୨ଜଣ ଦଳିତ, ୭ଜଣ ଓବିସି ବର୍ଗର ମନ୍ତ୍ରୀ ଅଛନ୍ତି। ସେହିପରି ମୁଖ୍ୟସଚେତକ ଓବିସି ବର୍ଗର ହୋଇଥିବାବେଳେ ଉପମୁଖ୍ୟ ସଚେତକ ଜଣେ ଦଳିତ ବର୍ଗର ଅଟନ୍ତି। ଭାଜପା ସରକାର ଗଠନରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିଥିବାବେଳେ ଅତୀତରେ କଂଗ୍ରେସ ଓ ବିଜେଡି ଓବିସି, ଏସସି, ଏସ୍‌ଟିଙ୍କୁ ଆଦୌ ପ୍ରାଧାନ୍ୟ ଦେଇ ନ ଥିବା ନଜିର ରହିଛି। ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ବିଭାଗ ପାଇଁ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଟିଏ ମଧ୍ୟ ଦେଇ ନ ଥିଲେ। ସଂରକ୍ଷଣ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଦଳର ସଭାପତି ଓ ବିରୋଧୀ ଦଳ ନେତା ୨ଟି ପଦକୁ ମାଡ଼ି ବସିଛନ୍ତି। ବିଜେଡି ଓ ନବୀନ ବାବୁ ଯଦି ସାମାଜିକ ନ୍ୟାୟରେ ବିଶ୍ୱାସ ରଖୁଥାନ୍ତି, ତେବେ ଏ ଦୁଇଟି ପଦରୁ ଗୋଟିଏ ପଦବୀ ଅନୁସୂଚିତ ଜାତି, ଜନଜାତି କିମ୍ବା ପଛୁଆ ବର୍ଗଙ୍କୁ ଦେଇଦିଅନ୍ତୁ ବୋଲି ମହାପାତ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।


ମହାପ୍ରଭୁଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ପ୍ରତିବାଦରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଥିବା ଛାତ୍ର ଓ ଯୁବ କଂଗ୍ରେସ କର୍ମକର୍ତ୍ତା। (ଫଟୋ- ମନୋରଞ୍ଜନ ମିଶ୍ର)

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ

ଆଠଗଡ଼,୨୭।୮ (ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ ବ୍ଲକ ତରଡିଙ୍ଗ ପଞ୍ଚାୟତରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରି ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ୧୪ ଜଣ ୱାର୍ଡସଭ୍ୟ ଅଭିଯୋଗପତ୍ର ମଙ୍ଗଳବାର ପ୍ରଦାନ କରିଛନ୍ତି। ୧୮ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତର ସରପଞ୍ଚ ସିଦ୍ଧାନ୍ତ ଦଳାଇ କିଛି ଦିନ ହେବ ମନୋମୁଖି ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ୱାର୍ଡମେମ୍ବରମାନେ ପୂର୍ବରୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୮।୨।୨୪ରେ ଆଠଗଡ଼ ଉପଜିଲାପାଳ ଓ କଟକ ଜିଲାପାଳଙ୍କୁ ଡାକ ଯୋଗେ ଅଭିଯୋଗପତ୍ର ପ୍ରେରଣ କରିଥିଲେ। ତେଣୁ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ପଦବୀରୁ ବହିଷ୍କାର କରିବାକୁ ୱାର୍ଡସଭ୍ୟମାନେ ଦାବି କରିଛନ୍ତି।

## ଭାଜପାର ସଦସ୍ୟତା କର୍ମଶାଳାରେ ମାରପିଟ: ୪ ଆହତ



ରାଜନଗର, ୨୭।୮(ଭାସ୍କର ରାଉତରାୟ)

**ପୁରୁଣାଙ୍କୁ ବାଡ଼େଇଲେ ନୂଆ**

ନିର୍ବାଚନ ସରିବାର ଅଢ଼େଇ ମାସ ପରେ କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀ ଭାଜପାରେ ଗଣ୍ଡଗୋଳ ଆରମ୍ଭ ହୋଇଛି। ନିର୍ବାଚନ ପରଠାରୁ ବିଭିନ୍ନ କାର୍ଯ୍ୟକ୍ରମ ସମାନ୍ତରାଳ ଭାବେ ଚାଲୁଥିବା ବେଳେ ମଙ୍ଗଳବାର ମାରପିଟ୍ ହୋଇଛି। ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ କାହିଁକି ସଦସ୍ୟତା ଅଭିଯାନ କର୍ମଶାଳାକୁ ଡକାଯାଇନାହିଁ ପ୍ରଶ୍ନରେ ନୂଆ ନେତା ଓ କର୍ମୀମାନେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କୁ ଗୋଡ଼େଇ ଗୋଡ଼େଇ ପିଟିଥିବା ଦେଖିବାକୁ ମିଳିଛି। ଏଥିରେ ୪ ଜଣ ପୁରୁଣା କାର୍ଯ୍ୟକର୍ତ୍ତା ଆହତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏହାକୁ ନେଇ ରାଜନଗର ଭାଜପାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଭାଜପା ପକ୍ଷରୁ ଅପରାହ୍ନରେ ରାଜନଗର ନିର୍ବାଚନମଣ୍ଡଳୀର ୩୧ନଂ. ଜୋନ୍ ସଦସ୍ୟତା ଅଭିଯାନ କର୍ମଶାଳା ୩୦ନଂ. ଜୋନରେ ହେଉଥିଲା। ୩୧ନଂ. ଜୋନ୍ ସଭାପତି ଦିଲୀପ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଲଳିତ କୁମାର ବେହେରା, ରାଜୀବଲୋଚନ ନାୟକ, ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁନାକର ପ୍ରଧାନ, ଶୁଭକାନ୍ତ ନାୟକ, ବିକ୍ରମ କୁମାର ବାରିକ, ନିମାଇଁ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ୩୧ନଂ. ଜୋନ୍ ଡେରା ସରପଞ୍ଚ ପ୍ରାର୍ଥୀ ତଥା ପୂର୍ବତନ ଯୁବମୋର୍ଚ୍ଚା ସମ୍ପାଦକ କ୍ରିଷ୍ଣା ବେହେରା, ଜୋନ୍‌ର ଯୁବନେତା ଦିଲୀପ ପାଳ ଓ ପୁରୁଣା କାର୍ଯ୍ୟକର୍ତ୍ତାମାନେ ପହଞ୍ଚି ଆମ ଜୋନ୍‌ର କର୍ମଶାଳାକୁ ଆମକୁ କାହିଁକି ଡକାଗଲାନାହିଁ। ୩୦ନଂ. ଜୋନ୍‌ରେ କାହିଁକି କର୍ମଶାଳା ହେଉଛି, ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ କାହିଁକି ଡକାଯାଉନାହିଁ ବୋଲି ପଚାରିଥିଲେ। ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ବଦଳରେ କଂଗ୍ରେସ, ବିଜେଡିରୁ ଆସିଥିବା ନେତା ଓ କର୍ମୀମାନଙ୍କୁ ନେଇ କାହିଁକି କର୍ମଶାଳା ହେଉଛି ବୋଲି ପଚାରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ବିବାଦ ଉଗ୍ରରୂପ ଧାରଣ କରି ଚେୟାର ଉଠାଇ ମାରପିଟ୍ ଯାଏ କଥା ଯାଇଥିଲା। କର୍ମଶାଳା ସ୍ଥଳରୁ କେରେଡ଼ାଗଡ଼-ରାଜନଗର ମୁଖ୍ୟ ରାସ୍ତା ଯାଏ ଗୋଡ଼େଇ ଗୋଡ଼େଇ ମାରପିଟ ଚାଲିଥିଲା। ଯୁବମୋର୍ଚ୍ଚାର ପୂର୍ବତନ ସମ୍ପାଦକ କ୍ରିଷ୍ଣା ବେହେରାଙ୍କ ହାତ, ଛାତି ଓ ଅଣ୍ଡକୋଷରେ ଗୁରୁତର ଆଘାତ ଲାଗିଥିବାବେଳେ ମହୁଲିଆର ଗଗନ ବିହାରୀ ଦାସଙ୍କ ମୁଣ୍ଡ ଫାଟିଯାଇଛି। କୃଷ୍ଣ ରାଉତ ଓ ବଶିଷ୍ଠ ଜେନା ମଧ୍ୟ ଆହତ ହୋଇଛନ୍ତି। ଆହତ କ୍ରିଷ୍ଣାଙ୍କୁ ପଚାରିବାରେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ କାହିଁକି ଡକାଯାଇନି ବୋଲି ପଚାରିବାକୁ ଯାଇଥିଲୁ। ହେଲେ ଆମକୁ ବିଜେଡି, କଂଗ୍ରେସରୁ ଆସିଥିବା କେତେଜଣ କର୍ମୀ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିସହ ଦଳ ପାଇଁ ଦୀର୍ଘବର୍ଷ ଧରି ଖଟିଥିବା ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରାଯାଉଛି ବୋଲି ସେ କହିଛନ୍ତି।

## ହାଇକୋର୍ଟଙ୍କୁ ସମୟ ମାଗିଲେ ସାରଦା

କଟକ,୨୭।୮ (କାର୍ତ୍ତିକ ସାହୁ)

ରାଉରକେଲା ବିଧାୟକ ସାରଦା ନାୟକଙ୍କ ବିରୋଧରେ ହାଇକୋର୍ଟରେ ଦାଏର ନିର୍ବାଚନୀ ଅନିୟମିତତା ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଥ୍ୟ ପ୍ରଦାନ ପାଇଁ ସମୟ ଦେବା ନିମନ୍ତେ ହାଇକୋର୍ଟଙ୍କୁ ଆବେଦନ କରାଯାଇଥିଲା। ବିଚାରପତି ଶଶିକାନ୍ତ ମିଶ୍ର ମାମଲାର ଶୁଣାଣି କରି ସାରଦାଙ୍କୁ ଏନେଇ ଅନୁମତି ପ୍ରଦାନ କରିଛନ୍ତି। ଅକ୍ଟୋବର ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ରାଉରକେଲା ବିଜେଡି ବିଧାୟକ ସାରଦା ନାୟକଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ଭାଜପା ନେତା ଦିଲୀପ ରାୟ ଜୁନ୍ ୨୧ରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ବିଧାୟକ ନାୟକ ପ୍ରାର୍ଥିପତ୍ର ଦାଖଲବେଳେ ସତ୍ୟପାଠରେ ସମସ୍ତ ସୂଚନା ପ୍ରଦାନ କରିନାହାନ୍ତି ବୋଲି ରାୟ ପିଟିଶନ୍‌ରେ ଦର୍ଶାଇଛନ୍ତି। ସେହିପରି ଗତ ଜୁନ୍ ୧୦ରେ ସାରଦାଙ୍କ ବିରୋଧରେ ପରାଜିତ ଏନ୍‌ସିପି ପ୍ରାର୍ଥୀ ରାଜ କୁମାର ଯାଦବ ହାଇକୋର୍ଟରେ ନିର୍ବାଚନୀ ଅନିୟମିତତା ପିଟିଶନ୍ ଦାଖଲ କରିଥିଲେ।

## ଯାଜପୁର ଏମ୍‌ପିଙ୍କୁ ନୋଟିସ

କଟକ,୨୭।୮ (କାର୍ତ୍ତିକ ସାହୁ)

ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ହାଇକୋର୍ଟ ମଙ୍ଗଳବାର ନୋଟିସ ଜାରି କରିଛନ୍ତି। ତାଙ୍କ ବିରୋଧରେ ଆଗତ ନିର୍ବାଚନୀ ଅନିୟମିତତା ମାମଲାକୁ ବିଚାର ପାଇଁ ଗ୍ରହଣ କରି ହାଇକୋର୍ଟ ଜବାବ ଦାଖଲ ନିମନ୍ତେ ଆଦେଶ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ୨୦୨୪ ନିର୍ବାଚନରେ ଭାଜପା ଟିକେଟରେ ଏମ୍‌ପି ପ୍ରାର୍ଥୀ ଭାବେ ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ନିମନ୍ତେ ରବୀନ୍ଦ୍ର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପ୍ରାର୍ଥିପତ୍ର ଦାଖଲବେଳେ ସେ ଦେଇଥିବା ସତ୍ୟପାଠରେ ସମ୍ପତ୍ତି ତାଲିକାର ତଥ୍ୟ ଠିକ୍ ଭାବେ ଦର୍ଶାଇ ନାହାନ୍ତି। ସେ ଏପରି ଅନିୟମିତତା କରିଥିବା ହେତୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ନେଇ ହାଇକୋର୍ଟରେ ପିଟିଶନ୍ ଦାଏର ହୋଇଛି। ପରାଜିତ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ପିଟିଶନ ଦାଏର କରି ବେହେରା ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିଜେଡିରୁ ମାଥିଲି ଜୋନ୍ ନଂ.୩ ଜିଲା ପରିଷଦ ସଭ୍ୟା ସସ୍ମିତା ବହିଷ୍କୃତ

ମାଲକାନଗିରି, ୨୭।୮ (ଦୁର୍ଯ୍ୟୋଧନ ପାତ୍ର)


ସସ୍ମିତା ମାଝୀ

ମାଲକାନଗିରି ଜିଲା ମାଥିଲି ୩ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀଙ୍କୁ ବିଜେଡିରୁ ମଙ୍ଗଳବାର ବହିଷ୍କାର କରାଯାଇଛି।

ପ୍ରକାଶଯେ, ସସ୍ମିତା ମାଥିଲି ଅଞ୍ଚଳର ବିଭିନ୍ନ ଲୋକଙ୍କଠାରୁ ଚାକିରି କରାଇଦେବାକୁ କହି ଅନେକ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଚାକିରି ଦୂରର କଥା, ଦୀର୍ଘଦିନ ହେବ ସେମାନଙ୍କ ଟଙ୍କା ମଧ୍ୟ ଫେରସ୍ତ ନ କରି ଧମକ ଦେଉଥିବାରୁ ଠକାମିର ଶିକାର ହୋଇଥିବା ଲୋକେ ମାଥିଲି ଥାନାରେ ଅଭିଯୋଗ କରିଥିଲେ। ସସ୍ମିତାଙ୍କ ଏପରି କାର୍ଯ୍ୟକୁ ନେଇ ମାଥିଲି ବ୍ଲକ ବିଜେଡିରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବ୍ଲକ ବିଜେଡି ସଭାପତି ବିଦ୍ୟା ପୂଜାରୀଙ୍କ ଅଧ୍ୟକ୍ଷତାରେ ୨୦ ପଞ୍ଚାୟତ କର୍ମୀମାନଙ୍କୁ ନେଇ ମଙ୍ଗଳବାର ବୈଠକ କରାଯାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି କର୍ମୀମାନେ ଭୋଟରଙ୍କ ପାଖକୁ ଗଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି କର୍ମୀମାନେ ମତ ଦେଇଥିଲେ। ଏଭଳି ଦୁର୍ନୀତି କରିଥିବା ସସ୍ମିତାଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନେଇ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ଏକ ଅଭିଯୋଗପତ୍ର ଜିଲା ସଭାପତି ମାନସ ମାଡ଼କାମିଙ୍କ ଜରିଆରେ ପ୍ରେରଣ କରିଥିଲେ। ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ଜଣାପଡ଼ିଛି।

# ବିଜେଡିକୁ ଫେରିଲେ ବରୀ ବ୍ଲକ୍ ଅଧ୍ୟକ୍ଷ

ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୨୭।୮

ସାଧାରଣତଃ ନିର୍ବାଚନ ପୂର୍ବରୁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକରେ ଦଳବଦଳ ଜୋର ଧରିଥାଏ। କିନ୍ତୁ ଯାଜପୁର ଜିଲାରେ ୨୦୨୪ ନିର୍ବାଚନ ପରେ ଦଳବଦଳ ରାଜନୀତି ଚର୍ଚ୍ଚାର ବିଷୟ ହୋଇଛି। ଜିଲାର ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଣ୍ଡି ୧୨ ଜଣ ସମିତି ସଭ୍ୟଙ୍କୁ ନେଇ ୧୬ ଅଗଷ୍ଟରେ ରାଜ୍ୟ କାର୍ଯ୍ୟାଳୟରେ ଭାଜପାରେ ସାମିଲ ହୋଇଥିଲେ। ଏହାର ଦୁଇ ସପ୍ତାହ ନ ପୂରୁଣୁ ସେ ମଙ୍ଗଳବାର ପୁଣି ବିଜେଡିକୁ ଫେରିଛନ୍ତି। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଏକତରଫା କାର୍ଯ୍ୟ ଓ ମନମାନି ବିରୋଧରେ ବ୍ଲକ ଅଧ୍ୟକ୍ଷ ଗେଣ୍ଡି ଦଳ ଛାଡିଥିଲେ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ଅନ୍ୟପକ୍ଷେ ବିଜେଡି ଛାଡି ଭାଜପାରେ ମିଶିଥିବା ବରୀ ପଞ୍ଚାୟତ ସମିତି ସଭ୍ୟ ସଞ୍ଜୀବ ଜେନା କହିଛନ୍ତି, ବରୀ ବ୍ଲକର ସର୍ବାଙ୍ଗୀନ ବିକାଶ ପାଇଁ ସେମାନେ ଭାଜପା ହାତ ଧରିଥିଲେ।


ଶଙ୍ଖଭବନଠାରେ ବରିଷ୍ଠ ବିଜେଡି ନେତାଙ୍କ ଉପସ୍ଥିତିରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଣ୍ଡି ବିଜେଡିରେ ପୁନଃ ସାମିଲ ହୋଇଛନ୍ତି।

କିନ୍ତୁ ମା'ମାଟିର ବିକାଶକୁ ଅଣଦେଖା କରି କୌଣସି ପ୍ରଲୋଭନ କିମ୍ବା ଲୋଭରେ ସେମାନେ ବିଜେଡିକୁ ପୁଣି ଫେରିଛନ୍ତି। ଏଥିରେ ବରୀର ବିକାଶ ବଦଳରେ ବିନାଶ ହେବାକୁ ଯାଉଛି ବୋଲି ସେ କହିଛନ୍ତି।

ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ଶଙ୍ଖ ଭବନରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ, ପୂର୍ବତନ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ପ୍ରତାପ ଜେନା ଓ ବରୀ ବିଧାୟକ ବିଶ୍ୱରଞ୍ଜନଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷ ଗେଣ୍ଡି ବିଜେଡିକୁ ଫେରିଛନ୍ତି। ଏହା ପୂର୍ବରୁ ଅନ୍ୟାସପୁର ସମିତି ସଭ୍ୟ ରମେଶ ଚନ୍ଦ୍ର ସାହୁ ଓ ବାଲିଆପାଳ ସମିତି ସଭ୍ୟା ମାନସୀ ଦାସ ରବିବାର ଭାଜପାରୁ ବିଜେଡିକୁ ଫେରିଥିଲେ। ବ୍ଲକ ଅଧ୍ୟକ୍ଷ ଗେଣ୍ଡି ବିଜେଡିକୁ ଫେରିବାର ଖବର ପ୍ରଚାରିତ ହେବା ପରେ ଶଙ୍ଖାରିଗଡ଼ା, ବରୀ ମାଉଣ୍ଡ, ରାମଚନ୍ଦ୍ରପୁର, ବାଲିଆ, ରତ୍ନଗିରି ପ୍ରମୁଖ ସ୍ଥାନରେ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଥିଲେ। ଭାଜପାକୁ ଯାଇଥିବା ଅନ୍ୟ ୯ ଜଣ ସମିତି ସଭ୍ୟ ଓ ୬ ଜଣ ସରପଞ୍ଚଙ୍କୁ ମଧ୍ୟ ବିଜେଡିକୁ ଫେରାଇ ଆଣିବାକୁ ଜୋରସୋର କସରତ ଚାଲିଥିବା ସୂଚନା ମିଳିଛି। ତେବେ ଦୁଇ ସପ୍ତାହ ମଧ୍ୟରେ ଭାଜପାକୁ ଯାଇ ପୁଣି ବିଜେଡିକୁ ଫେରିଥିବା ନେତାଙ୍କ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ଭିନ୍ନ ଆଲୋଚନା ହେଉଛି।

ଏ ସଂକ୍ରାନ୍ତରେ ବ୍ଲକ ଅଧ୍ୟକ୍ଷ ଗେଣ୍ଡିଙ୍କ ମତାମତ ନେବାକୁ ତାଙ୍କୁ ଫୋନରେ ଯୋଗଯୋଗ କରାଯାଇଥିଲା । ଫୋନ ସୁଇଚ୍‌ଅଫ୍ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିନାହିଁ। ଅପରପକ୍ଷେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପଚାରିବାରେ ସେ କୁହନ୍ତି, ଭୁଲ ବୁଝାମଣା ଯୋଗୁ ଏଭଳି ଘଟଣା ଘଟିଥିଲା। ବିକଶିତ ବରୀ ଗଠନ କ୍ଷେତ୍ରରେ ଏହି ବ୍ଲକର ସମସ୍ତ ଲୋକ ପ୍ରତିନିଧି, ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ସେ ନିଜେ ବିଧାୟକ ଭାବେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବେ।

# ବ୍ୟବସାୟିକ ଶତ୍ରୁତାରୁ ହୋଇଥିଲା ହତ୍ୟା

ଖୋର୍ଦ୍ଧା,୨୭।୮ (ପ୍ରଭାତ ପାଣିଗ୍ରାହୀ)

**ଯୁବକଙ୍କୁ ଗୋଡ଼ାଇ ହତ୍ୟା ଘଟଣା**

- ୩ ଗିରଫ : ୨ଖଣ୍ଡା, ବାଇକ୍ ଓ ମୋବାଇଲ ଜବତ
- କାଜୁ ଜଙ୍ଗଲରୁ ଧରାହେଲେ, ରିମାଣ୍ଡରେ ଅଣାଯିବ
- ହିଂସାରେ ସମ୍ପୃକ୍ତ ଅଭିଯୁକ୍ତ ଧରାହେବେ



ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ମୁକୁନ୍ଦପ୍ରସାଦ ପୋଡ଼ାସାହିର ବିଶ୍ୱଜିତ୍ ମହାରଣା ଓରଫ ମିକିନା(୨୩), ମୁକେଶ ସେଠୀ ଓରଫ ଟିମର(୨୬) ଏବଂ ଜଗତ୍‌ସିଂହପୁର ଥାନା କାଳିଆଗୋରା ଗ୍ରାମର ଆଶିଷ ପଟ୍ଟନାୟକ ଓରଫ ଆଶିଷ(୨୦)। ତେବେ ଆଶିଷ ମୁକୁନ୍ଦପ୍ରସାଦର ପୋଡ଼ାସାହିରେ ରହୁଥିଲେ। ଏମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଦୁଇଟି ଖଣ୍ଡା, ଗୋଟିଏ ବାଇକ୍, ମୋବାଇଲ ଫୋନ ଜବତ କରାଯାଇଛି। ଏଥିସହ ହତ୍ୟାକାଣ୍ଡ ସ୍ଥଳରୁ ଏକ ଇଲେକ୍ଟ୍ରି ସ୍କୁଟି ଏବଂ ଅନ୍ୟ ସାମ୍ପୁଲ ସଂଗ୍ରହ କରାଯାଇଛି। ବିଶ୍ୱଜିତ୍‌ଙ୍କ ନାମରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଦୁଇଟି ଏବଂ ମୁକେଶଙ୍କ ନାମରେ ଆଦର୍ଶ ଥାନାରେ ଦୁଇଟି ଏବଂ ଶିଳ୍ପାଞ୍ଚଳ ଥାନାରେ ଦୁଇଟି ମାମଲା ରହିଛି। ବ୍ୟକ୍ତିଗତ ଏବଂ ବ୍ୟବସାୟିକ ଶତ୍ରୁତାରୁ ସାଜିଦଙ୍କୁ ହତ୍ୟା କରାଯାଇଛି ବୋଲି ମଙ୍ଗଳବାର ଜିଲା ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଆଇଜି ତଥା ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ମୁତାବକ, ସାଜିଦ୍ ଜଣେ ଠିକାଦାର। ବାଲି, ଗୋଡ଼ି, ପଥର ପକାଇବା କାମ କରିଥାନ୍ତି। ଗତ ୨୫ ତାରିଖ ମଧ୍ୟାହ୍ନରେ ଅଭିଯୁକ୍ତ ବିଶ୍ୱଜିତ୍ ତାଙ୍କୁ ଫୋନ କରି ଜଟଣୀ ବାଇପାସ ନିକଟରେ ପ୍ରଥମେ ଘରୋଇ ସ୍କୁଲ ନିକଟରେ ପଥର ପକାଇବା ପାଇଁ ଡାକିଥିଲେ। ଏହି ସମୟରେ ସାଜିଦ ସ୍କୁଟି ଚଳାଇ କାରମେଲ ଅଭିମୁଖେ ଯାଉଥିବା ବେଳେ ଚାଚେରା ଶବର ସାହିରେ ପୂର୍ବରୁ ଯୋଜନାବଦ୍ଧ ଭାବେ ଅପେକ୍ଷା କରିଥିବା ମିକିନା, ଟିମର ଓ ଆକାଶ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସାଜିଦ ସ୍କୁଟି ଛାଡି ଦୌଡି ପଳାଇ ନିକଟରେ ଥିବା ଗ୍ୟାରେଜରେ ପଶି ଯାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ସେଠାରେ ଖଣ୍ଡାରେ ହାଣି ଫେରାର ହୋଇଯାଇଥିଲେ। ଏହା ପରେ ମେଡିକାଲରେ ସାଜିଦଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଅଭିଯୋଗ ପରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଶାନ୍ତନୁ ମହାନ୍ତି, ସୁରେନ୍ଦ୍ର ନାଥ ମୁର୍ମୁ, ସଦର ଡିଏସ୍‌ପି ଅନିଲ ମହାନ୍ତିଙ୍କ ନେତୃତ୍ୱରେ ବରିଷ୍ଠ ପୋଲିସ ଅଧିକାରୀ ତାରିକ ଅହମ୍ମଦ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଗାୟତ୍ରୀ ମିଶ୍ର, ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ, ସଦର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ, ଶିଳ୍ପାଞ୍ଚଳ ଥାନା ଏସ୍‌ଆଇ ବାସୁଦେବ ଜୟସିଂ, ସସ୍ମିତା ବେହେରା, ଟାଉନ ଏବଂ ସଦର ଥାନାର ଅନ୍ୟ ଅଧିକାରୀମାନଙ୍କୁ ନେଇ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ବିଶେଷସୂତ୍ରରୁ ଖବରପାଇ ମଙ୍ଗଳବାର ପୋଲିସ ଅପରାହ୍ନ ୨ଟାରେ ଅଣ୍ଡାବାଜପୁର କାଜୁ ଜଙ୍ଗଲରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ତଦନ୍ତ କରାଯିବ।

ଏସ୍‌ପି ଆହୁରି କହିଥିଲେ, ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିବାର, ଜଣେ ଆହତ ବ୍ୟକ୍ତି ଏବଂ ମୁକୁନ୍ଦପ୍ରସାଦର ଦୁଇଟି ସାହି ବାସିନ୍ଦାଙ୍କ ପକ୍ଷରୁ ମୋଟ ୪ଟି ମାମଲା ରୁଜୁ ହୋଇଛି। ସମସ୍ତ ଘଟଣାର ତଦନ୍ତ ଚାଲିଛି। ଉତ୍ତେଜନା ପରବର୍ତ୍ତୀ ଘଟିଥିବା ହିଂସାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ମୁକୁନ୍ଦପ୍ରସାଦର ୫ଟି ୱାର୍ଡରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍) ୧୬୩ ଧାରା ବଳବତ୍ତର ରହିଛି। ୧୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। କେହି ବି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବା, ଆଇନ ହାତକୁ ନ ନେବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି। ବାଇକ୍ ଭଙ୍ଗାରୁଜା ନେଇ ଆସିଥିବା ଅଭିଯୋଗ ଉପରେ କିପରି ସେମାନେ ଇନ୍ସୁରାନ୍ସ ପାଇପାରିବେ, ସେଥିଲାଗି ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ମହାନ୍ତି, ସୁରେନ୍ଦ୍ର ନାଥ ମୁର୍ମୁ, ସଦର ଡିଏସ୍‌ପି ଅନିଲ ମହାନ୍ତି, ବରିଷ୍ଠ ପୋଲିସ ଅଧିକାରୀ ତାରିକ ଅହମ୍ମଦ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଗାୟତ୍ରୀ ମିଶ୍ର ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତଣ୍ଟି ଚିପି ମହିଳାଙ୍କୁ ହତ୍ୟା

ଅନୁଗୋଳ,୨୭।୮ (ମାନସ ବିଶ୍ୱାଳ)

- ପଡ଼ିଆରୁ ମୃତଦେହ ଜବତ କଲା ପୋଲିସ
- ୮ ମାସ ତଳେ କରିଥିଲେ ଦ୍ୱିତୀୟ ବିବାହ
- ଦ୍ୱିତୀୟ ସ୍ୱାମୀଙ୍କ ହାତଥିବା ପରିବାର ଲୋକଙ୍କ ସନ୍ଦେହ

ଅନୁଗୋଳ ଥାନା ସୌଭାଗ୍ୟନଗର ହୋମଗାର୍ଡ କାର୍ଯ୍ୟାଳୟ ନିକଟ ପଡ଼ିଆରେ ଜଣେ ମହିଳାଙ୍କୁ ମଙ୍ଗଳବାର ଭୋର ସମୟରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ସ୍ଥାନୀୟ ଅଞ୍ଚଳର ବିନୋଦିନୀ ଗୋଚ୍ଛାୟତ (୨୮)। ତାଙ୍କ ବେକରେ ଗାମୁଛା ଓ ଶାଢ଼ି ଗୁଡ଼ାଯାଇଥିବାରୁ କେହି ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସମ୍ପୃକ୍ତା ମହିଳା ୮ ମାସ ପୂର୍ବରୁ ଦ୍ୱିତୀୟ ବିବାହ କରିଥିବାବେଳେ ଏହି ହତ୍ୟାକାଣ୍ଡରେ ତାଙ୍କ ଦ୍ୱିତୀୟ ସ୍ୱାମୀଙ୍କ ହାତ ଥାଇପାରେ ବୋଲି ବାପଘର ଲୋକେ ଏତଲାରେ ସନ୍ଦେହବ୍ୟକ୍ତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିନୋଦିନୀ ବନ୍ତଳା ଥାନା ଅଞ୍ଚଳରେ ପ୍ରଥମେ ବିବାହ କରିଥିଲେ। ତାଙ୍କର ୫ଟି ସନ୍ତାନ ଥିଲେ। ହେଲେ ୮ ମାସ ତଳେ ସେ ପ୍ରଥମ ସ୍ୱାମୀ ଓ ପିଲାଙ୍କୁ ଛାଡ଼ି ପାଲଲହଡ଼ା ଥାନା ଅଞ୍ଚଳର ଜଣେ ଲୋକଙ୍କ ସହ ପଳାଇଯାଇ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ ଅନେକ ସମୟରେ ଦ୍ୱିତୀୟ ସ୍ୱାମୀଙ୍କ ସହ ତାଙ୍କର ଝଗଡ଼ା ହେଉଥିଲା। ୪ ଦିନ ହେବ ସେ ଅନୁଗୋଳ ସୌଭାଗ୍ୟନଗର ଆସି ବାପଘରେ ରହୁଥିଲେ। ମଙ୍ଗଳବାର ଭୋର୍ ସମୟରେ ସେ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସ୍ଥାନୀୟ ପଡ଼ିଆରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ତଣ୍ଟି ଚିପି ବିନୋଦିନୀଙ୍କୁ ହତ୍ୟା କରାଯାଇଥିବା ଓ ଏଥିରେ ତାଙ୍କ ଦ୍ୱିତୀୟ ସ୍ୱାମୀଙ୍କ ସମ୍ପୃକ୍ତି ଥାଇପାରେ ବୋଲି ବାପଘର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ଅନୁଗୋଳ ପୋଲିସ ନଂ. ୬୮୨/୨୪ରେ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି ଓ ଏଯାଏ କାହାରିକୁ ଗିରଫ କରାଯାଇ ନ ଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି।

# ଖଣ୍ଡଗିରି ଥାନାରେ ମହିଳାଙ୍କୁ ମାଡ଼

ଭୁବନେଶ୍ୱର,୨୭।୮
(ସୂର୍ଯ୍ୟକାନ୍ତ ବେହେରା)

**ମାଡ଼ ମାରିଥିବା ଏସ୍‌ଆଇଙ୍କ ବିରୋଧରେ ଡିସିପିଙ୍କ ନିକଟରେ ପୀଡ଼ିତାଙ୍କ ଅଭିଯୋଗ**

ଖଣ୍ଡଗିରି ଥାନାରେ ଅଭିଯୋଗ କରିବାକୁ ଆସିଥିବା ଜଣେ ମହିଳାଙ୍କୁ ଥାନାର ଜଣେ ମହିଳା ଏସ୍‌ଆଇ ମାଡ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଥାନା ଅଧିକାରୀ କିଛି ନ ଶୁଣିବାରୁ ତପୋବନ ବସ୍ତି ବରବାରିରେ ରହୁଥିବା ଲକ୍ଷ୍ମୀ ଡାକୁଆ ମଙ୍ଗଳବାର ଡିସିପିଙ୍କ ଦ୍ୱାରସ୍ଥ ହୋଇ ମହିଳା ଏସ୍‌ଆଇଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

ପୀଡିତା ମହିଳାଙ୍କ ଅଭିଯୋଗ ଅନୁସାରେ ବରବାରିର ଥିବା ଘର ସମ୍ମୁଖରେ ଅମିୟ ପଟ୍ଟନାୟକ ନାମକ ବ୍ୟକ୍ତି ଶୁକ୍ରବାର ରାତି ପ୍ରାୟ ୯ଟାରେ ତାଙ୍କ କାର୍‌କୁ ରାସ୍ତା ପାର୍ଶ୍ୱରେ ରଖିଥିଲେ, ଯାହାଫଳରେ ମୋଟରସାଇକେଲ ଯିବା ପାଇଁ ଅସୁବିଧା ହେବାରୁ ଲକ୍ଷ୍ମୀ ଏବଂ ତାଙ୍କ ସ୍ୱାମୀ ଗାଡ଼ି ସାଇଡ କରିବାକୁ ଅମିୟଙ୍କୁ କହିଥିଲେ। ଏତିକିରେ ଅମୀୟ ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିଥିଲେ। ଗାଡି ରଖିବାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହେବାରୁ ସ୍ଥାନୀୟ ଲୋକେ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶନିବାର ଏହାକୁ ନେଇ ଅମିୟ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଶନିବାର ରାତି ୯ଟାରେ ଲକ୍ଷ୍ମୀ ମଧ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। କିଛି ବୁଝିବା ପୂର୍ବରୁ ଖଣ୍ଡଗିରି ଥାନାର ମହିଳା ସବ୍‌ଇନ୍ସପେକ୍ଟର ପାଏଲ ପ୍ରଧାନ ତାଙ୍କ ଅଭିଯୋଗପତ୍ରକୁ ଫିଙ୍ଗି ଗାଳିଗୁଲଜ କରିଥିଲେ। ଏପରିକି ଥାନା ଭିତରର ଏକ କୋଠରିକୁ ନେଇ ଏକ ପ୍ଲାଷ୍ଟିକ ପାଇପରେ ମାଡ଼ ମାରିଥିଲେ। ଫଳରେ ତାଙ୍କ ବାମ ହାତରେ ଆଘାତ ଲାଗିଥିବା ସେ ଅଭିଯୋଗ କରିଛନ୍ତି ।

# କଲରାପତରିଆ ବାଘଛାଲ, ଶମ୍ବର ଶିଙ୍ଗ ଜବତ

ନାକଟିଦେଉଳ, ୨୭।୮ (ବୈକୁଣ୍ଠନାଥ ସାହୁ)



ଜବତ ବାଘଛାଲ, ଶମ୍ବର ଶିଙ୍ଗ, ମାଂସ ଓ ଶିକାରରେ ବ୍ୟବହୃତ ଅସ୍ତ୍ର।

**୩ ଜଣଙ୍କୁ ବାନ୍ଧିଲା ବନ ବିଭାଗ**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅନ୍ତର୍ଗତ ହୀରାଲୋଇ ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରିରେ ବନ ବିଭାଗ ଚଢ଼ାଉ କରି କଲରାପତରିଆ ବାଘଛାଲ, ଶମ୍ବର ଶିଙ୍ଗ ଜବତ କରିଛି। ଚଢ଼ାଉ ବେଳେ ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ୩ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କିସିଣ୍ଡା ଥାନା ଅନ୍ତର୍ଗତ ହୀରାଲୋଇ ଗ୍ରାମର ପ୍ରଫୁଲ୍ଲ ବାର୍ଲା, ଜୟ ମହାନନ୍ଦ ଏବଂ କୁଆରା ଟାପେନ।

ସୂଚନା ଅନୁସାରେ, ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳର ହୀରାଲୋଇ ଜଙ୍ଗଲରେ ସୋମବାର କେତେଜଣ ଶିକାରୀ ଏକ କଲରାପତରିଆ ବାଘ ଶିକାର କରିଥିଲେ। ଏ ସମ୍ପର୍କରେ ଗିରିଶ୍ଚନ୍ଦ୍ରପୁର ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ସୋମବାର ରାତି ପ୍ରାୟ ୨ଟାରେ ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର ସାହୁ, ଫରେଷ୍ଟର ପ୍ରବୀଣ କୁମାର ସାହୁ ସଦଳବଳ ହୀରାଲୋଇ ଗ୍ରାମରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ଶିକାରୀମାନେ ନିଜ ଘରେ ମୃତବାଘର ମାଂସ ଚୁଲାରେ ରୋଷେଇ କରୁଥିବାବେଳେ ସେମାନଙ୍କୁ କାବୁ କରାଯାଇଥିଲା । ଏହି ସମୟରେ ସେମାନଙ୍କଠାରୁ କଲରାପତରିଆ ବାଘ ମାଂସ ସହିତ ରୋଷେଇ ସାମଗ୍ରୀ ଏବଂ ବାଘଛାଲ, ୪ଟି ଟାଙ୍ଗିଆ, ଗୋଟିଏ ପନିକି ଏବଂ ଶିକାରରେ ବ୍ୟବହୃତ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିଲା। ବନବିଭାଗ ସମ୍ପୃକ୍ତ ଶିକାରୀମାନଙ୍କୁ ଗିରଫ କରି କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚରା କରୁଛି। ରେଢ଼ାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି ମଙ୍ଗଳବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଥିଲେ। ସୂଚନାଯୋଗ୍ୟ, ଦୁଇ ମାସ ପୂର୍ବରୁ ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନର ଭୀମ ମଣ୍ଡଳୀ ଜଙ୍ଗଲରେ ଦୁର୍ବୃତ୍ତମାନେ ଏକ କଲରାପତରିଆ ବାଘକୁ ହତ୍ୟା କରିଥିବା ବେଳେ ଜଙ୍ଗଲ ଭିତରୁ ବନ ବିଭାଗ ଉକ୍ତ ବାଘର ମୃତଦେହ ଜବତ କରିଥିଲା।

# ଯୌତୁକଜନିତ ହତ୍ୟା ମାମଲା, ସ୍ୱାମୀଙ୍କୁ ଆଜୀବନ ଜେଲ

ଭଞ୍ଜନଗର,୨୭।୮ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ତୁଳସୀପଲ୍ଲୀର ଝୁଲି ପ୍ରଧାନଙ୍କୁ ଯୌତୁକ ପାଇଁ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସ୍ୱାମୀ ଦୁଃଖୀଶ୍ୟାମଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ତୋଲୋଡ଼ିର ବିଦ୍ୟାଧର ପ୍ରଧାନଙ୍କ ଝିଅ ଝୁଲି ୨୦୧୬ରେ ତୁଳସୀପଲ୍ଲୀର ଦୁଃଖୀଶ୍ୟାମଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ୬୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ଜିନିଷପତ୍ର ଦିଆଯାଇଥିଲା। ପରେ ବାପଘରୁ ଆଉ ଟଙ୍କା ଆଣିବା ପାଇଁ ଦୁଃଖୀଶ୍ୟାମ କହି ଆସୁଥିଲେ। ଝୁଲି ଟଙ୍କା ଆଣି ନ ଥିବାରୁ ତାଙ୍କୁ ନିର୍ଯାତନା ଦେଉଥିଲେ। ୨୦୨୧ ମାର୍ଚ୍ଚ ୩୧ ତାରିଖରେ ଝୁଲିଙ୍କୁ ତାଙ୍କ ବାପା ଫୋନ କରି ନାତିର ଚୁଟି ପକାଇବାକୁ ଗ୍ରାମକୁ ଡାକିଥିଲେ। ପରଦିନ ସକାଳେ ୩ବର୍ଷର ପୁଅକୁ ନେଇ ଝୁଲି ସ୍ୱାମୀଙ୍କ ସହ ବାପଘରକୁ ଯାଇଥାନ୍ତେ। ହେଲେ ରାତିରେ ଦୁଃଖୀଶ୍ୟାମ ସ୍ତ୍ରୀଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସେ ସମୟରେ ତାରସିଂ ଥାନାରେ ଅଭିଯୋଗକ୍ରମେ ନଂ.୭୧/୨୧ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ରଜତ ଦାସ ମାମଲା ପରିଚାଳନା କରୁଥିଲେ।

# କୁକୁଡ଼ା ଫାର୍ମରେ ମାରି ନଦୀକୁ ଫିଙ୍ଗିଦେଲେ

ଝାରସୁଗୁଡ଼ା,୨୭।୮ (ସଞ୍ଜୟ ମାଲି)

**ବ୍ୟବସାୟକୁ ନେଇ ହତ୍ୟା ସନ୍ଦେହ**

ଝାରସୁଗୁଡ଼ା ଜିଲା ସଦର ଥାନା ଅନ୍ତର୍ଗତ ୧୦ ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଏକ କୁକୁଡ଼ା ଫାର୍ମରେ ସୋମବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟିଛି। ଏହି ଗୁଳିକାଣ୍ଡରେ ମହମ୍ମଦ ଶାହାଜାହାନ ଖାନ(୨୯) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ଭୟରେ ଅଭିଯୁକ୍ତମାନେ ଶାହାଜାହାନଙ୍କ ମୃତଦେହ ଝାରସୁଗୁଡ଼ା-ସମ୍ବଲପୁରକୁ ସଂଯୋଗ କରୁଥିବା ରମ୍ପେଲା ବ୍ରିଜ୍ ଉପରୁ ନଦୀରେ ଫିଙ୍ଗି ଦିଆଯାଇଥିଲା। ଏହାଜଣା ପଡ଼ିବା ପରେ ଝାରସୁଗୁଡ଼ା ଏସ୍‌ପି ସ୍ମିଥ ପି. ପରମାରଙ୍କ ସହିତ ସାଇଣ୍ଟିଫିକ୍ ଓ ଡଗ୍ ସ୍କ୍ୱାଡ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଓଡ଼ିଶା ଦମକଳ ବାହିନୀ ଓ ସମ୍ବଲପୁର ଜିଲା ରେଙ୍ଗାଲି ଦମକଳ ବାହିନୀଙ୍କ ମିଳିତ ଉଦ୍ୟମରେ ନଦୀ ଭିତରୁ ଶାହାଜାହାନଙ୍କ ମୃତଦେହ ବାହାର କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ସଦର ଥାନା ଓ ଝାରସୁଗୁଡ଼ା ଟାଉନ ଥାନା ପୋଲିସର ମିଳିତ ତଦନ୍ତ ପରେ ଇମାରନ ଖାନ ଓ ଜଣେ ସହଯୋଗୀଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ନାମରେ ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଏହାର ଆହୁରି ତଦନ୍ତ ଚାଲିଛି ବୋଲି ଝାରସୁଗୁଡ଼ା ଏସ୍‌ପି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସହରସ୍ଥିତ ମଙ୍ଗଳବଜାର ମସଜିଦ ଅଞ୍ଚଳର ମହମ୍ମଦ ଶାହାଜାହାନ ଖାନ୍ ଓ ଇମାରନ ଖାନ ସମ୍ପର୍କୀୟ ୨ ଭାଇ। ୧୦ ନଂ. ରାଜ୍ୟ ରାଜପଥ ବେହେରାପାଟ ରୋଡ ପାର୍ଶ୍ୱରେ ଦୁହେଁ ମିଶି ଏକ କୁକୁଡ଼ା ଫାର୍ମ କରିଥିଲେ। ଗତ କିଛିଦିନ ହେବ ଉଭୟଙ୍କ ଭିତରେ ବ୍ୟବସାୟକୁ ନେଇ ବିବାଦ ଲାଗି ରହିଥିଲା। ଏହାର ଦ୍ୱିପାକ୍ଷିକ ଆଲୋଚନା ପାଇଁ ଜଣେ ମଧ୍ୟସ୍ଥି ଜରିଆରେ ଆପୋସ ବୁଝାମଣା ପାଇଁ ଇମରାନ ଶାହାଜାହାନଙ୍କୁ ଡାକିଥିଲେ। ସେଠାରେ ଆଲୋଚନା ଚାଲିଥିବା ବେଳେ କିଛି ବିଚାର ନ କରି ହଠାତ୍ ଇମରାନ ଶାହାଜାହାନଙ୍କ ଉପରକୁ ଗୁଳି କରିଥିଲେ। ଘଟଣାସ୍ଥଳରେ ଶାହାଜାହାନଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଭୟରେ ଘଟଣାକୁ ଚାପି ଦେବାପାଇଁ ଶାହାଜାହାନଙ୍କ ମୃତଦେହ ଝାରସୁଗୁଡ଼ା-ସମ୍ବଲପୁରକୁ ସଂଯୋଗ କରୁଥିବା ରମ୍ପେଲା ବ୍ରିଜ୍ ଉପରୁ ନଦୀରେ ଫିଙ୍ଗି ଦିଆଯାଇଥିବା ବେଳେ ବ୍ୟବହୃତ ବନ୍ଧୁକ ମଧ ନଦୀରେ ଫିଙ୍ଗି ଦେଇ ଫେରାର ହୋଇଥିଲେ।

# ମହାନଦୀକୁ ଡେଇଁଥିବା ଛାତ୍ରୀଙ୍କ ମୃତଦେହ ଆଠଗଡ଼ରୁ ମିଳିଲା

ଆଠଗଡ଼/ସମ୍ବଲପୁର,୨୭।୮ (ସତ୍ୟ ପ୍ରସାଦ ରଥ/ପ୍ରମୋଦ ବହିଦାର)

ସମ୍ବଲପୁର-ଚାଉଁରପୁର ରାସ୍ତାରେ ଥିବା ମହାନଦୀ ଦ୍ୱିତୀୟ ବ୍ରିଜରୁ ଡେଇଁଥିବା ସ୍କୁଲ ଛାତ୍ରୀଙ୍କ ମୃତଦେହ ଆଠଗଡ଼ ଥାନା କନ୍ଦରପୁର ନିକଟ ମହାନଦୀରୁ ଉଦ୍ଧାର ହୋଇଛି। ମୃତା ହେଉଛନ୍ତି ସମ୍ବଲପୁର ଟାଉନ ଥାନା ନିକଟ ହିନ୍ଦୀ ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ତଥା କ୍ଷେତରାଜପୁର ଥାନା ମନ୍ଦଳିଆ ଚନ୍ଦନନଗରର ରାମଭଜନ ସାହାଣୀଙ୍କ ଝିଅ କାଜଲ(୧୪)।

ମଙ୍ଗଳବାର ସକାଳେ ଆଠଗଡ଼ ନିକଟ ମହାନଦୀ କୂଳରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ସ୍ଥାନୀୟ ପୋଲିସ ଅଗ୍ନିଶମ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଉଦ୍ଧାର ପରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ମୃତାଙ୍କ ପ୍ୟାଣ୍ଟ ପକେଟରୁ ମିଳିଥିବା ପରିଚୟ ପତ୍ରରୁ ପରିଚୟ ମିଳିବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଖବରପାଇ ମୃତାଙ୍କ ପରିବାର ଲୋକ ଆଠଗଡ଼ରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏ ନେଇ ଆଠଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୯/୨୪) ରୁଜୁ ହୋଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି। ମିଳିଥିବା ସୂଚନା ଅନୁସାରେ, ଗତ ୨୪ତାରିଖ ଶନିବାର ସକାଳୁଆ ସ୍କୁଲ ପାଇଁ ଭୋର ପ୍ରାୟ ୬ଟାରେ କାଜଲ ସାଇକେଲ ଧରି ଘରୁ ବାହାରିଥିଲେ। ସେ ଚାଉଁରପୁର ବ୍ରିଜ୍ ନିକଟରେ ସାଇକେଲ ରଖିଦେଇ ହଠାତ ମହାନଦୀକୁ ଡେଇଁ ପଡ଼ିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଖବର ପାଇ ପୋଲିସ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ହେଁ ପତ୍ତା ପାଇ ନ ଥିଲେ।

**ବେଆଇନ ଔଷଧ କାରବାର ମାମଲା**

# ଆଉ ୨ ଅଭିଯୁକ୍ତ ଗିରଫ

ଯୋଡା, ୨୭।୮ (ମାନସ ମହାନ୍ତି)



ଗିରଫ ୨ ଅଭିଯୁକ୍ତ।

କେନ୍ଦୁଝର ଜିଲା ଯୋଡା ସହରରେ ମଙ୍ଗଳବାର ପୋଲିସ ଓ ଡ୍ରଗ୍ସ ବିଭାଗ ଚଢାଉ କରି ବିପୁଳ ପରିମାଣରେ ଚୋରା କାରବାର ହେଉଥିବା ଔଷଧ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ରାଇମାବାଦ ଅଞ୍ଚଳର ସାନାୱାଜ ଆଲମ ଓ ଅରିଫ ଆଖତାର। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ବାଇକ୍(ନଂ. ଓ ଡି ୦୯ ୱାଇ ୬୪୬୭) ଜବତ କରିବା ସହ ୧୯୪୪ଟି ସ୍ପାଜମୋ ପ୍ରକ୍ସିଭମ ନାମକ ଔଷଧକୁ ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୯୦ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଯୋଡା ଥାନାରେ ଏକ ମାମଲା (ନଂ. ୨୪୩/୨୦୨୪) ଦଫା ୨୧(ବି) ଏନ୍‌ଡିପିଏସ୍ ଆକ୍ଟ/୨୭(ବି)(ଆଇ ଆଇ) ଡ୍ରଗସ ଆଣ୍ଡ କସ୍ମେଟିକ୍ସ ଆକ୍ଟ ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଏହି ଚଢାଉରେ ଯୋଡା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଉମେଶ ସାହୁ, ବଡ଼ବିଲ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ଯୋଡା ଆଇଆଇସି ଲୋକେଶ ସାହୁଙ୍କ ସମେତ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଓ କେନ୍ଦୁଝର ଡ୍ରଗ୍ସ ଇନ୍ସପେକ୍ଟର ପଦବୀର ଅତିରିକ୍ତ ଦାୟିତ୍ୱରେ ଥିବା ରୁଦ୍ରନାରାୟଣ ସାହୁ ଏହି ଚଢାଉ କରିଥିଲେ। ଜବତ ଔଷଧଗୁଡିକ ଯାଞ୍ଚ ସମୟରେ କୌଣସି କ୍ରୟଜନିତ କାଗଜପତ୍ର ନ ଥିବା ଜଣାପଡିଛି। ଏହି ଔଷଧଗୁଡ଼ିକୁ ଡାକ୍ତରଙ୍କ ବିନା ପରାମର୍ଶରେ ବେଆଇନ ଭାବେ ବିକ୍ରି କରାଯାଉଥିବା ନେଇ ତଥ୍ୟ ମିଳିଥିବା ବଡବିଲ ଏସ୍‌ଡିପିଓ ଓ ଯୋଡା ଆଇଆଇସି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ମଧ ଯୋଡ଼ା ସହରରେ ଚଢାଉ କରାଯାଇ ବିପୁଳ ପରିମାଣରେ ଚୋରା କାରବାର ହେଉଥିବା ଔଷଧ ଜବତ କରାଯିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା, ୨୭।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଜଳଙ୍ଗ ଗଣ୍ଡିବେଡ ଗ୍ରାମର ଅମୂଲ୍ୟ ଦାସ(୨୮)ଙ୍କ ବେଙ୍ଗାଲୁରୁରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଆରଟି ବିଲ ଥାନା ଅଧୀନରେ ବେବି ଗାରମେଣ୍ଟସ୍ ନାମକ କପଡା କମ୍ପାନୀରେ କାମ କରୁଥିବା ଅମୂଲ୍ୟ ସୋମବାର ସନ୍ଧ୍ୟାରେ କମ୍ପାନୀରୁ ଫେରି ରାତିରେ ଖାଇପିଇ ଶୋଇଥିଲେ। ସକାଳେ ତାଙ୍କ ଶରୀର କ୍ଷତବିକ୍ଷତ ଅବସ୍ଥାରେ ଶୋଇବା ଘରୁ ମିଳିଥିଲା। ପୋଲିସ ଘରକୁ ଜଣାଇଥିଲେ ହେଁ ଭୂମିହୀନ ପରିବାର ହୋଇଥିବାରୁ ମୃତଦେହ ଅଣାଯାଇ ପାରି ନ ଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ବିଜୟୱାଡାରେ ରହୁଥିବା ଭଉଣୀ ଭିଣୋଇ ପହଞ୍ଚି ଶବ ସତ୍କାର କରିଥିଲେ। ତାଙ୍କ ପୁଅକୁ ହତ୍ୟା କରାଯାଇଛି, ହତ୍ୟାକାରୀଙ୍କୁ ଖୋଜି ବାହାର କରିବାକୁ ମା' ଅନିତା ଦାସ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ସେପଟେ ନିହାତି ଗରିବ ଏହି ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ସାହାଯ୍ୟ ଆଳରେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ

ଭୁବନେଶ୍ୱର,୨୭।୮
(ସୂର୍ଯ୍ୟକାନ୍ତ ବେହେରା)

**ଏମ୍ସ ସିକ୍ୟୁରିଟି ଗାର୍ଡଙ୍କ ନାଁରେ ମହିଳା କମିଶନଙ୍କ ନିକଟରେ ଅଭିଯୋଗ**

ଭୁବନେଶ୍ୱର ଏମ୍ସରେ ଜଣେ ସିକ୍ୟୁରିଟି ଗାର୍ଡ ଜଣେ ରୋଗୀଙ୍କ ସ୍ତ୍ରୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ସାହାଯ୍ୟ କରିବା ଆଳରେ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତା ଜଣଙ୍କ ମଙ୍ଗଳବାର ମହିଳା କମିଶନଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ସେପ୍ଟେମ୍ବର ୧୩ରେ ଏହା ଉପରେ ଶୁଣାଣି ଅଛି। ସେହିଦିନ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡ଼ ମନୋଜ କୁମାର ସାହୁଙ୍କୁ ମଧ ଡକାଯିବ ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଥିବା ପୀଡିତା ମହିଳା କହିଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀଙ୍କୁ ୩ବର୍ଷ ତଳେ ବ୍ଲଡ କ୍ୟାନସର ହୋଇଥିଲା। ଚିକିତ୍ସା ପାଇଁ ସେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ଆଣିଥିଲେ। ସେଠାରେ ତାଙ୍କ ସ୍ୱାମୀଙ୍କ ଚିକିତ୍ସା ଚାଲିଥିବାବେଳେ ସିକ୍ୟୁରିଟି ଗାର୍ଡ ମନୋଜଙ୍କ ସଂସ୍ପର୍ଶରେ ସେ ଆସିଥିଲେ। ମନୋଜ ମହିଳାଙ୍କୁ ମେଡିସିନଠାରୁ ଆରମ୍ଭ କରି ରକ୍ତ ଓ ଅନ୍ୟାନ୍ୟ କାର୍ଯ୍ୟରେ ସମସ୍ତ ପ୍ରକାର ସାହାଯ୍ୟ କରୁଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ବଢିଥିଲା। ଏପିରି କି ମନୋଜ ତାଙ୍କୁ ନେଇ ଏକ ରୁମ୍‌ରେ ମଧ ରଖିଥିଲେ। ସେଠାରେ ରୋଷେଇ ବାସ କରି ରହିବା ପାଇଁ କହିଥିଲେ। ଭବିଷ୍ୟତରେ ସବୁ ପ୍ରକାର ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମନୋଜ ତାଙ୍କ ସହିତ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରତିବାଦ କଲେ ବି ସେ ଶୁଣି ନ ଥିଲେ। ହେଲେ ଏହି ୩ ବର୍ଷ ମଧ୍ୟରେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ମନୋଜ ତାଙ୍କୁ ଏକ ମନ୍ଦିରରେ ବାହା ହେବା ସହ ତାଙ୍କ ପିଲାଙ୍କ ଯତ୍ନ ନେବେ ବୋଲି ମଧ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ମନୋଜ ଧରାଛୁଆଁ ଦେଉନାହାନ୍ତି କି ଫୋନ ମଧ ଉଠାଉନାହାନ୍ତି ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି।

# ଗେଷ୍ଟହାଉସ୍‌ରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୨୭।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ବଡ଼ବଜାରସ୍ଥିତ ଏକ ଗେଷ୍ଟ ହାଉସର ବନ୍ଦ କୋଠରିରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ପୁରୁଣା ଭୁବନେଶ୍ୱର ନାଗେଶ୍ୱରଟାଙ୍ଗୀ ଅଞ୍ଚଳର ନାରାୟଣ ସାହୁ। ସୂଚନା ମୁତାବକ, ସୋମବାର ଅପରାହ୍ନ ୩ଟା ୩୦ରେ ନାରାୟଣ ଉକ୍ତ ଗେଷ୍ଟ ହାଉସରେ ରହିଥିଲେ। ରାତି ୭ଟାରେ ଖାଇବା ପାଇଁ ଯାଇ ପୁଣି ଗେଷ୍ଟ ହାଉସକୁ ଫେରିଥିଲେ। ମଙ୍ଗଳବାର ସକାଳେ ରୁମ ସଫେଇ ପାଇଁ କର୍ମଚାରୀ କବାଟ ବାଡେଇଥିଲେ। ନାରାୟଣ କବାଟ ନ ଖୋଲିବାରୁ କର୍ମଚାରୀ ଜଣଙ୍କ ଗେଷ୍ଟହାଉସ ମାଲିକଙ୍କୁ ଜଣାଇଥିଲେ। କୌଣସି ଅଘଟଣ ସନ୍ଦେହରେ ଗେଷ୍ଟହାଉସ ମାଲିକ ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଥିଲା। ଘଟଣାସ୍ଥଳରେ ଏକ ମୋବାଇଲ ଫୋନ ଓ କିଛି କପଡ଼ା ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ବିଧାନସଭାରେ ସଂରକ୍ଷଣ ତାତି

# ବିରୋଧୀଙ୍କ ହଟ୍ଟଗୋଳ, ଗୃହ ଅଚଳ

ଭୁବନେଶ୍ୱର,୨୭।୮ (ଅନିଲ ଦାସ)

ଏସ୍‌ସି/ଏସ୍‌ଟି ଏବଂ ଅନ୍ୟ ପଛୁଆ ବର୍ଗ(ଓବିସି) ସଂରକ୍ଷଣକୁ ନେଇ ବିରୋଧୀ ଦଳ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ମେଡିକାଲ କଲେଜରେ ନାମ ଲେଖାରେ ଏହି ବର୍ଗଙ୍କୁ ସଂରକ୍ଷଣ ଦିଆଯାଉ ନ ଥିବା ଅଭିଯୋଗ ଆଣି ଉଭୟ କଂଗ୍ରେସ ଓ ବିଜେଡି ରାଜ୍ୟ ସରକାରଙ୍କୁ ସଣ୍ଟୁଆଶି ଆକ୍ରମଣ କରିଛନ୍ତି।

ବାଚସ୍ପତି ସୁରମା ପାଢ଼ୀ ସଭାକାର୍ଯ୍ୟ ଚଳାଇବାକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ମୋହନ ସରକାର ଡାଉନ ..ଡାଉନ..। ସଂରକ୍ଷଣ ମାରଣ ନୀତି ଚଳିବ ନାହିଁ.. ଚଳିବ ନାହିଁ ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଭାଜପା ସଭ୍ୟ ଦୁଷ୍ମନ୍ତ ସ୍ୱାଇଁ ପଚାରିଥିବା ୩୩୫ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଡାକିଥିଲେ। ମନ୍ତ୍ରୀ ଖଣ୍ଡପଡ଼ା ଏନ୍‌ଏସି ସମ୍ପର୍କିତ ଉତ୍ତର ପଢ଼ି ଚାଲିଥିଲେ। ଭାଜପା ସଭ୍ୟ ମନୋରଞ୍ଜନ ଦ୍ୟାନସମାନ୍ତ ରାୟ ଏବଂ ପ୍ରତାପ ଚନ୍ଦ୍ର ନାୟକ ଅତିରିକ୍ତ ପ୍ରଶ୍ନ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ୧୫ ମିନିଟ୍ ଯାଏ ପ୍ରଶ୍ନୋତ୍ତରକୁ ଗଡ଼ାଇ ନେଇଥିଲେ। ଏହି ସମୟରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ବାଚସ୍ପତି ଗୃହକୁ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। କଂଗ୍ରେସ ସଦସ୍ୟମାନେ ପୁଣି ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକ ପରେ ଗୃହ ସ୍ୱାଭାବିକ ହୋଇଥିଲା।



**ସର୍ବଦଳୀୟ ବୈଠକ ପରେ ସ୍ୱାଭାବିକ ହେଲା ଗୃହ କାର୍ଯ୍ୟ**

## ପରିବାରର ସବୁ ଯୋଗ୍ୟ ମହିଳାଙ୍କୁ ମିଳିବ ସୁଭଦ୍ରା ସହାୟତା: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୮ (ଅନିଲ ଦାସ)

ପରିବାରର ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କୁ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାରେ ବାର୍ଷିକ ୧୦ହଜାର ଟଙ୍କା ଲେଖାଏ ହାତପାଣ୍ଠି ଯୋଗାଇଦେବେ। ଗୋଟିଏ ପରିବାରରେ ଯେତେ ଜଣ ମହିଳା ଥିବେ ସମସ୍ତଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ମଙ୍ଗଳବାର ବିଧାନସଭାରେ ମହିଳା ଓ ଶିଶୁବିକାଶ ବିଭାଗ, ମିଶନଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ଖର୍ଚ୍ଚଦାବିର ଆଲୋଚନାର ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନା ପାଇଁ ଯେଉଁ ଗାଇଡଲାଇନ୍ ସରକାର ଜାରି କରିଛନ୍ତି ସେହି ଆଧାରରେ ରାଜ୍ୟର ପ୍ରାୟ ୧ କୋଟି ୮ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ। ଏହା ପରେ ଯଦି କେହି ଯୋଗ୍ୟ ମହିଳା ବାଦ୍ ପଡ଼ିବେ ସରକାର ତାଙ୍କୁ ମଧ୍ୟ ଯୋଜନାର ସୁବିଧା ଯୋଗାଇଦେବେ। ସୁଭଦ୍ରା ଯୋଜନାରେ ଗୋଟିଏ ପରିବାରରେ ଯେତେ ମହିଳା ଥିଲେ ମଧ୍ୟ ସେଥିରେ କିଛି ଅସୁବିଧା ନାହିଁ। ୨୧ ବର୍ଷରୁ ଅଧିକ ଓ ୬୦ବର୍ଷରୁ କମ୍ ବୟସର ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ। ଗୋଟିଏ ପରିବାରରେ ଏହି ବୟସର ୩ କିମ୍ବା ୪ଜଣ ଅବା ଯେତେଜଣ ଥିଲେ ସମସ୍ତେ ସୁଭଦ୍ରା ଟଙ୍କା ପାଇବେ। ବିଧବା ମହିଳା ଓ ଛାତ୍ରବୃତ୍ତି ପାଉଥିବା କଲେଜ ଝିଅଙ୍କୁ ମଧ୍ୟ ସୁଭଦ୍ରା ଟଙ୍କା ମିଳିବ ବୋଲି ପ୍ରଭାତୀ ସ୍ପଷ୍ଟ କରିଛନ୍ତି। ସୁଭଦ୍ରା କାର୍ଡ ମାଧ୍ୟମରେ ଅନ୍‌ଲାଇନରେ ଏହି ୧୦ହଜାର ଟଙ୍କା ୨ଟି କିସ୍ତିରେ ଯୋଗାଇ ଦିଆଯିବ। ସେହିପରି ମିଶନ ଶକ୍ତି ମହିଳାଙ୍କୁ ସବୁଜ ଶାଢ଼ି ପିନ୍ଧାଇ କଲସେଣ୍ଟରରୁ କିଏ ଶଙ୍ଖ ଚିହ୍ନରେ ଭୋଟ୍ ମାଗିବାକୁ କହିଥିଲା ତା'ର ବି ତଦନ୍ତ କରାଯିବ। ଅଙ୍ଗନୱାଡ଼ି ଛତୁଆ ଦୁର୍ନୀତି କିଏ କରିଛି ତା'ର ତଦନ୍ତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହିତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ସକାଶେ ୧୫୧୮୦ କୋଟି ୯୦ ଲକ୍ଷ ଟଙ୍କାର ଖର୍ଚ୍ଚଦାବି ବିଧାନସଭାରେ ଗୃହୀତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ୧୮.୫୨ଲକ୍ଷ ମହିଳା, କିଶୋରୀ ଓ ଶିଶୁ ହିତାଧିକାରୀଙ୍କ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ। ରାଶି ଲଡ୍ଡୁ, ପୁଷ୍ଟିକର ମୁଢ଼ି, ବାଦାମ, ବୁଟ, ଭଜାବୁଟ ଓ ଖଜୁରି ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ଏଥିପାଇଁ ଚଳିତବର୍ଷ ୫୫୩.୭୯ କୋଟି ଟଙ୍କା ଖର୍ଚ୍ଚ କରାଯିବ।

## ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେବା ନେଇ କୌଣସି ଘୋଷଣା ହୋଇନାହିଁ: ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୨୭।୮ (ଅନିଲ ଦାସ)

ବରଗଡ଼ ଜିଲାରେ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ମିଳିବା ନେଇ ଗୁଜବ ପ୍ରଚାର ହେବା ଯୋଗୁ ଉପଭୋକ୍ତାମାନେ ଘରୁ ମିଟର କାଢ଼ି ଦେଉଥିବା ଦେଖିବାକୁ ମିଳିଛି। ଏ ନେଇ ମଙ୍ଗଳବାର ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମାଗଣା ବିଜୁଳି ଯୋଗାଣ ସମ୍ପର୍କରେ ବିଧାନସଭାରେ ସ୍ପଷ୍ଟୀକରଣ ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ମାଗଣା ବିଦ୍ୟୁତ୍ ନେଇ ବରଗଡ଼ ଜିଲାରେ ଭ୍ରମ ସୃଷ୍ଟି କରାଯାଇଛି। ଏହାଦ୍ୱାରା ଲୋକମାନେ ଘରୁ ବିଦ୍ୟୁତ୍ ମିଟର କାଢ଼ି ଦେଉଛନ୍ତି। ଏହା ବେଆଇନ ଓ ଲୋକମାନଙ୍କ ପାଇଁ ବିପଦ। ମିଟର ଲଗାଇବା ଓ କାଢ଼ିବା କେବଳ ବିଦ୍ୟୁତ୍ ବଣ୍ଟନ କମ୍ପାନୀର ବୈଷୟିକ ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା କରାଯାଇଥାଏ। ଏହାଦ୍ୱାରା ଯଦି କିଛି ଅଘଟଣ ଘଟେ ସେଥିପାଇଁ ବିଦ୍ୟୁତ ବଣ୍ଟନ କମ୍ପାନୀ ଦାୟୀ ହେବେ ନାହିଁ। ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେବା ନେଇ କୌଣସି ଘୋଷଣା ହୋଇନାହିଁ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାରେ ସୌର ପ୍ୟାନେଲ ମାଧ୍ୟମରେ ୩ କିଲୋୱାଟ୍ ବିଦ୍ୟୁତ୍ ଉତ୍ପାଦନ ପାଇଁ ୭୮ ହଜାର ଟଙ୍କା ରିହାତି ଦେବାର ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ୩୦୦ ୟୁନିଟ୍‌ରୁ ଅଧିକ ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ। ଲୋକଙ୍କୁ ଭ୍ରମିତ ନ କରିବାକୁ ଶକ୍ତିମନ୍ତ୍ରୀ ବିଧାୟକମାନଙ୍କୁ ଅନୁରୋଧ କରିଛନ୍ତି।

## ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ମିଳିବ କମ୍ପ୍ୟୁଟର ଶିକ୍ଷା

### ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୭।୮ (ଅନିଲ ଦାସ)

ରାଜ୍ୟରେ ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କ ସଶକ୍ତୀକରଣ ନିମନ୍ତେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୨ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ(ସି-ଡାକ୍), କୋଲକାତା ଓ ସ୍କିଲ୍ କାଉନ୍‌ସିଲ୍ ଫର୍ ପର୍ସନ୍‌ସ ଉଇଥ୍ ଡିଜାବିଲିଟି ସହ ବିଭାଗ ପକ୍ଷରୁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଥମ ବୁଝାମଣାପତ୍ର ଅନୁଯାୟୀ ସ୍କିଲ୍ କାଉନ୍‌ସିଲ୍ ଫର୍ ପର୍ସନ୍‌ସ ଉଇଥ୍ ଡିଜାବିଲିଟି ପକ୍ଷରୁ ରାଜ୍ୟର ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ନିମନ୍ତେ ୧ ବର୍ଷ ପର୍ଯ୍ୟନ୍ତ ପ୍ରଶିକ୍ଷଣ ହେବ। ଏହି ପ୍ରଶିକ୍ଷଣ ପରେ ଛାତ୍ରୀଛାତ୍ରମାନେ ଫେଶନ ଡିଜାଇନିଂ, ଅଟୋମୋଟିଭ୍,ହୋଟେଲ ମ୍ୟାନେଜମେଣ୍ଟ, ପର୍ଯ୍ୟଟନ ଶିଳ୍ପ, ସିକ୍ୟୁରିଟି କମ୍ପାନୀ, ହସ୍ପିଟାଲ୍ ଓ ବିଭିନ୍ନ ଘରୋଇ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇପାରିବେ। ଏହି ବୁଝାମଣା ପତ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ଓ ଦୀପକ ରାଉତରାୟ ଏବଂ ସ୍କିଲ୍ କାଉନ୍‌ସିଲ୍ ଫର ପର୍ସନ୍‌ସ ଉଇଥ୍ ଡିଜାବିଲିଟି ପକ୍ଷରୁ ମୁଖ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ସିଂହ ଓ ଅଧ୍ୟକ୍ଷ ଶାଳିନୀ ଖାନ୍ନା ସ୍ୱାକ୍ଷର କରିଥିଲେ। ସେହିପରି ଦ୍ୱିତୀୟ ବୁଝାମଣାପତ୍ର ଅନୁଯାୟୀ ସାଇଟ୍ ବିୟଣ୍ଡ ସାଇଟ ପ୍ରକଳ୍ପ ଅଧୀନରେ ସି-ଡାକ୍ ରାଜ୍ୟର ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ବିଷୟକ ଶିକ୍ଷାଦାନ କରିବ। ପ୍ରଥମ ପର୍ଯ୍ୟାୟରେ ୧୮ ମାସ ମଧ୍ୟରେ ୫୦୦ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କୁ ଏହି ଶିକ୍ଷା ଦିଆଯିବ। ସି-ଡାକ୍ ଭୁବନେଶ୍ୱର ଏହାର ଆଖପାଖ ଓ ଅନ୍ୟ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଫ୍ଟୱେର ସହ ଡେସ୍କଟପ୍, ଲାପ୍‌ଟପ୍, ଡିଜିଟାଲ୍ ଭଏସ୍ ରେକର୍ଡର, ଟାବ୍‌ଲେଟ୍ ଆଦି ଯୋଗାଇଦେବ। ଏମ୍‌ଏସ୍ ଅଫିସ୍, ଇଣ୍ଟରନେଟ୍ ନାଭିଗେଶନ୍, ଇମେଲ୍ ଭଳି ମୌଳିକ କମ୍ପ୍ୟୁଟର ବ୍ୟବହାର ସହ ବିଦ୍ୟାର୍ଥୀମାନଙ୍କୁ ବ୍ରେଲିରୁ ଟେକ୍ସଟ୍ କନଭର୍ଟର, ଓଡ଼ିଆ ଲେଖାରୁ ବକ୍ତୃତା, ଓଡ଼ିଆ ଭାଷାରେ ଫୋନେଟିକ୍ ଟଙ୍କିଂ ଏବଂ ଓଡ଼ିଆ ଅନୁବାଦର ଏକୀକରଣ, ଓଡ଼ିଆରେ ଅପ୍ଟିକାଲ ଅକ୍ଷର ଚିହ୍ନିବା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯିବ।

ଏହି ବୁଝାମଣାପତ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ଓ ଦୀପକ ରାଉତରାୟ ଏବଂ ସି-ଡାକ୍ ପକ୍ଷରୁ ବୈଜ୍ଞାନିକ (ଏଫ୍) ଓ ସହ-ନିର୍ଦ୍ଦେଶକ ରିତେଶ ମୁଖାର୍ଜୀ, ବୈଜ୍ଞାନିକ (ଇ) ଯୁଗ୍ମ ନିର୍ଦ୍ଦେଶକ କୁନାଲ ଚନ୍ଦ୍ର ଏବଂ ସୋମା ଖାନ୍ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ଥିଲେ।

## ୩୧୪ ବ୍ଲକ୍‌ରେ କାମ ବନ୍ଦ: ବିଡିଓଙ୍କୁ ଧମକାଉଛନ୍ତି ବିଧାୟକ

ଭୁବନେଶ୍ୱର,୨୭।୮ (ଅନିଲ ଦାସ)

ବିଜେଡି ସରକାର ଯିବା ପରେ ବ୍ଲକ ସ୍ତରରେ କୌଣସି କାମ ହେଉନାହିଁ। କାମ କରିଥିବା ଲୋକ ବିଲ୍ ପାଉନାହାନ୍ତି। ବିଡିଓଙ୍କୁ ବିଧାୟକମାନେ ଧମକ ଦେଉଥିବା ନେଇ ବିଜେଡି ଅଭିଯୋଗ କରିବା ସହ ଗୃହରେ ଏହାର ସ୍ପଷ୍ଟୀକରଣ ଦାବି କରିଛନ୍ତି। ଏହାକୁ ନେଇ ଉଭୟ ବିଜେଡି ଓ ଭାଜପା ପରସ୍ପର ଉପରେ ଦୋଷ ଲଦିଛନ୍ତି। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ କହିଥିଲେ ଯେ, କାମ କରିଥିବା ଲୋକ ବିଲ୍ ପାଉନାହାନ୍ତି। କାମ ବନ୍ଦ କରିବାକୁ ସମସ୍ତ ବ୍ଲକକୁ ଏକ ଅଘୋଷିତ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯଦି ସରକାର ଯେଉଁ ସ୍କିମ୍ ଚାଲିଛି ସେଗୁଡ଼ିକୁ ବନ୍ଦ କରିବାକୁ ଚାହୁଁଛନ୍ତି ତେବେ ନିର୍ଦ୍ଦେଶନାମା ଦେଇ ବନ୍ଦ କରିବାରେ ଆମର କିଛି ଆପତ୍ତି ନାହିଁ। ଯଦି ନାଁ ବଦଳାଇ ଚାଲୁ କରିବେ ସେଥିରେ କିଛି କହିବାର ନାହିଁ। ବିଧାୟକମାନେ ବିଲ୍ ନ କରିବାକୁ ବିଡିଓଙ୍କୁ ଧମକ ଦେଉଛନ୍ତି। ଅନେକ ଜାଗାରେ ପଇସା ମାଗୁଥିବା ଶୁଣିବାକୁ ମିଳୁଛି। ଏହା ପଛରେ କ'ଣ ରହସ୍ୟ ତାହା ସ୍ପଷ୍ଟ କରାଯାଉ। କାହା ପାଇଁ କାମ ବନ୍ଦ ରହିଛି। କ'ଣ ଦିଲ୍ଲୀର ନିର୍ଦ୍ଦେଶ ଆସିଲେ କାମ ହେବ। ଏ ନେଇ ଆମେ ମୁଲତବୀ ପ୍ରସ୍ତାବ ଦେଇଛୁ। ସରକାର ଏହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ପ୍ରତାପ ଦେବ ଦାବି କରିଛନ୍ତି।

ଶୂନ୍ୟକାଳରେ ଏହି ଅଭିଯୋଗକୁ ଖଣ୍ଡନ କରି ଭାଜପା ସଭ୍ୟ ମାନସ ଦତ୍ତ କହିଥିଲେ, କେଉଁ ବିଧାୟକ ଧମକାଉଛନ୍ତି ତାଙ୍କର ନାମ ପ୍ରକାଶ କରାଯାଉ। ଗତ ସରକାର ସମୟରେ ୫-ଟି ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ନାଁରେ ହୋଇଛି ଦୁର୍ନୀତି। ଏହି ଯୋଜନା ନାଁରେ ବ୍ୟକ୍ତିଗତ ଘରକୁ ରାସ୍ତା ନିର୍ମାଣ କରାଯାଇଛି। ନିଜ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲେଶ୍ୱର ସଦର ବିଡିଓ କହିଛନ୍ତି, ସେ କାମର ଫିଜିବିଲିଟି ରିପୋର୍ଟ ନାହିଁ। ପୂର୍ବରୁ ତାମିଲ ବାବୁଙ୍କ ନିର୍ଦ୍ଦେଶରେ କାମ ହେଉଥିଲା। ପିସି କିଏ ଖାଉଥିଲା ତାହା ସମସ୍ତେ ଜାଣିଛନ୍ତି। ମୋହନ ମାଝୀ ସରକାର ବିକାଶକୁ ପ୍ରାଥମିକତା ଦେଉଛି ବୋଲି ସେ କହିଛନ୍ତି।

**୫-ଟି, ମୋ ଓଡ଼ିଶା ନବୀନ ଓଡ଼ିଶାରେ ହୋଇଛି ଦୁର୍ନୀତି: ମାନସ ଦତ୍ତ**

## ଆପେ ଆପେ ଚିରିଯାଉଛି ପିନ୍ଧା ଲୁଗା

ବାସୁଦେବପୁର,୨୭।୮ (ନାରାୟଣ ପ୍ରସାଦ ବାରିକ୍)

ଡ୍ରେସ୍ ଓ ପିନ୍ଧା ଲୁଗା ଆପେ ଆପେ ଚିରି ଯାଉଛି। ଏପରିକି ଡ୍ରେସ୍ ଓ ଶାଢ଼ିଗୁଡ଼ିକ ଚିରିଯିବା ସ୍ଥାନରେ ବ୍ଲେଡ୍ ପଡୁଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଖରିଦାବିନାୟକପୁର ପଞ୍ଚାୟତର ଆଙ୍କୁଡ଼େଶ୍ୱରୀ ସାହିରେ ଏଭଳି ଘଟଣା ଦେଖିବାକୁ ମିଳିଥିବା ବେଳେ ଏଭଳି ଭୌତିକ କାଣ୍ଡକୁ ନେଇ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସୂଚନା ଅନୁଯାୟୀ, ୧୫ ଦିନରୁ ଉର୍ଦ୍ଧ୍ୱ ହେବ ଉକ୍ତ ସାହିର ନରେନ୍ଦ୍ର ନାୟକଙ୍କ ଘରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ନରେନ୍ଦ୍ରଙ୍କ ବୋହୂ ଓ ତାଙ୍କ ପରିବାରର ପିଲାମାନଙ୍କ ଡ୍ରେସ୍, ଲୁଗା ଆପେ ଚିରିଯାଉଛି। ଏଥିଯୋଗୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଶାଢ଼ି, ୧୫ରୁ ଉର୍ଦ୍ଧ୍ୱ ଡ୍ରେସ୍ ଓ ଅନ୍ୟ କେତେକ ଲୁଗାପଟା ଆପେ ଆପେ କଟିଯାଇଛି। ଘର ମଧ୍ୟରୁ ମିଳିଥିବା କେତେକ ବ୍ଲେଡ୍‌କୁ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଅନ୍ୟ କେତୋଟି ବ୍ଲେଡ୍‌କୁ ନାଳରେ ପକାଇ ଦେଇଥିବା ବେଳେ କଟି ଯାଉଥିବା ଲୁଗାପଟାକୁ ଗୁଣିଆଙ୍କ ପରାମର୍ଶକ୍ରମେ ନଦୀପଠାରେ ପୋତି ଦିଆଯାଇଥିବା ନରେନ୍ଦ୍ର କହିଛନ୍ତି। ପରିବାରର ବୋହୂ ଏହାର ଶିକାର ହେଉଥିବା ସହ ପିଲାଙ୍କ ଡ୍ରେସ୍ କଟିଯାଉଥିବାରୁ କେହି ବ୍ୟକ୍ତି ଗୁଣିଗାରେଡ଼ି କରିଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ ତାଙ୍କ ପରିବାର ସମେତ ଗାଁରେ ଭୟର ବାତାବରଣ ଦେଖାଦେଇଛି।



ଏକ ଡ୍ରେସ୍ ଚିରିଯାଇଥିବା ପରିବାର ଲୋକେ ଦେଖାଉଛନ୍ତି।

## ରାଜସୁନାଖଳାରେ କଙ୍ଗାରୁ କୋର୍ଟ

ରଣପୁର,୨୭।୮ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡି ଅଧୀନ ରମ୍ଭପାଲି ଗ୍ରାମରେ କଙ୍ଗାରୁ କୋର୍ଟ କରାଯାଇ ଗୋଟିଏ ପରିବାରର ଆଜବେଷ୍ଟସ ଘରକୁ ସୋମବାର ଭାଙ୍ଗି ଦିଆଯାଇଛି। ଗ୍ରାମର ଶତାଧିକ ଲୋକ ମିଳିତ ହୋଇ ସେହି ଗ୍ରାମର ରମେଶ ବରାଙ୍କ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ସୁଯୋଗରେ ସେମାନେ ଘରର ସମସ୍ତ ଆସବାବପତ୍ରକୁ ନେଇଯାଇଛନ୍ତି। ଅନ୍ୟ କେତେକ ସାମଗ୍ରୀକୁ ବାହାରେ ଫୋପାଡ଼ି ଦେଇଛନ୍ତି। ଆଜବେଷ୍ଟସକୁ ମାଙ୍କଡ଼ା ପଥର ପକାଇ ଭାଙ୍ଗି ଦେଇଛନ୍ତି। ପୂର୍ବଶତ୍ରୁତାକୁ ନେଇ ଏଭଳି ଘଟଣା ଘଟିଛି ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ରମ୍ଭାପାଲି ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ରମେଶ ରାଜସୁନାଖଳା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୧୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା(ନଂ.୩୧୧/୨୪) ରୁଜୁ କରାଯାଇଛି। ଏହାକୁ ନେଇ ଗ୍ରାମରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ରାଜସୁନାଖଳାର ହଡ଼ା ନଦୀ ନିକଟ ସରକାରୀ ଜାଗାରେ ଭୂମିହୀନ ରମେଶ ବରାଡ଼ଙ୍କ ପରିବାର ଦୀର୍ଘ ୩ ଦଶନ୍ଧି ହେବ ରହିଆସୁଥିଲେ। ହେଲେ ସ୍ଥାନୀୟ ରମାବିଲ ଗ୍ରାମବାସୀ ଆମ ଗ୍ରାମ ମୌଜାରେ କାହିଁକି ଅଛ କହି ତାଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ। ପରେ ଗ୍ରାମବାସୀ କଙ୍ଗାରୁକୋର୍ଟ କରିଥିଲେ। ଏହାପରେ ପ୍ରାୟ ୩ ଶହ ଲୋକ ରମେଶଙ୍କ ପରିବାର ସଦସ୍ୟଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ। ଖବର ପାଇ ରାଜସୁନାଖଳା ଫାଣ୍ଡି ପୋଲିସ ପହଞ୍ଚିଥିଲେ ମଧ୍ୟ ଉତ୍ୟକ୍ତ ଗ୍ରାମବାସୀ ପୋଲିସର କୌଣସି କଥା ଶୁଣି ନ ଥିଲେ। ଆହତମାନେ ଏବେ ବି ରାଜସୁନାଖଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ରଣପୁର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଗାଁରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ କହିଛନ୍ତି।

## ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଭାଜପା ଠକିଲା: ବିଜେଡି




ଭୁବନେଶ୍ୱର,୨୭।୮ (ଅନିଲ ଦାସ)

ନିର୍ବାଚନ ପୂର୍ବରୁ ଭାଜପାର ବଡ଼ ବଡ଼ ନେତା କହୁଥିଲେ, ଆମେ ଜିତିଲେ ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦେବୁ। କିନ୍ତୁ ସଙ୍କଳ୍ପ ପତ୍ରରେ ଲେଖିଲେ ୨ ବର୍ଷରେ ୫୦ ହଜାର ଦେବୁ। ଏବେ କହୁଛନ୍ତି ବର୍ଷକୁ ୨ଟି କିସ୍ତିରେ ୫ ବର୍ଷରେ ୫୦ ହଜାର ଦେବୁ। ମିଛ କହିବା ହେଉଛି ଭାଜପାର ପ୍ରକୃତି ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ତଥା ମୁଖପାତ୍ର ସୁଲତା ଦେଓ କହିଛନ୍ତି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁଲତା କହିଛନ୍ତି, ୧୮ରୁ ୨୧ ବର୍ଷ ମଧ୍ୟରେ ଥିବା ମହିଳା, ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କ ସାଥୀ, ସ୍ୱଚ୍ଛ ସାଥୀ ସୁଭଦ୍ରା ଯୋଜନାରେ କ'ଣ ପାଇଁ ସାମିଲ ହୋଇପାରିବେ ନାହିଁ। ଖାଲି ସେତିକି ନୁହେଁ ଯାହାଙ୍କ ଘରେ ଟ୍ରାକ୍ଟର, ପାୱାରଟିଲର, ୪ ଚକିଆ ଯାନ, ୨ଟି ଦୁଇ ଚକିଆ ଯାନ ଥିବ ସେମାନେ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ। ଆୟକର ଦେଉଥିବା ପରିବାରର ମହିଳା ମଧ୍ୟ ଏହି ଯୋଜନାରେ ସାମିଲ ହୋଇପାରିବେ ନାହିଁ। କିନ୍ତୁ ନିର୍ବାଚନ ପୂର୍ବରୁ କହିଥିଲେ ସବୁ ମହିଳା ଏହି ଯୋଜନାରେ ସାମିଲ ହେବେ। ଭାଜପାର ଏହା କୁତ୍ସିତ ମାନସିକତା। ଲୋକଙ୍କୁ ଭୁଆଁ ବୁଲାଇବାରେ ଭାଜପା ମାହିର। ସୁଭଦ୍ରା ଯୋଜନା ହେଉଛି ଘରଭଙ୍ଗା ଯୋଜନା ବୋଲି ସୁଲତା କହିଛନ୍ତି। ଦଳର ଅନ୍ୟତମ ମୁଖପାତ୍ର ସୋଫିଆ ଆଲାମ କହିଛନ୍ତି, ସୁଭଦ୍ରା ଯୋଜନାକୁ ନେଇ ଯେଉଁ ଏସ୍‌ଓପି ଆସିଛି, ତାହା ମହିଳାଙ୍କୁ ଯୋଜନାରେ ସାମିଲ କରିବା ପାଇଁ ନୁହେଁ, ବରଂ ଯୋଜନାରୁ କିପରି ମହିଳା ବାଦପଡ଼ିବେ ତାହା କରିଛନ୍ତି। ଓଡ଼ିଶାର ମହିଳା ଭାଜପାକୁ ବିଶ୍ୱାସ କରି ଭୋଟ ଦେଇଥିଲେ, କିନ୍ତୁ ଭାଜପା ତାଙ୍କ ବିଶ୍ୱାସରେ ବିଷ ଦେଇଛି। ବିଜେଡି ତରଫରୁ ଆମେ ଦାବି କରୁଛୁ ଯେ ସଂକଳ୍ପ ପତ୍ରରେ ଭାଜପା ଯାହା କହିଥିଲା ତାହା ପୂରଣ କରୁ ଏବଂ ପ୍ରତ୍ୟେକ ମହିଳାଙ୍କୁ ଏକକାଳୀନ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦିଆଯାଉ।

**ଏହା ଘରଭଙ୍ଗା ଯୋଜନା: ସୁଲତା**

## ସୋଆରେ ସ୍ପ୍ରିଞ୍ଜର ନେଚର ପକ୍ଷରୁ ରାଇଜ କନ୍‌କ୍ଲେଭ୍

# ଗବେଷଣାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୭।୮ (ଅନୁରାଧା ମହାରଣା)

ବିଶ୍ୱସ୍ତରୀୟ ପ୍ରକାଶନ ସଂସ୍ଥା 'ସ୍ପ୍ରିଞ୍ଜର ନେଚର' ଦ୍ୱାରା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ମଙ୍ଗଳବାର 'ରିସର୍ଚ୍ଚ ଇଣ୍ଟେଗ୍ରିଟି ଇନ୍ ସାଇନ୍ସ ଆଣ୍ଡ ଏଜୁକେଶନ' (ରାଇଜ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ 'ରାଇଜ କନକ୍ଲେଭ୍' କାର୍ଯ୍ୟକ୍ରମରେ ଆଡିଶନାଲ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ଆଇଟିଇଆର୍ ପ୍ରଫେସର ରେଣୁ ଶର୍ମାଙ୍କ ସ୍ୱାଗତ ଭାଷଣ ପରେ ମୁଖ୍ୟ ଅତିଥି ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବକ୍ତବ୍ୟ ରଖିଥିଲେ। ସମ୍ମିଳନୀ ଦ୍ୱାରା ଗବେଷଣା କ୍ଷେତ୍ରରେ ନୈତିକ ଉତ୍କର୍ଷ ନିମନ୍ତେ ଆଲୋଚନା, ସହଯୋଗିତା ଓ ଉଦ୍ଭାବନର ଦ୍ୱାର ଉନ୍ମୁକ୍ତ ହୋଇଛି ବୋଲି ସେ କହିଥିଲେ। ସେପ୍ଟେମ୍ବର ୧୯ରୁ ସ୍ପ୍ରିଞ୍ଜର ନେଚର ଇଣ୍ଡିଆ ରିସର୍ଚ୍ଚ ଟୁର-୨୦୨୪ କାର୍ଯ୍ୟକ୍ରମ ଦ୍ୱାରା ଗବେଷକମାନଙ୍କ ନିମନ୍ତେ ସାରା ଦେଶରେ 'ରାଇଜ ରୋଡ୍ ଶୋ', କର୍ମଶାଳା ଏବଂ ବିଭିନ୍ନ ଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଦେଶର ୧୦ଟି ରାଜ୍ୟ ଓ ୧୬ଟି ସହରର ୨୮ଟି ପ୍ରସିଦ୍ଧ ଶିକ୍ଷାନୁଷ୍ଠାନରେ ଗବେଷଣା କ୍ଷେତ୍ରରେ ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରେରିତ ବାର୍ତ୍ତା ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପାଠ କରିଥିଲେ। ସମ୍ମିଳନୀରେ ଅଲ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେଶନ (ଏଆଇସିଟିଇ)ର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ କହିଥିଲେ ଯେ, ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ବୈଷୟିକ ଜ୍ଞାନ କୌଶଳକୁ ସ୍ୱାଗତ କରିବା ସହ ନୈତିକ ନିୟମାବଳୀ ମଧ୍ୟ ପାଳନ କରିବା ଆବଶ୍ୟକ। ସ୍ପ୍ରିଞ୍ଜର ନେଚର ଗ୍ରୁପ୍ ସଭାପତି (ଗବେଷଣା) ଷ୍ଟିଭେନ ଇନ୍‌ଚ୍‌କୁମ୍ବେ କହିଥିଲେ, ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ସାରା ବିଶ୍ୱରେ ଭାରତ ତୃତୀୟ ସ୍ଥାନରେ ରହିଥିବା ବେଳେ ପ୍ରଥମ ସ୍ଥାନରେ ଚାଇନା ଏବଂ ଦ୍ୱିତୀୟ ସ୍ଥାନରେ ଯୁକ୍ତରାଷ୍ଟ୍ର ଆମେରିକା ରହିଛି।

ଭାରତରେ ସାମାଜିକ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଅନୁଦାନକୁ ଦ୍ୱିଗୁଣିତ କରାଯାଇଥିବା ବେଳେ ମହିଳା ଗବେଷିକାମାନଙ୍କ କାର୍ଯ୍ୟକୁ ଅଧିକ ପ୍ରୋତ୍ସାହନ ଦିଆଯାଉଛି ବୋଲି ଆଇସିଏସ୍‌ଏସ୍‌ଆର୍‌ର ମେମ୍ବର ସେକ୍ରେଟାରୀ ପ୍ରଫେସର ଧନଞ୍ଜୟ ସିଂ ପ୍ରକାଶ କରିଥିଲେ। ସ୍ପ୍ରିଞ୍ଜର ନେଚର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟେଶ ସର୍ବସିଦ୍ଧି କହିଥିଲେ, ଗବେଷଣାରେ ସ୍ୱଚ୍ଛତା ଭଳି ପ୍ରସଙ୍ଗକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସାହିତ କରାଯାଉଛି। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ, ବିଶ୍ୱବିଦ୍ୟାଳୟ ସହ ରାଇଜ ପଦକ୍ଷେପ ଏବଂ ସମ୍ପୂର୍ଣ୍ଣ ଓପନ ଆକ୍ସେସ' ବୁଝାମଣା ଦ୍ୱାରା ଗବେଷଣା କ୍ଷେତ୍ରରେ ଉତ୍କର୍ଷତାକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରାଯାଇପାରିବ। ସେହିପରି ବିଟ୍ସ ପିଲାନୀର ନିର୍ଦ୍ଦେଶକ ପ୍ରଫେସର ସୁଧୀର କୁମାର ବରାଇ. ସୋଆର ସେଣ୍ଟର ଫର୍ କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ କ୍ୱାଣ୍ଟମ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏବଂ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୋଆ ସହିତ ସ୍ପ୍ରିଞ୍ଜର ନେଚରର କ୍ୟୁରିଅସ ଜର୍ନାଲ ଅଫ୍ ମେଡିକାଲ ସାଇସେନ୍ସ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେହିପରି ସୋଆର ୬ଜଣ ମହିଳା ଗବେଷିକାଙ୍କୁ ସମ୍ମାନିତ କରାଯାଇଥିଲା।





ଫିଲିପାଇନ୍ସର ମାନିଲାଠାରେ ଅନୁଷ୍ଠିତ ଏସିଆନ କ୍ୟାଡେଟ୍ କରାଟେ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଅଲିସା ସୁବୁଦ୍ଧି ଓ ଅନ୍ୟ ପ୍ରତିଯୋଗୀମାନଙ୍କୁ ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରେ ଓଡ଼ିଶା କରାଟେ ଡୋ ଆସୋସିଏଶନ ପକ୍ଷରୁ ସ୍ୱାଗତ କରାଯାଉଛି।

# ଜୁନିୟର ଗାଲାଣ୍ଟ କ୍ଲବ ବିଜୟୀ

ଭୁବନେଶ୍ୱର, ୨୭।୮ (ତପନ ସ୍ୱାଇଁ)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମଜିଏମ୍ ପ୍ରଥମ ଡିଭିଜନ ଲିଗ୍‌ର ୨ଟି ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜୁନିୟର ଗାଲାଣ୍ଟ କ୍ଲବ ୫-୧ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ହରାଇଥିବାବେଳେ ସ୍ପୋର୍ଟ୍ସ ଓଡ଼ିଶା-ରାଇଜିଂ ଷ୍ଟୁଡେଣ୍ଟ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଗାଲାଣ୍ଟ କ୍ଲବ ପକ୍ଷରୁ ଅର୍ଜୁନ ନାୟକ ୧ମ ଓ ୯୦+୨ ଏବଂ କରନ କୁଜୁର ୨୦ ଓ ୪୫+୨ ମିନିଟରେ ୨ଟି ଲେଖାଏ ଏବଂ ସଚିନ ମୁଣ୍ଡା ୫ମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ବିପକ୍ଷ ଦଳର ବିଶାଲ ଖିଲେଇ ୯ମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅନ୍ୟ ମ୍ୟାଚଟିରେ ସ୍ପୋର୍ଟ୍ସ ଓଡ଼ିଶାର ଜଗନ୍ନାଥ ଟୁଡୁ ୪୫+୧ ଏବଂ ରାଇଜିଂ ଷ୍ଟୁଡେଣ୍ଟର ଅସନ୍ତା କେର୍କେଟା ୬୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଡିଭିଜନ୍ ଲିଗ୍‌ର ଏକ ମ୍ୟାଚରେ ଓଜିପି କ୍ଲବ ୧-୦ ଗୋଲରେ ଲାଲବାଗ୍ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସାହେବ ରାଉତ ୨୧ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ପ୍ରବଳ ବର୍ଷା ଯୋଗୁ ସର୍ତୋଳ ଏଫ୍‌ସି ଓ ଅର୍ବାନ ଆଡ୍‌ଭେଞ୍ଚର କ୍ଲବ ମଧ୍ୟରେ ହେବାକୁଥିବା ମ୍ୟାଚ ବାତିଲ ହୋଇଛି। ପରେ ଏହି ମ୍ୟାଚ ଅନୁଷ୍ଠିତ ହେବ।

# ୪x୪୦୦ ମି. ମିକ୍ସଡ ରିଲେ ଫାଇନାଲରେ ଭାରତ

ଲିମା, ୨୭।୮ (ପି.ଟି.)

ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୪x୪୦୦ ମିଟର ମିକ୍ସଡ ରିଲେ ଫାଇନାଲରେ ଭାରତ ପ୍ରବେଶ କରିଛି। ଜୟ କୁମାର, ନିରୁ ପାଠକ, ରିହାନ ଚୌଧାରୀ ଓ ସନ୍ଦର୍ମୋଲ ସବୁଙ୍କୁ ନେଇ ଗଠିତ ଭାରତୀୟ ଦଳ ୨୦ ପ୍ରତିଦ୍ୱନ୍ଦ୍ୱି ଦଳଙ୍କ ମଧ୍ୟରେ ୩ୟ ସ୍ଥାନ ଅଧିକାର କରିଥିଲା। ହିଟ୍-୧ରେ ଭାରତୀୟ ଦଳ ୩:୨୨.୫୪ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ ଓଭରଅଲ୍ ତୃତୀୟ ହୋଇଥିଲା। ଜୋର୍ଡାନ ଗିଲବର୍ଟ, ବେଲା ପାସ୍କାଲି, ଜ୍ୟାକ ଡେଗୁଆରା ଓ ସୋଫିଆ ଗ୍ରେଗୋରେଭିକ୍‌ଙ୍କୁ ନେଇ ଗଠିତ ଅଷ୍ଟ୍ରେଲିଆ ଦଳ ୩:୨୧.୧୦ ସେକେଣ୍ଡ ନେଇ ପ୍ରଥମ ଏବଂ ୩:୨୧.୯୨ ସେକେଣ୍ଡ ସମୟ ସହିତ ପୋଲାଣ୍ଡ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

# ଜିଲା କ୍ରିକେଟରୁ ଆଇସିସି

ନୂଆଦିଲ୍ଲୀ, ୨୭।୮ (ପି.ଟି.)

ଖେଳପ୍ରତି ଅବଦାନକୁ ନେଇ ଭାରତୀୟ କ୍ରିକେଟ ପ୍ରଶାସକଙ୍କ ମୂଲ୍ୟାଙ୍କନ କରାଯାଇଥାଏ। ମାତ୍ର ଏ ସବୁର ଅଭାବ ସତ୍ତ୍ୱେ ଜୟ ଶାହା ପ୍ରଥମେ ଜାତୀୟ ଓ ଏବେ ଅନ୍ତର୍ଜାତୀୟ ପାୱାର କରିଡରରେ ନିଜପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ମାତ୍ର ୩୫ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍(ଆଇସିସି)ର ଚେୟାରମ୍ୟାନ୍ ଭାବରେ ନିର୍ବାଚିତ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଗୁଜରାଟ କ୍ରିକେଟରୁ ଆରମ୍ଭ କରିଥିବା ଯାତ୍ରା ବର୍ତ୍ତମାନ ଆଇସିସିରେ ପହଞ୍ଚିଯାଇଛି। ପ୍ରଥମେ ଜିଲା କ୍ରିକେଟ କମିଟିରୁ ନିଜର ପ୍ରଶାସକ ଯାତ୍ରା ଆରମ୍ଭ କରିଥିବା ଶାହା ବର୍ତ୍ତମାନ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ପଦରେ ନିଜକୁ ଅବସ୍ଥାପିତ କରିବାରେ ସଫଳ ହୋଇଛନ୍ତି। ଭାରତୀୟ କ୍ରିକେଟ ସହ ଯୋଡିହେବା ପୂର୍ବରୁ ୨୦୦୯ରେ ଶାହା ପ୍ରଥମେ ସେଣ୍ଟ୍ରାଲ ବୋର୍ଡ

## ସର୍ବକନିଷ୍ଠ ଚେୟାରମ୍ୟାନ

ଅଫ୍ କ୍ରିକେଟ ଅହମଦାବାଦ(ସିବିସିଏ)ରେ କାର୍ଯ୍ୟ କରିଥିଲେ। ପରେ ରାଜ୍ୟସ୍ତରରେ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ୨୦୧୩ରେ ଗୁଜରାଟ କ୍ରିକେଟ ଆସୋସିଏଶନ(ଜିସିଏ)ର ଯୁଗ୍ମ ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଶାହା। ଏହି ସମୟରେ ଗୁଜରାଟ ରଣଜୀ କ୍ରିକେଟରେ ଅଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ବୟସ ବର୍ଗ ପାଇଁ ଭିନ୍ନ କୋଚ୍ ନିଯୁକ୍ତ କରିଥିଲେ ଶାହା। ଜୁନିୟର କ୍ରିକେଟର ମାନଙ୍କୁ ସ୍କାଉଟ କରାଯାଇ ସିନିୟର କ୍ରିକେଟକୁ ଅଣାଯାଇଥିଲା। ଏହାର ଫଳ ସ୍ୱରୂପ ୨୦୧୬-୧୭ ସିଜନରେ ପ୍ରଥମ ଥର ପାଇଁ ଗୁଜରାଟ ରଣଜୀ ଟ୍ରଫିରେ ଚାମ୍ପିୟନ ହୋଇଥିଲା।

**ଖେଳାଳିଙ୍କ ସହ ସମ୍ପର୍କ:** ଭାରତରୁ ଅତୀତରେ ୪ ଜଣ ବ୍ୟକ୍ତି ଆଇସିସି ଚେୟାରମ୍ୟାନ ଚୌକିରେ ବସିଛନ୍ତି। ଜଗମୋହନ ଡାଲମିୟା, ଶରଦ ପାୱାର, ଏନ୍ ଶ୍ରୀନିବାସନ୍ ଓ ଶଶାଙ୍କ ମନୋହର ଯୋଶୀ ଏହି ପଦରେ ରହିଥିଲେ ମଧ୍ୟ ଖେଳାଳିଙ୍କ ସହ ସମ୍ପର୍କ ଏତେ ଭଲ ନ ଥିଲା। କେବଳ କିଛି ହାତଗଣତି ସିନିୟର ଖେଳାଳିଙ୍କୁ ଛାଡିଲେ ଅନ୍ୟ କୌଣସି ଖେଳାଳିଙ୍କ ପରାମର୍ଶ ନେଉ ନ ଥିଲେ। ମାତ୍ର ଶାହାଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭିନ୍ନ। କେବଳ ସିନିୟର ନୁହେଁ ବରଂ ଯୁବ ଖେଳାଳିଙ୍କ ସହ ଶାହାଙ୍କ ସମ୍ପର୍କ ରହିଛି। କେବଳ ରୋହିତ ଶର୍ମା ଓ ବିରାଟ କୋହଲି ନୁହନ୍ତି ବରଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ଇଶାନ କିଶନଙ୍କ ପରି ଖେଳାଳି ମଧ୍ୟ ଶାହାଙ୍କୁ ମେସେଜ କରି ପାରନ୍ତି।



ଜୟ ଶାହା (ଡାହାଣ)ଙ୍କ ସହ ଓସିଏ ସମ୍ପାଦକ ସଞ୍ଜୟ ବେହେରା।

୨୦୧୯ରେ ଶାହା ପ୍ରଥମେ ବିସିସିଆଇର ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। କୋଭିଡ କାରଣରୁ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଏହା ବେଶ ଚ୍ୟାଲେଞ୍ଜିଂ ପରିସ୍ଥିତି ସୃଷ୍ଟି କରିଥିଲା। ତେବେ ବାୟୋ ବବଲ ମଧ୍ୟରେ ଆଇପିଏଲ ଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ପାରିଥିଲେ ଶାହା। ଏହା ସହିତ ସେ ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲୁପିଏଲ) ସଫଳତାର ସହ ଆୟୋଜନ କରିଥିଲେ। ମହିଳା କ୍ରିକେଟରେ ମ୍ୟାଚ୍ ପାଉଣାରେ ସମାନତା ଆଣିବା ଲକ୍ଷ୍ୟରେ ଟେଷ୍ଟ ମ୍ୟାଚ୍ ପିଛା ୧୫ ଲକ୍ଷ, ଦିନିକିଆ ପାଇଁ ୮ ଲକ୍ଷ ଓ ଟି୨୦ ମ୍ୟାଚ୍ ପିଛା ୪ ଲକ୍ଷ ଟଙ୍କାର ବ୍ୟବସ୍ଥା କରିଥିଲେ। ଟେଷ୍ଟ କ୍ରିକେଟର ଅଧିକ ପ୍ରଚାର ପ୍ରସାର ପାଇଁ ବାର୍ଷିକ ଇନସେଣ୍ଟିଭ ବ୍ୟବସ୍ଥା ମଧ୍ୟ କରିଥିଲେ।

ଆଇପିଏଲ ମୋହରେ ପଡି ଯୁବ ଖେଳାଳି ମାନେ ଘରୋଇ କ୍ରିକେଟକୁ ଉପେକ୍ଷା କରୁଥିବାରୁ ଶ୍ରେୟସ ଆୟର ଓ ଇଶାନ କିଶନଙ୍କ ଭଳି ଖେଳାଳିଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାଦ ଦିଆଯାଇଥିଲା। ଏହା ସହିତ ଘରୋଇ କ୍ରିକେଟ ଖେଳିବାକୁ ବାଧ୍ୟତା ମୂଳକ କରାଯାଇଥିଲା। ଏପରିକି ଟି୨୦ କ୍ରିକେଟରେ ସୂର୍ଯ୍ୟକୁମାର ଯାଦବଙ୍କୁ ଟି୨୦ ଦଳର ଅଧିନାୟକ ନିଯୁକ୍ତ କରିବା ମଧ୍ୟ ଏକ ସାହସିକ ନିଷ୍ପତ୍ତି ଥିଲା। ଶାହାଙ୍କ କାର୍ଯ୍ୟକାଳରେ ଚୟନକର୍ତ୍ତାଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଥିଲା। ଅତୀତରେ ଏନ୍ ଶ୍ରୀନିବାସନଙ୍କ କାର୍ଯ୍ୟକାଳରେ ମହେନ୍ଦ୍ର ସିଂ ଧୋନୀ ଲଗାତାର ୮ ଟେଷ୍ଟରେ ହାରିବା ପରେ ମଧ୍ୟ ତାଙ୍କୁ ପଦରୁ ହଟାଇବାର ସ୍ୱାଧୀନତା ମୁଖ୍ୟ ଚୟନକର୍ତ୍ତା ମହିନ୍ଦର ଅମରନାଥଙ୍କ ନିକଟରେ ନ ଥିଲା। ଶାହାଙ୍କ କାର୍ଯ୍ୟକାଳ ସମୟରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ପୂର୍ଣ୍ଣ ସ୍ୱାଧୀନତା ମିଳିଛି।

## ଅଭିନନ୍ଦନର ସୁଅ

ଆଇସିସିର ନୂଆ ଚେୟାରମ୍ୟାନ ନିର୍ବାଚିତ ହୋଇଥିବା ଜୟ ଶାହାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସଭାପତି ରୋଜର ବିନ୍ନିଙ୍କଠାରୁ ଆରମ୍ଭ କରି ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏଥିରେ ସାମିଲ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ମଧ୍ୟ ଜୟ ଶାହାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ବିସିସିଆଇ:** ନିର୍ବିବାଦୀୟ ଭାବେ ଆଇସିସି ଚେୟାରମ୍ୟାନ ନିର୍ବାଚିତ ହୋଇଥିବାରୁ ବିସିସିଆଇ ସମ୍ପାଦକ ଜୟ ଶାହାଙ୍କୁ ଅଭିନନ୍ଦନ।

**ଗୌତମ ଗମ୍ଭୀର:** ଜୟ ଶାହା ଭାଇଙ୍କୁ ଅଭିନନ୍ଦନ। ତାଙ୍କ ଅସାଧାରଣ ନେତୃତ୍ୱ ବଳରେ ବିଶ୍ୱ କ୍ରିକେଟ ବିକାଶ ପଥରେ ଅଗ୍ରଗତି କରିବ।

**ହାର୍ଦ୍ଦିକ ପାଣ୍ଡ୍ୟା:** ଆଇସିସିର ସର୍ବକନିଷ୍ଠ ଚେୟାରମ୍ୟାନ ହୋଇଥିବାରୁ ଜୟ ଶାହା ଭାଇଙ୍କୁ ଅଭିନନ୍ଦନ। ବିସିସିଆଇ ଭଳି ଆଇସିସି ଆପଣଙ୍କ ଦୂରଦୃଷ୍ଟି ବଳରେ ସଫଳତାର ଶିଖର ଛୁଇଁବ।

**ରୋଜର ବିନ୍ନି:** ଆଇସିସିର ଇଣ୍ଡିପେଣ୍ଡେଣ୍ଟ ଚେୟାର ନିର୍ବାଚିତ ହୋଇଥିବାରୁ ଜୟ ଶାହାଙ୍କୁ ଅଭିନନ୍ଦନ। ବିସିସିଆଇ ସମ୍ପାଦକ ଓ ଏସିଆନ କ୍ରିକେଟ କାଉନ୍‌ସିଲ ସଭାପତି ଭାବେ ସେ ଅନେକ ଦୃଢ଼ ପଦକ୍ଷେପ ନେଇଛନ୍ତି। ତାଙ୍କ ନେତୃତ୍ୱରେ ବିଶ୍ୱ କ୍ରିକେଟ ଯେ ଶିଖର ଛୁଇଁବ ଏଥିରେ ଦ୍ୱିମତ ନାହିଁ।

**ଅନିଲ କୁମ୍ବଲେ:** ଜୟ ଶାହା ଚେୟାରମ୍ୟାନ ନିର୍ବାଚିତ ହେବାଦ୍ୱାରା ଆଇସିସି ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିହେଲା। ଭବିଷ୍ୟତ ପାଇଁ ଶୁଭେଚ୍ଛା।

**ରବି ଶାସ୍ତ୍ରୀ:** ସର୍ବକନିଷ୍ଠ ଆଇସିସି ଚେୟାରମ୍ୟାନ ନିଯୁକ୍ତ ହୋଇଥିବାରୁ ଜୟ ଶାହାଙ୍କୁ ଅଭିନନ୍ଦନ। ବିସିସିଆଇ ପରିଚାଳନାରେ ତାଙ୍କ ଅଭିଜ୍ଞତା ଆଇସିସିକୁ ବହୁ ଆଗକୁ ନେଇଯିବ।

**ରାଜୀବ ଶୁକ୍ଳା:** ଆଇସିସିରେ ନୂଆ ଭୂମିକା ପାଇଁ ଜୟ ଶାହାଙ୍କୁ ଅଭିନନ୍ଦନ। ତାଙ୍କ ଦୂରଦୃଷ୍ଟି ଯୋଗୁ କ୍ରିକେଟ ସଫଳତାର ଶିଖର ଛୁଇଁବା ଆଶା।

**ହରଭଜନ ସିଂ:** ଜୟ ଶାହାଙ୍କ ଅଭିଜ୍ଞତାରୁ ଆଇସିସିକୁ ଫାଇଦା ମିଳିବ। ନୂଆ ଭୂମିକା ପାଇଁ ଅଭିନନ୍ଦନ।

**ଅନୁରାଗ ଠାକୁର:** ଅନ୍ତର୍ଜାତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥାର ନୂଆ ଚେୟାରପର୍ଶନ ହୋଇଥିବାରୁ ବିସିସିଆଇ ସମ୍ପାଦକ ଜୟ ଶାହାଙ୍କୁ ଅଭିନନ୍ଦନ। ସର୍ବକନିଷ୍ଠ ଭାବେ ଏହି ଦାୟିତ୍ୱ ପାଇଥିବାରୁ ସମସ୍ତ ଭାରତୀୟ ଗର୍ବିତ।

**ମହମ୍ମଦ ସିରାଜ:** ଆଇସିସିର ନୂଆ ଚେୟାରମ୍ୟାନ ହୋଇଥିବାରୁ ଜୟ ଶାହାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।

## ରାଜ୍ୟ ଖବର

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ କଷି,**
**କଥା ନହସରେ ପଶି ଆସିଲି,**
**ମତେ ନ ବୋଲିବୁ ବଳେ ପଶି ।**

ବେଳେବେଳେ କିଛି ବ୍ୟକ୍ତି ନିଜର ଭିତିରି ଉଦ୍ଦେଶ୍ୟ ପୂରଣ କରିବା ଲକ୍ଷ୍ୟରେ କଥା ଛଳରେ ଘରେ ପହଂଚିଯାଇଥାନ୍ତି। କାଳେ କିଏ ଖରାପ ଭାବିବ, ସେନେଇ ଆଗତୁରା କଥା ନହସରେ ଚାଲି ଆସିଥିବା ନେଇ ସଫେଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବ ଗଛର ସିଅ,**
**ବୁଢା ଆଗେ ବୁଢ଼ୀ ସକେଇ କାନ୍ଦେ,**
**ଖଡୁ ବଦଳେଇ ଦିଅ ।**

ସ୍ତ୍ରୀର ହାନିଲାଭ ସ୍ୱାମୀ ବୁଝିଥାଏ। ତାର ସବୁ ଆବଶ୍ୟକତା ଦେଖିଚାହିଁ ପୂରଣ କରିଥାଏ। ଗହଣାଗାଣ୍ଠି ପ୍ରତି ନାରୀଙ୍କ ମନରେ ଦୁର୍ବଳତା ରହିବା ସ୍ୱାଭାବିକ। ବୁଢ଼ାବୁଢ଼ୀ ହେଲେ ବି ସୁଆଗ ତ ରହିଛି। ଏପରିସ୍ଥଳେ ନୂଆ ଖଡୁ ହଳେ କିଣି ଦେବାକୁ ନେଇ ସ୍ୱାମୀ ପାଖେ ସ୍ତ୍ରୀ ଅଳି କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଟ୍ରେନ୍‌ର ବେଗ ମାପିବ ସ୍ପିଡ୍ ଟେଷ୍ଟିଂ ଗନ୍

ଢେଙ୍କାନାଳ, ୨୭।୮ (ରତନ ନାୟାର)

ଢେଙ୍କାନାଳ ଜିଲାରେ ରେଳ ଦୁର୍ଘଟଣାରେ ହାତୀ ମୃତ୍ୟୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଦ୍ରୁତଗାମୀ, ପାସେଞ୍ଜର ଓ ମାଲବାହୀ ଟ୍ରେନ୍‌ର ବେଗ ମାପିବା ପାଇଁ ବନବିଭାଗ ପକ୍ଷରୁ ସ୍ପିଡ୍ ଟେଷ୍ଟିଂ ଗନ୍ ନାମକ ଏକ ମେଶିନ ବ୍ୟବହାର କରାଯାଉଛି। ବିଶେଷକରି ସଦର ରେଞ୍ଜ୍‌ର ହାତୀ ପ୍ରବଣ ଅଞ୍ଚଳ ମଧ୍ୟରେ ଯାଉଥିବା ସଦାଶିବପୁର ରେଳ ଷ୍ଟେଶନ, ହିନ୍ଦୋଳ ରୋଡ୍ ରେଳ ଷ୍ଟେଶନ, ମେରାମଣ୍ଡଳୀ ରେଳ ଷ୍ଟେଶନର ନିକଟବର୍ତ୍ତୀ ଅଞ୍ଚଳ, ଲେଭଲ କ୍ରସିଂଗୁଡିକ ନିକଟରେ ତାଲିମପ୍ରାପ୍ତ ବନବିଭାଗ କର୍ମଚାରୀମାନେ ଟ୍ରେନ୍ ଗଲାବେଳେ ଏହି ମେଶିନକୁ ଟ୍ରେନ୍ ଆଡକୁ ଦେଖାଇ ଛିଡ଼ା ହୋଇଥାନ୍ତି। ଫଳରେ ଟ୍ରେନ୍‌ର ବେଗ କେତେ ତାହା ଜାଣିହୁଏ। ଜିଲାରେ ସଦର ରେଞ୍ଜ ଏହିସବୁ ଷ୍ଟେଶନ ନିକଟରେ ଅଧିକାଂଶ ସମୟରେ ଦିନ ଓ ରାତିରେ ହାତୀପଲ ରେଳଧାରଣା ପାରହୋଇ ଯିବାଆସିବା କରିଥାନ୍ତି। ଗତ ପ୍ରାୟ ୫ବର୍ଷ ମଧ୍ୟରେ ୩ଟି ହାତୀଙ୍କର ରେଳ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅଧିକାଂଶ ସମୟରେ ହାତୀପଲ ପାରହେବା ବେଳେ ରେଳଗାଡ଼ି ଅଟକି ରହୁଥିବା ଦେଖାଯାଇଛି। ପ୍ରତିଦିନ ସନ୍ଧ୍ୟା ହେବା ମାତ୍ରେ ହାତୀ ବୁଲାଚଲା କରୁଥିବା ଅଞ୍ଚଳରେ ରେଳ ଧାରଣା ମଧ୍ୟରେ ଟ୍ରେନ୍‌ର ବେଗକୁ କମ୍ କରିବା ପାଇଁ ବନବିଭାଗ ପକ୍ଷରୁ ଏକ କସନ୍ ନୋଟିସ ରେଲୱେକୁ ଦିଆଯାଇଥାଏ। ଏହି ସମୟରେ ଟ୍ରେନ୍‌ର ବେଗକୁ ୩୦ରୁ ୫୦ କିଲୋମିଟର ମଧ୍ୟରେ ରଖାଯାଇଥାଏ। ଏଥିରେ ବ୍ୟତିକ୍ରମ ହେଲେ ବନବିଭାଗ ଓ ରେଳବାଇ ସମନ୍ୱୟ କମିଟି ବୈଠକରେ ଏ ସମ୍ପର୍କରେ ଜଣାଯାଇଥାଏ। ଏଭଳି ପଦକ୍ଷେପ ନେବା ପରେ ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁ ସଂଖ୍ୟା କିଛି ପରିମାଣରେ ରୋକାଯାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି ଯେ, ଗତ କିଛିଦିନ ହେବ ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁ ରୋକିବା ପାଇଁ ହାତୀ ଚଳପ୍ରଚଳ ସମୟରେ ଟ୍ରେନ୍‌ର ବେଗ ସମ୍ପର୍କରେ ଜାଣିବା ପାଇଁ ଏହି ସ୍ପିଡ୍ ଟେଷ୍ଟିଂ ଗନ ବ୍ୟବହାର କରାଯାଉଛି। ହାତୀ ଚଳପ୍ରଚଳ ସମୟରେ କସନ୍ ନୋଟିସ ଦେବା ପରେ ମଧ୍ୟ ନିର୍ଦ୍ଧାରିତ ବେଗଠାରୁ ଅଧିକ ବେଗରେ ଗଲେ ଆମେ ଏ ସଂକ୍ରାନ୍ତରେ ରେଲୱେକୁ ଜଣାଇଥାଉ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଥିଲେ।

**ରେଳ ଦୁର୍ଘଟଣାରେ ହାତୀ ମୃତ୍ୟୁ ରୋକିବା ପାଇଁ ପଦକ୍ଷେପ**



ସ୍ପିଡ୍ ଟେଷ୍ଟିଂ ଗନ୍ ମେଶିନ ସାହାଯ୍ୟରେ ଟ୍ରେନ୍ ବେଗ ମପାଯାଉଛି।

# ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ

ଚଣ୍ଡିଖୋଲ, ୨୭।୮
(ପ୍ରଦୀପ୍ତ କୁମାର ପୃଷ୍ଟି)



ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପଟୁଣିଆ ପଞ୍ଚାୟତ ରାଧାଦେଇପୁର ଗ୍ରାମରେ ଡେଙ୍ଗୁ ଆକ୍ରାନ୍ତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଅଭିମନ୍ୟୁ ମଲ୍ଲିକଙ୍କ ବଡ଼ପୁଅ ଶକ୍ତିପ୍ରସାଦ ମଲ୍ଲିକ(୨୨)। ଶକ୍ତିଙ୍କୁ ଜ୍ୱର ହେବାରୁ ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ଡେଙ୍ଗୁ ଜ୍ୱରକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।

# କାର୍ଯ୍ୟରେ ଅବହେଳା, ପ୍ରଧାନ ଶିକ୍ଷକ ନିଲମ୍ବିତ

ରାୟଗଡ଼ା, ୨୭।୮
(ଆଶିଷ ରଞ୍ଜନ ପଣ୍ଡା)

ସରକାରୀ କାର୍ଯ୍ୟରେ ଅବହେଳା ଅଭିଯୋଗରେ ରାୟଗଡ଼ା ଜିଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷା ବିଭାଗ ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ନାୟକ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଏଥିସହ ୭ଜଣ ଶିକ୍ଷକ ଓ ଜଣେ ପିଅନଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି। ଏ ନେଇ ୨୩ ତାରିଖରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଚିଠି ନଂ ୫୩୦୧ରେ ପ୍ରଧାନ ଶିକ୍ଷକ ନିଲମ୍ବିତ ଏବଂ ଚିଠି ନଂ ୫୩୦୬ରେ ୭ ଶିକ୍ଷକଙ୍କ ଦରମା ବନ୍ଦ ବିଷୟରେ ପ୍ରକାଶ ପାଇଛି।

ଗତ ୨୨ ତାରିଖରେ ଜିଲା ଶିକ୍ଷାଧିକାରୀ ନାୟକ କାଶୀପୁର ବ୍ଲକ ଗସ୍ତକରି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ କାଶୀପୁର ବ୍ଲକ୍‌ର ଯୋଡ଼ାମ୍ବସ୍ଥିତ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାଏକ ସରକାରୀ କାର୍ଯ୍ୟରେ ଅବହେଳା ଯୋଗୁ ଗୋଟିଏ ଦିନର ଦରମା ବନ୍ଦ କରିବା ସହିତ ଚାକିରିରୁ ନିଲମ୍ବିତ କରିଛନ୍ତି। ବେଆଇନ ଭାବେ ଛୁଟିରେ ରହିବା ଘଟଣାରେ ସ୍କୁଲର ପିଅନ ବିଶ୍ୱଜିତ ମହାନ୍ତିଙ୍କ ଗୋଟିଏ ଦିନର ଦରମା ବନ୍ଦ କରାଯାଇଛି। ସେହିପରି ରାୟଗଡ଼ା ବ୍ଲକ୍ ଟିଟିଖୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରବୀର କୁମାର ଚୌଧୁରୀ ଓ କାଶୀପୁର ବ୍ଲକ ଶଙ୍କରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କୁମ୍ଭେଶ୍ୱର ଗରଡ଼ା ଏବଂ ବିଜୟଲକ୍ଷ୍ମୀ ପରିଡ଼ାଙ୍କୁ ବେଆଇନ ଭାବେ ଛୁଟିରେ ରହିବା ଘଟଣାରେ ଗୋଟିଏ ଦିନର ଦରମା ବନ୍ଦ କରାଯାଇଛି। ସର୍ଗିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପତି, ଯୋଗେଶ୍ୱର ଡୁରୁକ୍, ସୌଭାଗିନୀ ଭୋଇ ଓ ସରିତା ମିଶ୍ରଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନରେ ଅବ୍ୟବସ୍ଥା କାରଣରୁ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ଏଭଳି ଅଚାନକ ବ୍ଲକ ଗସ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପରେ ଶିକ୍ଷକ ମହଲରେ ଭୟ ସୃଷ୍ଟି ହୋଇଛି। ଅନ୍ୟପଟେ ଜିଲାରେ ବେଆଇନ ଭାବେ ମିଥ୍ୟ ବାହାନାକରି ଡେପୁଟେଶନରେ ନିଜ ଇଚ୍ଛା ମୁତାବକ ସ୍କୁଲରେ ରହିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଡେପୁଟେଶନକୁ ବାତିଲକରି ସେମାନଙ୍କୁ ମୂଳ ସ୍କୁଲକୁ ଫେରାଇବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

# ଫି’ ନିର୍ଦ୍ଧାରଣ ସହ ସ୍କୁଲ ବ୍ୟାଗ୍ ଓଜନ ନିୟମ କଡ଼ାକଡ଼ି ହେଉ

## ୭ ଦଫା ଦାବି ନେଇ ଗଣଶିକ୍ଷା ସଚିବଙ୍କୁ ଭେଟିଲା ଅଭିଭାବକ ମହାସଂଘ

ଭୁବନେଶ୍ୱର, ୨୭।୮
(ଅନୁରାଧା ମହାରଣା)

ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସତ୍ୟଜିତ ଦାସ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ ମଙ୍ଗଳବାର ଲୋକସେବା ଭବନରେ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତଙ୍କୁ ଭେଟିଛନ୍ତି। ପୂର୍ବରୁ ଉପସ୍ଥାପିତ ୭ଦଫା ଦାବି ସମ୍ପର୍କରେ ଏହି ଅବସରରେ ବିସ୍ତୃତ ଆଲୋଚନା କରାଯାଇଛି। ମହାସଂଘର ଅଧିକାଂଶ ଦାବି ବିଭାଗର ପୂର୍ବ ନିର୍ଦ୍ଦେଶନାମା, ତେଣୁ ତାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ତତ୍ପର ହେବା ଉଚିତ ବୋଲି ପଣ୍ଡିତ କହିଛନ୍ତି। ବିଧାନସଭା ଅଧିବେଶନ ସରିବା ପରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ସମସ୍ତ ବିଷୟରେ ଆଲୋଚନା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାଇଭେଟ ସ୍କୁଲରେ ଉପଲବ୍ଧ ହେଉଥିବା ସେବା ଓ ସୁବିଧା ଅନୁଯାୟୀ ସ୍କୁଲ ଫି’ ନିର୍ଦ୍ଧାରଣ, ସ୍କୁଲକୁ ନିୟମ ଅନୁସାରେ ସ୍ୱୀକୃତି ପ୍ରଦାନ ବେଳେ ସ୍କୁଲ ଫି’ ସ୍ଥିର କରିବା, କୋଭିଡ୍ ମହାମାରୀ ସମୟରେ ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ସ୍କୁଲ ଫି’ ଛାଡ଼ ନିର୍ଦ୍ଦେଶ କେତେ କାର୍ଯ୍ୟକାରୀ ହୋଇଛି ସେ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ, ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ ଭଳି ପ୍ରାଇଭେଟ ସ୍କୁଲରେ ସବୁ ଶ୍ରେଣୀରେ ଏନ୍‌ସିଇଆର୍‌ଟି ବହି ବ୍ୟବହାର ଓ ସ୍କୁଲ ବ୍ୟାଗ୍ ଓଜନ ନିୟମ କଡ଼ାକଡ଼ି ଲାଗୁ ପାଇଁ ଦାବି ଉପସ୍ଥାପନ କରାଯାଇଛି। ସେହିପରି ଶିକ୍ଷା ଅଧିକାର ଆଇନ ବଳରେ ୨୫% ସିଟ୍‌ରେ ମାଗଣାରେ ପଢୁଥିବା ସବୁ ପିଲାଙ୍କୁ ନିୟମ ଅନୁଯାୟୀ, ମାଗଣାରେ ସ୍କୁଲ ଡ୍ରେସ୍, ବହି, ଜୋତା ଆଦି ସାମଗ୍ରୀ ପ୍ରଦାନ ପାଇଁ ତୁରନ୍ତ ନିର୍ଦ୍ଦେଶ ଦେବା, ଶିକ୍ଷା ଅଧିକାର ଆଇନରେ ଅଷ୍ଟମ ପରିବର୍ତ୍ତେ ଦ୍ୱାଦଶ ପର୍ଯ୍ୟନ୍ତ ମାଗଣା ପାଠପଢ଼ା ପାଇଁ ସଂଘ ସ୍ୱର ଉଠାଇଛି। ବିନା ସ୍ୱୀକୃତିରେ ଚାଲୁଥିବା ସ୍କୁଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ପ୍ରାଇଭେଟ ସ୍କୁଲରେ ଆର୍ଥିକ ଅନିୟମିତତାର ଅଭିଯୋଗ ଆସୁଥିଲେ ସ୍ପେଶାଲ ଅଡିଟ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ, ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୫% ମାଗଣା ସିଟ୍‌ରେ ନାମଲେଖା ନେଇ ସମସ୍ୟାର ସମାଧାନ ସହ କଲେଜରେ କ୍ଲାସ୍ ସମୟରେ ଯେପରି କୋଚିଂ କ୍ଲାସ୍ ନ ହୁଏ ସେଥିପ୍ରତି କଡ଼ା ନିୟମ ଲାଗୁ ପାଇଁ ମଧ୍ୟ ଦାବି ଉଠିଛି।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୩.୬୫ ପଏଣ୍ଟ ବଢି ୮୧,୭୧୧.୭୬ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୭.୧୫ ପଏଣ୍ଟ ବୃଦ୍ଧି ଘଟି ୨୫,୦୧୭.୭୫ ଅଙ୍କରେ କାରବାର ଶେଷ କରିଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁର୍ଗମ ଅଞ୍ଚଳରେ ଡିଜିଟାଲ କ୍ରାନ୍ତି

**ଭୁବନେଶ୍ୱର,୨୭।୮ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ତଥା ଡିଜିଟାଲ ସେବା ପ୍ରଦାନକାରୀ ସଂସ୍ଥା ରିଲାଏନ୍ସ ଜିଓ ଓଡ଼ିଶାର ୪୭,୦୦୦ରୁ ଅଧିକ ଗାଁରେ ଉପଲବ୍ଧ ହେଉଥିଲାବେଳେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ଏବଂ ଡିଜିଟାଲ ବୈଷମ୍ୟ ଦୂରକରିବା ପାଇଁ କମ୍ପାନୀ ନିରନ୍ତର ଉଦ୍ୟମ ଜାରି ରଖିଛି। ଏପରିକି ଜିଓର ୪ଜି/୫ଜି ନେଟ୍‌ୱାର୍କ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଡିଜିଟାଲ କ୍ରାନ୍ତି ସହ ବହୁ ହଜାର ଦୁର୍ଗମ ଗ୍ରାମକୁ ଡିଜିଟାଲ ସେବା ସହ ସଂଯୁକ୍ତ କରିଛି। ସେହିଭଳି ରାଜ୍ୟର ସବୁ ସ୍ଥାନରେ ବିଶ୍ୱସ୍ତରୀୟ ଡାଟା ସେବା ଉପଲବ୍ଧ କରାଇବା ପାଇଁ କମ୍ପାନୀର ପ୍ରତିବଦ୍ଧତା ସ୍ୱରୂପ ପୂର୍ବରୁ ଆଧୁନିକ ଯୋଗାଯୋଗ ଭିତ୍ତିଭୂମିର ଅଭାବ ରହିଥିବା ଅଞ୍ଚଳଗୁଡ଼ିକରେ ଜିଓ ୪ଜି/୫ଜି ନେଟ୍‌ୱର୍କ ସ୍ଥାପନ ଜାରି ରଖିଛି। ବିବିଧ ଭୌଗୋଳିକ ଆହ୍ୱାନ ଓ ବାଧାବିଘ୍ନ ଅତିକ୍ରମକରି ଜିଓ ସଫଳତାର ସହ ତା'ର ବିଶ୍ୱସ୍ତରୀୟ ନେଟ୍‌ୱର୍କକୁ ଓଡ଼ିଶାର ୪୭,୦୦୦ରୁ ଅଧିକ ଗ୍ରାମକୁ ବିସ୍ତାର କରିଛି ଏବଂ ବର୍ତ୍ତମାନ ବି ଅପହଞ୍ଚ ରହିଥିବା ରାଜ୍ୟର ଅନ୍ୟାନ୍ୟ ସୁଦୂର ତଥା ଦୁର୍ଗମ ଗ୍ରାମଗୁଡ଼ିକରେ ନେଟ୍‌ୱର୍କ ସ୍ଥାପନ କରିବା କାର୍ଯ୍ୟ କରୁଛି। ଜିଓର ନିର୍ଭରଯୋଗ୍ୟ ଡାଟା ନେଟ୍‌ୱର୍କ ଏହି ଦୁର୍ଗମ ଅଞ୍ଚଳର ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ସେମାନଙ୍କର ତ୍ୱରିତ ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ପଥ ପରିଷ୍କାର କରିଛି।

# ୩୦ରୁ ୩ ଦିନିଆ ଗ୍ଲୋବାଲ ଟ୍ରେଡ୍ ଶୋ

**ଭୁବନେଶ୍ୱର,୨୭।୮(ଅଭୟ ଦାଶ)**

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ) ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ୩ ଦିନିଆ ଗ୍ଲୋବାଲ ଟ୍ରେଡ୍ ଶୋ 'ରିସର୍ଜେଣ୍ଟ ଓଡ଼ିଶା-୨୦୨୪' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ୩ ଦିନିଆ ଶୋ' ୨୦୨୪ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜନ ହେବ ବୋଲି ୟୁସିସିଆଇଏଲ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ଓଡ଼ିଶା ସରକାର ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟର ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଶୋ ଓଡ଼ିଶାର ଅର୍ଥନୈତିକ ଓ ଶିଳ୍ପ ଯାତ୍ରାରେ ଏକ ଐତିହାସିକ ଅବସର ହେବାର ପ୍ରତିଶ୍ରୁତି ଦେଇଛି।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ୟୁସିସିଆଇଏଲ୍‌ର ସଭାପତି ବ୍ରହ୍ମା ମିଶ୍ର, ଉପସଭାପତି ତାରିଣୀ ପ୍ରସାଦ ମହାନ୍ତି, ସମ୍ପାଦକ ଅଶୋକ କୁମାର ଶାରଦା, ଗ୍ଲୋବାଲ ଟ୍ରେଡ୍ ଶୋ'ର ଚେୟାରମ୍ୟାନ୍ ପ୍ରବୋଧ ମହାନ୍ତି,କୋ-ଚେୟାରମ୍ୟାନ୍ ପଙ୍କଜ ମହାନ୍ତି, କନ୍‌ଭେନର ମନୋଜ ପୃଷ୍ଟିଙ୍କ ସମେତ ଇପିକଲର ଇଡି କଲ୍ୟାଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଏହି ଶୋ'ରେ ଅନେକ ପ୍ରଦର୍ଶନୀ, କର୍ମଶାଳା ଏବଂ ଶିଳ୍ପ ବିଶେଷଜ୍ଞଙ୍କ ସହ ପ୍ୟାନେଲ ଆଲୋଚନା ସାମିଲ ରହିବ। ଯେଉଁଥିରେ ଅଂଶଗ୍ରହଣକାରୀଙ୍କୁ ଅତ୍ୟାଧୁନିକ ପ୍ରକଳ୍ପ, ଅଭିନବ ସମାଧାନ ଏବଂ ବଜାରର ଅତ୍ୟାଧୁନିକ ଟ୍ରେଣ୍ଡ ଅନୁସନ୍ଧାନ କରିବାର ଅତୁଳନୀୟ ସୁଯୋଗ ମିଳିବ ବୋଲି ୟୁସିସିଆଇଏଲ୍‌ର ସଭାପତି ବ୍ରହ୍ମା ମିଶ୍ର କହିଛନ୍ତି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ), ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି), ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ଏବଂ ଆସୋଚାମ୍ ଭଳି ପ୍ରତିଷ୍ଠିତ ସଙ୍ଗଠନ ସହ ସହଯୋଗକରି ଆମେ ଗର୍ବ ଅନୁଭବ କରୁଛୁ।

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଚିନ୍ତାମଣୀ ମହାପାତ୍ର**

ଆବିର୍ଭାବ: ତା ୦୨।୦୮।୧୯୪୯
ତିରୋଧାନ: ତା ୧୯।୦୮।୨୦୨୪

ଆପଣଙ୍କ ଆଶୀର୍ବାଦରେ ମୋ ଚଲାପଥ କୁସୁମିତ ହୋଇଛି। ଅଭୟମୁଖୀ ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ସ୍ୱପ୍ନ ଅଧୁରା ରହିଗଲା। ଆଜି ଦଶାହରେ ଗଭୀର ଶ୍ରଦ୍ଧାଞ୍ଜଳି।

ବଡ଼ଭଣଜା: ଲକ୍ଷ୍ମୀଧର ତ୍ରିପାଠୀ (ବାପି) ଓ ପରିବାରବର୍ଗ।

ଧ-୭୫୮୭୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦୁଃଶାସନ ସାହୁ**

କାଏମ, ଧର୍ମଶାଳା, ଯାଜପୁର

ଆବିର୍ଭାବ: ୨୧।୦୩।୧୯୫୬
ତିରୋଧାନ: ୦୧।୦୧।୨୦୨୩

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।

:ଶ୍ରଦ୍ଧାଞ୍ଜଳି ସହ:

ସାହୁ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

ଧ-୧୧୬୦

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଶରତ କିଶୋର ମହାପାତ୍ର**

ଆବିର୍ଭାବ: ତା ୨୧।୦୧।୧୯୫୩
ତିରୋଧାନ: ତା ୧୫।୦୮।୨୦୨୪

ଆପଣଙ୍କ ଆଶୀର୍ବାଦରେ ମୋ ଚଲାପଥ କୁସୁମିତ ହୋଇଛି। ଅଭୟମୁଖୀ ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ସ୍ୱପ୍ନ ଅଧୁରା ରହିଗଲା। ଆଜି ଦଶାହରେ ଗଭୀର ଶ୍ରଦ୍ଧାଞ୍ଜଳି।

ବଡ଼ଭଣଜା: ଲକ୍ଷ୍ମୀଧର ତ୍ରିପାଠୀ (ବାପି) ଓ ପରିବାରବର୍ଗ।

ଧ-୭୫୮୭୬

# Classified Everyday

**0674-2580101, 2549949**



## MATRIMONIAL

### BRIDE WANTED

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ Divorcee) ପୁଅ ପାଇଁ ଯେକୌଣସି ଜାତିର 30-42Yrs. ଝିଅ ଆବଶ୍ୟକ। Candidate- 9861141891. D-1130

Seeking alliance for MBA-qualified boy, Manager-Talent Acquisition at a Bangalore IT firm (Work from home). Looking for a beautiful, well-educated girl from Karana, Khandayat, or Kshatriya families. Age: Up to 30 years, Height: 5'3". Contact Father: 9438772415 (Call/WhatsApp), 9937717477 (Call). D-75449

Bride (Caste: Khandayat/Karana, Service: Software/Govt Job) wanted for 30 yrs Odia Boy working for IT MNC in Bangalore. WhatsApp only: 9007188787. D-1105

### GROOM WANTED

Seeking a handsome, well-educated boy for a MTech Gold Medalist girl, ORS, serving as Land Acquisition Officer, Govt. of Odisha. Born April 1989. Prefer proposals from Karana, Khandayat, or Kshatriya families. Contact-Father: 9438772415 (Call/WhatsApp), 9937717477 (Call). D-75448

47 ବର୍ଷ, Vatnary Dr. ଅଛନ୍ତି। ଉପଯୁକ୍ତ ବୟସ ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-1122

## GENERAL

### SALE

Hospital setup of all equipments is for sale. Contact at 9337688155. 9778845555. D-1152

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



## REAL ESTATE

### SALE

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

**House for sale-Mahanadi Vihar, Cuttack, Double Storied, Plot 2300, built-up 5300sqft. 4Storey foundation. 7 Bedroom, 7Toilets, 3Phase Electricity, Sump, Big Garage. Price 3Cr. Contact- 9437705858.** D-71587

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-1154

**Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650.** D-975

Gharabari boundary plot Nakhara East Engineering College backside, close to SNH-8018471169. D-75985

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ **Sum Hospital-2** ନିକଟସ୍ଥ **GrandBazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **SC/Gen plot** କିଣନ୍ତୁ। **9658562429.** D-75989

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-1032

**Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838.** D-75988

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-1153



## CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1031




Ground Floor 2BHK 1000sft. both side road at Chintamaniswar Plot No.- 1958/3 near Temple walkable distance to Cuttack Road Rail Station, Bhubaneswar for Office/Cum Residence/Godown for light goods. 6370087588, 7008211947. D-1137

**Wanted rent for 500sqft. Commercial Space in PATIA or CHANDRASEKHARPUR Area. Interested Person Can Call to 9437125673.** D-1151




Newly open health benefits SPA by expert therapist. Contact- 9090400507. D-76148

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

## LOST

Loss of Land Sale Deed & Patta Mouza Kuamanga Sale Deed Number 10761000801, Dtd- 16.07.2010, RRO- 6 decimil favour of Jayetun Bibi has been lost at Kuamanga. D-1150

## AFFIDAVIT

I, Santosh Kumar Sahu, S/o- Maheswar Sahu, R/o Vill-Palia, Paliabindha, Dist.-Bhadrak, PIN-756167, Odisha declare by this affidavit No.65AA 931419, dtd.17.05.2024 that now onwards I shall be known as SANTOSH KUMAR SAHU for all future purposes. D-1149

ମୁଁ କୈଳାସ ନାୟକ, ବୟସ-୫୨, ପିତା- ସ୍ୱର୍ଗତ ବାଙ୍କନିଧି ନାୟକ, ଗ୍ରାମ- କରଞ୍ଜ ସାହି, ଥାନା- ରାମଗିରି, ଗଜପତି(ଓଡ଼ିଶା)। ମୁଁ ଚାକିରି କ୍ଷେତ୍ରରେ କୈଳାସ ନାୟକ ନାମରେ କାମ କରି ଆସୁଥିଲି। କିନ୍ତୁ ମୋର ସ୍କୁଲ ସାର୍ଟିଫିକେଟ୍ ଓ ସ୍ଥାନୀୟ ଅଞ୍ଚଳରେ କୈଳାସ ନାୟକ ନାମରେ ପରିଚିତ। ଏହା ମୁଁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଛତ୍ରପୁରଙ୍କ ନିକଟରେ ସିରିଏଲ୍ ନଂ.-୧୬୯୪/୨୪, ତା ୨୦।୦୮।୨୦୨୪ରିଖରେ ସତ୍ୟପାଠ କରିବା ସହ ଖବରକାଗଜରେ ସର୍ବସାଧାରଣଙ୍କ ପାଇଁ ଘୋଷଣା କରୁଛି।
ସ୍ୱା./- କୈଳାସ ନାୟକ
ଧ-୧୧୫୮

I, Soudaminee Nath is legally mother of Dinesh Kumar Nath Service No:15217539W, Rank: NK(MK), Resident of At/PO: Parmanpur, PS: Sason, Dist: Sambalpur, Pin: 768200, State: Odisha have changed my name from Soudaminee Nath to Soudamini Nath in my son's Army Service Record, vide affidavit No.19633 Dt. 31/07/2024 before the Notary Public, Sambalpur, Odisha. D-1159

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ (ମିସ୍ ରାଜଶ୍ରୀ ମହାନ୍ତି)ଙ୍କ ଅଦାଲତ
ନୀଳାମ୍ବର, ହେଡ୍ ଅଫ୍ ଦ ଡିପାର୍ଟମେଣ୍ଟ, ଚତୁର୍ଥ ମହଲା, ଭୁବନେଶ୍ୱର(ସି.ପି.ସି. ଅର୍ଡର ୫, ରୁଲ୍-୨୦ ମୁତାବକ)
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍ ନଂ.-୧୪୫୨/୨୦୧୫
ରଇସୁଦ୍ଦିନ ଖାନ୍/ଅହମ୍ମଦ ......ବାଦୀ
ବନାମ
ଓଡ଼ିଶା ସରକାର ଓ ଅନ୍ୟମାନେ ......ପ୍ରତିବାଦୀମାନେ
ଭୀମସେନ ରାଉତରାୟ, ପିତା- ବୃନ୍ଦାବନ ରାଉତରାୟ, ଗ୍ରା/ପୋ- ତିରିମଲ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ତଥା ତାଙ୍କର ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ରିଭିଜନ୍ କେସ୍ ବାଦୀ- ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଇଜିଲାସ୍‌ରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାରେ ଉପରବର୍ଣ୍ଣିତ ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ପ୍ରତିବାଦୀ ମୃତ ବୋଲି ଫେରସ୍ତ ଆସିଅଛି, ଏଣୁ ଅତ୍ର ବିଜ୍ଞାପନ ମାଧ୍ୟମରେ ପ୍ରତିବାଦୀ ତଥା ତାଙ୍କର ଉତ୍ତରାଧିକାରୀ ବା ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପରବର୍ଣ୍ଣିତ ମୋକଦ୍ଦମା ବାଦୀ ଦାଏର କରିଥିବା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଅଛି।

ଜମିର ବିବରଣୀ

ମୌଜା: ଚୈତନ୍ୟପ୍ରସାଦ, ତହସିଲ: ଜଟଣୀ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା ସାବକ ଖାତା ନଂ.-୧, ସାବକ ପ୍ଲଟ୍ ନଂ.- ୧୪୩, ସାବକ ରକବା: ଏ୦.୮୧୫ ଡିସିମିଲ୍, ସ୍ୱଧରୁ ଏ୦.୧୩୫ ଡିସିମିଲ୍, ହାଲ୍ ଖାତା ନଂ.- ୩୨୧, ହାଲ୍ ପ୍ଲଟ୍ ନଂ.-୨୪୮, ୨୪୯, ରକବା: ଏ୦.୧୩୫ ଡିସିମିଲ୍

ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା ୦୫।୦୯।୨୪ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ମାମଲାର ଆପଣ ବା ଆପଣଙ୍କର ଉତ୍ତରାଧିକାରୀ, ହିତାଧିକାରୀ ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ- ୧୧୫୬

ମାନ୍ୟବର ଅତିରିକ୍ତ ଆୟୁକ୍ତ (ମିସ୍ ରାଜଶ୍ରୀ ମହାନ୍ତି)ଙ୍କ ଅଦାଲତ
ନୀଳାମ୍ବର, ହେଡ୍ ଅଫ୍ ଦ ଡିପାର୍ଟମେଣ୍ଟ, ଚତୁର୍ଥ ମହଲା, ଭୁବନେଶ୍ୱର (ସି.ପି.ସି. ଅର୍ଡର ୫, ରୁଲ୍-୨୦ ମୁତାବକ)
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍ ନଂ.-୧୪୪୮/୨୦୧୫
ରଇସୁଦ୍ଦିନ ଖାନ୍/ଅହମ୍ମଦ ......ବାଦୀ
ବନାମ
ଓଡ଼ିଶା ସରକାର ଓ ଅନ୍ୟମାନେ ......ପ୍ରତିବାଦୀମାନେ
୧. ରମେଶ ଜେନା, ୨. ସୁବାସ ଜେନା, ୩. ସୁରେଶ ଜେନା, ୪. ସନ୍ତୋଷ ଜେନା, ଏମାନଙ୍କର ପିତା: ଦାମ ସୁନ୍ଦର ଜେନା, ଗ୍ରା/ପୋ- ପାଣ୍ଡିଆବାଲି, ଥାନା- ଜବପଡ଼ା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ରିଭିଜନ୍ କେସ୍ ବାଦୀ- ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଇଜିଲାସ୍‌ରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ମାଧ୍ୟମରେ ଆପଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପରବର୍ଣ୍ଣିତ ମୋକଦ୍ଦମା ବାଦୀ ଦାଏର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଅଛି।

ଜମିର ବିବରଣୀ

ମୌଜା: ଚୈତନ୍ୟପ୍ରସାଦ, ତହସିଲ: ଜଟଣୀ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା ସାବକ ଖାତା ନଂ.-୨୪୭/୮, ସାବକ ପ୍ଲଟ୍ ନଂ.- ୧୧୪/୭୮୦, ସାବକ ରକବା: ଏ୦.୫୨୫ ଡିସିମିଲ୍, ସ୍ୱଧରୁ ଏ୦.୦୫୧ ଡିସିମିଲ୍, ହାଲ୍ ଖାତା ନଂ.- ୩୬୪, ହାଲ୍ ପ୍ଲଟ୍ ନଂ.-୧୨୮, ରକବା: ଏ୦.୫୨୫ ଡିସିମିଲ୍ ସ୍ୱଧରୁ ଏ୦.୦୫୧ ଡିସିମିଲ୍

ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା ୦୫।୦୯।୨୪ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ମାମଲାର ଆପଣମାନେ ନିଜେ କିମ୍ବା ଆପଣମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ- ୧୧୫୫

ନୋଟିସ୍ U/O-5 R-20 of CPC
ମହକୁମେ ତାଳଚେର, ଆଡିଶନାଲ୍ ସିଭିଲ୍ ଜଜ୍ ସିନିୟର ଡିଭିଜନ୍, ତାଳଚେର, ଜି- ଅନୁଗୁଳ
CS. ୨୮୭/୨୦୧୪
ଶ୍ରୀମତୀ କାମିନୀ ଶତପଥୀ ଓଗେର .......ବାଦୀ
ବନାମ
ତିଳୋତ୍ତମା ଶତପଥୀ ଓଗେର .....ପ୍ରତିବାଦୀ
To
ପ୍ରତିବାଦୀ ନଂ. 1 (h) ବିନୋଦିନୀ ଶତପଥୀ, ବୟସ ୩୦ ବର୍ଷ, ସ୍ୱା- ୰ନିରାକାର ଶତପଥୀ, ସା/ପୋ- ଏକଘରିଆ, ଥା/ସ.ଡି. ତାଳଚେର, ଜିଲ୍ଲା- ଅନୁଗୋଳ

ଜାଣିବେ ଏହିକି ତୁମ୍ଭ ବିରୁଦ୍ଧରେ ବାଦୀ ଶ୍ରୀମତୀ କାମିନି ଶତପଥୀ ଓଗେର ମୌଜା- ଏକଘରିଆ, ଥା/ସ.ଡି- ତାଳଚେର ଅନ୍ତର୍ଗତ ହାଲ୍ ଖାତା ନଂ.-୨୨, ହାଲ୍ ପ୍ଲଟ୍ ନଂ.-୫୮୯ ମୋଟ ଏରିଆ ଏ୦.୪୪ ଡେସିମିଲି ମଧ୍ୟରୁ ଏ୦.୩୧ଡି. ଯାହାକି ସାବିକ ଖାତା ନଂ.-୩୨, ସାବିକ ପ୍ଲଟ୍ ନଂ.- ୫୫୭/୧୦୦୧ରେ ନିଜ ସ୍ୱତ୍ୱ ପ୍ରଚାର ନିମନ୍ତେ ଉକ୍ତ କେସ୍ ଦାଖଲ କରିଛନ୍ତି।
ଆପଣ ଅଦ୍ୟ ଆଗାମୀ ତା ୦୭।୧୦।୨୦୨୪ରିଖ ଦିନ ୧୦.୩୦ ମିନିଟ୍ ସମୟରେ ଉକ୍ତ କୋର୍ଟରେ ହାଜର ହେବେ ନଚେତ ଉକ୍ତ କେସ୍‌ର ବିଚାର ତୁମ୍ଭର ଅନୁପସ୍ଥିତିରେ ହେବ। ଅଦ୍ୟ ତାରିଖ ୨୪।୦୮।୨୦୨୪ ସ୍ୱାକ୍ଷର ଓ ସିଲ୍ ସହ ଦିଆଗଲା।
ସ୍ୱା./- ଆଡିଶନାଲ୍ ସିଭିଲ ଜଜ୍ ସିନିୟର ଡିଭିଜନ୍, ତାଳଚେର
ଧ-୧୧୪୮

ମାନ୍ୟବର ଶ୍ରୀଯୁକ୍ତ ଜଜ୍ ପରିବାର ଅଦାଲତ, ପୁରୀ
ସି.ପି. ନଂ.-୧୪/୨୦୨୪
ନୋଟିସ୍
ଶ୍ରୀମତୀ ମମିନା ଦାଶ, ବ୩୭ବର୍ଷ, ସ୍ୱାମୀ- ମାଧବ କର, ପିତା- ୰ଦିନବନ୍ଧୁ ଦାଶ, ସାକିନ୍- ଗଡ଼ରୋଡ଼ଙ୍ଗ, ହରିଚନ୍ଦନପୁର, ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ। ....ଆବେଦନକାରୀ
ବନାମ
ଶ୍ରୀ ମାଧବ କର, ବ୪୪ର୍ଷ, ପିତା- ୰କାଶୀନାଥ କର, ସାକିନ୍- ବିଜିପୁର, ପୋଷ୍ଟ- ବେଣ୍ଟପୁର, ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ।
ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାନ୍ତି। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଇଅଛି କି, ପ୍ରତିବାଦୀ ଆଜଦିନ ତା୧୦।୦୯।୨୦୨୪ରିଖେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା୧୦।୦୯।୨୦୨୪ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।
Sd./- Judge, Family Court, Puri
D-1157

## ଡାଲିଜାତୀୟ ଫସଲରେ ଘାସ ଦମନ

ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ୬୩% ଡବ୍ଲ୍ୟୁପି + କାର୍ବେଣ୍ଡାଜିମ୍ ୧୨% ଡବ୍ଲ୍ୟୁପି (୨ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ। ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।



## ଅଧିକ ଅମଳକ୍ଷମ ଟମାଟୋ ଚାଷ

ଅଗଷ୍ଟ ଓ ସେପ୍ଟେମ୍ବର ମାସ ଟମାଟୋ ଲଗାଇବା ପାଇଁ ଉପଯୁକ୍ତ ସମୟ। ଉନ୍ନତ ବିହନ କିସମ ଯଥା ବିଟି-୨,ବିଟି-୧୦,ବିଟି-୧୨,ନୀଳାଦ୍ରି,ସଦାବାହାର, ମାଧୁରୀ,ମହାରଥୀ,ମର୍ନିଂସନ୍,ରଶ୍ମି,ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦ କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାର ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।



# ବାର୍ଡ-ଫ୍ଲୁ: କାରଣ, ସତର୍କତା



ଡା. ବୀରକିଶୋର ପରିଡ଼ା

ବର୍ତ୍ତମାନ ପୁରୀ ଜିଲାର ସତ୍ୟବାଦୀ ଓ ପିପିଲି ବ୍ଲକରେ ଆଭିଆନ ଇନଫ୍ଲୁଏଞ୍ଜା ବା ବାର୍ଡ-ଫ୍ଲୁର ଭୂତାଣୁ କୁକୁଡ଼ାଙ୍କଠାରେ ଚିହ୍ନଟ କରାଯାଇଛି। ଏହି ବାର୍ଡ-ଫ୍ଲୁ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ରୋଗର ସର୍ବେକ୍ଷଣ କାର୍ଯ୍ୟକ୍ରମକୁ ମଧ୍ୟ ସମସ୍ତ ଜିଲାରେ ଜୋରଦାର କରାଯିବା ସହିତ କୁକୁଡ଼ା ସଂକ୍ରମିତ ଅଞ୍ଚଳର ୩ ରୁ ୧୦ କିମି ଅଞ୍ଚଳରେ ପ୍ରତି ସପ୍ତାହରେ ନିୟମିତ ସର୍ବେକ୍ଷଣ କରିବାକୁ ବିଭାଗୀୟ ଡାକ୍ତରମାନଙ୍କୁ ପରାମର୍ଶ ଦିଆଯାଇଛି। ଫାଷ୍ଟ ଫୁଡ୍ ବା ଅର୍ଦ୍ଧସିଝା କୁକୁଡ଼ା ମାଂସ ବା ଅଣ୍ଡା ଖାଆନ୍ତୁ ନାହିଁ। ସର୍ବଦା କୁକୁଡ଼ା ଘର ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସ୍ୱଚ୍ଛ ପରିଷ୍କାର ପାଣି ଓ ସଦ୍ୟ ପ୍ରସ୍ତୁତ କୁକୁଡ଼ା ଦାନା ଖାଇବାକୁ ଦିଅନ୍ତୁ। କୁକୁଡ଼ାକୁ ବତକଠାରୁ ଦୂରରେ ପାଳିବା ସହିତ ନିୟମିତ ରାଣୀକ୍ଷେତ ରୋଗର ପ୍ରତିଷେଧକ ଟିକା ଦିଅନ୍ତୁ। ଆମ ରନ୍ଧନ ପ୍ରଣାଳୀ ୧୦୦ ସେଣ୍ଟିଗ୍ରେଡରୁ ଊର୍ଦ୍ଧ୍ୱ ରହୁ ଥିବାରୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ନିରାପଦ। କୁକୁଡ଼ାଠାରୁ ମନୁଷ୍ୟକୁ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ସ୍ୱାସ୍ଥ୍ୟ ବିଭାଗ ଏଥି ପ୍ରତି ସତର୍କ ନଜର ରଖିଛନ୍ତି। ତେଣୁ ଆମେ ଅଯଥାରେ ଏଥିନେଇ ଆତଙ୍କିତ ବା ଭୟଭୀତ ହେବାର କୌଣସି କାରଣ ନାହିଁ।

**କାରଣ :** ବାର୍ଡ-ଫ୍ଲୁ ରୋଗର ଭୂତାଣୁ ହେଉଛି ଏକ ଖଣ୍ଡ ବିଖଣ୍ଡିତ ଆର.ଏନ.ଏ. ଯୁକ୍ତ ଏଚ୍-୫, ଏନ୍-୧ ଭୂତାଣୁ ଏବଂ ଅର୍ଥୋମିକ୍ସୋ ପରିବାରର ଅନ୍ତର୍ଭୁକ୍ତ। ଏହି ରୋଗର ଭୂତାଣୁ ଏଥିଯୋଗୁ ସହଜରେ ରୂପ ପରିବର୍ତ୍ତନ କରିଥାଏ। ଏହି ଭୂତାଣୁ ହେଉଛି ଇନ୍‌ଫ୍ଲୁଏଞ୍ଜା ଭୂତାଣୁ-କ ଶ୍ରେଣୀର ଅନ୍ତର୍ଭୁକ୍ତ। ଏହି ଭୂତାଣୁ ୭୦ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପରେ ଅଧଘଣ୍ଟାରେ ମରିଯାଆନ୍ତି।

**ରୋଗ ବ୍ୟାପେ କିପରି :** ଏସିଆ ଓ ୟୁରୋପ ଭଳି ମହାଦେଶର ବିଦେଶୀ ଆଗନ୍ତୁକ ପକ୍ଷୀ, ପାଣିବୁଆ ଆଦି ଆମ ରାଜ୍ୟର ଚିଲିକା ହ୍ରଦ ବା ଅନ୍ୟାନ୍ୟ ଜଳାଶୟ ସ୍ଥାନକୁ ଆସିବା ଦ୍ୱାରା କିମ୍ବା ସ୍ଥଳ ବିଶେଷରେ ଅନ୍ୟାନ୍ୟ ଦେଶ ବା ରାଜ୍ୟର ସଂକ୍ରମିତ ପକ୍ଷୀ ବା କୁକୁଡ଼ା ଆସିବା ଦ୍ୱାରା ବାର୍ଡ-ଫ୍ଲୁ ରୋଗର ଆଶଙ୍କା ଦେଖାଦେଇଥାଏ। ଏମାନଙ୍କ ପାଟିରୁ ନିର୍ଗତ ଲାଳ, ମଳ, ପକ୍ଷ ଓ ସଂକ୍ରମିତ ପକ୍ଷୀ ଦ୍ୱାରା ପାଣି, ମାଟି, ବାୟୁ ଏବଂ ଖାଦ୍ୟ ମାଧ୍ୟମରେ ଏହି ରୋଗ ବ୍ୟାପିଥାଏ । ଯେ କୌଣସି ପରିବହନ ଯାନବାହନ ଯଥା- ଉଡ଼ାଜାହାଜ, ବୁଡ଼ାଜାହାଜ, ଟ୍ରକ, ସରଞ୍ଜାମ, ମନୁଷ୍ୟ ମାଧ୍ୟମରେ ଏହି ରୋଗ ବ୍ୟାପିବାର ଆଶଙ୍କା ଥାଏ । ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟଜାତ ଦ୍ରବ୍ୟ ମାଧ୍ୟମରେ ମଧ୍ୟ ଏହି ରୋଗର ଭୂତାଣୁ ବ୍ୟାପିବାର ଆଶଙ୍କା ଦେଖାଦିଏ ।

"ବାର୍ଡ-ଫ୍ଲୁ ରୋଗ କୁକୁଡ଼ାଙ୍କଠାରେ ଦେଖାଯିବା ମାତ୍ରେ କୁକୁଡ଼ା ଅତ୍ୟଧିକ ଦୁର୍ବଳ ଦେଖାଯିବା ସହିତ ସେମାନଙ୍କ ପରଗୁଡ଼ିକ ଅସଜଡ଼ା ପରି ଦେଖାଯାଏ । ହଠାତ୍ ଅଣ୍ଡା ଦେବା ବନ୍ଦ କରି ଦିଅନ୍ତି । ପତଳା ପାଣି ପରି ଝାଡ଼ା ହୁଏ। ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ ବା ମୁକୁଟ, ୱାଟଲ ଏବଂ ଆଖି ଚତୁଃପାର୍ଶ୍ୱ ଫୁଲିଯାଏ । ଆକ୍ରାନ୍ତ କୁକୁଡ଼ାର ଅଣ୍ଡା ଖୋଳପା ନ ଥାଇ ଲତଲତିଆ ଅଣ୍ଡା ଦେଇଥାଏ । କୁକୁଡ଼ାଙ୍କ ଅଗ୍ରଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟିବା ପରି ଜଣାପଡ଼େ । କୁକୁଡ଼ାଙ୍କ ମୁହଁ ବା ମୁଣ୍ଡ ଫୁଲିଯାଏ। ଏହି ରୋଗ ଆରମ୍ଭର ୪୮ ଘଣ୍ଟା ମଧ୍ୟରେ କୁକୁଡ଼ା ମୃତ୍ୟୁବରଣ କରନ୍ତି ।"



**ରୋଗର ସଂକ୍ରମଣ ସମୟ:** ଏହି ରୋଗର ଭୂତାଣୁ କୁକୁଡ଼ାଠାରେ ପ୍ରବେଶ କରିବା ପରଠାରୁ ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ୩ ରୁ ୭ ଦିନ ସମୟ ନେଇଥାଏ। ଏହା କୁକୁଡ଼ାର ବୟସ ତଥା ଜାତି ଅନୁସାରେ ଅବଶ୍ୟ ଫରକ୍ ହୋଇଥାଏ।

**ଲକ୍ଷଣ:** ଏହି ରୋଗ କୁକୁଡ଼ାଙ୍କଠାରେ ଦେଖାଯିବା ମାତ୍ରେ କୁକୁଡ଼ା ଅତ୍ୟଧିକ ଦୁର୍ବଳ ଦେଖାଯିବା ସହିତ ସେମାନଙ୍କ ପରଗୁଡ଼ିକ ଅସଜଡ଼ା ପରି ଦେଖାଯାଏ । ହଠାତ୍ ଅଣ୍ଡା ଦେବା ବନ୍ଦ କରି ଦିଅନ୍ତି । ପତଳା ପାଣି ପରି ଝାଡ଼ା ହୁଏ। ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ ବା ମୁକୁଟ, ୱାଟଲ ଏବଂ ଆଖି ଚତୁଃପାର୍ଶ୍ୱ ଫୁଲିଯାଏ। ଆକ୍ରାନ୍ତ କୁକୁଡ଼ାର ଅଣ୍ଡା ଖୋଳପା ନ ଥାଇ ଲତଲତିଆ ଅଣ୍ଡା ଦେଇଥାଏ । କୁକୁଡ଼ାଙ୍କ ଅଗ୍ରଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟିବା ପରି ଜଣାପଡ଼େ । କୁକୁଡ଼ାଙ୍କ ମୁହଁ ବା ମୁଣ୍ଡ ଫୁଲିଯାଏ। ଏହି ରୋଗ ଆରମ୍ଭର ୪୮ ଘଣ୍ଟା ମଧ୍ୟରେ କୁକୁଡ଼ା ମୃତ୍ୟୁବରଣ କରନ୍ତି । ଏହି ରୋଗରେ କୁକୁଡ଼ାଙ୍କ ସର୍ବାଧିକ ମୃତ୍ୟୁହାର ଶତକଡ଼ା ୧୦୦ଭାଗ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ଏହି ରୋଗ କୁକୁଡ଼ା ବା ପକ୍ଷୀ ମାଧ୍ୟମରେ ହିଁ ମନୁଷ୍ୟକୁ ବ୍ୟାପିଥାଏ । ମନୁଷ୍ୟଙ୍କଠାରେ ଏହି ରୋଗ ଦେଖାଦେଲେ ଜ୍ୱର, କାଶ, ତଣ୍ଟିଦରଜ, ଘୋଳାବିନ୍ଧା, ଆଖି ସଂକ୍ରମଣ, ନିମୋନିଆ ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇବା ସହିତ ଶ୍ୱାସନଳୀଜନିତ ଲକ୍ଷଣ ପ୍ରକାଶ ପାଇଥାଏ ।

**ରୋଗର ଆକ୍ରାନ୍ତ ହାର ଓ ମୃତ୍ୟୁହାର:** କୁକୁଡ଼ାଙ୍କଠାରେ ଏହି ରୋଗର ପ୍ରଥମ ଲକ୍ଷଣ ପ୍ରକାଶ ପାଇବାର ୨ ରୁ ୧୨ ଦିନ ମଧ୍ୟରେ ଏହି ରୋଗର ଆକ୍ରାନ୍ତ ଓ ମୃତ୍ୟୁହାର ଶତକଡ଼ା ୧୦୦ଭାଗ ଅଟେ ।

**ଚିହ୍ନଟ ପ୍ରଣାଳୀ :** ଉପରୋକ୍ତ ଲକ୍ଷଣ ଅନୁଯାୟୀ ଏହି ରୋଗକୁ ଚିହ୍ନଟ କରାଯାଇଥାଏ। ୧୧ ଦିନିଆ ଏମ୍ବ୍ରିଓଯୁକ୍ତ ଅଣ୍ଡାର ସଂସ୍ପର୍ଶରେ ଆସିଲେ ଅଣ୍ଡାସ୍ଥିତ ଛୁଆ ୪୮ ରୁ ୭୨ ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରନ୍ତି। ଏହାକୁ ଚିହ୍ନଟ କରିବା ଲାଗି ଏଚ୍.ଏ, ଏଚ୍.ଆଇ., ଏ.ଜି.ପି.ଟି, ସି.ଏଫ୍.ଟି., ଏଲିଶା ଇତ୍ୟାଦି ପରୀକ୍ଷା ପାଇଁ କୁକୁଡ଼ାଙ୍କ ରକ୍ତ ବା ସିରମ୍ ସଂଗ୍ରହ କରିବାକୁ ପଡ଼ିଥାଏ ।

**ନମୁନା ସଂଗ୍ରହ :** ଜୀବନ୍ତ ତଥା ଆକ୍ରାନ୍ତ କୁକୁଡ଼ାର ନାକ, ମଳଦ୍ୱାର ବା କ୍ଲୋଏକାଲ୍ ନିକଟରୁ ବିଶୋଧିତ ଉପାୟରେ ସ୍ୱାବ୍ ସଂଗ୍ରହ କରି ପଠାଯାଏ। ମୃତ କୁକୁଡ଼ାଙ୍କ ଫୁସଫୁସ୍, ଟ୍ରାକିଆ, ଅନ୍ତନଳୀ ପ୍ରଭୃତି ବରଫ ମାଧ୍ୟମରେ ପଠାଯାଇଥାଏ। ଏହି ନମୁନାଗୁଡ଼ିକ କେନ୍ଦ୍ରସରକାରଙ୍କ ବିଭିନ୍ନ ଆଞ୍ଚଳିକ ରୋଗ ଚିହ୍ନଟ ପରୀକ୍ଷାଗାର, ମଧ୍ୟପ୍ରଦେଶ ଭୋପାଳସ୍ଥିତ ଜାତୀୟ ନିରାପଦ ପ୍ରାଣୀରୋଗ ପରୀକ୍ଷାଗାର, ଆଇଜତନଗର, କଲିକତା ଏବଂ ମୁକ୍ତେଶ୍ୱରସ୍ଥିତ ଭାରତୀୟ ପ୍ରାଣୀ ଗବେଷଣା ପ୍ରତିଷ୍ଠାନକୁ ପଠାଇବାକୁ ପଡ଼ିଥାଏ ।

**ଚିକିତ୍ସା ପ୍ରଣାଳୀ :** ଏହି ରୋଗକୁ ସଂପୂର୍ଣ୍ଣ ପ୍ରତିହତ ବା ଚିକିତ୍ସା କରିବା ପାଇଁ ସେପରି କୌଣସି ଚିକିତ୍ସା ନାହିଁ । ମନୁଷ୍ୟଙ୍କଠାରେ ଏହି ରୋଗର ପ୍ରଭାବକୁ କମାଇବା ପାଇଁ ଆମାଣ୍ଟିଡିନ୍-ହାଇଡ୍ରୋକ୍ଲୋରାଇଡ୍ ଭଳି ଔଷଧ ବ୍ୟବହାର କରାଯାଏ ।

**ପ୍ରତିଷେଧକ ଟିକା :** ଯେହେତୁ ଏହି ରୋଗର ଭୂତାଣୁ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ଥାଏ ଏବଂ ଅବିଳମ୍ବେ ରୂପ ବଦଳାଏ, ତେଣୁ ସେଥିପାଇଁ ସଂପୂର୍ଣ୍ଣ ଫଳପ୍ରଦ ଟିକା ପ୍ରସ୍ତୁତ କରିବା ସମ୍ଭବ ନୁହେଁ । ତଥାପି କେତେକ ନିଷ୍କ୍ରିୟ ଟିକା ଏହି ରୋଗର ପ୍ରାଦୁର୍ଭାବକୁ ଦମନ କରିବାରେ ସହାୟକ ହୋଇଥାଏ ।

**ଜାଣି ରଖନ୍ତୁ :** ଆମ ରାଜ୍ୟର ଲୋକମାନେ କୁକୁଡ଼ା ମାଂସ ସିଝାଇ ଖାଇବାର ଅଭ୍ୟାସ ଯୋଗୁ ଆମ ପଦ୍ଧତିରେ ରନ୍ଧା ଯାଉଥିବା ଖାଦ୍ୟ ଦ୍ରବ୍ୟରେ ଭୂତାଣୁ ରହିବାର କୌଣସି ସମ୍ଭାବନା ନ ଥାଏ । ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ ଭୟର କାରଣ ନାହିଁ। କିନ୍ତୁ କୁକୁଡ଼ା କାଟୁଥିବା ଲୋକ ସତର୍କତା ଅବଲମ୍ବନ କରିବା ଉଚିତ ।

**ରୋଗ ନିୟନ୍ତ୍ରଣ ଓ ସାବଧାନତା:** କୁକୁଡ଼ାମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ଘରେ ରଖିବା, କୁକୁଡ଼ାଙ୍କୁ ସୁଷମ ତଟକା ଖାଦ୍ୟ ପ୍ରଦାନ, ବାହ୍ୟ ଜୀବ ବା ପକ୍ଷୀ ଯାନବାହନ ବା ମନୁଷ୍ୟ ଫାର୍ମ ମଧ୍ୟକୁ ଅବାଧ ପ୍ରବେଶ ନିଷେଧ। ପରିଷ୍କାର ପାନୀୟ ଜଳଯୋଗାଣ, ଠିକ୍ ସମୟରେ ପ୍ରତିଷେଧକ ଟିକା ପ୍ରଦାନ, ମୃତ ପକ୍ଷୀକୁ ବାହାରେ ନ ଫିଙ୍ଗି ପୋଡ଼ିଦେବା ବା ଗଭୀର ଗର୍ତ୍ତକରି ପୋତିଦେବା ଇତ୍ୟାଦି ଭଳି ପଦକ୍ଷେପ ଗ୍ରହଣ କଲେ ଏହି ରୋଗର ସମ୍ଭାବନାକୁ ସହଜରେ ଏଡାଇ ଦିଆଯାଇ ପାରିବ ।

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ), ପ୍ଲଟ ନଂ-୨୭୬, ଲକ୍ଷ୍ମୀପ୍ରିୟା ଭବନ, ମହାନଦୀ ବିହାର, କଟକ, ମୋ : ୯୪୩୭୬୦୭୩୧୨

# ବୁଣାଧାନର ଯତ୍ନ

ଡିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗ କରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ, ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁପି (୩ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ।



## ଆଖୁରେ ଅଗବିନ୍ଧା ପୋକ ଲାଗିଲେ

କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହାଛଡ଼ା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ। କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବା ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ରିପିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟକରନ୍ତୁ। ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% + ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟକରିଦିଅନ୍ତୁ ।

## ଆତ୍ମନିର୍ଭରଶୀଳ କରାଇଛି ଧଳା ଘୁଷୁରି ପାଳନ

ସଫଳ କୃଷିଜୀବୀ



ଈଶ୍ୱର ଦାସ

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ମାକିଡ଼ିଆ ପଞ୍ଚାୟତର କୁଆଁରପୁର ଗାଁର ଈଶ୍ୱର ଚନ୍ଦ୍ର ଦାସ ପ୍ରଗାଢ଼ ନିଷ୍ଠା ଏବଂ ଉଦ୍ୟମ ବଳରେ ସ୍ଥାନୀୟ ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପାଠ ପଢ଼ିବା ପରେ ଚାକିରି ନ କରି ନିଜେ ଆତ୍ମନିର୍ଭରଶୀଳ ହେବାକୁ ପ୍ରୟାସ ଆରମ୍ଭ କରିଥିଲେ। ଶେଷରେ ନିଜର ଲକ୍ଷ୍ୟ ପଥରେ ସଫଳତାର ସହ ଅଗ୍ରସର ହେବାରେ ସକ୍ଷମ ହୋଇଛନ୍ତି। କାଙ୍ଗାଳି ଚରଣ ଦାସଙ୍କ ପଞ୍ଚମ ପୁତ୍ର ଈଶ୍ୱର ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲକରିବା ପରେ ହାଇଦ୍ରାବାଦସ୍ଥିତ ଏକ କୀଟନାଶକ ପ୍ରସ୍ତୁତକାରୀ କମ୍ପାନୀରେ ଚାକିରି କରିଥିଲେ । କିନ୍ତୁ ଦୀର୍ଘ ୧୪ବର୍ଷ ଚାକିରି ପରେ ସେଥିରୁ ଆଶାନୁରୂପ ରୋଜଗାର ନ ହେବାରୁ ସେ ନିଜ ଗାଁକୁ ଫେରିଆସିଥିଲେ। ନିଜ ଯୋଜନା ବିଷୟରେ ସେ କହନ୍ତି, "ଚାକିରି ଛାଡ଼ିବା ପରେ ଗାଁକୁ ଆସିଲି ଆଉ ସେହି ସମୟରେ ମୋତେ ମୋ ବାପା ଏବଂ ୪ ଭାଇ ସହଯୋଗର ହାତ ବଢ଼ାଇଲେ। ସେହି ସମୟରେ ଏକ ସୀମିତ ସମ୍ବଳକୁ ନେଇ ମୁଁ ସ୍ଥାନୀୟ ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ଼ ପଞ୍ଚାୟତର ନୂଆଗାଁ ଠାରେ କିଛି ଜମି କିଣି କୁକୁଡ଼ା, ବତକ ଓ ଛେଳି ଚାଷ ଆରମ୍ଭକଲି। କିନ୍ତୁ ଛେଳି ଚାଷରେ କ୍ଷତିହେବାରୁ ଧଳା ଘୁଷୁରି ଚାଷ ଆରମ୍ଭ କରିଥିଲି । ମାତ୍ର ୫୦ଟି ଘୁଷୁରିରୁ ଆରମ୍ଭ କରିଥିବା ବେଳେ ଏବେ ସଂଖ୍ୟା ୨୦୦୦ରେ ପହଞ୍ଚିଛି । ଧଳା ଘୁଷୁରି ମାଂସ ସ୍ଥାନୀୟ ଅଞ୍ଚଳ ବ୍ୟତୀତ ଆସାମକୁ ମଧ୍ୟ ପଠାଯାଉଛି। ଏହି ଚାଷରୁ ଆଶାନୁରୂପ ଲାଭ ମିଳିବା ପରେ ଏବେ ଛେଳି, ମେଣ୍ଢା ଚାଷ ମଧ୍ୟ କରୁଛି। ବିଶେଷଭାବରେ ଧଳା ଘୁଷୁରି ଚାଷ ମୋତେ ଆତ୍ମନିର୍ଭରଶୀଳ ହେବାର ବାଟ ଦେଖାଇଛି।" ଏହି ସବୁ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇବା ପାଇଁ ସେ ପ୍ରାୟ ସାଢ଼େ ୬ ଏକର ଜମିରେ ମକା, ବୁଟ, ଚିନିବାଦାମ ଚାଷ କରିଛନ୍ତି। ସେଗୁଡ଼ିକୁ ମେଶିନରେ ଗୁଣ୍ଡକରି ପ୍ରାଣୀମାନଙ୍କୁ ଦେଇଥାଆନ୍ତି। ଏହାବ୍ୟତୀତ ବର୍ଷାଦିନ ଲାଗି ଏକ ବଡ଼ ହଲ୍‌ରେ ବୈଜ୍ଞାନିକ ପଦ୍ଧତିରେ ଘାସ ସାଇତି ରଖିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା-ଏ ସବୁରେ ସେ କେବଳ ଆତ୍ମନିର୍ଭରଶୀଳ ହୋଇନାହାନ୍ତି, ତାଙ୍କର ଏହି ଫାର୍ମ ହାଉସରେ ପାଖାପାଖି ୨ଜଣ ଲୋକ କାମକରି କିଛି ରୋଜଗାର ମଧ୍ୟ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଋଣ ପାଇଛନ୍ତି ବୋଲି କହନ୍ତି ଏହି ସଫଳ କୃଷିଜୀବୀ। ଅନ୍ୟପକ୍ଷରେ ଏବେ ସେହି ନୂଆଗାଁଠାରେ ବର୍ଷକୁ ୩୦ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉତ୍ପାଦନ ପାଇଁ ଏକ ରାଇସ୍ ମିଲ୍ ପ୍ରତିଷ୍ଠା କରିବାକୁ ଯାଉଛନ୍ତି । ବ୍ୟାଙ୍କ ଋଣରେ ପ୍ରାୟ ୬୦ଭାଗ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆସନ୍ତା ଧାନ ଅମଳ ସମୟକୁ ରାଇସ୍ ମିଲ୍‌ଟି କାର୍ଯ୍ୟକ୍ଷମ ହେବ ବୋଲି ଆଶା ରଖଛନ୍ତି ଈଶ୍ୱର।

-ରବିନାରାୟଣ ପାତ୍ର

## ପନିପରିବା ଚାଷ

ଉଚ୍ଚ, ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଟେକିଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ଘାସ ବାଛି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳବଦଳକରି ୧୫ ଦିନ ବ୍ୟବଧାନରେ ୨-୩ ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (ପ୍ରତି ଲିଟର ପାଣିରେ ୧ ମି.ଲି.) ସହ କପର ଅକ୍ସିକ୍ଲୋରାଇଡ୍ (୧ ଲିଟର ପାଣିରେ ୨ ଗ୍ରାମ୍) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ। ତଳିଘେରାରେ ଚାରାକୁ ବର୍ଷା ଦାଉରୁ ରକ୍ଷାକରିବା ପାଇଁ ପଲିଥିନ୍ ଘୋଡ଼ାଇ ରଖନ୍ତୁ। ଉଚ୍ଚ ତଳିଘେରା ପ୍ରସ୍ତୁତକରି ଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ।



ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୮/୨୦୨୪ Bhubaneswar, Wednesday, August 28/ 2024

# ଜୋକୋଭିଚ୍, ସାବାଲେଙ୍କା ଦ୍ୱିତୀୟ ରାଉଣ୍ଡରେ

**ନ୍ୟୁୟର୍କ,୨୭।୮(ପି.ଟି.)**

ଚଳିତ ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ସୋମବାରଠାରୁ ଆରମ୍ଭ ହୋଇଛି। ଏକାଧିକ ସିଡେଡ୍ ଖେଳାଳି ତଥା ନିକଟରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୋଭାକ ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ୨୦୨୦ ବର୍ଷର ଚାମ୍ପିୟନ ଡୋମିନିକ୍ ଥିମ୍ ଅପ୍ରତ୍ୟାଶିତ ଭାବରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ମହିଳା ଖେଳାଳିଙ୍କ ମଧ୍ୟରେ ଆରିନା ସାବାଲେଙ୍କା, କ୍ଲାରା ବୁରେଲ୍, ହାରିୟର ଡାର୍ଟ, ଏମ୍ମା ନାଭାରୋ ଓ ଭିକ୍ଟୋରିଆ ଆଜାରେଙ୍କା ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି।

## ୟୁଏସ୍ ଓପନ୍

ସେହିପରି ପୁରୁଷ ବର୍ଗରେ ଜେରୀ ଲେହେକା, ଲରେଞ୍ଜୋ ମୁସେଟ୍ଟି, ଗେଲ୍ ମନଫିଲ୍ସ ଓ ଗ୍ରିଗୋର ଦିମିତ୍ରୋଭ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପ୍ରଥମ ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଥିବା ସର୍ବିଆର ନୋଭାକ୍ ଜୋକୋଭିଚ୍ ଚମତ୍କାର ପ୍ରଦର୍ଶନ କରି ମୋଲଡୋଭାର ରାଡୁ ଆଲବଟଙ୍କୁ ସିଧାସଳଖ ୬-୨, ୬-୨ ଓ ୬-୪ ସେଟରେ ପରାସ୍ତ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ନିଜ ଦେଶର ଲାସଲୋ ଜେରଙ୍କୁ ଭେଟିବେ। ଲାସଲୋ ୫ ସେଟର କଡା ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ଜର୍ମାନୀର ଜାନ ଲନାର୍ଡ ଷ୍ଟ୍ରଫ୍‌ଙ୍କୁ ୬-୭(୭/୯), ୬-୧, ୬-୭(୭/୯), ୬-୪ ଓ ୬-୨ ସେଟରେ ହରାଇଛନ୍ତି। ଫ୍ରାନ୍ସର ଆର୍ଥର କାଜାଉକ୍ସ ୬-୧, ୬-୩ ଓ ୬-୩ ସେଟରେ ସ୍ପେନର ପାବଲୋ କାରେନୋ ବାଟିଷ୍ଟାଙ୍କୁ ପରାସ୍ତ କରିଥିଲେ।



ଶଟ୍ ଖେଳିବା ଅବସରରେ ଆମେରିକାର ଇଭା ଜୋଭିକ୍।

ଅନ୍ୟମାନଙ୍କ ମଧ୍ୟରେ ଆମେରିକାର ଫ୍ରାନ୍ସିସ ଟିଆଫୋ ୬-୪, ୬-୩, ୪-୬ ଓ ୫-୭ ସେଟରେ ଆଲେକଜାଣ୍ଡାର କୋଭାସେଭିକଙ୍କୁ, ସେବାଷ୍ଟିଆନ୍ ବେଜ ୬-୪, ୬-୭(୩/୭), ୬-୦, ୭-୬(୭/୪) ସେଟରେ ଲୁସିଆନୋ ଡାର୍ଡେଇଙ୍କୁ, ଅଣସିଡେଡ୍ ବ୍ରାଣ୍ଡନ ନାକାଶିମା ୬-୨, ୬-୧ ଓ ୬-୪ ସେଟରେ ବିଶ୍ୱ ମାନ୍ୟତାର ୧୫ ନମ୍ବର ଖେଳାଳି ହୋଲଗାର ରୁନଙ୍କୁ, ରିଙ୍କି ହିଜିକାଟା ୭-୬(୭/୧), ୩-୬, ୬-୪ ଓ ୬-୩ ସେଟରେ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କୁ, ଆର୍ଥର ରିଣ୍ଡେରକ୍ନେଚ୍ ୪-୬, ୬-୪, ୬-୩, ୩-୬ ଓ ୬-୭(୮/୧୦) ସେଟରେ କ୍ରିଷ୍ଟୋଫର ୟୁବ୍ୟାଙ୍କ୍ସଙ୍କୁ, ଗ୍ରିଗୋର ଦିମିତ୍ରୋଭ ୬-୩, ୬-୪ ଓ ୬-୨ ସେଟରେ କିରିଆନ୍ ଜାକ୍ୱେଟଙ୍କୁ, ଲରେଞ୍ଜୋ ମୁସେଟ୍ଟୀ ୭-୬(୭/୩), ୧-୬, ୬-୧ ଓ ୭-୫ ସେଟରେ ରାଇଲି ଓପେକାଙ୍କୁ, ଗେଲ୍ ମନଫିଲ୍ସ ୭-୬(୭/୨), ୬-୨, ୬-୨ ଓ ୬-୧ ସେଟରେ ଡିଏଗୋ ସ୍ୱାର୍ଜମାନଙ୍କୁ ପରାସ୍ତ କରିଛନ୍ତି।

ମହିଳା ସିଙ୍ଗଲ୍ସ ବର୍ଗରେ ବିଶ୍ୱ ମାନ୍ୟତାର ୨ ନମ୍ବର ଖେଳାଳି ଆରିନା ସାବାଲେଙ୍କା ସିଧାସଳଖ ସେଟରେ ଆମେରିକାର ପ୍ରିସିଲିଆ ହନ୍‌ଙ୍କୁ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ଲାରା ବୁରେଲ ୦-୬, ୭-୫, ୭-୫ ସେଟରେ ଆମେରିକାର ସ୍ଲୋନ୍ ଷ୍ଟିଫେନ୍ସଙ୍କୁ, ହାରିୟର ଡାର୍ଟ ୬-୧ ଓ ୬-୨ ସେଟରେ କ୍ଲୋଏ ପାକ୍ୱେଟଙ୍କୁ, ଭିକ୍ଟୋରିଆ ଆଜାରେଙ୍କା ୩-୬,୬-୧, ୬-୧ସେଟରେ ୟୁଲିଆ ଷ୍ଟାଓଡୁସାସା, ଏମ୍ମା ନାଭାରୋ ୬-୧, ୬-୧ ସେଟରେ ଆନ୍ନା ବ୍ଲିଙ୍କୋଭାଙ୍କୁ ପରାସ୍ତ କରିଥିଲେ।

### ସର୍ବକନିଷ୍ଠ ଆମେରିକୀୟ ଇଭା

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମରେ ବିଜୟୀ ହେବା ସହ ସର୍ବକନିଷ୍ଠ ଆମେରିକୀୟ ଖେଳାଳି ହେବାର ରେକର୍ଡ ନିଜ ନାମରେ କରିଛନ୍ତି ଇଭା ଜୋଭିକ୍। ପଦାର୍ପଣରେ ବିଜୟ ହାସଲ କରଇଟିବା ଇଭା କାଲିଫର୍ନିଆରେ ଜନ୍ମିତ। ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୪୨ ନମ୍ବର ସ୍ଥାନରେ ଥିବା ପୋଲାଣ୍ଡର ମାଗଡା ଲିନେଟଙ୍କୁ ୬-୪, ୬-୩ ସେଟରେ ପରାସ୍ତ କରିଥିଲେ ଜୋଭିକ୍। ଏକଦା ଟପ୍-୨୦ ର୍‍ୟାଙ୍କିଙ୍ଗ ମଧ୍ୟରେ ଥିବା ତଥା ୨୦୨୩ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲିଷ୍ଟ ମାଗଡା ଲିନେଟଙ୍କ ହରାଇବା ବେଶ ସନ୍ତୋଷ ଜନକ ଥିଲା ବୋଲି ଜୋଭିକ୍ କହିଛନ୍ତି। ସର୍ବକନିଷ୍ଠ ଆମେରିକୀୟ ଭାବରେ ୪ ବର୍ଷ ତଳେ କାଟ୍ରିନା ସ୍କଟ ୟୁଏସ୍ ଓପନରେ ୪ ବର୍ଷ ତଳେ ଅଂଶଗ୍ରହଣ କରିଥିଲେ। ସେହିପରି ଗତ ବର୍ଷ ରୁଷିଆର ମୀରା ଆଣ୍ଡ୍ରିଭା ମଧ୍ୟ ୧୬ ବର୍ଷ ବୟସରେ ବିଜୟ ହାସଲ କରିଥିଲେ।

### ବିଦାହେଲେ ନାଗାଲ

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ଭାରତର ସୁମିତ୍ ନାଗାଲ। ନେଦରଲାଣ୍ଡ୍ସ ଟେଲୋନ ଗ୍ରିକସୋପରଙ୍କ ଠାରୁ ୬-୧, ୬-୩ ଓ ୭-୬(୮/୬)ର ସିଧାସଳଖ ସେଟରେ ପରାଜିତ ହୋଇଥିଲେ ନାଗାଲ। ଏହା ସହିତ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ଅନ୍ୟ ପକ୍ଷରେ ରୋହନ ବୋପାନ୍ନା ପୁରୁଷ ଡବଲ୍ସରେ ମାଥ୍ୟୁ ଇବିଡେନଙ୍କୁ ସାଥୀ କରି ଖେଳିବାକୁ ଯାଉଛନ୍ତି।

## ଡୁରାଣ୍ଡ କପ୍: ଫାଇନାଲରେ ନର୍ଥଇଷ୍ଟ-ମୋହନବାଗାନ

**କୋଲକାତର, ୨୭।୮ (ପି.ଟି.):** ଏସିଆର ସର୍ବପୁରାତନ ଫୁଟବଲ ଟୁର୍ନାମେଣ୍ଟ ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଛନ୍ତି ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ଓ ମୋହବାଗାନ। ମଙ୍ଗଳବାର ମୋହନ ବାଗାନ ୪-୩ ପେନାଲ୍ଟି ଶୁଟଆଉଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିବା ପରେ ମୋହନବାଗାନ ପେନାଲ୍ଟିରେ ବିଜୟୀ ହୋଇଥିଲା। ଏହା ସହ ରେକର୍ଡ ୩୦ତମ ଥର ପାଇଁ ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଛି ମୋହନବାଗାନ। ଉଭୟ ଦଳ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଗୋଲକିପର ବିଶାଲ କେଥ ଦୁଇଟି ପେନାଲ୍ଟି ଶୁଟ୍ ଆଉଟ ଶେଭ୍ କରିଥିଲେ। ମୋହନବାଗାନ ପକ୍ଷରୁ ଜାସନ୍ କମିଙ୍ଗ୍ସ, ମାନବୀର ସିଂ, ଲିଷ୍ଟନ କୋଲାକୋ ଓ ଦିମିତ୍ରି ପେଟ୍ରାଟୋସ ପେନାଲ୍ଟିରେ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ବେଙ୍ଗାଲୁ ପକ୍ଷରୁ ଏଡଗାର ମେଣ୍ଡେଜ, ରାହୁଲ ଭେକେ ଓ ପେଡ୍ରୋ କାପୋ ସ୍କୋର କରିଥିଲେ।

ଆରଜି କର ମେଡିକାଲ କଲେଜ ବଳାତ୍କାର ଓ ହତ୍ୟା ମାମଲା ପାଇଁ ଆନ୍ଦୋଳନ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ବେଙ୍ଗାଲୁରୁ ପକ୍ଷରୁ ସୁନୀଲ ଛେତ୍ରୀ(୪୨) ଓ ଭିନିତ ଭେଙ୍କଟେଶ(୫୦) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମୋହନବାଗାନ ପକ୍ଷରୁ ଦିମିତ୍ରି ପେଟ୍ରାଟୋସ(୬୮) ଓ ଅନିରୁଦ୍ଧ ଥାପା(୮୪) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷରେ ମୋହନବାଗାନ ସମର୍ଥକ ମାନେ ଆମ ଭଉଣୀକୁ ନ୍ୟାୟ ମିଳୁ ବୋଲି ସ୍ଲୋଗାନ ସହ ବିଜୟ ପରେଡ କରିଥିଲେ।

## ଉଦ୍‌ଘାଟନୀରେ ଭାଗନେବେ ୧୦୦ରୁ ଊର୍ଦ୍ଧ୍ୱ ଭାରତୀୟ

**ପ୍ୟାରିସ୍, ୨୭।୮ (ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସ ବୁଧବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତାର ୧୨ଟି କ୍ରୀଡ଼ାରେ ୮୪ ଜଣ ଭାରତୀୟ ପ୍ରତିଯୋଗୀ ଭାଗନେବେ। ଏହାର ଉଦ୍‌ଘାଟନୀ ସମାରୋହରେ ୫୨ ଆଥଲେଟ୍‌ଙ୍କୁ ମିଶାଇ ୧୦୦ରୁ ଊର୍ଦ୍ଧ୍ୱ ଭାରତୀୟ ପ୍ରତିନିଧି ଦଳ ଅଂଶଗ୍ରହଣ କରିବ। ଶଟ୍‌ପୁଟ ତାରକା ଭାଗ୍ୟଶ୍ରୀ ଯାଦବ ଓ ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ ତ୍ରୀରଙ୍ଗାଧାରୀ ହେବେ। ଗେମ୍ସ ଇତିହାସରେ ପ୍ରଥମଥରପାଇଁ ଉଦ୍‌ଘାଟନୀ ସମାରୋହ ଷ୍ଟାଡିୟମ ବାହାରେ ଅନୁଷ୍ଠିତ ହେବ। ପ୍ୟାରିସର କେନ୍ଦ୍ରସ୍ଥଳ ଚାମ୍ପ-ଇଲିସେସ ଓ ପ୍ଲେସ୍ ଡି ଲା କନ୍‌କର୍ଡରେ ଏହି ଉତ୍ସବ ଅନୁଷ୍ଠିତ ହେବ।

୧୦ ସଦସ୍ୟ ବିଶିଷ୍ଟ ଶୁଟିଂ ଦଳକୁ ମିଶାଇ ଗୁରୁବାର ଯେଉଁ ପ୍ରତିଯୋଗୀଙ୍କର ଇଭେଣ୍ଟ ଅଛି ସେମାନେ ପରେଡ ଅଫ୍ ନେସନ୍ସରେ ଅଂଶଗ୍ରହଣ କରିବେ ନାହିଁ। "ଅଗଷ୍ଟ ୨୯ରେ ଯେଉଁମାନଙ୍କର ଇଭେଣ୍ଟ ଅଛି ସେମାନେ ଉଦ୍‌ଘାଟନୀ ସମାରୋହରେ ଭାଗନେଲେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅସୁବିଧାର ସମ୍ମୁଖୀନ ହେବେ। ଶୁଟିଂ ଦଳ ମଧ୍ୟ ପରେଡ ଅଫ୍ ନେସନ୍ସରେ ଅଂଶଗ୍ରହଣ କରିବ ନାହିଁ" ବୋଲି ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ ସଭାପତି ଦେବେନ୍ଦ୍ର ଝାଝାରିଆ ପ୍ରକାଶ କରିଛନ୍ତି। ଟୋକିଓ ଗୋଲ୍ଡ ଡିଫେଣ୍ଡ କରିବାକୁ ପ୍ୟାରିସରେ ପହଞ୍ଚିଥିବା ଅଭନି ଲେଖାରାଙ୍କ ସମେତ ଶୁଟିଂ ଟିମ୍ ଚାଟେରକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଯାହାକି ପ୍ୟାରିସଠାରୁ ୨୦୦ କିଲୋମିଟର ଦୂର। କାରଣ ଅଲିମ୍ପିକ୍ସର ଶୁଟିଂ ରେଞ୍ଜ ଚଟେରକ୍ସରେ ଅବସ୍ଥିତ। ତେଣୁ ୫୨ ଆଥଲେଟ୍ ଓ ୫୪ ଅଫିସିଆଲଙ୍କୁ ମିଶାଇ ମୋଟ ୧୦୬ ଭାରତୀୟ ପ୍ରତିନିଧି ଦଳ ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣ କରିବେ। ପ୍ରକାଶ ଯୋଗ୍ୟ ଯେ, ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ମଧ୍ୟ ପ୍ରଥମଥରପାଇଁ ଷ୍ଟାଡିୟମ ବାହାରେ ସିନ୍ ନଦୀରେ ଅନୁଷ୍ଠିତ ହୋଇଥିଲା।

## କିଶୋର, ଲାଜରୁସ୍ ପାଇବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର, ୨୭।୮ (ତପନ ସ୍ୱାଇଁ)**



କିଶୋର ଜେନା



ଲାଜରୁସ ବାର୍ଲା

ଓଡ଼ିଶାର ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନା ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। 'ଆଥଲେଟ୍ ଅଫ୍ ଦି ଇୟର' ବର୍ଗରେ ସେ ଏହି ପୁରସ୍କାର ପାଇବେ। ସେହିପରି ହକି ଅଲିମ୍ପିଆନ ଲାଜରୁସ ବାର୍ଲାଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯିବ। କ୍ରୀଡ଼ାକୁ ଆଜୀବନ ସେବା ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁସାରେ ନିକଟରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଅମିତ ରୋହିଦାସଙ୍କ କୋଚ୍ ବିଜୟ ଲାକ୍ରା ଶ୍ରେଷ୍ଠ କୋଚ୍ ବିଭାଗରେ ପୁରସ୍କାର ଲାଭ କରିବେ। ରାଉରକେଲାରେ କାର୍ଯ୍ୟରତ ଲାକ୍ରାଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିବା ଅମିତ ଇତିମଧ୍ୟରେ ୨ଥର ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ହାସଲ କରି ଦେଶ ଓ ରାଜ୍ୟକୁ ଗର୍ବିତ କରିଛନ୍ତି। ବାପି ହାଁସଦା ଶ୍ରେଷ୍ଠ ଆଥଲେଟ୍ (ଜୁନିୟର), ଜାଫର ଇକବାଲ (ପାରା ଆଥଲେଟ୍) ବର୍ଗରେ ପୁରସ୍କୃତ ହେବେ। ସେହିପରି ଶ୍ରେଷ୍ଠ କୋଚ୍ (ଟେକ୍ନିକାଲ) ପୁରସ୍କାର ପାଇବେ ରୂପାନ୍ୱିତା ପଣ୍ଡା। ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଇମର୍ଜିଂ ପ୍ଲେୟର ପୁରସ୍କାର ଲାଭ କରିବେ। ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ପୁରସ୍କାର ପାଇବେ ସୁକେଶ ବେହେରା। ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ନାଲ୍‌କୋକୁ ପୁରସ୍କୃତ କରାଯିବ। ପ୍ରକାଶଯୋଗ୍ୟ ଯେ, ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପାଇଁ ଫଳକ ଓ ମାନପତ୍ର ସହ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୨ ଲକ୍ଷ, ଶ୍ରେଷ୍ଠ କୋଚ୍, ଉଦୀୟମାନ ଆଥଲେଟ୍, ପାରା କ୍ରୀଡ଼ାବିତ୍, ଟେକ୍ନିକାଲ ଅଫିସିଆଲ, ଖବରଦାତା ଓ ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ଏବଂ ଫଳକ ଓ ମାନପତ୍ର ପ୍ରଦାନ କରାଯିବ। କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମ ଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୯ରେ ଏହି ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ।

### କେଉଁ ବର୍ଗରେ କିଏ

ଲାଜରୁସ ବାର୍ଲା: ଲାଇଫ୍ ଟାଇମ୍ ଆଚିଭମେଣ୍ଟ
କିଶୋର ଜେନା: ଶ୍ରେଷ୍ଠ ଆଥଲେଟ୍
ବିଜୟ ଲାକ୍ରା: ଶ୍ରେଷ୍ଠ କୋଚ୍
ବାପି ହାଁସଦା: ଶ୍ରେଷ୍ଠ ଆଥଲେଟ୍ (ଜୁନିୟର)
ଜାଫର ଇକ୍‌ବାଲ: ପାରା ଆଥଲେଟ୍
ରୂପାନ୍ୱିତା ପଣ୍ଡା: ଶ୍ରେଷ୍ଠ କୋଚ୍ (ଟେକ୍ନିକାଲ)
ପ୍ରୀତିସ୍ମିତା ଭୋଇ: ଇମର୍ଜିଂ ପ୍ଲେୟର
ଶ୍ରେଷ୍ଠ କ୍ରୀଡ଼ା ଖବରଦାତା: ସୁକେଶ ବେହେରା
ନାଲ୍‌କୋ: ସ୍ପୋର୍ଟ୍ସ ପ୍ରମୋଶନ

## କିଟ୍‌ରୁ ୨, ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧ ସାମିଲ

**ଭୁବନେଶ୍ୱର, ୨୭।୮ (ତପନ ସ୍ୱାଇଁ)**

### ଏସୀୟ ପ୍ରତିଯୋଗିତା ପାଇଁ ଇଣ୍ଡିଆନ ୟୁନିଭର୍ସିଟି ଆର୍ଚେରୀ ଓ ବାସ୍କେଟବଲ ଦଳ ଘୋଷିତ

ଏସିଆନ ୟୁନିଭର୍ସିଟି ଆର୍ଚେରୀ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସଂସ୍କରଣ ଚଳିତ ମାସ ୩୦ ତାରିଖରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଏବଂ ୭ମ ପୁରୁଷ ବାସ୍କେଟବଲ ଚାମ୍ପିୟନଶିପ୍ ସେପ୍ଟେମ୍ବର ୨ରୁ ୭ ପର୍ଯ୍ୟନ୍ତ ଚାଇନିଜ୍ ତାଇପେରେ ଅନୁଷ୍ଠିତ ହେବ। ଏସିଆନ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏୟୁଏସ୍ଏଫ୍) ଆନୁକୂଲ୍ୟରେ ତାଇପେରେ ଏହି ଦୁଇ ପ୍ରତିଯୋଗିତା ଖେଳାଯିବ। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ଚୟନ ଟ୍ରାଏଲ୍ ପାଇଁ ଅନୁମତି ଦିଆଯାଇଥିଲା। ଇଣ୍ଡିଆନ ୟୁନିଭର୍ସିଟି ଆର୍ଚେରୀ (ମହିଳା ଓ ପୁରୁଷ) ଏବଂ ବାସ୍କେଟବଲ୍ (ପୁରୁଷ) ପାଇଁ ମନୋନୀତ ଖେଳାଳିଙ୍କୁ ନେଇ କୋଚିଂ କ୍ୟାମ୍ପ ଗତ ୧୮ ତାରିଖରୁ ଆରମ୍ଭ ହୋଇଛି। ଏହା ୨୯ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ବାସ୍କେଟବଲ ଦଳରେ ଓଡ଼ିଶାର ୩ ଜଣ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ କିଟ୍ ବିଶ୍ୱବିଦ୍ୟାଳୟର ନିପୁର ଅସୱାଲ ଓ ୟୁସୁଫ ମାସ୍ୱି ୱାମ୍ବୁରା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅଭିଷେକ ପଣ୍ଡା। ପ୍ରଥମଥର ପାଇଁ ଜଣେ ବିଦେଶୀ ଖେଳାଳି ତାଞ୍ଜାନିଆର ୟୁସୁଫ ମାସ୍ୱି ୱାମ୍ବୁରା ଇଣ୍ଡିଆନ ୟୁନିଭର୍ସିଟି ଦଳରେ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। କିଟ୍‌ର ମୁଖ୍ୟ ବାସ୍କେଟବଲ କୋଚ୍ ଏସ.ଆର.ଏସ.ଏସ.ପି. ରାୟୁଡୁ ଭାରତୀୟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ସେହିପରି କିସ୍‌ର ମୁଖ୍ୟ ଆର୍ଚେରୀ କୋଚ୍ ରାଜେଶ ହାଁସଦା ଭାରତୀୟ ଦଳର କୋଚ୍ ହୋଇଛନ୍ତି। ଆର୍ଚେରୀ ଦଳ ମଙ୍ଗଳବାର ସନ୍ଧ୍ୟାରେ ତାଇପେ ଯାତ୍ରା କରିଛି। ବାସ୍କେଟବଲ ଦଳ ୩୦ ତାରିଖରେ ତାଇପେ ଯିବ। ପ୍ରକାଶଯୋଗ୍ୟ ଯେ, କିଟ୍ ବିଶ୍ୱବିଦ୍ୟାଳୟରେ ପୂର୍ବରୁ ଭାରତୀୟ ଆର୍ଚେରୀ, ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଭଲିବଲ, ରଗ୍‌ବୀ ଓ ଚେସ୍ ଦଳର ଚୟନ ଟ୍ରାଏଲ୍ ଅନୁଷ୍ଠିତ ହୋଇଛି। ଚୟନ ଟ୍ରାଏଲ୍ ଏବଂ କୋଚିଂ କ୍ୟାମ୍ପକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍‌ର ଯୁଗ୍ମ ସମ୍ପାଦକ (ୱାଇଏ ଆଣ୍ଡ ସ୍ପୋର୍ଟ୍ସ) ବଲ୍‌ଜିତ ସିଂ ସେଖୋଁ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଆଇୟୁକୁ ଧନ୍ୟବାଦ ଜଣାଇବା ସହ ଉଭୟ ଆର୍ଚେରୀ ଓ ବାସ୍କେଟବଲ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଇଣ୍ଡିଆନ ୟୁନିଭର୍ସିଟିଜ୍ ପୁରୁଷ ବାସ୍କେଟବଲ ଦଳ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

## ବିଗ୍‌ବାସ୍ ଖେଳିବେ ମନ୍ଧାନା




**ଆଡିଲେଡ୍,୨୭।୮(ପି.ଟି.):** ଭାରତୀୟ ମହିଳା କ୍ରିକେଟ ଦଳର ତାରକା ଓପନର ସ୍ମୃତି ମନ୍ଧାନା ଶେଷରେ ମହିଳା ବିଗ୍‌ବାସ ଟି୨୦ ଲିଗ୍ ଖେଳିବାକୁ ଯାଉଛନ୍ତି। ମଙ୍ଗଳବାର ଆଡିଲେଡ ଷ୍ଟ୍ରାଇକର୍ସ ସହିତ ମନ୍ଧାନା ଚୁକ୍ତି କରିଥିବା ଜଣାପଡିଛି। ଦୀର୍ଘ ବର୍ଷ ଧରି ମନ୍ଧାନାଙ୍କୁ ସାଇନ୍ କରିବା ପାଇଁ ପ୍ରୟାସ କରୁଥିବା ଆଡିଲେଡକ ଶେଷରେ ସଫଳତା ମିଳିଛି। ପୂର୍ବରୁ ସ୍ମୃତି ବିଗ ବାସ୍‌ରେ ବ୍ରିସ୍‌ବେନ ହିଟ୍, ସିଡ୍‌ନୀ ଥଣ୍ଡର୍ସ ଓ ହୋବାର୍ଟ ହରିକେନ୍ସ ପକ୍ଷରୁ ଖେଳି ସାରିଛନ୍ତି। ତେବେ ଭାରତର ମ୍ୟାଚ ଥିବା କାରଣରୁ ମନ୍ଧାନା ଟୁର୍ନାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟ ମିସ୍ କରି ପାରନ୍ତି। ମନ୍ଧାନାଙ୍କୁ ଦଳରେ ସାମିଲ କରାଯିବାକୁ ନେଇ ଟାଲିଆ ମ୍ୟାକ୍‌ଗ୍ରା ଓ ମେଗାନ୍ ଶୁଟ୍ ସନ୍ତୋଷ ପ୍ରକାଶ କରିଛନ୍ତି।

## ଭାରତୀୟ ଦଳର ନେତୃତ୍ୱ ନେବେ ହର୍‌ମନ୍‌ପ୍ରୀତ

**ନୂଆଦିଲ୍ଲୀ, ୨୭।୮ (ପି.ଟି.)**

### ମହିଳା ଟି୨୦ ବିଶ୍ୱକପ



ହର୍‌ମନ୍‌ପ୍ରୀତ କୌର

ମହିଳା ଟି୨୦ କ୍ରିକେଟ ବିଶ୍ୱକପ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅକ୍ଟୋବର ୩ରୁ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ହରମନପ୍ରୀତ କୌର ଅଧିନାୟିକା ମନୋନୀତ ହୋଇଛନ୍ତି। ସ୍ମୃତି ମନ୍ଧାନା ଉପ-ଅଧିନାୟିକା ଦାୟିତ୍ୱ ତୁଲାଇବେ। ଉମା ଛେତ୍ରୀଙ୍କୁ ଛାଡ଼ିଦେଲେ ଗତ ଜୁଲାଇରେ ଏସିଆ କପ୍ ଖେଳିଥିବା ସମସ୍ତ ଖେଳାଳିଙ୍କୁ ବିଶ୍ୱକପ ଦଳରେ ସାମିଲ କରାଯାଇଛି। ହରମନପ୍ରୀତଙ୍କ ନେତୃତ୍ୱରେ ଅଭିଜ୍ଞ ଦଳ ଏଥର ଆଇସିସି ଟ୍ରଫି ଜିତିବ ବୋଲି ଆଶାବ୍ୟକ୍ତ କରାଯାଇଛି। ଟୁର୍ନାମେଣ୍ଟ ପ୍ରକୃତରେ ବାଂଲାଦେଶରେ ହେବାର ଥିଲା। ମାତ୍ର ଏହି ଦକ୍ଷିଣ ଏସୀୟ ରାଷ୍ଟ୍ରରେ ଅସ୍ଥିରତା ଲାଗି ରହିଥିବାରୁ ପ୍ରତିଯୋଗିତା ୟୁଏଇକୁ ସ୍ଥାନାନ୍ତର ହୋଇଛି।

ସ୍ପିନ୍ ଅଲରାଉଣ୍ଡର ଶ୍ରେୟଙ୍କା ପାଟିଲ ଓ ଟପ୍-ଅର୍ଡର ବ୍ୟାଟର ଯାସ୍ତିକା ଭାଟିଆଙ୍କୁ ସବଜେକ୍ଟ ଟୁ ଫିଟ୍‌ନେସ ଭିତ୍ତିରେ ଦଳରେ ନିଆ ଯାଇଛି। ଏସିଆ କପ୍‌ର ପାକିସ୍ତାନ ବିପକ୍ଷ ମ୍ୟାଚରେ ଶ୍ରେୟଙ୍କାଙ୍କ ଆଙ୍ଗୁଳି ଭାଙ୍ଗିଥିବାବେଳେ ଭାଟିଆ ଆଣ୍ଠୁ ଯନ୍ତ୍ରଣାରୁ ମୁକୁଳୁଛନ୍ତି। ଗତ ମହିଳା ଏସିଆ କପ୍ ଫାଇନାଲରେ ଶ୍ରୀଲଙ୍କାଠାରୁ ଭାରତ ହାରି ଯାଇଥିଲା। ତେଣୁ ଆଇସିସି ବିଶ୍ୱକପ ଟ୍ରଫି ଜିତିବା ଆଶାରେ ହରମନପ୍ରୀତଙ୍କ ଦଳ ଚାପରେ ରହିବେ। ଭାରତୀୟ ପୁରୁଷ ଦଳ ଗତ ଜୁନ୍‌ରେ ଆଇସିସି ଟି୨୦ ବିଶ୍ୱକପ ଚାମ୍ପିୟନ ହୋଇ ଦୀର୍ଘ ୧୧ ବର୍ଷର ଟାଇଟଲ ଶୂନ୍ୟତା ପୂରଣ କରିଥିଲା। ଭାରତୀୟ ମହିଳାଙ୍କଠାରୁ ଏଥର ସେପରି କିଛି ଆଶା କରାଯାଉଛି।

ହରମନପ୍ରୀତ ୨୦୧୮ରେ ଅଧିନାୟକ ଦାୟିତ୍ୱ ଗ୍ରହଣ କରିବାଠାରୁ ଭାରତ ଥରେ ଫାଇନାଲରେ ପ୍ରବେଶ କରିଛି। ମାତ୍ର ସୁଯୋଗ ହାତଛଡ଼ା ଭାରତ ସଫଳତା ପଥରେ ପ୍ରତିବନ୍ଧକ ହୋଇଛି। ବିଶେଷ କରି ଅଷ୍ଟ୍ରେଲିଆକୁ ହରାଇବା ଭାରତ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଉଭୟ ଦଳ ସହ ପାକିସ୍ତାନ ଓ ଶ୍ରୀଲଙ୍କା ଗୋଟିଏ ଗ୍ରୁପ୍‌ରେ ରହିଛନ୍ତି। ଦୀପ୍ତି ଶର୍ମା, ଆଶା ସୋଭନା ଓ ରାଧା ଯାଦବ ସ୍ପିନ୍ ବିଭାଗ ଦାୟିତ୍ୱରେ ରହିବେ। ରେଣୁକା ସିଂ ଓ ଅରୁନ୍ଧତୀ ରେଡ୍ଡୀ ଦୁଇ ସ୍ପେଶାଲିଷ୍ଟ ପେସର ଥିବାବେଳେ ପୂଜା ବସ୍ତ୍ରକାର ଏକମାତ୍ର ଫାଷ୍ଟ ବୋଲିଂ ଅଲ୍-ରାଉଣ୍ଡରଭାବେ ଦଳରେ ସ୍ଥାନ ପାଇଛନ୍ତି। ପେସ୍ ବିଭାଗରେ ଟିସାସ ସିନ୍ଧୁଙ୍କୁ ସାମିଲ କରାଯାଇନାହିଁ। ଅକ୍ଟୋବର ୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ, ରିଚା ଘୋଷ, ଯାସ୍ତିକା ଭାଟିଆ, ପୂଜା ବସ୍ତ୍ରକାର, ଅରୁନ୍ଧତୀ ରେଡ୍ଡୀ, ରେଣୁକା ଠାକୁର, ଦୟଲନ ହେମଲତା, ଆଶା ଶୋଭନା, ରାଧା ଯାଦବ, ଶ୍ରେୟଙ୍କା ପାଟିଲ, ସଜନା ସଜିଭନ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ